# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, January 12/2023 | Page 16 | ₹ 7.00

୪୯ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 50 | ମୂଲ୍ୟ₹୭/-




**ପୃଥ୍ୱୀ ଶ'ଙ୍କ ତ୍ରିଶତକ**
ଆସାମ ବିପକ୍ଷ ରଣଜୀ ମ୍ୟାଚରେ ମୁମ୍ବାଇ ବ୍ୟାଟର ପୃଥ୍ୱୀ ଶ' ତ୍ରିଶତକ ହାସଲ କରିଛନ୍ତି।
୧୬

୧୦
**ଗତ ବର୍ଷ ବିବାହ କରିଥିଲେ ରାକ୍ଷୀ**
ବିଗ୍‌ବସ୍ ଫେମ୍ ରାକ୍ଷୀ ସାୱନ୍ତ ତାଙ୍କ ପ୍ରେମିକ ଆଦିଲ ଦୁରାନୀଙ୍କ ସହ କୋର୍ଟରେ ଦ୍ୱିତୀୟ ବିବାହ କରିଥିବା ଫଟୋ ଶେୟାର କରି ଚର୍ଚ୍ଚାକୁ ଆସିଛନ୍ତି।




ବାରବାଟୀ ଷ୍ଟାଡିୟମରେ ବୁଧବାର ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ଅଭିନେତ୍ରୀ ଦିଶା ପଟାନୀଙ୍କ ନୃତ୍ୟ ପରିବେଷଣ।

## ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ | ବାରବାଟୀରେ ଭବ୍ୟ ସମାରୋହ

**କଟକ ଅଫିସ୍/ଭୁବନେଶ୍ୱର୧୦।୧(ବ୍ୟୁରୋ)**

'ଜୟ ଜଗନ୍ନାଥ, ଜୟ ଜଗନ୍ନାଥ। ମୋର ପ୍ରିୟ ଭାଇ ଓ ଭଉଣୀମାନେ। ଆପଣମାନଙ୍କୁ ସମସ୍ତଙ୍କୁ ମୋର ନମସ୍କାର। ଆପଣମାନଙ୍କୁ ମୋର ନୂଆ ବର୍ଷର ଅଭିନନ୍ଦନ। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ଇଣ୍ଟରନ୍ୟାଶନାଲ ହକି ଫେଡେରେଶନ ଚେୟାରମ୍ୟାନ, ଅନ୍ତର୍ଜାତୀୟ ପ୍ରତିନିଧି ଓ ଖେଳାଳିମାନଙ୍କୁ ଓଡ଼ିଶାକୁ ଅଭିନନ୍ଦନ। ବହୁ ପୂର୍ବରୁ ଓଡ଼ିଶା ଏହାର ଆତିଥ୍ୟତା ପାଇଁ ପରିଚିତ। ଏଠାକୁ ଆସିଥିବା ଦର୍ଶକମାନେ ଓଡ଼ିଶାର ଏହି କ୍ଷୁଦ୍ର ଅନୁଭୂତିକୁ ନିଜ ଘରକୁ ନେଇଯିବେ ବୋଲି ମୋର ଆଶା। ସମସ୍ତ ପ୍ରକାର ସହଯୋଗ ପାଇଁ ମୁଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଉଛି। ଓଡ଼ିଶାରେ ବିଶ୍ୱସ୍ତରୀୟ ପୁରୁଷ ହକି ବିଶ୍ୱକପ୍ ହେଉଛି। ଆପଣମାନେ ଖୁସି ତ। ଓଡ଼ିଶାର କଟକରେ ଉଦଘାଟନୀ ଉତ୍ସବ ହେଉଛି। ଆପଣମାନେ ଖୁସି ତ। ମୁଁ ବି ବହୁତ ଖୁସି। ଧନ୍ୟବାଦ। ନମସ୍କାର। ବନ୍ଦେ ଉତ୍କଳ ଜନନୀ। ଜୟହିନ୍ଦ୍।' କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ପୁରୁଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହର ଉଦ୍‌ଘାଟକ ତଥା ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ବକ୍ତବ୍ୟ ଦେଇଛନ୍ତି। 'ଆପଣମାନେ ଖୁସି ତ' ବୋଲି ମୁଖ୍ୟମନ୍ତ୍ରୀ କହିବା ବେଳେ ଷ୍ଟାଡିୟମ ପ୍ରକମ୍ପିତ ହୋଇଥିଲା।


ଉଦ୍‌ଘାଟନୀ ଉତ୍ସବରେ (ବାମରୁ) କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର, ଏଫ୍‌ଆଇଏଚ୍ ଚେୟାରମ୍ୟାନ ତୟାବ ଇକ୍ରାମ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ବାରବାଟୀ ଷ୍ଟାଡିୟମରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁରଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ବିଶ୍ୱକପର ଶୁଭାରମ୍ଭ କରିଛନ୍ତି। ହକି ବିଶ୍ୱକପ୍‌ର ☞ପୃଷ୍ଠା-୪

- **ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ**
- **ଓଡ଼ିଶାକୁ ଭୂୟସୀ ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର**
- **ବଲିଉଡ୍, ଓଲିଉଡ୍ ତାରକାଙ୍କ ଜଲ୍‌ୱାରେ ଦର୍ଶକ ଝୁମିଲେ**

## 'ନାଟୁ ନାଟୁ'କୁ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ

**ୱାଶିଂଟନ୍,୧୧।୧**

ଗତବର୍ଷର ସୁପରହିଟ୍ ପାନ୍ ଇଣ୍ଡିଆ ଫିଲ୍ମ 'ଆର୍‌ଆର୍‌ଆର୍'ର ଗୀତ 'ନାଟୁ ନାଟୁ'କୁ 'ଗୋଲ୍ଡେନ୍ ଗ୍ଲୋବ୍' ଆୱାର୍ଡ ପ୍ରଦାନ କରାଯାଇଛି। ବେଷ୍ଟ ଅରିଜିନାଲ୍ ସଙ୍ଗ୍ କାଟାଗୋରି ପାଇଁ ଏହି ପୁରସ୍କାର ଦିଆଯାଇଥିବାବେଳେ ଏହା ହେଉଛି ଭାରତୀୟ ମନୋରଞ୍ଜନ ଜଗତ ପାଇଁ ପ୍ରଥମ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ। ବେଷ୍ଟ ନନ୍-ଇଂଲିଶ ଲାଙ୍ଗୁଏଜ୍ ଫିଲ୍ମ ବର୍ଗର ଦୌଡ଼ରେ ଜର୍ମାନୀର 'ୱେଷ୍ଟର୍ନ ଫ୍ରଣ୍ଟ' ବେଲଜିୟମ୍‌ର 'କ୍ଲୋଜ୍' ଏବଂ ଦକ୍ଷିଣ କୋରିଆର 'ଡିସିସନ୍ ଟୁ ଲିଭ୍'କୁ ଫିଲ୍ମ ଆର୍‌ଆର୍‌ଆର୍ ପଛରେ ପକାଇଦେଇଛି। ନାଟୁନାଟୁ ଗୀତର କମ୍ପୋଜର ଏମ୍‌ଏମ୍ କୀରଭାନି ମଞ୍ଚକୁ ଯାଇ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କୀରଭାନି ଭାବବିହ୍ୱଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲିଙ୍କ ସହ ସେ ବହୁ ଫିଲ୍ମରେ କାମ କରିଥିବାବେଳେ ଏହି ସଫଳତା ପାଇଁ ଟିମ୍‌ର ପ୍ରତ୍ୟେକ ସଦସ୍ୟଙ୍କ ☞ପୃଷ୍ଠା-୪



## ପୃଥିବୀ ସଦୃଶ ଗ୍ରହ ଚିହ୍ନଟ କଲା ନାସା

**ୱାଶିଂଟନ୍,୧୧।୧**

ମହାକାଶର ଗ୍ରହ, ଉପଗ୍ରହ ଓ ତାରକା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ଲାଗି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ବୈଜ୍ଞାନିକଙ୍କ ଅନୁସନ୍ଧାନ ଜାରି ରହିଛି। ନିକଟରେ ନାସାର ଏକ ମିଶନ୍ ମହାକାଶରେ ଅବିକଳ ପୃଥିବୀ ସଦୃଶ ଏକ ଗ୍ରହ ଚିହ୍ନଟ କରିଛି। କେବଳ ଆକାର ନୁହେଁ, ବରଂ ଭୌଗୋଳିକ ଗଠନ ଦୃଷ୍ଟିରୁ ମଧ୍ୟ ପୃଥିବୀ ସହିତ ଏହି ନୂତନ ଗ୍ରହର ସାମଞ୍ଜସ୍ୟ ରହିଥିବା ବିଶେଷଜ୍ଞମାନେ ଦାବି କରିଛନ୍ତି। ଉକ୍ତ ଗ୍ରହରେ ଜଳର ସନ୍ଧାନ ମିଳିପାରେ ବୋଲି ଆଶା କରାଯାଉଛି।

ନାସାର ଟ୍ରାଞ୍ଜିଟିଂ ଏକ୍ସପ୍ଲାନେଟ୍ ସର୍ଭେ ସାଟେଲାଇଟ୍ (ଟିଇଏସ୍‌ଏସ୍) ସହଯୋଗକ୍ରମେ ଏହି ଗ୍ରହ ଠାବ



କରାଯାଇଛି। 'ଟିଓଆଇ ୭୦୦ ଇ' ଭାବେ ଚିହ୍ନଟ ହୋଇଥିବା ଗ୍ରହରେ ଜୀବସତ୍ତା ସମ୍ଭବପର ବୋଲି ବିଶେଷଜ୍ଞମାନେ କହିଛନ୍ତି। ପୂର୍ବରୁ ନାସା 'ଟିଓଆଇ ୭୦୦ ବି', ସି ଏବଂ ଡି' ଭାବେ ତିନିଟି ☞ପୃଷ୍ଠା-୪

## ଆମେରିକାରେ ୭୦୦ ବିମାନ ଅଚଳ

### ଏଫ୍‌ଏଏ କମ୍ପ୍ୟୁଟରରେ ତ୍ରୁଟି



**ୱାଶିଂଟନ,୧୧।୧**

ଆମେରିକାରେ ବୁଧବାର ସବୁ ବିମାନ ଅଚଳ ହୋଇଯାଇଛି। ଫେଡେରାଲ ଆଭିଏଶନ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏଫ୍‌ଏଏ)ରେ ଥିବା ଏକ କମ୍ପ୍ୟୁଟରରେ ତ୍ରୁଟି ଯୋଗୁ ଏପରି ହୋଇଥିବା କୁହାଯାଉଛି। କୌଣସି ପ୍ରକାର ବିପଦ ସୃଷ୍ଟି ହେଲେ କିମ୍ବା ଏୟାପୋର୍ଟ ଫାସିଲିଟି ସର୍ଭିସେସ୍‌ରେ ପରିବର୍ତ୍ତନ ଅଣାଯାଇଥିଲେ ପାଇଲଟ ଓ ଅନ୍ୟ ବିମାନ କର୍ମଚାରୀମାନଙ୍କୁ ଆଲର୍ଟ କରୁଥିବା ଏଫ୍‌ଏଏ ସିଷ୍ଟମ୍ ସଦ୍ୟତମ ସୂଚନା ପ୍ରୋସେସିଂ କରିପାରୁ ନାହିଁ। ବେସାମରିକ ବିମାନ ଚଳାଚଳ ନିୟନ୍ତ୍ରକଙ୍କ ୱେବ୍‌ସାଇଟ୍‌ରେ ଏନେଇ ଉଲ୍ଲେଖ କରାଯାଇଛି। ଏହା ଉପରେ ଏଫ୍‌ଏଏ କହିଛି, ନୋଟିସ୍ ଟୁ ଏୟାର ମିଶନ୍ସ ☞ପୃଷ୍ଠା-୪

## ୧ରୁ ଡାକ୍ତରଙ୍କ ଆନ୍ଦୋଳନ ଚେତାବନୀ

### ହକି ବିଶ୍ୱକପ୍ ପାଇଁ ୧୬ ତାରିଖ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ରାଜ୍ୟ ସରକାର ଯଥାଶୀଘ୍ର ଦାବି ପୂରଣ ନ କଲେ ଫେବୃୟାରୀ ୧ରୁ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବେ। ଏନେଇ ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ (ଓମ୍‌ସା) ଚେତାବନୀ ଦେଇଛି। ବୁଧବାର ଓମ୍‌ସା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ନାରାୟଣ ରାଉତ କହିଛନ୍ତି, ଓଡ଼ିଶାରେ ଡାକ୍ତରଙ୍କୁ କେନ୍ଦ୍ରୀୟ ହାରରେ (ଡିଏସିପି) ଦରମା ପ୍ରଦାନ କରାଯାଉ ନାହିଁ। ୨୦୧୯ରେ ଆମ ରାଜ୍ୟ ସରକାର ଡିଏସିପି ନାମରେ ୭, ୧୪ ଓ ୨୧ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ସଙ୍କଟରେ ଚାଇନାର ଏକଚ୍ଛତ୍ରବାଦ




## ଘାଟିକୁ ଖସିଲା ଗାଡ଼ି: ୩ ଯବାନ ମୃତ

**ଶିମ୍ଲା:** ଜମ୍ମୁ-କଶ୍ମୀରର କୁପୱାରା ଅଞ୍ଚଳରେ ମଙ୍ଗଳବାର ରାତିରେ ପାଟ୍ରୋଲିଂ ଗାଡ଼ି ଘାଟିରୁ ଖସିପଡ଼ିବା ଫଳରେ ୩ ଯବାନଙ୍କ ମୃତ୍ୟୁ ଘଟିଛି। ରାସ୍ତାରେ ବରଫ ଜମା ଥିବାରୁ ଗାଡ଼ି ଚକ ନିୟନ୍ତ୍ରଣ ହରାଇ ଖସିଯିବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ମୃତକ ଯବାନଙ୍କ ମଧ୍ୟରୁ ଦୁଇଜଣ ହିମାଚଳ ପ୍ରଦେଶର ଏବଂ ଜଣେ ଜମ୍ମୁର ବାସିନ୍ଦା। ସେମାନେ ୧୪ ଡୋଗ୍ରା ରେଜିମେଣ୍ଟର ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ନେଇ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଶୋକ ବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ପ୍ୟାରିସ୍ ରେଳଷ୍ଟେଶନରେ ୬ ଜଣଙ୍କୁ ଛୁରାମାଡ଼

**ପ୍ୟାରିସ୍,୧୧।୧:** ପ୍ୟାରିସ୍‌ର ଗାରେ ଡୁ ନୋର୍ଡ ରେଳଷ୍ଟେଶନରେ ବୁଧବାର ସକାଳେ ଜଣେ ଆକ୍ରମଣକାରୀ ୬ ଜଣଙ୍କୁ ଛୁରିଭୁସି ଆହତ କରିଛନ୍ତି। ପୋଲିସ ଗୁଳିରେ ଆକ୍ରମଣକାରୀ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ଛାତିରେ ଗୁଳି ବାଜିଛି। ଆକ୍ରମଣକାରୀ ବ୍ଲେଡ୍ ଭଳି ଏକ ଅସ୍ତ୍ରରେ ଜଣେ ପୋଲିସ ଅଫିସରଙ୍କ ସମେତ ଅନେକଙ୍କୁ ଆକ୍ରମଣ କରିଥିଲେ। ପୋଲିସ୍ ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ ଅନେକେ ମୃତାହତ ହୋଇଥାନ୍ତେ ବୋଲି କୁହାଯାଉଛି।

### ସୈନ୍ୟଙ୍କ ଛାତିରୁ ଅଫୁଟା ଗ୍ରେନେଡ୍ ବାହାରକଲେ ଡାକ୍ତର

**କିଭ୍,୧୧।୧:** ୟୁକ୍ରେନ୍‌ର ଜଣେ ସୈନ୍ୟଙ୍କ ଛାତିରୁ ଜୀବନ୍ତ ଗ୍ରେନେଡ୍ ବାହାର କରି ତାଙ୍କ ଜୀବନ ବଞ୍ଚାଇଥିବା ଡାକ୍ତରଙ୍କୁ ଭୂୟସୀ ପ୍ରଶଂସା କରାଯାଇଛି। ୟୁକ୍ରେନ୍‌ର ବାଖମୁଟ୍‌ଠାରେ ରକ୍ତାକ୍ତ ସଂଘର୍ଷ ବେଳେ ସୈନ୍ୟଙ୍କ ଛାତିରେ ଗ୍ରେନେଡ୍ ପଶିଯାଇଥିଲା। ଯେକୌଣସି ସମୟରେ ବିସ୍ଫୋରଣ ହେବାକୁ ଥିବା ଉକ୍ତ ଭିଓଜି ଗ୍ରେନେଡ୍‌କୁ ଡାକ୍ତର ମେଜର ଜେନେରାଲ ଆଣ୍ଡ୍ରିଲ ଭେର୍ବା ସଫଳତାର ସହ ଅସ୍ତ୍ରୋପଚାର କରି ବାହାର କରିଥିଲେ। ଅନ୍ୟ ଦୁଇଜଣ ସୈନ୍ୟଙ୍କ ଉପସ୍ଥିତିରେ ଏହି ଦୁଃସାହସିକ ଅସ୍ତ୍ରୋପଚାର କରାଯାଇଥିଲା।

### ଲାକ୍ଷାଦ୍ୱୀପ ଏମ୍‌ପିଙ୍କୁ ୧୦ ବର୍ଷ ଜେଲ

**କାଭାରାଟି,୧୧।୧:** ହତ୍ୟା ଉଦ୍ୟମ ମାମଲାରେ ଲାକ୍ଷାଦ୍ୱୀପ ଏମ୍‌ପି ମହମ୍ମଦ ଫୈଜଲ ଓ ଅନ୍ୟ ୪ ଜଣଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ବୁଧବାର କାଭାରାଟି ଜିଲା ଓ ସେସନ୍ସ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏଥିସହିତ ସେମାନଙ୍କ ଉପରେ ଲକ୍ଷେ ଟଙ୍କା ଲେଖାଏ ଜରିମାନା ଲଗାଯାଇଛି। ୨୦୦୯ ସାଧାରଣ ନିର୍ବାଚନ ସମୟରେ ରାଜନୈତିକ ପ୍ରସଙ୍ଗକୁ ନେଇ ଏମ୍‌ପି ଫୈଜଲ ଓ ଅନ୍ୟମାନେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି.ଏମ୍. ସୟିଦଙ୍କ ଜ୍ୱାଇଁ ପଦନାଥ ସାଲିହଙ୍କୁ ଆକ୍ରମଣ କରିଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା ବୋଲି ଫୈଜଲ କହିବା ସହ ଏହା ବିରୋଧରେ ସେ ଉଚ୍ଚତର ନ୍ୟାୟାଳୟରେ ଆବେଦନ କରିବେ ବୋଲି କହିଛନ୍ତି।


ମହମ୍ମଦ ଫୈଜଲ

### ଏୟାରପୋର୍ଟ ଗେଟ୍‌ରେ ପରିସ୍ରା କରି ଯାତ୍ରୀ ଗିରଫ

**ନୂଆଦିଲ୍ଲୀ,୧୧।୧:** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ-୩ ପ୍ରସ୍ଥାନ ଗେଟ୍‌ରେ ରବିବାର ଜଣେ ୩୯ ବର୍ଷୀୟ ମଦ୍ୟପ ପରିସ୍ରା କରି ଗିରଫ ହୋଇଥିଲେ। ପରେ ତାଙ୍କୁ ବେଲ୍ ବଣ୍ଡରେ ଛାଡ଼ିଦିଆଯାଇଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ ବିହାରର ଜୌହର ଅଲି ଖାନ୍ ପ୍ରସ୍ଥାନ ଅଞ୍ଚଳର ୬ ନମ୍ବର ଗେଟ୍ ନିକଟରେ ଲୋକଙ୍କ ଉପସ୍ଥିତିରେ ପରିସ୍ରା କରିବା ସହ ସେଠାରେ ଉପସ୍ଥିତ ଲୋକମାନଙ୍କୁ ଗାଳିଗୁଲଜ କରିଥିଲେ। ଜୌହର ସାଉଦି ଆରବର ଦମ୍‌ଦମ୍ ଯିବାର ଥିଲା। ସଫଦରଜଙ୍ଗ ହସ୍ପିଟାଲରେ ତାଙ୍କର ଯାଞ୍ଚ କରାଯିବାରୁ ସେ ମଦ ପିଇଥିବା ଜଣାପଡ଼ିଥିଲା। ତାଙ୍କ ବିରୋଧରେ ଆଇପିସିର ଧାରା ୨୯୪ ଏବଂ ୫୧୦ରେ ମାମଲା ରୁଜୁ ହୋଇଛି।


ଉତ୍ତର କଶ୍ମୀରସ୍ଥିତ ତଙ୍ଗମାର୍ଗରେ ବୁଧବାର ତୁଷାରପାତ ବେଳର ଦୃଶ୍ୟ।

## ଏଫ୍‌ସିଆଇ ଦୁର୍ନୀତି: ୫୦ ସ୍ଥାନରେ ସିବିଆଇ ଚଢ଼ାଉ

ନୂଆଦିଲ୍ଲୀ,୧୧।୧




ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ସହ ସମ୍ପୃକ୍ତ ଦୁର୍ନୀତି ମାମଲାରେ ସିବିଆଇ ବୁଧବାର ଦେଶର ୫୦ଟି ସ୍ଥାନରେ ଚଢ଼ାଉ କରି ନଗଦ ୬୦ ଲକ୍ଷ ଟଙ୍କା ଜବତ କରିଛି। ଦୁର୍ନୀତିରେ ସମ୍ପୃକ୍ତ କେତେଜଣ ଧାନ ଓ ଅଟା କଳ ମାଲିକ, ଏଜେଣ୍ଟ ଏବଂ ସରକାରୀ ଅଧିକାରୀଙ୍କ ଘରେ ଚଢ଼ାଉ କରାଯାଇଥିଲା। ଏଫ୍‌ସିଆଇ ପାଇଁ ଖାଦ୍ୟଶସ୍ୟ ସଂଗ୍ରହ, ଗଚ୍ଛିତ ରଖିବା ଓ ବଣ୍ଟନରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏଫ୍‌ସିଆଇରେ ଦୁର୍ନୀତିପୂର୍ଣ୍ଣ ଉପାୟ ଅବଲମ୍ବନ କରାଯାଉଥିବା ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ସିବିଆଇ ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ସଂସ୍ଥାର ଉପମହାପ୍ରବନ୍ଧକ ରାଜୀବ କୁମାର ମିଶ୍ର ପଞ୍ଜାବର ରବିନ୍ଦର ସିଂ ଖେରାଙ୍କଠାରୁ ୫୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଏହାର ଦୁଇଦିନ ପୂର୍ବରୁ ସିବିଆଇ କେତେଜଣ ସରକାରୀ ଅଧିକାରୀ, ଘରୋଇ ସଂସ୍ଥା, ଏଜେଣ୍ଟ ଏବଂ ମିଲ୍ ମାଲିକଙ୍କ ସମେତ ୭୪ ଜଣଙ୍କ ବିରୋଧରେ ଏତଲା ଦାଏର କରିଥିଲା। ଦିଲ୍ଲୀ, ପଞ୍ଜାବ ଓ ହରିୟାଣାରେ ଏହି ଚଢ଼ାଉ ଜାରି ରହିଛି।

## ୮୫ତମ ସ୍ଥାନରେ ଭାରତୀୟ ପାସ୍‌ପୋର୍ଟ

ଲଣ୍ଡନ,୧୧।୧




ବିଶ୍ୱର ୧୯୯ ପାସ୍‌ପୋର୍ଟ ଓ ୨୨୭ ଗନ୍ତବ୍ୟସ୍ଥଳକୁ ନେଇ ଲଣ୍ଡନର ହେନ୍‌ଲେ ଆଣ୍ଡ୍ ପାର୍ଟନର୍ସ ପକ୍ଷରୁ ବର୍ଷ ୨୦୨୩ର ସୂଚକାଙ୍କ ପ୍ରକାଶ କରାଯାଇଛି। ପାସ୍‌ପୋର୍ଟଧାରୀ କେତୋଟି ଗନ୍ତବ୍ୟସ୍ଥଳକୁ ଭିଜାମୁକ୍ତ ଗସ୍ତ କରିପାରିବେ ସେହି ଆଧାରରେ ସମ୍ପୃକ୍ତ ଦେଶର ପାସ୍‌ପୋର୍ଟ ପାଇଁ ମୂଲ୍ୟାଙ୍କନ ହୋଇଥାଏ। ମାତ୍ର ୬% ଦେଶର ପାସ୍‌ପୋର୍ଟଧାରୀ ୭୦% ରାଷ୍ଟ୍ରକୁ ଯାଇପାରିବେ। ସେହିପରି କେବଳ ୧୭% ଦେଶ ବିଶ୍ୱର ୨୨୭ ଗନ୍ତବ୍ୟସ୍ଥଳ ମଧ୍ୟରୁ ଚାରି-ପଞ୍ଚମାଂଶ ଅଞ୍ଚଳକୁ ଯିବା ପାଇଁ ଅନୁମତି ଦେଇଥାନ୍ତି। ଜାନୁୟାରୀ ୧୦ରେ ପ୍ରକାଶିତ ଉକ୍ତ ରିପୋର୍ଟ ଅନୁଯାୟୀ ଜାପାନର ପାସ୍‌ପୋର୍ଟ ପୃଥିବୀରେ ସବୁଠୁ ଶକ୍ତିଶାଳୀ। ଭାରତ କଥା ଦେଖିଲେ ଏହାର ପାସ୍‌ପୋର୍ଟ ବିଶ୍ୱରେ ୮୫ତମ ସ୍ଥାନରେ ରହିଛି। ଭାରତୀୟ ପାସ୍‌ପୋର୍ଟ ବଳରେ ଜଣେ ନାଗରିକ ୫୯ ଗନ୍ତବ୍ୟସ୍ଥଳରେ ଭିଜାମୁକ୍ତ ପ୍ରବେଶ କରିପାରିବେ। ଏହା ପୂର୍ବରୁ ୨୦୧୯, ୨୦୨୦, ୨୦୨୧, ୨୦୨୨ରେ ଭାରତୀୟ ପାସ୍‌ପୋର୍ଟର ସ୍ଥାନ ଯଥାକ୍ରମେ ୮୨, ୮୪, ୮୫ ଓ ୮୩ ର୍‍ୟାଙ୍କରେ ରହିଥିଲା।

ତିନୋଟି ଏସୀୟ ଦେଶର ପାସ୍‌ପୋର୍ଟ ଏହାର ଧାରକମାନଙ୍କୁ ବିଶ୍ୱରେ ଅବାଧ ଯାତ୍ରାର ସୁଯୋଗ ଦେଇଥାଏ। ଲଣ୍ଡନର ଗ୍ଲୋବାଲ ସିଟିଜେନ୍‌ଶିପ୍ ତଥା ରେସିଡେନ୍ସ ଆଡ୍‌ଭାଇଜରି ସଂସ୍ଥା ହେନ୍‌ଲି ଆଣ୍ଡ ପାର୍ଟନର ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଜାପାନ ନାଗରିକମାନେ ଭିଜା-ଫ୍ରି କିମ୍ବା ଭିଜା-ଅନ୍-ଡିମାଣ୍ଡ ସୁବିଧା ପାଇ ବିଶ୍ୱର ୧୯୩ ଗନ୍ତବ୍ୟସ୍ଥଳକୁ ଯାଇଥାଆନ୍ତି। ଏହି କ୍ଷେତ୍ରରେ ଜାପାନ ପଛରେ ସିଙ୍ଗାପୁର ଓ ଦକ୍ଷିଣ କୋରିଆ ରହିଛି। ଏହି ଦୁଇ ଦେଶର ନାଗରିକ ୧୯୨ ସ୍ଥାନ ବୁଲିପାରିବେ। କୋଭିଡ୍ ପରବର୍ତ୍ତୀ ସମୟରେ ଏସିଆ-ପାସିଫିକ୍

### ଜାପାନର ସବୁଠୁ ଶକ୍ତିଶାଳୀ

ଖୋଲିବାରେ ଲାଗିଥିବାବେଳେ ଏହାର ନାଗରିକମାନେ ପୁଣି ଥରେ ଯାତ୍ରା ସ୍ୱାଧୀନତାକୁ ଉପଭୋଗ କରୁଛନ୍ତି।

ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ୍ (ଆଇଏଟିଏ)ରୁ ମିଳିଥିବା ତଥ୍ୟାନୁସାରେ ହେନ୍‌ଲେ ପାସ୍‌ପୋର୍ଟ ଇଣ୍ଡେକ୍ସ ପକ୍ଷରୁ ସଦ୍ୟ ଏକ ରିପୋର୍ଟ ପ୍ରକାଶ କରାଯାଇଛି। କୋଭିଡ୍ ପୂର୍ବ ସମୟ ତୁଳନାରେ ବର୍ତ୍ତମାନ ବୈଶ୍ୱିକ ଯାତ୍ରା ୭୫% ରହିଥିବା ଏଥିରେ କୁହାଯାଇଛି। ଏସିଆର ଶୀର୍ଷ ୩କୁ ବାଦ୍ ଦେଲେ କେତେକ ୟୁରୋପୀୟ ଦେଶ ଏହି କ୍ଷେତ୍ରରେ ଅଗ୍ରଣୀ ରହିଛନ୍ତି। ଜର୍ମାନୀ ଓ ସ୍ପେନ୍ ୧୯୦ଟି ଗନ୍ତବ୍ୟସ୍ଥଳ ସହ ଅନୁବନ୍ଧିତ ହୋଇଥିବାବେଳେ ଏହା ତଳକୁ ରହିଛି ଫିନ୍‌ଲାଣ୍ଡ, ଇଟାଲୀ, ଲକ୍ସେମବର୍ଗ (୧୮୯)। ଅଷ୍ଟ୍ରିଆ, ଡେନ୍‌ମାର୍କ, ନେଦରଲାଣ୍ଡ୍ସର ପାସ୍‌ପୋର୍ଟ ରଖିଥିବା ବ୍ୟକ୍ତି ୧୮୯ ଦେଶକୁ ଯାତ୍ରା କରିପାରିବେ। ଏହା ପଛକୁ ଅଷ୍ଟ୍ରିଆ, ଡେନ୍‌ମାର୍କ, ନେରଲାଣ୍ଡସ ଓ ସୁଇଡେନ୍ ରହିଛି। ସେହିପରି ଫ୍ରାନ୍ସ, ଆୟର୍ଲାଣ୍ଡ, ପର୍ତ୍ତୁଗାଲ ଏବଂ ବ୍ରିଟେନର ପାସ୍‌ପୋର୍ଟ ଥିଲେ ୧୮୭ ଦେଶରେ ବୁଲିହେବ। ବେଲଜିୟମ୍, ନରୱେ, ନ୍ୟୁଜିଲାଣ୍ଡ ଓ ଆମେରିକା ରହିଛି। ଏହି ଦେଶଗୁଡ଼ିକର ଭିଜା ବଳରେ ଲୋକେ ୧୮୬ଟି ଗନ୍ତବ୍ୟସ୍ଥଳକୁ ଯାଇପାରିବେ। ଅଷ୍ଟ୍ରିଆ, କାନାଡା, ଗ୍ରୀସ୍ ଓ ମାଲ୍‌ଟା ଭିଜା ବଳରେ ୧୮୫ ଦେଶକୁ ଯାଇହେବ। ହଙ୍ଗେରି ଓ ପୋଲାଣ୍ଡ ଭିଜା ବ୍ୟବହାର କରି ୧୮୪ ଦେଶ ଭ୍ରମଣ କରିହେବ। ଲିଥୁଆନିଆ ଓ ସ୍ଲୋଭାକିଆ ଭିଜାରେ ୧୮୩ ଦେଶ ବୁଲି ହେବ। ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କ ଅନୁସାରେ ୨୦୨୩ରେ ସବୁଠୁ ଖରାପ ପାସ୍‌ପୋର୍ଟ ହେଉଛି ଉତ୍ତର କୋରିଆ, ନେପାଳ, ପାଲେଷ୍ଟାଇନ୍‌ର। ସୋମାଲି, ୟେମେନ୍, ପାକିସ୍ତାନ, ସିରିଆ, ଇରାକ୍ ଓ ଆଫଗାନିସ୍ତାନ ସବୁଠୁ ଦୁର୍ବଳ ପାସ୍‌ପୋର୍ଟ ଜାରି କରୁଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।

## ଭାରତୀୟ ବଂଶୋଦ୍ଭବ ରିଆଲିଟି ଶୋ' ଷ୍ଟାର୍‌ଙ୍କୁ ୭୮ ମାସ ଜେଲ


ଜେନିଫର ଶାହା

ନ୍ୟୁୟର୍କ,୧୧।୧

ଦେଶବ୍ୟାପୀ ଟେଲିମାର୍କେଟିଂ ଜାଲିଆତି ସ୍କିମ୍ ଚଳାଇଥିବା ଭାରତୀୟ-ଆମେରିକୀୟ ରିଆଲିଟି ଟିଭି ଷ୍ଟାର ଜେନିଫର ଶାହାଙ୍କୁ ୭୮ ମାସ ଜେଲଦଣ୍ଡ ହୋଇଛି। 'ରିଅଲ ହାଉସ୍‌ୱାଇଭ୍ସ ଅଫ୍ ସଲ୍ଟ ଲେକ୍ ସିଟି'ରେ ଅଭିନୟ କରିଥିବା ୪୯ ବର୍ଷୀୟା ଶାହା ଟେଲିମାର୍କେଟିଂ ସହ ସମ୍ପୃକ୍ତ ଜାଲିଆତି ଷଡ଼ଯନ୍ତ୍ରରେ ଦୋଷୀସାବ୍ୟସ୍ତ ହୋଇଥିଲେ। ତାଙ୍କର ୬୫ ଲକ୍ଷ ଡଲାର ଅର୍ଥ, ୩୦ଟି ଲକ୍ଜୁରି ସାମଗ୍ରୀ ଏବଂ ୭୮ ନକଲି ବିଳାସପୂର୍ଣ୍ଣ ସାମଗ୍ରୀକୁ ବାଜ୍ୟାପ୍ତି କରିବା ସହ ୬୬.୪୫ ଲକ୍ଷ ଡଲାର ଫେରାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବହୁବର୍ଷ ଧରି ଜେନିଫର ବରିଷ୍ଠ ଓ ଅସୁରକ୍ଷିତ ବ୍ୟକ୍ତିଙ୍କୁ ଟାର୍ଗେଟ କରିଆସୁଥିଲେ ବୋଲି ଆର୍ଟର୍ନି ଡାମିଆନ ୱିଲିୟମ୍ସ କହିଛନ୍ତି।

## କାବୁଲରେ ବିସ୍ଫୋରଣ: ୨୦ ନିହତ



**କାବୁଲ,୧୧।୧:** ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ବହିର୍ବ୍ୟାପାର ମନ୍ତ୍ରଣାଳୟ ବାହାରେ ବୁଧବାର ଅପରାହ୍ନ ୪ଟାରେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଛି। ଜଣେ ଆତ୍ମଘାତୀ ନିଜକୁ ଉଡ଼ାଇଦେବାରୁ ସେଠାରେ ଉପସ୍ଥିତ ଅନ୍ୟୂନ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ବର୍ଷକ ମଧ୍ୟରେ ତାଲିବାନ ଶାସନାଧୀନ କାବୁଲରେ ଏହା ହେଉଛି ଦ୍ୱିତୀୟ ବଡ଼ ବିସ୍ଫୋରଣ। ସୂଚନା ମନ୍ତ୍ରଣାଳୟର ଅଧିକାରୀ ଉସ୍ତାଦ ଫରିଦୁନ କହିଛନ୍ତି, ଆତ୍ମଘାତୀ ଜଣକ ବହିର୍ବ୍ୟାପାର ମନ୍ତ୍ରଣାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆଇଏଏସ୍ ଅଫିସର, ଆର୍‌ଜେଡି ନେତାଙ୍କ ନାଁରେ ମାମଲା

### ଆଇନଜୀବୀଙ୍କୁ ଗଣବଳାତ୍କାର

ପାଟନା,୧୧।୧

ଜଣେ ମହିଳା ଆଇନଜୀବୀଙ୍କୁ ବନ୍ଧୁକ ମୁନରେ ଭୟଭୀତ କରାଇ ଗଣବଳାତ୍କାର କରିବା ଅଭିଯୋଗରେ ବିହାରର ବରିଷ୍ଠ ଆଇଏଏସ୍ ଅଫିସର ସଞ୍ଜୀବ ହଂସ ଏବଂ ପୂର୍ବତନ ଆର୍‌ଜେଡି ବିଧାୟକ ଗୁଲାବ ଯାଦବଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଆଇନଜୀବୀ ବଳାତ୍କାର ସମ୍ପର୍କରେ ମୁହଁ ଖୋଲିଲେ ତାଙ୍କୁ ବ୍ଲାକ୍‌ମେଲ ଏବଂ ହତ୍ୟା କରାଯିବ ବୋଲି ସେମାନେ ଧମକ ଦେଇଥିଲେ। ଦାନାପୁର ସିଭିଲ କୋର୍ଟର ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନବୀନ କୁମାର ଶ୍ରୀବାସ୍ତବଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ପାଟନାର ରୁପାସପୁର ଥାନାରେ ୧୯୯୭ ବ୍ୟାଚ୍‌ର ବିହାର କ୍ୟାଡର ଆଇଏଏସ୍ ଅଫିସର ଏବଂ ପୂର୍ବତନ ବିଧାୟକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପାଟନା ମହିଳା ଥାନା ଅଭିଯୁକ୍ତଙ୍କ ବିରୋଧରେ ଏତଲା ଦାଏର ନ କରିବାରୁ ଆଇନଜୀବୀ ୨୦୨୧ ନଭେମ୍ବରରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସଞ୍ଜୀବ ଏବେ ରାଜ୍ୟ ଶକ୍ତି ବିଭାଗ ପ୍ରମୁଖ ସଚିବ ଏବଂ ବିଏସ୍‌ପିଏଚ୍‌ସିଏଲ୍‌ର ସିଏମ୍‌ଡି ଅଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଲାଗି ଗୁଲାବଙ୍କୁ ଗତବର୍ଷ ମାର୍ଚ୍ଚରେ ୬ ବର୍ଷ ପାଇଁ ଆର୍‌ଜେଡିରୁ ନିଲମ୍ବନ କରାଯାଇଥିଲା।

ଅଭିଯୋଗ ଅନୁଯାୟୀ ମହିଳା ଆଇନଜୀବୀ ରାଜ୍ୟ ମହିଳା କମିଶନ ସଦସ୍ୟ ହେବାକୁ ଚାହୁଁଥିବାରୁ ତତ୍କାଳୀନ ବିଧାୟକ ଗୁଲାବଙ୍କୁ ୨୦୧୬ରେ ଭେଟିଥିଲେ। ଗୁଲାବ ତାଙ୍କୁ ନିଜ ବାସଭବନକୁ ଡାକି ବନ୍ଧୁକ ଦେଖାଇ ବଳାତ୍କାର କରିଥିଲେ। ୨୦୧୭ରେ ବିଧାୟକ ପୀଡ଼ିତାଙ୍କୁ ପୁଣେରେ ସଞ୍ଜୀବଙ୍କ ସହ ପରିଚିତ କରାଇଥିଲେ। ସେଠାରେ ଗୁଲାବ ଓ ସଞ୍ଜୀବ ତାଙ୍କୁ ନିଶା ଦେଇ ଗଣବଳାତ୍କାର କରିବା ସହ ଭିଡିଓ ପ୍ରସ୍ତୁତ କରିଥିଲେ। ଉକ୍ତ ଭିଡିଓ ଦେଖାଇ ସେମାନେ ପୀଡ଼ିତାଙ୍କୁ ବ୍ଲାକ୍‌ମେଲ କରି ଅନେକ ଥର ବଳାତ୍କାର କରିଥିଲେ। ପ୍ରାଥମିକ ତଦନ୍ତରୁ ଅଭିଯୋଗ ସତ ପ୍ରମାଣିତ ହୋଇଥିବା ଏସ୍‌ଏସ୍‌ପି କହିଛନ୍ତି।

## ଡ୍ରଗ୍ସ ଚାଲାଣ ମାମଲାରେ ୯ ଡାକ୍ତର ଗିରଫ

ବେଙ୍ଗାଲୁରୁ, ୧୧।୧

ମାଙ୍ଗାଲୁରୁ ପୋଲିସ ଏବଂ କ୍ରାଇମ୍ ବ୍ରାଞ୍ଚ ବୁଧବାର ଡ୍ରଗ୍ସ ଚୋରା ଚାଲାଣ କରୁଥିବା ଗ୍ୟାଙ୍ଗ୍ ଉପରୁ ପର୍ଦ୍ଦା ହଟାଇଛି। ଏ ନେଇ ୯ ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି। ସେମାନେ ବ୍ରିଟେନ୍‌ର ହୋଇଥିବା ମାଙ୍ଗାଲୁରୁ ପୋଲିସ କମିଶନର ଶଶିକୁମାର କହିଛନ୍ତି। ସେମାନଙ୍କ ବୟସ ୨୨ରୁ ୩୨ ବର୍ଷ ମଧ୍ୟରେ ହେବା ଅନୁମାନ କରାଯାଉଛି। ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ନୀଲ କିଶୋରୀଲାଲ ଡାକ୍ତରମାନଙ୍କୁ ଡ୍ରଗ୍ସ ଯୋଗାଉଥିଲେ। ଅଭିଯୁକ୍ତଙ୍କ ନିକଟରୁ ଖେଳନା ବନ୍ଧୁକ, ଗଞ୍ଜେଇ ସହିତ ୨କେଜି ଓଜନର ଡ୍ରଗ୍ସ, ମୋବାଇଲ ଫୋନ୍ ଓ କିଛି ଟଙ୍କା ପୋଲିସର ହସ୍ତଗତ ହୋଇଛି। ଅଭିଯୁକ୍ତମାନଙ୍କୁ ଦୁଇଦିନିଆ ରିମାଣ୍ଡରେ ପଠାଯାଇଛି।

## ରୁପେ କାର୍ଡ, ୟୁପିଆଇ କାରବାରକୁ ପ୍ରୋତ୍ସାହନ ଲାଗି ୨,୬୦୦ କୋଟିର ଯୋଜନାକୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୧।୧

ଭାରତରେ ଡିଜିଟାଲ ପେମେଣ୍ଟ ବଢ଼ାଇବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ ପ୍ରୋତ୍ସାହନ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିପାଇଁ ୨୦୨୩ ଆର୍ଥିକ ବର୍ଷ ଲାଗି ୨,୬୦୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶିକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ରୁପେ ଡେବିଟ୍ କାର୍ଡ ଏବଂ କମ୍ ମୂଲ୍ୟର ୟୁପିଆଇ କାରବାର ବଢ଼ାଇବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନାରେ ସାମିଲ ହୋଇଥିବା ବ୍ୟାଙ୍କଗୁଡ଼ିକ ଚଳିତ ଆର୍ଥିକ ବର୍ଷରେ ରୁପେ ଡେବିଟ୍ କାର୍ଡ ବ୍ୟବହାର କରୁଥିବା ଏବଂ କମ୍ ମୂଲ୍ୟର ୟୁପିଆଇ ଜରିଆରେ ପଏଣ୍ଟ ଅଫ୍ ସେଲ୍ ଏବଂ ଇ-କମର୍ସ କାରବାର ବଢ଼ାଉଥିବା ଗ୍ରାହକମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇଦେବେ। ଡିଜିଟାଲ କାରବାର ବୃଦ୍ଧିକୁ ଆର୍ଥିକ ସହାୟତା ଦେବାକୁ ସରକାର ଚାହାନ୍ତି ବୋଲି ପୂର୍ବ ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୂଚନା ଦେଇଥିଲେ। ୨୦୨୧ ଆର୍ଥିକ ବର୍ଷରେ ମୋଟ ଡିଜିଟାଲ କାରବାର ୫,୫୫୪ କୋଟି ଟଙ୍କା ଥିବାବେଳେ ପ୍ରୋତ୍ସାହନ ଯୋଜନା ଯୋଗୁ ୨୦୨୨ ଆର୍ଥିକ ବର୍ଷରେ ଏହା ୫୯ ପ୍ରତିଶତ ବୃଦ୍ଧି ପାଇ ୮,୮୪୦ କୋଟି ଟଙ୍କାରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ୟୁପିଆଇ କାରବାର ୨,୨୩୩ କୋଟିରୁ ବଢ଼ି ୪,୫୯୭ କୋଟି ଟଙ୍କା ହୋଇଛି, ଅର୍ଥାତ୍ ୧୦୬ ପ୍ରତିଶତ ବୃଦ୍ଧି ପାଇଛି। ପ୍ରୋତ୍ସାହନ ଯୋଜନା ଦେଶର ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଆହୁରି ବଢ଼ାଇବ ବୋଲି ବିଶ୍ୱାସ କରାଯାଉଛି। ଏହା ୟୁପିଆଇ ଲାଇଟ୍ ଏବଂ ୟୁପିଆଇ୧୨୩ପେ'କୁ ମଧ୍ୟ ବଢ଼ାଇବାରେ ସହାୟକ ହେବ।

## ମଦ ପିଇବାର ନିରାପଦ ସୀମା ନାହିଁ

### ଡବ୍ଲ୍ୟୁଏଚ୍‌ଓ ଅଧ୍ୟୟନ

ନୂଆଦିଲ୍ଲୀ,୧୧।୧(ପି.ଟି.)



ମଦ ପିଇବାର କୌଣସି ନିରାପଦ ସୀମା ନାହିଁ। ଯେତେ ଅଳ୍ପ ପରିମାଣର ମଦ ପିଇଲେ ବି ଏହା ଜଣକ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଇପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଲାନ୍‌ସେଟ ପବ୍ଲିକ୍ ହେଲ୍‌ଥ ପତ୍ରିକାରେ ଏହା ପ୍ରକାଶ ପାଇଛି। କ୍ୟାନ୍‌ସର ଉପରେ ଗବେଷଣା ଚଳାଇଥିବା ଅନ୍ତର୍ଜାତୀୟ ସଂସ୍ଥା ଆଇଏଆରସି ଆଜବେଷ୍ଟସ୍, ବିକିରଣ ଏବଂ ତମାଖୁ ସମେତ ମଦକୁ ଅତି ବିପଜ୍ଜନକ ଭାବେ ବର୍ଗୀକୃତ କରି ଏହାକୁ ଗ୍ରୁପ୍ ୧ କାର୍ସିନୋଜେନ୍‌ରେ ଅନ୍ତର୍ଭୁକ୍ତ କରିଛି, ଯାହାକୁ ବିଶ୍ୱବ୍ୟାପୀ କ୍ୟାନ୍‌ସର ବୃଦ୍ଧିର କାରଣ ବିବେଚନା କରାଯାଏ। ସ୍ତନ କର୍କଟ ସମେତ ୭ ପ୍ରକାର କ୍ୟାନ୍‌ସରର କାରଣ ଆଲକୋହଲ ବୋଲି ଏହି ସଂସ୍ଥା ପୂର୍ବରୁ କହିଥିଲା। ଖାଦ୍ୟନଳୀ, ଯକୃତ କ୍ୟାନ୍‌ସର ସହ ମଧ୍ୟ ମଦର ସମ୍ପର୍କ ରହିଛି। ଶରୀର ମଧ୍ୟକୁ ଯିବା ପରେ ଆଲକୋହଲରେ ଥିବା ଉପାଦାନର ବିଭାଜନ ହୋଇ କ୍ୟାନ୍‌ସର ସୃଷ୍ଟି କରିଥାଏ। ତେଣୁ ମଦ ଯେତେ ଦାମୀ ଓ ଗୁଣବତ୍ତାର ହେଉ ନା କାହିଁକି ଏଥିରେ କ୍ୟାନ୍‌ସର ସୃଷ୍ଟିର ବିପଦ ରହିଛି। ୨୦୧୭ରେ ୟୁରୋପରେ ଦୈନିକ ୨୦ ଗ୍ରାମରୁ କମ୍ ଆଲକୋହଲ ପିଉଥିବା ୨୩ ହଜାର ଲୋକ କ୍ୟାନ୍‌ସରରେ ପୀଡ଼ିତ ହୋଇଥିଲେ। ଅଧିକ ମଦ୍ୟପାନ ହୃଦ୍‌ରୋଗ ବିପଦ ବଢ଼ାଇଥାଏ ବୋଲି ପ୍ରମାଣିତ ହୋଇଛି।

## ରତ୍ନ ସିଂହାସନ ନିକଟରେ ମୂଷା, ଅସରପା




## ବଣାଇ ବ୍ଲକ ଉପାଧ୍ୟକ୍ଷା ନିଖୋଜ

### ଅପହରଣ କରାଯାଇଥିବା ନେଇ ଏତଲା ଦେଲେ ସ୍ୱାମୀ

**ସୁନ୍ଦରଗଡ଼/ ବଣାଇ,୧୧।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ବ୍ଲକ ଉପାଧ୍ୟକ୍ଷା ବିନତୀ ବେହେରା ନିଖୋଜ ହୋଇଯାଇଛନ୍ତି। ସେ ଗତ ୪ତାରିଖରେ ଅନୁଗୋଳ ଜିଲା ଖମାର ସ୍କୁଲରେ ପଢୁଥିବା ପୁଅକୁ ଛାଡିବାକୁ ଯାଇ ଘରକୁ ଫେରିନାହାନ୍ତି। ବୁଧବାର ବିନତୀଙ୍କ ସ୍ୱାମୀ ପ୍ରସନ୍ନ ବେହେରା ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ବଣାଇ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ତାଙ୍କ ସ୍ୱାମୀ ଏତଲାରେ ଦର୍ଶାଇଛନ୍ତି ଯେ, ବଡଦିନ ଛୁଟିରେ ଘରକୁ ଆସିଥିବା ପୁଅକୁ ହଷ୍ଟେଲରେ ଛାଡିବା ପାଇଁ ତାଙ୍କ ସ୍ତ୍ରୀ ବିନତୀ ବସ୍‌ରେ ଖମାର ଯାଇଥିଲେ। ପୁଅକୁ ହଷ୍ଟେଲ ଛାଡିବା ପରେ ସ୍ତ୍ରୀଙ୍କ ସହିତ ମଧ୍ୟ ଫୋନରେ କଥା ହୋଇଥିଲେ। ହେଲେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ବିନତୀଙ୍କୁ ଏକ ବାଇକ୍‌ରେ ବସାଇ କୁଆଡେ ନେଇଯାଇଥିବା ଓ ଏହା ପରେ ତାଙ୍କ ଫୋନ ଲାଗୁ ନ ଥିବା ସ୍ୱାମୀ ପ୍ରସନ୍ନ ଏତଲାରେ ଦର୍ଶାଇଛନ୍ତି।

## ଏନ୍‌ଆଇଟି, ଆଇଆଇଆଇଟି ନାମଲେଖା ପାଇଁ ନୂଆ ଗାଇଡ୍‌ଲାଇନ

### ଦ୍ୱାଦଶରେ ୭୫%, ଏସ୍‌ଟି/ଏସ୍‌ସିଙ୍କ ପାଇଁ ୬୫% ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଏନ୍‌ଆଇଟି, ଆଇଆଇଆଇଟି ଏବଂ ସିଏଫ୍‌ଟିଆଇରେ ନାମଲେଖା ପାଇଁ ନୂଆ ଗାଇଡ୍‌ଲାଇନ ଆଣିଛି। ନୂଆ ନିୟମାନୁସାରେ, ଦ୍ୱାଦଶ ପରୀକ୍ଷାରେ ୭୫ ପ୍ରତିଶତ ନମ୍ବର ରଖିଥିଲେ ନାମଲେଖା ପାଇଁ ଅନୁମତି ମିଳିବ। ଏହାଛଡ଼ା ଦ୍ୱାଦଶ ପରୀକ୍ଷାରେ ଟପ୍ ୨୦ରେ ରହିଥିବା ଛାତ୍ରୀଛାତ୍ର ମଧ୍ୟ ନାମ ଲେଖାଇପାରିବେ। ଏନ୍‌ଆଇଟି, ଆଇଆଇଆଇଟି ଏବଂ ସିଏଫ୍‌ଟିଆଇରେ ନାମଲେଖା ମାନଦଣ୍ଡରେ ପରିବର୍ତ୍ତନ ଲାଗି ଦୀର୍ଘଦିନ ଧରି ଦାବି ହେଉଥିବାବେଳେ ଏନ୍‌ଟିଏ ଏଥିରେ ସଂଶୋଧନ କରିଛି। ଜେଇଇ ମେନ୍ ର୍‍ୟାଙ୍କ ଆଧାରରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ଯୋଗ୍ୟତା ଭିତ୍ତିକ ସର୍ତ୍ତ ରଖାଯାଇଛି। ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଦ୍ୱାଦଶ ପରୀକ୍ଷାରେ ୭୫ ପ୍ରତିଶତ ନମ୍ବର ରଖିବା ବାଧ୍ୟତାମୂଳକ ହୋଇଥିବାବେଳେ ଅନୁସୂଚିତ ଜାତି/ଜନଜାତି ପିଲାଙ୍କ ପାଇଁ ଏହା ୬୫ ପ୍ରତିଶତ ରହିଛି। ଯଦି କୌଣସି ଛାତ୍ରୀଛାତ୍ର ଜେଇଇ(ମେନ୍)-୨୦୨୩ ସେସନ-୧ ପାଇଁ ଆବେଦନବେଳେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତେବେ ସେମାନେ ଫୋନ୍ ନଂ.୦୧୧-୪୦୭୫୯୦୦୦/୦୧୧-୬୯୨୨୭୭୦୦ କିମ୍ବା jeemain@nta.ac.in ଇମେଲ ଆଇଡି ଜରିଆରେ ଯୋଗାଯୋଗ କରିପାରିବେ ବୋଲି ଏନ୍‌ଟିଏ କହିଛି।




## ଝିଅକୁ ପୋଡ଼ି ମାରିବା ଘଟଣା

## ବାପାଙ୍କୁ ସହଯୋଗ କରିଥିବା ଆଉ ୩ ଗିରଫ

**ଗୋପ,୧୧।୧ (ଡି.ଏନ୍.ଏ.)**

ଗୋପ ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ନିଜ ୧୮ବର୍ଷୀୟା ଝିଅକୁ ହତ୍ୟା କରିବା ଘଟଣାରେ ବାପା ଦୁର୍ଗାଚରଣ ମହାରଣା ମଙ୍ଗଳବାର ଗିରଫ ହୋଇଥିବା ବେଳେ ଘଟଣାରେ ସହଯୋଗ କରିଥିବା ଆଉ ୩ଜଣଙ୍କୁ ପୋଲିସ ରାତିରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଦୁର୍ଗାଚରଣଙ୍କ ସମ୍ପର୍କୀୟ ନକୁଳ ମହାରଣା (୪୮), ଶିବ ମହାରଣା (୨୪) ଓ ସୁଶାନ୍ତ କୁମାର ମହାରଣା (୨୯)। କୋର୍ଟରେ ସେମାନଙ୍କୁ ହାଜର କରାଯିବା ପରେ ଜେଲକୁ ପଠାଇ ଦିଆଯାଇଛି ବୋଲି ଅତିରିକ୍ତ ଏସପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏଥିସହ ଯୁବତୀଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ତାଙ୍କୁ ପୋଡ଼ି ହତ୍ୟା କରାଯାଇଛି କି ନାହିଁ, ତାହା ସ୍ପଷ୍ଟ ହେବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ସାବତ ମା’ ସହ ୨ଜଣ ଏପର୍ଯ୍ୟନ୍ତ ଫେରାର ଥିବାବେଳେ ପୋଲିସ ସେମାନଙ୍କୁ କାହିଁକି ଗିରଫ କରିବାରେ ଅବହେଳା କରୁଛି ବୋଲି ଅଭିଯୋଗକାରୀ ମୃତାଙ୍କ ବଡ଼ ଭଉଣୀ ରଞ୍ଜିତା କହିଛନ୍ତି।

ପ୍ରକାଶ ଯେ, ଗତ ୭ ତାରିଖ ରାତିରେ ବିଜିପୁର ଗ୍ରାମରେ ସାବତ ମା, ବାପା ଦୁର୍ଗାଚରଣଙ୍କ ସମେତ ୪ଜଣ ମିଶି କଲେଜରେ ପଢୁଥିବା ସାନ ଭଉଣୀ ମୋନାଲିଙ୍କୁ ମାରି ପୋଡ଼ି ଦେଇଥିବା ନେଇ ରଞ୍ଜିତା ଅଭିଯୋଗ କରିଥିଲେ। ଏ ନେଇ ଗୋପ ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ଏକ ମାମଲା ରୁଜୁ କରିବା ସହ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପରଦିନ ଜିଲା ସାଇଣ୍ଟିଫିକ ଟିମ ଶ୍ମଶାନରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ଦୁର୍ଗାଚରଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଗିରଫ କରିବାରୁ ହତ୍ୟା କରିଥିବା ମାନିଥିଲେ। ଘର କାମ ନ କରିବାରୁ ଚାପୁଡ଼ା ମାରି ଦେବାରୁ ଝିଅ ମରିଯାଇଥିଲା ବୋଲି ସେ କହିବା ସହ ତରବରିଆ ଭାବେ ପୋଡ଼ି ଦେଇଥିଲେ। ତେବେ ଶବଦାହ କାର୍ଯ୍ୟରେ ଦୁର୍ଗାଚରଣଙ୍କୁ ନକୁଳ, ଶିବ ଓ ସୁଶାନ୍ତ ସହଯୋଗ କରିଥିବା କଥା କହିବାରୁ ପୋଲିସ ମଙ୍ଗଳବାର ରାତିରେ ୩ଜଣଙ୍କୁ ମଧ୍ୟ ଗିରଫ କରିଥିଲା। ହେଲେ ଏହି ହତ୍ୟାରେ ସାବତ ମା’ ଓ ଅନ୍ୟ କାହାର ହାତ ନ ଥିବା ଦୁର୍ଗାଚରଣ କହିବାରୁ ବଡ଼ ଝିଅ ରଶ୍ମିତା ନାନା ପ୍ରଶ୍ନ ଉଠାଇନ୍ତି। ତାଙ୍କ କହିବା ଅନୁଯାୟୀ, ୭ ତାରିଖ ରାତି ୧୧ଟାରେ ସାବତ ମା’ ସହ ମୋନାଲିଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ସମସ୍ତେ ମିଶି ମାଡ଼ ମାରିଥିଲେ। ଏହି ମାଡ଼ରେ ମୋନାଲି ଚେତା ହରାଇଥିଲେ। କିନ୍ତୁ ଝିଅର ମୃତ୍ୟୁ ହୋଇଯାଇଥିବା ଅନୁମାନ


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛନ୍ତି।

### ସାବତ ମା’ ସହ ୨ ଏବେ ବି ଫେରାର

କରି ତରବରିଆ ଭାବେ ନିକଟସ୍ଥ ଗାଁ ମଶାଣିକୁ ନେଇ ପୋଡି ଦେବା ସହ ପରେ ମଶାଣିକୁ ଧରା ପଡିଯିବା ଭୟରେ ଧୋଇ ଦେଇଥିଲେ। ଏପରିକି ଏହି ପ୍ରସଙ୍ଗକୁ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶରେ ପୁରୀ ହେଡକ୍ୱାର୍ଟର ଡିଏସ୍‌ପି ପ୍ରିୟବ୍ରତା ଶତପଥୀ ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଅନ୍ୟପଟେ ପୋଲିସ ମଧ୍ୟ ହଠାତ୍ ୩ଜଣଙ୍କୁ ଗିରଫ କରି ତରବରିଆ ଭାବେ ଖବରଦାତା ସମ୍ମିଳନୀ କରି କୋର୍ଟଚାଲାଣ କରିବାକୁ ଲୋକେ ନାନା ସନ୍ଦେହ କରୁଛନ୍ତି। ତେଣୁ ସାବତ ମା’ ସହ ୨ଜଣଙ୍କୁ ତୁରନ୍ତ ଗିରଫ କରନ୍ତୁ ବୋଲି ରଶ୍ମିତା ଦାବି କରିଛନ୍ତି। ଏ ନେଇ ଜିଲା ଅତିରିକ୍ତ ଏସ୍‌ପି ପ୍ରଧାନଙ୍କୁ ପଚାରିବାରେ ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସବୁ ଘଟଣା ପଦାକୁ ଆସିବ ବୋଲି ସେ କହିଛନ୍ତି।

## ସାନ ନେଗୀଙ୍କ ବିରୋଧରେ ଏନ୍‌ଏସ୍‌ଏ

**ବଲାଙ୍ଗୀର ଅଫିସ, ୧୧।୧:** କଫ୍‌ସିରପ ମାଫିଆ ସାନ ନେଗୀ (୪୦)ଙ୍କ ବିରୋଧରେ ଏନ୍‌ଏସ୍‌ଏ (ଜାତୀୟ ନିରାପତ୍ତା ଆଇନ) ଲାଗିଛି। ବଲାଙ୍ଗୀର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ କଫ୍ ସିରପ କାରବାରରେ ଲିପ୍ତ ଥିବା ନେଗୀଙ୍କ ବିରୋଧରେ ଥିବା ୬ଟି ସଙ୍ଗୀନ ମାମଲାରେ ଏନ୍‌ଏସ୍‌ଏ ଲାଗିଛି।



ଲୋଇସିଂହା ନିକଟ ଏକ ଢ଼ାବାରୁ ତାଙ୍କୁ ବୁଧବାର ଗିରଫ କରାଯାଇଥିଲା। ଏସ୍‌ପି ନୀତିନ କୁଶଲକରଙ୍କ ସୁପାରିଶ କ୍ରମେ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ଚଞ୍ଚଳ ରାଣା ଅଭିଯୁକ୍ତ ସାନ ନେଗୀ ବିରୋଧରେ ଏନ୍‌ଏସ୍‌ଏ ଲଗାଇଛନ୍ତି।

## ଗଛକୁ ପିଟିଲା ସ୍କୁଲ ବସ୍ , ୩ ଛାତ୍ରୀଛାତ୍ର ଗୁରୁତର

- ୭ ଛାତ୍ରୀଛାତ୍ର ଆହତ, ଡ୍ରାଇଭର ଅଟକ
- ଗାଡ଼ି ଷ୍ଟିୟରିଂ ଠିକ୍ ନ ଥିବାରୁ ଦୁର୍ଘଟଣା ଘଟିଥିବା କହିଲେ ଡ୍ରାଇଭର

**ଚନ୍ଦାହାଣ୍ଡି, ୧୧।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିସ୍ଥିତ ତିଲିମାଲ ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ନେଇ ଯାଉଥିବା ଏକ ଘରୋଇ ବସ୍ ବୁଧବାର ଏକ ଗଛକୁ ପିଟିଦେବା ଫଳରେ ୭ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ଆହତମାନେ ହେଲେ କରନ ସରକାର (୧୩), ବିକାଶ ସାହୁ (୧୩), ଦେବାଶିଷ ସେନାପତି (୧୨), ଶ୍ରାବଣ କୁମାର ସାହୁ (୧୨), ଶ୍ରୀୟା ପାଣିଗ୍ରାହୀ (୧୨), ପ୍ରଜ୍ଞା କର୍କରା (୧୨)। ସେମାନଙ୍କ ମଧ୍ୟରୁ କରନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ବିକାଶ, ଶ୍ରବଣଙ୍କୁ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଚନ୍ଦାହାଣ୍ଡି ଥାନା ପୋଲିସ କେସ୍ ନଂ. ୪/୨୩ରେ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ଶିବପ୍ରସାଦ ମହାନ୍ତିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି। ବସ୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ତଦନ୍ତ ପରେ ଗାଡ଼ିର ଫଟ୍‌ନେସ ଓ ଇନ୍‌ସ୍ୟୁରାନ୍ସ ଆଦି ଥିଲା କି ନାହିଁ ତାହା ଜଣାପଡ଼ିବ ବୋଲି ଥାନାଧିକାରୀ କହିଛନ୍ତି। ଚନ୍ଦାହାଣ୍ଡି ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସ ନ ଥିବାରୁ ଅଭିଭାବକମାନେ ଏକ ବସ୍ ବୁଝି ସେଥିରେ ପିଲାମାନଙ୍କୁ ପ୍ରତିଦିନ ସ୍କୁଲ ପଠାଉଥିଲେ। ଡ୍ରାଇଭର ମୁସଲିମ ଅଲ୍ଲୀ ବସ୍(ଓଆର୍-୨୪-୬୫୮୯) ରେ ବୁଧବାର ୧୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ବେଳେ ଗାଡ଼ି ମୋହରା ବୁଲାଣିଠାରେ ଏକ ଗଛରେ ପିଟି ହୋଇଥିଲା। ଦୁର୍ଘଟଣାରେ ୭ଜଣ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବରପାଇ ଦମକଳ ବାହିନୀ, ଚନ୍ଦାହାଣ୍ଡି ଥାନାଧିକାରୀ, ଏସ୍‌ଆଇ ଶିବପ୍ରସାଦ, ଖଗେଶ୍ୱର ଖୋସ୍‌ଲା, ହାବିଲଦାର ବିଦ୍ୟୁତ୍ କୀର୍ତ୍ତନିଆ ସେଠାରେ ପହଞ୍ଚିଥିଲେ। ପୋଲିସ ଘଟଣାର ତଦନ୍ତକରି ଡ୍ରାଇଭରଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।




## ଟ୍ରେଲରରେ ପିଟିହେଲା ସ୍କର୍ପିଓ :୨ ମୃତ



**ଲୋଇସିଂହା, ୧୧।୧(ଡି.ଏନ.ଏ.)**

ବଲାଙ୍ଗୀର-ବରଗଡ଼ ୨୬ ନଂ. ଜାତୀୟ ରାଜପଥର ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଛକରେ ବୁଧବାର ସକାଳେ ଏକ ଦୁର୍ଘଟଣା ଘଟିଛି । ରାସ୍ତାରେ ଛିଡ଼ା ହୋଇଥିବା ଟ୍ରେଲରରେ ଏକ ସ୍କର୍ପିଓ ସାମ୍ନାପଟୁ ପିଟି ହୋଇଥିଲା । ଫଳରେ ସ୍କର୍ପିଓରେ ଥିବା ୫ଜଣଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଛି । ମୃତକ କଣ୍ଟାବାଞ୍ଜିର କପୁର୍ଚ୍ଚନ ପୁଞ୍ଜି ଓ ନୂଆପଡ଼ା ଜିଲା କର୍ଲାଖମାର ଗ୍ରାମର ଧର୍ମଲାଲ ଭୋଇ ବୋଲି ଜଣାପଡିଛି । ଗୁରୁତର ଅବସ୍ଥାରେ ଗୌର ପୁଞ୍ଜି, ପୁରୁଷୋତ୍ତମ ଡାହାଣୀ ଓ ବିଷ୍ଣୁ ପ୍ରସାଦ ଜୁଏଡଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, କୋରାପୁଟରୁ ଝାରସୁଗୁଡା ଅଭିମୁଖେ ଟ୍ରେଲର(ଏପି ୩୦ ଏକ୍ସ ୯୧୧୯) ଯାଉଥିଲା। ଲୋଇସିଂହା ଥାନା ବୁର୍ଡା ଛକରେ ଡ୍ରାଇଭର କିଶନନଗର ଥାନା ଅନ୍ତର୍ଗତ ଖେମିତରା ଗ୍ରାମର ପ୍ରଫୁଲ୍ଲ ଦେହୁରୀ ଚା’ ପିଇବା ପାଇଁ ରାସ୍ତାପାର୍ଶ୍ୱରେ ଟ୍ରଲର ଅଟକାଇଥିଲେ। ଏହି ସମୟରେ ବରଗଡ଼ ଜିଲା ବାରପାଲି ଥାନା ବାଲିଯୁରୀ ବଜାରପଟୁ ୫ଜଣଙ୍କୁ ନେଇ ଫେରୁଥିବା ସ୍କର୍ପିଓ (ଓଡି୦୩ଭି ୬୧୮୨) ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଠିଆ ହୋଇଥିବା ଟ୍ରେଲରକୁ ସାମ୍ନା ପଟୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତେବେ ଉଦ୍ଧାର କାର୍ଯ୍ୟ ବିଳମ୍ବ ହେବାରୁ ଘଟଣାସ୍ଥଳରେ ଡ୍ରାଇଭର କପୁର୍ଚ୍ଚନ ପୁଞ୍ଜିଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅନ୍ୟ ୪ଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ଆଣିଥିଲା। ସଙ୍କଟାପନ୍ନ ହେବାରୁ ଦୁଇ ପର୍ଯ୍ୟାୟରେ ୪ଗୁରୁତରଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। ନିଆଯାଉଥିବା ବାଟରେ ଧର୍ମଲାଲଙ୍କ ମୃତ୍ୟୁ ଘଟିଥିଲା। ଲୋଇସିଂହା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ ୯/୨୩) ରୁଜୁ ହୋଇଥିବା ଏସ୍‌ଆଇ ଅବିନାଶ ନାୟକ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓରେ ସମ୍ବଲପୁରୀ ଶାଢ଼ି ଥିବା ଜଣାପଡିଛି।



**ଆଜିର ମନ୍ତବ୍ୟ**

“ଉତ୍ତର ପ୍ରଦେଶରେ ଡବଲ ଇଞ୍ଜିନ ସରକାରଙ୍କ ଭୁଲ୍ ନୀତି ଯୋଗୁ କୃଷକ ବରବାଦ ହେଉଛନ୍ତି। ଚାଷକାର୍ଯ୍ୟକୁ ଉଜାଡ଼ି ଦେଇ ଦେଶର ବିକାଶ କରିବା ସମ୍ଭବ ନୁହେଁ। **-ଅଖିଳେଶ ଯାଦବ, ଏସ୍‌ପି ମୁଖ୍ୟ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆରେ ନାଗର,
ଭାସିଯାଉଥିଲୁ ମଝି ନଈର
ଧରି ଆଣିଥିଲି ତତେ
ଟାକୁଆ ଗାଲରେ ମାଉଁସ ଲାଗିଲା
ଜବାବ ଦଉଚୁ ମତେ ?**

ମଣିଷ ବେଳେ ବେଳେ କୃତଘ୍ନତାର ସବୁ ସୀମା ଟପିଯାଏ। ଯାହାଠାରୁ ସାହାଯ୍ୟ ସମର୍ଥନ ମିଳିଥାଏ ତା’ ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରୁଥିବାର ଲକ୍ଷ୍ୟ କରାଯାଏ। ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଆଜ ହୁଁ ଏଡ଼େ !
ବୁଦ୍ଧି ପଶିଗଲେ ହୋଇବେ କେଡ଼େ ?**

ପିଲାଟିଦିନରୁ ଏତେ ଭଲ ଗୁଣର ଅଧିକାରୀ। ବଡ଼ ହେଲେ ବୁଦ୍ଧି ପଶିଗଲେ ଆଉ କେତେ ଭଲ ଗୁଣର ଅଧିକାରୀ ନ ହେବ ବୋଲି କଳ୍ପନା। ଅନ୍ୟ ଅର୍ଥରେ କମ୍ ବୟସରେ ଯିଏ ଉଦ୍‌ବାର୍ଯ୍ୟ ହେଉଛି, ଆଗକୁ ସିଏ କ’ଣ ନ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ହକି ବିଶ୍ୱକପ୍ ପାଇଁ କମିଶନରେଟ୍ ପୋଲିସ, ବିଏମ୍‌ସି ଏବଂ ବିଡିଏ ପକ୍ଷରୁ ଭୁବନେଶ୍ୱର ରିଜର୍ଭ ପଡ଼ିଆରେ ଆୟୋଜିତ ଟିମ୍ ପ୍ରାଇଡ୍ କାର୍ଯ୍ୟକ୍ରମରେ ହକି ଷ୍ଟିକ୍ ଆକୃତିରେ ଗାଡ଼ିଗୁଡ଼ିକୁ ରଖାଯାଇଛି।

# ‘ବିଏସ୍‌କେୱାଇ ଜାଲିଆତି ଉପରେ କଡ଼ା ନଜର ରଖ’

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର କାର୍ଯ୍ୟନ୍ୱୟନ ନାମରେ କୌଣସି ପ୍ରକାର ଜାଲିଆତି ବା ଠକାମିର ସମ୍ଭାବନା ଉପରେ କଡ଼ା ନଜର ରଖିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ଉଭୟ ରାଜ୍ୟ ଓ ଜିଲାସ୍ତରରେ କାର୍ଯ୍ୟରତ ବିଏସ୍‌କେୱାଇ ଟିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଠକାମି ବିରୋଧରେ କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ ଆଇନ ଏବଂ ବିଏସ୍‌କେୱାଇ ପ୍ରବର୍ତ୍ତନ ବ୍ୟବସ୍ଥା ଅନୁସାରେ ଏପରି ଠକଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଛନ୍ତି। ରାଜ୍ୟବାସୀଙ୍କୁ ସାର୍ବଜନୀନ ଗୁଣାତ୍ମକ ଚିକିତ୍ସା ଯୋଗାଇବା ପାଇଁ ରାଜ୍ୟ ସରକାର ବଦ୍ଧପରିକର। ଏଥିପାଇଁ ଉପଯୁକ୍ତ ଆର୍ଥିକ ଓ ପ୍ରଶାସନ ବ୍ୟବସ୍ଥା ସହ ବିଏସ୍‌କେୱାଇ ଯୋଜନା ଚାଲୁରହିଛି। ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ କରାଯାଇଥିବା ସୁବିଧାର ଅପବ୍ୟବହାର ବା ବିଏସ୍‌କେୱାଇ ନାମରେ ଠକେଇକୁ କୌଣସି ସ୍ଥିତିରେ ବରଦାସ୍ତ କରାଯିବ ନାହିଁ। କାର୍ଡ ସମ୍ପର୍କରେ କୌଣସି ସନ୍ଦେହ ବା ପ୍ରଶ୍ନ ଥିଲେ ସିଧାସଳଖ ଟୋଲ-ଫ୍ରି ନମ୍ବର ବା ଜିଲା ସଂଯୋଜକଙ୍କ ସହ ଯୋଗାଯୋଗ କରିବାକୁ ଶାଳିନୀ ପଣ୍ଡିତ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଡ ସମ୍ବନ୍ଧିତ କୌଣସି ସନ୍ଦେହ ବିଷୟ ୧୫୫୩୬୯ ଟୋଲ-ଫ୍ରି ନମ୍ବରକୁ ସିଧାସଳଖ ଜଣାଇଲେ ତାହାର ଠିକ ସମାଧାନ ହେବ। ଲୋକେ ଦେୟମୁକ୍ତ ଚିକିତ୍ସା ପାଇଁ ପସନ୍ଦ ଅନୁସାରେ ତାଲିକାଭୁକ୍ତ ହସ୍ପିଟାଲକୁ ଯିବା ପୂର୍ବରୁ ମଧ୍ୟ ୧୦୪ ନମ୍ବର ମାଧ୍ୟମରେ ପ୍ରାକ୍-ଯୋଗାଯୋଗ କରି ବୁଝିପାରିବେ। ଜରୁରୀ ସ୍ଥିତିରେ ସିଧାସଳଖ ହସ୍ପିଟାଲରେ ପହଞ୍ଚି ସ୍ୱାସ୍ଥ୍ୟମିତ୍ରଙ୍କ ସହାୟତା ନେଇପାରିବେ। ବିଏସ୍‌କେୱାଇ ବାବଦରେ ନିଜର ଅଭିଯୋଗ ବା ପ୍ରଶ୍ନ ୧୪୫୫୫କୁ ଜଣାଇପାରିବେ। ଏହାଛଡ଼ା ଟୁଇଟର ଆକାଉଣ୍ଟ @bskyodisha ବା ଫେସ୍‌ବୁକ୍ ଆକାଉଣ୍ଟ bskyodisha ମାଧ୍ୟମରେ ବି କାର୍ଡଧାରୀମାନେ ନିଜର ଅଭିଯୋଗ ଓ ମତାମତ ଜଣାଇପାରିବେ। ଏହିସବୁ ନାଗରିକ-କୈନ୍ଦ୍ରିକ ଯୋଗାଯୋଗ ପଏଣ୍ଟ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଶାସନ ସଚିବ ବିଏସ୍‌କେୱାଇ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

# ଭୁବନେଶ୍ୱର-ରାଉରକେଲା ମଧ୍ୟରେ ୨ ହକି ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ରାଉରକେଲା ମଧ୍ୟରେ ୨ଟି ସ୍ୱତନ୍ତ୍ର ହକି ଟ୍ରେନ୍ ଚାଲିବ। ଯାତ୍ରୀଙ୍କ ଚାହିଦା, ଅତିରିକ୍ତ ଭିଡ, ରେଳ ଯାତ୍ରୀଙ୍କୁ ଉତ୍ତମ ଯାତ୍ରା ସୁବିଧା ସହ ବିଶେଷ ଭାବେ ହକିପ୍ରେମୀଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଗାଇଦେବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ସେଗୁଡିକ ହେଲା ରାଉରକେଲା-ଭୁବନେଶ୍ୱର ସ୍ପେଶାଲ ଏବଂ ପୁରୀ-ରାଉରକେଲା-ପୁରୀ ହକି ସ୍ପେଶାଲ। ଏହାବାଦ୍ ପୂର୍ବରୁ ୫ଟି ଟ୍ରେନ ଚଳାଚଳ କରୁଛି। ଆସନ୍ତା ୧୪ରୁ ୩୦ ତାରିଖ ମଧ୍ୟରେ ପ୍ରତ୍ୟେକ ସୋମବାର, ବୁଧବାର, ଗୁରୁବାର ଓ ଶନିବାରରେ ଭୁବନେଶ୍ୱର-ରାଉରକେଲା ସ୍ପେଶାଲ (ନଂ. ୦୨୮୩୪) ରାତି ୮ଟା ୨୫ରେ ଭୁବନେଶ୍ୱରରୁ ରାଉରକେଲା ଯାତ୍ରା କରିବ। ଫେରିବା ମାର୍ଗରେ ରାଉରକେଲା-ଭୁବନେଶ୍ୱର ସ୍ପେଶାଲ (ନଂ.୦୨୮୩୩) ରାଉରକେଲାଠାରୁ ୧୫ରୁ ୩୧ ତାରିଖ ପ୍ରତ୍ୟେକ ମଙ୍ଗଳବାର, ଗୁରୁବାର, ଶୁକ୍ରବାର ଓ ରବିବାର ରାତି ୧୧ଟା ୨୫ରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବ। ଏହି ଟ୍ରେନ୍‌ରେ ଗୋଟିଏ ଏସି-୨ ଟାୟାର, ତିନିଟି ଏସି-୩ ଟାୟାର, ଆଠଟି ସ୍ଲିପର କ୍ଲାସ, ଚାରିଟି ଦ୍ୱିତୀୟ ଶ୍ରେଣୀ ସିଟିଂ ଏବଂ ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଉପଲବ୍ଧ ହେବ। ଏହା ଭୁବନେଶ୍ୱର ଓ ରାଉରକେଲା ମଧ୍ୟରେ ଉଭୟ ପାର୍ଶ୍ୱରୁ କଟକ, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ସମ୍ବଲପୁର ସିଟି ଏବଂ ଝାରସୁଗୁଡା ମଧ୍ୟରେ ରହଣି କରିବ।

୦୨୮୩୬/୦୨୮୩୫ ପୁରୀ-ରାଉରକେଲା-ପୁରୀ ହକି ସ୍ପେଶାଲ ୧୪ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଚଳାଚଳ କରିବ। ଏହି ଟ୍ରେନ ପୁରୀଠାରୁ ସକାଳ ୫ଟା ୧୫ରେ ଛାଡି ରାଉରକେଲାଠାରେ ଅପରାହ୍ନ ୧୨ଟା ୪୫ରେ ପହଞ୍ଚିବ। ଫେରିବା ମାର୍ଗରେ ଏହା ରାଉରକେଲାଠାରୁ ଅପରାହ୍ନ ୧ଟା ୩୦ରେ ଛାଡି ପୁରୀରେ ରାତି ୧୦ଟା ୩୦ରେ ପହଞ୍ଚିବ। ଏହି ଟ୍ରେନ୍‌ରେ ଦୁଇଟି ଏସି -୩ ଟାୟାର୍, ତିନୋଟି ସ୍ଲିପର୍ କ୍ଲାସ୍, ଛଅଟି ଦ୍ୱିତୀୟ ଶ୍ରେଣୀ ସିଟିଂ, ଦୁଇଟି ଗାର୍ଡ ତଥା ଲଗେଜ୍ ଏବଂ ଜେନେରେଟର କାର୍ ଉପଲବ୍ଧ ରହିଛି। ଏହା ଉଭୟ ପାର୍ଶ୍ୱରୁ ପୁରୀ ଓ ରାଉରକେଲା ମଧ୍ୟରେ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍, ଅନୁଗୋଳ, ରେଢାଖୋଲ, ସମ୍ବଲପୁର ସିଟି, ଝାରସୁଗୁଡା ଏବଂ ରାଜଗାଙ୍ଗପୁର ଷ୍ଟେଶନଗୁଡ଼ିକରେ ରହଣି କରିବ।

ଏହାବ୍ୟତୀତ ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ୍-ଭୁବନେଶ୍ୱର ସ୍ପେଶାଲ ମଧ୍ୟ ପ୍ରତ୍ୟେକ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଭୁବନେଶ୍ୱରରୁ ଓ ପ୍ରତ୍ୟେକ ସୋମବାର, ବୁଧବାର ଏବଂ ଶନିବାର ଦିନ ଧାନବାଦରୁ ରାଉରକେଲା ମାର୍ଗ ଦେଇ ଚଳାଚଳ କରୁଛି। ସେହିଭଳି ରାଉରକେଲା-ଗୁଣୁପୁର-ରାଉରକେଲା ରାଜରାଣୀ ଏକ୍ସପ୍ରେସ, ପୁରୀ-ଯୋଗ ନଗରୀ ଋଷିକେଶ କଳିଙ୍ଗ ଉତ୍କଳ ଏକ୍ସପ୍ରେସ, ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ, ଭୁବନେଶ୍ୱର-ରାଉରକେଲା-ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ, ପୁରୀ-ରାଉରକେଲା-ପୁରୀ ଏକ୍ସପ୍ରେସ୍ ଦୈନିକ ଚଳାଚଳ କରୁଛି, ଯାହାକି ଭୁବନେଶ୍ୱର ଓ ରାଉରକେଲାକୁ ଟ୍ରେନ ମାଧ୍ୟମରେ ସଂଯୋଗ କରୁଛି। ଏହା ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଭାୟା ଅନୁଗୋଳ ଓ ଝାରସୁଗୁଡା ଏବଂ ଭୁବନେଶ୍ୱର-ଆନନ୍ଦ ବିହାର ଏକ୍ସପ୍ରେସ୍ ଭାୟା ଅନୁଗୋଳ ଓ ଝାରସୁଗୁଡା ଦେଇ ଭୁବନେଶ୍ୱର ଏବଂ ରାଉରକେଲା ମଧ୍ୟରେ ସାପ୍ତାହିକ ଭାବେ ଚଳାଚଳ କରୁଛି।

# ଭିଜିଲାନ୍ସ ଜାଲରେ ଫରେଷ୍ଟ ରେଞ୍ଜ ଅଫିସର | ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

ସୁନ୍ଦରଗଡ଼, ୧୧।୧(ଡି.ଏନ୍.ଏ.)

ଭିଜିଲାନ୍ସ ଜାଲରେ ଫରେଷ୍ଟ ରେଞ୍ଜ ଅଫିସର। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଉପରେ ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଉଜ୍ଜ୍ୱଳପୁର ଫରେଷ୍ଟ ରେଞ୍ଜ ଅଫିସର ସଂଗ୍ରାମ କେଶରୀ ମଣିହୀରାଙ୍କ ସରକାରୀ ବାସଭବନ ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ଉଜ୍ଜ୍ୱଳପୁର ରେଞ୍ଜ ଅଫିସ, ସରକାରୀ ବାସଭବନ, ବଲାଙ୍ଗୀର ଜିଲାରେ ଥିବା ପୈତୃକ ବାସଭବନ, ବଲାଙ୍ଗୀର ନେହେରୁ ପଡାରେ ଥିବା ଶ୍ୱଶୁର ଘର, ସମ୍ବଲପୁର ବୁର୍ଲାସ୍ଥିତ ବାସଭବନରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ଭିଜିଲାନ୍ସ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ରେଞ୍ଜ ଅଫିସର ମଣିହୀରାଙ୍କ ସମ୍ବଲପୁର ବୁର୍ଲା ସହରରେ ଏକ ତିନି ମହଲା ବିଶିଷ୍ଟ କୋଠା, ଦୁଇଟି ଏକ ମହଲା ବିଶିଷ୍ଟ କୋଠା, ସମ୍ବଲପୁର ସହରରେ ୫ଟି ଜମି ପ୍ଲଟ, ଗୋଟିଏ ୪ଚକିଆ କାର, ୩ଟି ଦୁଇ ଚକିଆ ଯାନ, ନଗଦ ୧ ଲକ୍ଷ ୫୭ ହଜାର ଟଙ୍କା ଓ ବିଭିନ୍ନ ବ୍ୟାଙ୍କ, ବୀମା କମ୍ପାନୀର କାଗଜପତ୍ର ଜବତ କରି ଆକଳନ କରାଯାଉଛି। ତାଙ୍କର ସ୍ଥାବରଅସ୍ଥାବର ଦୁଇ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଛି।

## ବାରବାଟୀରେ ଭବ୍ୟ ...

ଏଭଳି ଅଭୂତପୂର୍ବ ଆୟୋଜନକୁ ନେଇ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ଅଭିଭୂତ ହେବା ସହ ଓଡ଼ିଶାକୁ ଭୂୟସୀ ପ୍ରଶଂସା କରିଛନ୍ତି। ସମଗ୍ର ବିଶ୍ୱରେ ଯେତେ ବିଶ୍ୱକପ ହୋଇଛି, ଓଡ଼ିଶାରେ ସବୁଠାରୁ ଭବ୍ୟ ଆୟୋଜନ ହୋଇଛି ବୋଲି ସେ କହିଛନ୍ତି। ଓଡ଼ିଶା ଏହି ଭବ୍ୟ ଆୟୋଜନ କରିଥିବାରୁ ରାଜ୍ୟରେ ହକିର ଗ୍ରହଣୀୟତାକୁ ନେଇ ସେ ସାଧୁବାଦ ଜଣାଇଛନ୍ତି। ମେଜର ଧ୍ୟାନଚାନ୍ଦଙ୍କ ଉଦାହରଣ ଦେଇ ଭାରତର ହକି ଖେଳକୁ ଉତ୍‌ଥାପନ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ଜଣେ ହକିର ଯୋଦ୍ଧା ପାଇଥିଲା। ଭାରତ ବଲବୀର ସିଂଙ୍କ ଭଳି ପୁତ୍ର ପାଇ ଗର୍ବିତ। ବଲବୀର ସିଂଙ୍କ ଅଧିନାୟକତ୍ୱରେ ଭାରତ ଅନେକ କୃତି ହାସଲ କରିଛି। ଓଡ଼ିଶା ବିଶ୍ୱସ୍ତରୀୟ ଆୟୋଜନ କରିଛି। ଓଡ଼ିଶାରେ ଏକ ନୂଆ ଷ୍ଟାଡିୟମ ଉଦ୍‌ଘାଟନ ହୋଇଛି। ଏହା କେବଳ ରାଜ୍ୟ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଓଡ଼ିଶା ଏକ ନୂଆ ଷ୍ଟାଡିୟମ ନିର୍ମାଣ କରିଛି। ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ଓଡିଶାବାସୀଙ୍କୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଠାକୁର ସାଧୁବାଦ ଜଣାଇଛନ୍ତି।

ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ଚେୟାରମ୍ୟାନ ତୟାବ ଇକ୍ରମ କହିଛନ୍ତି, ଭାରତବାସୀଙ୍କ ପାଇଁ ଏହା ଏକ ଗର୍ବର ଦିନ। ଓଡ଼ିଶା ଏଭଳି ଆୟୋଜନର ମଙ୍ଗ ଧରିଛି। ଏହାର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ଦେଉଛି। ବିଶ୍ୱର ସୁନ୍ଦର ଷ୍ଟାଡିୟମ ରାଉରକେଲାରେ ନିର୍ମାଣ ହୋଇଛି। ଓଡ଼ିଶାରେ ହକିର କ୍ରେଜ ଦେଖି ମୁଁ ଚକିତ। ଏଫ୍‌ଆଇଏଚ୍ ସବୁବେଳେ ଓଡ଼ିଶା ସାଥିରେ ରହିଛି ଓ ରହିବ ବୋଲି ସେ ଦୃଢ଼ୋକ୍ତିର ସହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ୍, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀଙ୍କ ସହ ରାଜନେତା ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ମୁଖ୍ୟମନ୍ତ୍ରୀ ସନ୍ଧ୍ୟା ୬ଟାରେ ବାରବାଟୀ ଷ୍ଟାଡିୟମରେ ପହଞ୍ଚିଥିଲେ। ହାତ ହଲାଇ ହଜାର ହଜାର ଦର୍ଶକଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବହୁଗୁଣା ବଢ଼ି ଯାଇଥିଲା। ଏହି ଉଦ୍‌ଘାଟନୀ ଉତ୍ସବରେ ଓଲିଉଡ୍ ଓ ବଲିଉଡ୍ ଷ୍ଟାରଙ୍କ ମ୍ୟୁଜିକ୍ ଓ ଡ୍ୟାନ୍ସ ଶୋ’ ସ୍ୱତନ୍ତ୍ର ଆକର୍ଷଣ ହୋଇଥିଲା। ଏହି ଗ୍ରାଣ୍ଡ ସେଲିବ୍ରେଶନରେ ବଲିଉଡ୍ ଅଭିନେତା ରଣବୀର ସିଂ ଓ ଅଭିନେତ୍ରୀ ଦିଶା ପଟାନୀ ନିଜର ଜଲୱା ଦେଖାଇଥିଲେ। ଏହାଛଡ଼ା ବଲିଉଡ୍ ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ ଓ ବ୍ଲାକ ସ୍ୱାନ୍ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମ ସମ୍ବଲପୁରୀ ନୃତ୍ୟରୁ ଆରମ୍ଭ ହୋଇଥିବା ବେଳେ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ସ୍ମିତି ମିଶ୍ର, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍, ରାପର ବିଗ୍ ଡିଲ୍, ଋତୁରାଜ ମହାନ୍ତି ଏବଂ ଓଲିଉଡ୍ ଷ୍ଟାର୍ କପଲ୍ ସବ୍ୟସାଚୀ-ଅର୍ଚ୍ଚିତାଙ୍କ କାର୍ଯ୍ୟକ୍ରମକୁ ମଧ୍ୟ ଦର୍ଶକ ଉପଭୋଗ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଆସନ୍ତା ୧୩ ରୁ ୨୯ ତାରିଖ ଯାଏ ଚାଲିବ।

## ‘ନାଟୁ ନାଟୁ’କୁ ଗୋଲ୍ଡେନ୍ ...

ଯୋଗଦାନ ରହିଥିବା ସେ କହିଛନ୍ତି। ଏଥିସହ ଗୋଲ୍ଡେନ୍ ଗ୍ଲୋବ୍ ଆୱାର୍ଡ ନେଇ ସେ ଖୁସି ବ୍ୟକ୍ତ କରିଛନ୍ତି। ଚଳଚ୍ଚିତ୍ର ଜଗତରେ କାମ କରିବା ପର୍ଯ୍ୟନ୍ତ ସେ ନୂଆ ନୂଆ ଜିନିଷ ଶିଖିବାକୁ ଚେଷ୍ଟା କରିବେ ବୋଲି କୀରଭାନି କହିଛନ୍ତି। ଚଳିତବର୍ଷର ୮୦ତମ ଗ୍ଲୋବାଲ ଗୋଲ୍ଡ ଆୱାର୍ଡ ସମାରୋହ ଲସ୍‌ଏଞ୍ଜେଲ୍ସରେ ଅନୁଷ୍ଠିତ ହୋଇଥିଲା। ହାସ୍ୟ ଅଭିନେତା ଜେରୋଦ କାର୍ମିଚିଲ କାର୍ଯ୍ୟକ୍ରମର ହୋଷ୍ଟ ସାଜିଥିଲେ। ନାଟୁନାଟୁର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ କଳାକାର ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

୧୯୨୦ ମସିହା ବ୍ରିଟିଶ ଶାସନାଧୀନ ଭାରତ ଉପରେ ଏହି ଫିଲ୍ମର କାହାଣୀ ଆଧାରିତ। ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ଜୁନିୟର୍ ଏନ୍‌ଟିଆର୍ ଏବଂ ରାମଚରଣ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ଅଜୟ ଦେବଗନ, ଆଲିଆ ଭଟ୍ଟ ଓ ବ୍ରିଟିଶ ଅଭିନେତା ରେ ଷ୍ଟେଭେନ୍‌ସନ୍, ଆଲିସନ୍ ଡୁଡି ଏବଂ ଓଲିଭିଆ ମୋରିସ୍ ମଧ୍ୟ ଅଭିନୟର ଯାଦୁକରୀରେ ଦର୍ଶକଙ୍କ ମନ ମୋହିଛନ୍ତି।। ଫିଲ୍ମଟି ବିଶ୍ୱବ୍ୟାପୀ ୧୨୦୦ କୋଟି ଟଙ୍କାର ବ୍ୟବସାୟ କରିଛି। ଗ୍ଲୋବାଲ ଗୋଲ୍ଡ ଆୱାର୍ଡରେ ସମ୍ମାନିତ ହେବା ପୂର୍ବରୁ ନିର୍ଦ୍ଦେଶକ ରାଜାମୌଳିଙ୍କୁ ନ୍ୟୁୟର୍କ ଫିଲ୍ମ କ୍ରିଟିକ୍ ସର୍କଲ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ଅନ୍ୟପକ୍ଷେ ଓସ୍କାର ଆୱାର୍ଡ ପାଇଁ ଫିଲ୍ମକୁ ବିଭିନ୍ନ କାଟାଗୋରିରେ ଚୟନ କରାଯାଇଛି।

## ୧ରୁ ଡାକ୍ତରଙ୍କ ...

ବର୍ଷରେ ପ୍ରମୋଶନ ବ୍ୟବସ୍ଥା କରି ଠକି ଦେଇଛନ୍ତି। ସେଥିରେ ଯୁବବର୍ଗ ଓ ଅଭିଜ୍ଞ ଡାକ୍ତରମାନେ ଆଦୌ ଆର୍ଥିକ ଲାଭବାନ ହୋଇପାରୁ ନ ଥିବାରୁ ସରକାରୀ ଚାକିରି କରିବାକୁ ଅନାଗ୍ରହ ପ୍ରକାଶ କରୁଛନ୍ତି। ତେଣୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ଓଏମ୍‌ଏଚଏସ୍ କ୍ୟାଡର ଡାକ୍ତରଙ୍କ ପୁନର୍ବିନ୍ୟାସ, ଆଡ୍‌ହକ ଡାକ୍ତରଙ୍କ ସ୍ଥାୟୀ ନିଯୁକ୍ତି, ବାଧ୍ୟତାମୂଳକ କେବିକେ ଅଞ୍ଚଳରେ କାର୍ଯ୍ୟ କରିବା ନିୟମାବଳୀକୁ ଉଚ୍ଛେଦ, ଡାକ୍ତରଙ୍କ ଅବସର ବୟସ ବୃଦ୍ଧି କରା ନ ଯିବା ଭଳି ବିଭିନ୍ନ ଦାବି ନେଇ ଓମ୍‌ସା ରାଜ୍ୟ ସରକାରଙ୍କ ସହ ବହୁବାର ଆଲୋଚନା କରିଛି। କିନ୍ତୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଗତ ଡିସେମ୍ବର ୧୦ରେ ଓମ୍‌ସାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏ ସମସ୍ତ ଦାବି ନେଇ ଜାନୁୟାରୀ ୧୬ରୁ ଓମ୍‌ସା ଆନ୍ଦୋଳନକୁ ଓହ୍ଲାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଯେହେତୁ ୧୩ ତାରିଖରୁ ହକି ବିଶ୍ୱକପ୍ ଓଡ଼ିଶାରେ ଆୟୋଜନ ହେଉଛି, ଏହା ଓଡ଼ିଶାର ଗର୍ବ ଓ ଗୌରବ ହୋଇଥିବାରୁ ଏହାକୁ ସମ୍ମାନ ଜଣାଇ ଆନ୍ଦୋଳନକୁ ସାମୟିକ ସ୍ଥଗିତ ରଖାଯାଇଛି। ଫେବୃୟାରୀ ୧ରୁ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସଭାପତି ରାଉତ କହିଛନ୍ତି।

## ଆମେରିକାରେ ୭୦୦ ...

ସିଷ୍ଟମ୍‌କୁ ପୁନଃ ଅବସ୍ଥାପିତ କରିବା ପାଇଁ ଉଦ୍ୟମ ଜାରି ରହିଛି। ଯଥାଶୀଘ୍ର ସମ୍ଭବ ଯାଞ୍ଚ ଓ ରିଲୋଡିଂ କାର୍ଯ୍ୟ ଶେଷ ହେବ ବୋଲି ଆମେରିକା ଫେଡେରାଲ ଆଭିଏଶନ୍ ଆଡ୍‌ମିନିଷ୍ଟ୍ରେଶନ୍ ପକ୍ଷରୁ ଟୁଇଟ୍ କରାଯାଇଛି। ଏହି ବୈଷୟିକ ତ୍ରୁଟି ଯୋଗୁ ଆମେରିକାରେ ୭୦୦ ବିମାନ ଉଡ଼ାଣ କରିପାରି ନାହିଁ। ଇଷ୍ଟର୍ନ ଟାଇମ୍ ଅନୁସାରେ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ସମସ୍ତ ଘରୋଇ ବିମାନର ପ୍ରସ୍ଥାନକୁ ବନ୍ଦ ରଖିବାକୁ ଏୟାରଲାଇନ୍ସଗୁଡ଼ିକୁ ଏଫ୍‌ଏଏ ନିର୍ଦ୍ଦେଶ ଦେଇଛି। ସ୍ଥିତି ଉପରେ ନଜର ରଖାଯାଇଛି ବୋଲି ପରିବହନ ସଚିବ ପେଟେ ବୁଟ୍ଟିଗିଏଗ୍ କହିଛନ୍ତି। ଇତିମଧ୍ୟରେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ କମାଣ୍ଡ ସେଣ୍ଟର (ଏଟିସିଏସ୍‌ସିସି) ମଧ୍ୟ ନୋଟମ୍ ସିଷ୍ଟମ୍ କାର୍ଯ୍ୟ କରୁ ନ ଥିବା ନେଇ ଆଡ୍‌ଭାଇଜରି ଜାରି କରିଛି। ବିମାନ ଚଳାଚଳ ବିଳମ୍ବିତ ହୋଇପାରେ ବୋଲି ଯାତ୍ରୀମାନଙ୍କୁ ଅଷ୍ଟିନ୍ ବର୍ଗଷ୍ଟର୍ମ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ପକ୍ଷରୁ ଟୁଇଟର ଜରିଆରେ ସୂଚନା ଦିଆଯାଇଛି। ବିମାନବନ୍ଦରଗୁଡ଼ିକରେ ଯାତ୍ରୀମାନେ ଅଟକି ରହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପୃଥିବୀ ସଦୃଶ ଗ୍ରହ ...

ନୂତନ ଗ୍ରହ ଚିହ୍ନଟ କରିଥିଲା। ଗ୍ରହ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ଲାଗି ଟିଇଏସ୍‌ଏସ୍ ସାଟେଲାଇଟ୍ ପକ୍ଷରୁ ଅଧ୍ୟୟନ କରାଯିବ ବୋଲି କୁହାଯାଇଛି। ପ୍ଲାନେଟ୍ ଇ’ ଆକାରରେ ପ୍ଲାନେଟ୍ ଡି’ଠାରୁ ୧୦% କମ୍ ହୋଇଥିବା ନାସା ଜେଟ୍ ପ୍ରୋପଲନ୍ ଲାବରେଟୋରିର ବିଶେଷଜ୍ଞ ଏମିଲି ଗିଲ୍‌ବର୍ଟ ସୂଚନା ଦେଇଛନ୍ତି। ଆକାରରେ ଟିଓଆଇ ୭୦୦ ବି’ ହେଉଛି ପୃଥିବୀର ୯୦ ଭାଗ। ସେହିପରି ଟିଓଆଇ ସି’ ପୃଥିବୀଠାରୁ ୨.୫ ଗୁଣା ବଡ଼ ହୋଇଥିବାବେଳେ କକ୍ଷପଥ ପରିକ୍ରମା ପାଇଁ ଏହାକୁ ୧୬ ଦିନ ଲାଗିଥାଏ। ଟିଓଆଇ ସି ଏବଂ ଡି ମଧ୍ୟରେ ଇ’ର ଅବସ୍ଥିତିକୁ ଅପ୍ଟିମିଷ୍ଟିକ୍ ହାବିଟେବଲ ଜୋନ୍ ବୋଲି କୁହାଯାଏ। ତେବେ ଠାବ ହୋଇଥିବା ପୃଥିବୀ ପରି ଗ୍ରହ ବିଷୟରେ ଅଧିକ ଗବେଷଣା କଲେ ସୌରମଣ୍ଡଳ ସମ୍ପର୍କରେ ଅନେକ ଅଜଣା ରହସ୍ୟ ଫିଟିବ ବୋଲି ଗିଲ୍‌ବର୍ଟ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯାତ୍ରା କରିବେ କିନ୍ତୁ ସାଧାରଣ କଥାରେ ବନ୍ଧୁ ସମ୍ପର୍କ ଫିକା ପଡ଼ିଯାଇପାରେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ସମ୍ପୂର୍ଣ୍ଣ ଉନ୍ନତି ଦେଖାଦେବ। ଶତ୍ରୁମାନେ ସୁଯୋଗ ଅପେକ୍ଷାରେ ରହିବେ, ତଥାପି ସେମିତି କିଛି ଅସୁବିଧା ହେବନି। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବାର ଆଶା ରହିଛି।

**ବୃଷ** ଆଜି ଦିନଟିରେ କର୍ମ କ୍ଷେତ୍ରରେ ଯାହାକୁ ଯାହା କହିଲେ ସେହି ବ୍ୟକ୍ତି ତାହାକୁ ଓଲଟା ଅର୍ଥରେ ଗ୍ରହଣ କରିବେ। ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି। ଅବଶ୍ୟ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ସଫଳ ହେବ। ଧନପ୍ରାପ୍ତି ସକାଶେ ବନ୍ଧୁଙ୍କ ସାହାଯ୍ୟ ଉପରେ ନିର୍ଭର କରିବେ।

**ମିଥୁନ** ଆକସ୍ମିକ ଭାବରେ ପରିବାରର ଖର୍ଚ୍ଚଭାର ବୃଦ୍ଧି କାରଣରୁ ଚିନ୍ତା ପ୍ରକଟ କରିବେ। ବିରକ୍ତିକର କଥା କହି ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। କ୍ରୀଡ଼ା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ** ସମସ୍ୟା ଆସିଲେ ମଧ୍ୟ ତାହାକୁ ଠିକ୍ ଭାବରେ ସାମ୍ନା କରିବାର ସାହସ ରହିବ। ବନ୍ଧୁମାନଙ୍କ ପରାମର୍ଶରେ ନୂଆ ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବ, କିନ୍ତୁ ବନ୍ଧୁ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବେ।

**ସିଂହ** ନିକଟ ସମ୍ପର୍କୀୟଙ୍କ ଅସନ୍ତୋଷଜନକ କାର୍ଯ୍ୟକଳାପ ନିଜପାଇଁ ସମସ୍ୟା ସୃଷ୍ଟି କରିବ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ଆଇନ ଅଦାଲତର ରାୟ ସପକ୍ଷରେ ଯିବାରୁ ସାମୟିକ ଖୁସି ରହିବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସମସ୍ୟା ସୃଷ୍ଟି କରିବ। ପିଲାମାନଙ୍କ ସକାଶେ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଅନୁଭବ କରିବେ। ଗୃହୋପକରଣ କିମ୍ବା ମୂଲ୍ୟବାନ୍ ସାମଗ୍ରୀ କ୍ରୟ କରିପାରନ୍ତି।

**ତୁଳା** ଆଜି କର୍ମକ୍ଷେତ୍ରରେ ରହିଥିବା କାରଣରୁ ବହୁତ କାମ ହାତକୁ ନେଇ ବ୍ୟଥିତ ହେବେ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ହେତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟି ହେବ। ଆଜିର ଯାତ୍ରାରେ ସଫଳତା ପାଇବେ ଏବଂ ନୂତନ ବନ୍ଧୁସମ୍ପର୍କ ସ୍ଥାପିତ ହେବ। ପାରସ୍ପରିକ ସହମତି ଜନିତ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** ଆଜି କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କଲେ ଓଲଟା ଫଳ ପାଇପାରନ୍ତି। ଆପଣଙ୍କ କଥାଶୈଳୀର ପ୍ରଭାବରୁ ଦୂରେଇ ଯାଇଥିବା ଲୋକ ପାଖେଇ ଆସିବ। ପରିଜନଙ୍କ ସ୍ୱାସ୍ଥ୍ୟାବସ୍ଥା ନିଜ ପାଇଁ ସମସ୍ୟାର କାରଣ ହୋଇପାରେ। ଏଜେନ୍ସିପ୍, ସାମ୍ବାଦିକତା, ରାଜନୀତି, ନୂତନ କର୍ମାରମ୍ଭ, କଳା ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ** ପରୋକ୍ଷ ଶତ୍ରୁତାର ପ୍ରଭାବ ଫଳରେ କର୍ମକ୍ଷେତ୍ର ପ୍ରଭାବିତ ହୋଇପାରେ। ଅନ୍ୟମନସ୍କତା କିମ୍ବା ବିସ୍ମରଣ ଜନିତ କୌଣସି ଜିନିଷ ହରାଇ ପାରନ୍ତି। ସହକର୍ମୀ, ଭାଇ ଭଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ, ଆଦାୟ କରିବାରେ ସଫଳ ହେବେ।

**ମକର** ଆଜି କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ କାମରେ ଅସନ୍ତୁଷ୍ଟ ହୋଇପାରନ୍ତି। ପାରିବାରିକ ଜୀବନରେ ସ୍ତ୍ରୀଙ୍କ ସହ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡ଼ା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ।

**କୁମ୍ଭ** କୌଣସି ବ୍ୟକ୍ତିଙ୍କ ସହ ସାଧାରଣ କଥାକୁ କେନ୍ଦ୍ର କରି କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ପୂର୍ବ ରାଗକୁ ନେଇ କାହା କଥାକୁ କିଏ ସମର୍ଥନ କରିବେ ନାହିଁ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ମୀନ** ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବନାହିଁ। ଶାରୀରିକ ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ପରିବାରରେ ଅପ୍ରିୟ ସତକଥା କହି ସମାଲୋଚିତ ହୋଇପାରନ୍ତି।

ଆଜି ମାଘ କୃଷ୍ଣ ପଞ୍ଚମୀ ଯୁକ୍ତ ଷଷ୍ଠୀ, ଗୁରୁବାର, ଜାନୁୟାରୀ ୧୨ ତାରିଖ, ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ, ରାଶି ନକ୍ଷତ୍ର- ଦିବା ଘ.୦୨।୨୩ ପର୍ଯ୍ୟନ୍ତ ପୂର୍ବାଫାଲଗୁନୀ/ସିଂହ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ ଗତେ ଘ.୦୭।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା ଓ ଦିବା ଘ.୦୧।୧୬ ଗତେ ଘ.୦୨।୩୮ ମଧ୍ୟେ ରାହୁକାଳ ।।

# ସାହିତ୍ୟ ଦିଗ୍‌ଦର୍ଶନ ଦେଇଥାଏ: ରାଜ୍ୟପାଳ

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ସମାବର୍ତ୍ତନ ଉତ୍ସବ



ରାଜ୍ୟପାଳଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

**ଧର୍ମଶାଳା,୧୧।୧(ଡି.ଏନ.ଏ.):** ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ତମ ସମାବର୍ତ୍ତନ ଉତ୍ସବ ବୁଧବାର ସନ୍ଧ୍ୟାରେ ଧର୍ମଶାଳା ବ୍ଲକ୍ ଅଧୀନ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗଦେଇ ଉତ୍ସବକୁ ଉଦଘାଟନ କରି କହିଥିଲେ, ସାହିତ୍ୟ ସମାଜକୁ ଦିଗଦର୍ଶନ ଦେଇଥାଏ। ସାହିତ୍ୟକୁ ବଞ୍ଚିବାକୁ ହେଲେ ମନୁଷ୍ୟର ହୃଦୟକୁ ଛୁଇଁଲା ଭଳି ଲେଖା ଆବଶ୍ୟକ। ସାହିତ୍ୟ ଭବିଷ୍ୟତର ବାର୍ତ୍ତା ଦେଇଥାଏ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତରୁ ଉଦ୍ଧୃତ କରି ଦେଇଥିବା ଉପଦେଶର ମାର୍ମିକତା ଉପରେ ରାଜ୍ୟପାଳ ସୂଚନା ଦେଇଥିଲେ। ଉତ୍ସବରେ ଗୋକର୍ଣ୍ଣିକା ସଭାପତି ରମାକାନ୍ତ ଜେନା ଅଧକ୍ଷତା କରିଥିଲେ। ସମ୍ପାଦକ ହୃଷୀକେଶ ସାମଲ, ଖବରଦାତା ବଟକୃଷ୍ଣ ପରିଡ଼ା, ଡ. ତୁହିନାଂଶୁ ରଥ ରାଜ୍ୟପାଳଙ୍କୁ ପାଛୋଟି ଆଣିଥିଲେ। ଏହି ଅବସରରେ ଗୋକର୍ଣ୍ଣିକା ସାହିତ୍ୟ ପତ୍ରିକା ଓ ସ୍ମରଣିକା, ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ଗଳ୍ପ ପୁସ୍ତକ ଭାଗ୍ୟର ଭାଗଫଳ, ପ୍ରଜ୍ଞାପ୍ରବର୍ତ୍ତିକା ଦାଶଙ୍କ ଉପନ୍ୟାସ ଶ୍ରଦ୍ଧାନ୍ତରକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଅବସରପ୍ରାପ୍ତ ଅଧକ୍ଷା ଡ. ଚିନ୍ମୟୀ ମହାପାତ୍ର, କବୟିତ୍ରୀ ଡ. ଇନ୍ଦିରା ଦାସ, ଅବସରପ୍ରାପ୍ତ ଜିଲାପାଳ ସରୋଜ କାନ୍ତ ଚୌଧୁରୀ, ପ୍ରାବନ୍ଧିକ ଡ. ଅଲେଖ ଚନ୍ଦ୍ର ପଡିହାରୀ, ପଣ୍ଡିତ ବୀରେନ୍ଦ୍ର ପଣ୍ଡା, କଥାକାର କାର୍ତ୍ତିକ ଚନ୍ଦ୍ର ବାରିକ, ଡା. ବିଜୟ କୁମାର ଶତପଥୀ, ଖବରଦାତା ଡଲିରାଣୀ ବ୍ରହ୍ମା, ଶିଶୁ ସାହିତ୍ୟ ସ୍ରଷ୍ଟା ଦେବାଶିଷ ଚକ୍ରବର୍ତ୍ତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋପାମୁଦ୍ରା ଜେନାଙ୍କୁ କବିତା ସମ୍ମାନ, ଶ୍ରୀନିବାଷ ଜେନାଙ୍କୁ ପରିବେଶବିତ ସମ୍ମାନ, ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ଶିକ୍ଷାବିତ ସମ୍ମାନ, ସୁବାସ ଚନ୍ଦ୍ର ମହାପାତ୍ରଙ୍କୁ ନାଟ୍ୟକାର ସମ୍ମାନ, ଡ. ସୂର୍ଯ୍ୟମଣି ଖୁଣ୍ଟିଆଙ୍କୁ ପ୍ରବନ୍ଧିକ ବୈକୁଣ୍ଠନାଥ ସ୍ମୃତି ସମ୍ମାନ, ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କୁ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର, ଚିନ୍ମୟ କୁମାର ନାୟକଙ୍କୁ ଦକ୍ଷ ପ୍ରଶାସକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବ୍ରଜକିଶୋର ଦାଶ, ବିଜୟ କୁମାର କର ଓ ନାରାୟଣ ନନ୍ଦ ଶ୍ଳୋକ ଅବୃତି କରିଥିଲେ। ଟିକାୟତ ସପ୍ତାର୍ଷିସ ଟ୍ରଷ୍ଟ ପକ୍ଷରୁ ଛାତ୍ରୀ କ୍ରିଷ୍ଣାଙ୍ଗୀ ନାୟକ, ଶୁଶ୍ରୀ ଦିୟାଦେବଶ୍ରୀତା ବିଶ୍ୱାଳ, ଶ୍ରୀୟା ସତାବ୍ଦୀ, ସୁଚିସ୍ମିତା ତରାଇ ଓ ଛାତ୍ର ଜ୍ୟୋତିରଞ୍ଜନ ବିଶ୍ୱାଳଙ୍କୁ କୃତୀ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ଡ. ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ଉପଦେଷ୍ଟା ବିଜୟ କୁମାର ଶତପଥୀ, ଉପସଭାପତି ମାଧୁରୀ ଶତପଥୀ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିଲେ। ଉପସଭାପତି ମିନତି ସାହୁ ଧନ୍ୟବାଦ ଦେଇଥିଲେ।

# ଆଜିଠୁ ସୌରିକ ଯୁବ ମହୋତ୍ସବ

## ସ୍ଥାନୀୟ, ବଲିଉଡ୍ କଳାକାରଙ୍କ ନୃତ୍ୟ, ଗୀତରେ ଦୁଲୁକିବ ମଞ୍ଚ




**କାଳିଆପାଣି,୧୧।୧(ଡି.ଏନ.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ କାଳିଆପାଣି ଟାଉନଶିପ୍ ମିନି ଷ୍ଟାଡିୟମଠାରେ ଗୁରୁବାର ସୌରିକ ଯୁବ ମହୋତ୍ସବ ଉଦ୍‌ଘାଟନ ହେବ। ଏହା ୧୨ରୁ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ କରାଯିବ। ଏଥିସହିତ ଆଦିବାସୀଙ୍କ ପାରମ୍ପରିକ ସାମୂହିକ ନାଗରା ବାଦ୍ୟ, ଘୁମୁରା ନୃତ୍ୟ ପରିବେଷଣ କରାଯିବ। ମହୋତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସ୍ଥାନୀୟ ଓ ବଲିଉଡ୍ କଳାକାରଙ୍କ ନୃତ୍ୟ, ଗୀତରେ ମଞ୍ଚ ଦୁଲୁକିବ।

ମହୋତ୍ସବ ଆୟୋଜନର ସାର୍ଥକତା ପାଇଁ ସ୍ଥାନୀୟ ଯୁବକ, ରାଜନେତା ଓ ଗଣମାଧ୍ୟମ ପ୍ରତିନିଧିମାନେ ପୂର୍ଣ୍ଣ ସହଯୋଗ କରୁଛନ୍ତି। କର୍ପୋରେଟ ସଂସ୍ଥାର ପ୍ରତିନିଧିମାନେ ପ୍ରତ୍ୟକ୍ଷ ଭାବେ ଯୋଗଦେଇ କାର୍ଯ୍ୟ ତଦାରଖ କରୁଛନ୍ତି। କରୋନା ମହାମାରୀ କାରଣରୁ ୨ ବର୍ଷ ଧରି ମହୋତ୍ସବ ବନ୍ଦ ରହିଥିଲା। ୨ ବର୍ଷ ପରେ ମହୋତ୍ସବ ଅନୁଷ୍ଠିତ ହେଉଥିବାରୁ ଖଣି ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଛି। ମହୋତ୍ସବରେ ପ୍ରତ୍ୟେକ ଦିନ ନୂତନ କଳାକାରଙ୍କ ନାଚଗୀତ ରହିଥିବା ବେଳେ ଲୋକକଳା, ସଂଗୀତ, ଯୁବ ପ୍ରତିଭାମାନେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ। ପ୍ରଥମ ଦିନ ସ୍ଥାନୀୟ ଅଞ୍ଚଳର ନାଗରା ବାଦ୍ୟ, ଲୋକକଳା ପ୍ରଦର୍ଶନ ଓ ରାଲି ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଶିକ୍ଷଣ, ତୃତୀୟ ଦିନ ଟ୍ରାନ୍ସଜେଣ୍ଡରଙ୍କ ଉପରେ ସଚେତନତା, ଚତୁର୍ଥ ଦିନରେ ଯୁବକ, ଛାତ୍ରୀଛାତ୍ର ଓ ଦିବ୍ୟାଙ୍ଗଙ୍କୁ କ୍ୟାରିୟର କାଉନସିଲ ପାଇଁ ସଚେତନତା ଓ ପଞ୍ଚମ ଦିନରେ ସ୍ଥାନୀୟ ଯୁବକ, ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିବା ମହୋତ୍ସବର ସଂଯୋଜକ ନାରାୟଣ ଚନ୍ଦ୍ର ଧୀର ସୂଚନା ଦେଇଛନ୍ତି।

# କୁକୁଡ଼ା ଫାର୍ମ ପୋଡ଼ି ଅଭିଯୋଗ: ଜଣେ ଗିରଫ

**ଚଣ୍ଡିଖୋଲ,୧୧।୧(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରଦା ଗ୍ରାମରେ ୯ ତାରିଖରେ ଏକ କୁକୁଡା ଫାର୍ମରେ ନିଆଁ ଲଗାଇ ପୋଡି ଦେବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ବରଦା ଗ୍ରାମର ରାମଚନ୍ଦ୍ର ଜେନା। ବରଦା ଗ୍ରାମର ଧୀରେନ୍ଦ୍ର କୁମାର ମଲ୍ଲିକ ଗାଁ ମୁଣ୍ଡରେ ଏକ କୁକୁଡା ଫାର୍ମ କରିଛନ୍ତି। ଏହି କୁକୁଡା ଫାର୍ମ ପଛ ପଟେ ରାମଚନ୍ଦ୍ରଙ୍କ ଘର। ଫାର୍ମ ଦ୍ୱାରା ତାଙ୍କ ପରିବାର ଦୁର୍ଗନ୍ଧରେ ରହି ପାରୁ ନ ଥିବା ନେଇ ସେ ବାରମ୍ବାର ଅଭିଯୋଗ କରିଥିଲେ। ଏ ପରିକି ୨୦୨୧ରେ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦ ରହିଥିଲା। ୯ ତାରିଖ ରାତିରେ ଫାର୍ମ ପୋଡ଼ିଯିବା ନେଇ ଧୀରେନ୍ଦ୍ର ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସନ୍ଦେହରେ ରାମଚନ୍ଦ୍ରଙ୍କୁ ଆଣି ପଚରାଉଚରା କରିଥିଲା। ସେ ଘଟଣା ସମ୍ପର୍କରେ ମାନିବାରୁ ତାଙ୍କୁ ଥାନା କେସ ନଂ.୧୩/୨୩ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

# ଯୁବତୀଙ୍କୁ କମେଣ୍ଟ ଅଭିଯୋଗେରେ ଜଣେ ଗିରଫ

**ଚଣ୍ଡିଖୋଲ,୧୧।୧ (ଡି.ଏନ.ଏ.):** ଯୁବତୀଙ୍କୁ କମେଣ୍ଟ ମାରିବା ଅଭିଯୋଗରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଧୀନ କଦମପାଳ ଗ୍ରାମର ଶ୍ୟାମସୁନ୍ଦର ଘଡ଼େଇ। ଧର୍ମଶାଳା ଥାନା ଅରାବଳ ଗ୍ରାମର ଜଣେ ଯୁବତୀ କଦମପାଳଠାରେ ଥିବା ଏକ କମ୍ପ୍ୟୁଟର ଦୋକାନରେ କାମ କରନ୍ତି। ସେ ଦୈନିକ ଘରୁ ସାଇକେଲରେ ଯିବା ଆସିବା ସମୟରେ ଶ୍ୟାମସୁନ୍ଦର ତାଙ୍କୁ ହଇରାଣ କରିବା ସହିତ କମେଣ୍ଟ ମାରନ୍ତି। ଏନେଇ ଯୁବତୀ ଜଣକ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରୟାସ



@ ଅସିତ୍



@ ପ୍ରିୟବ୍ରତ



@ ସୁଧାଂଶୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ବୟନିକା ୧୯୫୭ ମସିହା ଠାରୁ ଦ୍ୱାରା ଆୟୋଜିତ

Government of Odisha

ବୌଦ୍ଧ ମହୋତ୍ସବ ଉପଲକ୍ଷେ

ରାଜ୍ୟ ସ୍ତରୀୟ ହସ୍ତତନ୍ତ ମେଳା

କଚେରୀ ଖେଳ ପଡ଼ିଆ, ବୌଦ୍ଧ

ଶୁଭ ଉଦ୍‌ଘାଟନ

୧୨ ଜାନୁଆରୀ ୨୦୨୩, ସନ୍ଧ୍ୟା ୭.୦୦ ଘଟିକା

ତା.୧୨.୦୧ ରୁ ତା.୨୫.୦୧.୨୦୨୩ରିଖ ପର୍ଯ୍ୟନ୍ତ

ଦିବା ୧୨.୦୦ ରୁ ରାତ୍ର ୯.୦୦ ଘଟିକା ପର୍ଯ୍ୟନ୍ତ

ଏହି ଉତ୍ସବରେ ଯୋଗ ଦେବା ନିମନ୍ତେ ବିନମ୍ର ଅନୁରୋଧ।

ପରିଚାଳନା ନିର୍ଦ୍ଦେଶକ, ବୟନିକା

ପ୍ରାୟୋଜକ: ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର

ଆୟୋଜକ : ବୟନିକା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର



इंडियन बैंक Indian Bank
इलाहाबाद ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
*ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।*

| ଶାଖା/ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ପଟିଆ ଶାଖା** ଋଣଗ୍ରହୀତାମାନେ: (୧) ଶ୍ରୀ ପ୍ରଦୀପ୍ତ କୁମାର ସେନ୍, ପିତା: ଶ୍ରୀ ରାମଚନ୍ଦ୍ର ସେନ୍, (୨) ଶ୍ରୀମତୀ ଲିପିକା ଦାସ, ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, **ଉଭୟଙ୍କ ଠିକଣା:** ସା-କାଞ୍ଚିଲୋ, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୧୦୧। | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଚିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲ (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫। | ୦୪.୦୯.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୩୫,୮୯,୩୪୧.୭୭ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ସିରିଲୋ ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମାସୁଦ୍ ଅଲି ଖାନ୍, ମେସର୍ସ କୋହିନୂର ଫ୍ଲାଏ ଆସ୍ ବ୍ରିକ୍ସର ସତ୍ତ୍ୱାଧିକାରୀ, ପିତା: ୰ସେର୍ ଖାନ୍, **ଜାମିନ୍‌ଦାର: ଶ୍ରୀ ସହବାଜ ଅଲି ଖାନ୍,** ପିତା: ମାସୁଦ୍ ଅଲି ଖାନ୍, ଉଭୟଙ୍କ ଠିକଣା: ସା-ଧରାଧରପୁର, ପୋ.- ରଘୁନାଥପୁର, ଜିଲ୍ଲା-ଜଗତସିଂହପୁର-୭୫୪୧୩୨। | ଜମି ଏବଂ ଗୃହ ଯାହାର ଖାତା ନଂ.୩୪୦/୩୬, ପ୍ଲଟ ନଂ.୧୩୨୨, ଏରିଆ: ୦.୭୬ ଡିସିମିଲି (କିସମ-ଘରବାରି), ପ୍ଲଟ ନଂ.୧୩୫୩, ଏରିଆ: ୦.୧୪ ଡିସିମିଲି, ଏବଂ ପ୍ଲଟ ନଂ.୧୩୨୧, ଏରିଆ: ୦.୨୦ ଡିସିମିଲି (କିସମ ବିଆଳି ଦୁଇ ଫସଲି), ମୌଜା: କନ୍ଦରାପଟି, ଥାନା: ରଘୁନାଥପୁର ନଂ.୧୪୧, ତହସିଲି: ରଘୁନାଥପୁର ନଂ.୧୪୧, ଜିଲ୍ଲା-ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଫତିମା ବିବି, ଦକ୍ଷିଣ- କ୍ରେତା ନିଜେ, ପୂର୍ବ- ଗୋଲକ ରାଉତ, ପଶ୍ଚିମ- ରାସ୍ତା। | ୧୯.୧୦.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୨୪,୦୦,୭୭୨/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ସହୀଦ ନଗର ଶାଖା** ଋଣଗ୍ରହୀତା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ମେସର୍ସ ଲିଙ୍ଗରାଜ ସପ୍ଲାୟର ର ସତ୍ତ୍ୱାଧିକାରୀ, ବ୍ୟବସାୟ ଠିକଣା: ପ୍ଲଟ ନଂ. ଏଲ୍‌ବି-୨୯୬, ଭିମଟାଙ୍ଗି ଏଚ୍‌ବି କଲୋନୀ, ଫେଜ୍-୨, ଓଲ୍ଡ ଟାଉନ୍, ଭୁବନେଶ୍ୱର- | ଶ୍ରୀ ଲିଙ୍ଗରାଜ ପ୍ରଧାନଙ୍କ ନାମରେ ଥିବା ବାସପୋଯୋଗୀ ସମ୍ପତ୍ତି ଯାହାର ପ୍ଲଟ ନଂ.୩୩୦/୨୨୦୮, ଖାତା ନଂ.୯୯୪/୧୪୦, ମୌଜା: ଭୁବନେଶ୍ୱର, ୟୁନିଟ୍ ନଂ.୨୭, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୫୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୩୩୦(ପି), ପଶ୍ଚିମ- ରାସ୍ତା, ଉତ୍ତର- ପ୍ଲଟ ନଂ.୩୩୦(ପି), ଦକ୍ଷିଣ- ପ୍ଲଟ ନଂ.୨୯୭୩(ପି)। | ୨୬.୧୦.୨୦୨୨ | ୧୧.୦୧.୨୦୨୩ | ଟ.୪୬,୪୧,୩୩୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

୭୫୧୦୦୨, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭିମଟାଙ୍ଗି, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, **ଜାମିନ୍‌ଦାର: ଶ୍ରୀମତୀ ସିପ୍ରା ସୁନ୍ଦରାୟ,** ସ୍ୱା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭୁବନେଶ୍ୱର-୭୫୧୦୦୨।

ସ୍ଥାନ-ଭୁବନେଶ୍ୱର, ତାରିଖ-୧୧.୦୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ





**ଅତୀତର ସ୍ମୃତି ରୋମନ୍ଥନ ବନ୍ଧୁତ୍ୱକୁ ନିବିଡ଼ କରାଇଥାଏ**

କୁଜଙ୍ଗ, (ଡି.ଏନ.ଏ.): ଅତୀତର ସ୍ମୃତି ରୋମନ୍ଥନ ବନ୍ଧୁତ୍ୱରେ ନିବିଡ଼ତା ଆଣିଥାଏ। କୁଜଙ୍ଗ ବ୍ଲକ ଜନତା ବିଦ୍ୟାପୀଠ ଝିମାଣୀର ୧୯୯୨ ବ୍ୟାଚ୍ ବନ୍ଧୁ ମିଳନରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଶିକ୍ଷକ ମାୟାଧର ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସ୍ୱପ୍ନା ମଣ୍ଡପଠାରେ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ସଞ୍ଜୟ ରାଉତ, ବିପିନ ତ୍ରିପାଠୀ, ଅମିତାଭ ସାମନ୍ତରାୟ, ସୁକୁମାରୀ ସ୍ୱାଇଁ, କଲ୍ୟାଣୀ ତରାଇ, ଶର୍ମିଷ୍ଠା ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ଛାତ୍ର ଜୀବନର ସ୍ମୃତିକୁ ରୋମନ୍ଥନ କରିଥିଲେ। ଉକ୍ତ ଉତ୍ସବରେ ପ୍ରଭାତ ବେହେରା, ସତ୍ୟଭାମା ସେଠୀ, ସଲିଲ ବେହେରା, ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଉପସ୍ଥିତ ଛାତ୍ରାଛାତ୍ର ଗୁରୁ ମାୟାଧରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ତଟବନ୍ଧ ସୁରକ୍ଷା ନେଇ ଜିଲାପାଳଙ୍କୁ ଭର୍ତ୍ସନା

କେନ୍ଦ୍ରାପଡ଼ା ଅଫିସ, ୧୧।୧

ହରିଦାସପୁର-ପାରାଦୀପ ନୂଆ ବ୍ରଡ୍‌ଗେଜ ରେଳପଥରେ ମହାନଦୀ ଓ ବ୍ରାହ୍ମଣୀ ତଟର ଲଘୁ ଖଣିଜ ସମ୍ପଦ ବିନିଯୋଗ ବିରୋଧରେ ହୋଇଥିବା ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମାମଲାର ଶୁଣାଣୀ ଗତ ୯ ତାରିଖରେ ହୋଇଛି। କେନ୍ଦ୍ରାପଡ଼ା ଜିଲାପାଳ ଗତ ୬ ତାରିଖ ଓ ୨୦୨୨ ସେପ୍ଟେମ୍ବର ୨୨ରେ ପ୍ରଦାନ କରିଥିବା ସତ୍ୟପାଠରେ ସାଟେଲାଇଟ ସର୍ଭିଲାନ୍ସ ସହିତ ସିସିଟିଭି ଲଗାଇବା ସମ୍ପର୍କରେ ନୀରବ ରହିଥିବାରୁ ଜଷ୍ଟିସ ବି. ଅମିତ ସ୍ଥଲେକର ଓ ବିଶେଷଜ୍ଞ ସଭ୍ୟ ପ୍ରଫେସର ଏ. ସେନ୍ଥିଲ ଭେଲ ବିରକ୍ତ ପ୍ରକାଶ କରିଛନ୍ତି। ୨୦୨୧ ନଭେମ୍ବର ୧୮ରେ ପ୍ରଦାନ କରାଯାଇଥିବା ରାୟକୁ ଜିଲାପାଳ ବୁଝି ନ ଥିବା ଅଥବା ଜାଣିଶୁଣି ଏହାକୁ କାର୍ଯ୍ୟକାରୀ କରୁ ନ ଥିବା ଦର୍ଶାଇଛନ୍ତି। ଏଥିସହିତ ଆସନ୍ତା ଫେବୃୟାରୀ ୩ ସୁଦ୍ଧା ନିର୍ଦ୍ଦେଶନାମାକୁ କାର୍ଯ୍ୟାକାରୀ କରିବା ପାଇଁ ସମୟ ଦେଇଛନ୍ତି। ସେହି ନିର୍ଦ୍ଦେଶନାମାରେ ନଦୀତଟର ସୁରକ୍ଷା ପାଇଁ ସାଟେଲାଇଟ ସର୍ଭିଲାନ୍ସ ସହ ଆବଶ୍ୟକ ପଡିଲେ ସିସିଟିଭି ଲଗାଇବାକୁ ଏନ୍‌ଜିଟି ରାୟରେ ଉଲ୍ଲେଖ ଅଛି। ସେହିପରି ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା, ମାର୍ଶାଘାଇ, ଡେରାବିଶ ଓ କେନ୍ଦ୍ରାପଡ଼ା ତହସିଲ ଅଧୀନରେ ଲଘୁ ଖଣିଜ ସମ୍ପଦ ଲୁଟ୍‌ର କ୍ଷତି ଭରଣା ବାବଦ ୨,୫୫,୧୧,୬୩୨ ଟଙ୍କା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟକାରୀ କରିବାକୁ ଏହି ରାୟରେ ଉଲ୍ଲେଖ ହୋଇଥିଲା ।



ବ୍ରହ୍ମଣୀ ନଦୀ।

## ହରିଦାସପୁର ପାରାଦୀପ ରେଳୱେ ଏନ୍‌ଜିଟି ମାମଲା

- ସୁରକ୍ଷା ପାଇଁ ସାଟେଲାଇଟ ସର୍ଭିଲାନ୍ସ ସହିତ ସିସିଟିଭି
- ହାଇକୋର୍ଟ ଶୁଣାଣି ଅପେକ୍ଷାରେ ଅଢ଼େଇ କୋଟି ଟଙ୍କା ଜରିମାନା

ହରିଦାସପୁର ପାରାଦୀପ ରେଳପଥ ମୋଟ ୮୨ କିଲୋମିଟର ଲମ୍ବ। ଏହାର ନିର୍ମାଣ ସମୟରେ କେନ୍ଦ୍ରାପଡ଼ା ଜିଲାର ୪ ତହସିଲ ଅନ୍ତର୍ଗତ ୪୦ କିଲୋମିଟର ଲମ୍ବର ମହାନଦୀ ଓ ବ୍ରାହ୍ମଣୀ ତଟାଞ୍ଚଳରୁ ବାଲି, ମାଟି ଓ ଗୋଡି ନିର୍ମାଣକାରୀ ସଂସ୍ଥା ରେଳ ବିକାଶ ନିଗମ ଲିମିଟେଡ ଉଠାଇଥିଲେ । ଏହାକୁ ବିରୋଧକରି କେନ୍ଦୁଝରର ଶଶୀଭୂଷଣ ବେହେରା, କେନ୍ଦ୍ରାପଡ଼ା ଜିଲାର ଅଶେଷ କୁମାର ଖଟୁଆ, ଆଳୟ ସାମନ୍ତରାୟ ଓ ପ୍ରତାପ କୁମାର ମହାନ୍ତି ଏନ୍‌ଜିଟିରେ ୨୦୧୮ ଡିସେମ୍ବର ୧୨ରେ ମାମଲା (ନଂ.୫୫/୧୮) କରିଥିଲେ । ଏଥିରେ ରାଜ୍ୟ ସରକାର, କେନ୍ଦ୍ରାପଡ଼ା ଜିଲାପାଳ, ଆରଭିଏନ୍‌ଏଲ୍‌ର ମୁଖ୍ୟ ପ୍ରକଳ୍ପ ପରିଚାଳକଙ୍କ ସମେତ ମୋଟ ୧୨ ପ୍ରତିପକ୍ଷ ଅଛନ୍ତି । ଏନ୍‌ଜିଟିର ଶୁଣାଣୀ ସମୟରେ ବିଭିନ୍ନ ସମୟରେ ଏହି ମାମଲା ପାଇଁ ତଦନ୍ତ ହୋଇଛି । ଏପରିକି ଟ୍ରିବ୍ୟୁନାଲର ନିର୍ଦ୍ଦେଶକ୍ରମେ ରାଉରକେଲାସ୍ଥ ଏନ୍‌ଆଇଟିର ଗୋଟିଏ ଟିମ୍ ତଦନ୍ତ କରି ଫେରିଛନ୍ତି । ତଦନ୍ତ ସମୟରେ କେନ୍ଦ୍ରାପଡ଼ା ଜିଲାର ଏହି ୪ ତହସିଲ ଅଞ୍ଚଳରେ ଲଘୁ ଖଣିଜ ସମ୍ପଦ ଲୁଟ୍ ହୋଇଥିବା ନେଇ ରିପୋର୍ଟ ଏନ୍‌ଜିଟିକୁ ଦିଆଯାଇଛି। ରିପୋର୍ଟକୁ ଭିତ୍ତି କରି କେନ୍ଦ୍ରାପଡ଼ା ତହସିଲ ଅଞ୍ଚଳର କ୍ଷତିଭରଣା ପାଇଁ ୫୮,୪୮,୫୭୬ ଟଙ୍କା ଜରିମାନା ଦେବାକୁ ନିର୍ଣ୍ଣୟ ନିଆଯାଇଛି । ସେହିପରି ମାର୍ଶାଘାଇ ତହସିଲ ଅଞ୍ଚଳର କ୍ଷତି ପାଇଁ ୫୯,୨୦,୧୯୫ ଟଙ୍କା, ଡେରାବିଶର ୭୧,୦୬,୮୨୬ ଟଙ୍କା, ମହାକାଳପଡ଼ାର ୬୬,୩୬,୦୩୫ ଟଙ୍କା ଏପରି ମୋଟ ୨,୫୫,୧୧,୬୩୨ ଟଙ୍କା ଭରଣା କରିବାକୁ ନିର୍ଦ୍ଦେଶ ହୋଇଛି । ତେବେ ଏହି କ୍ଷତିଭରଣା ଟଙ୍କାକୁ ନେଇ ଆରଭିଏନ୍‌ଏଲ୍ ଉଚ୍ଚ ନ୍ୟାୟାଳୟର ଆଶ୍ରା ନେଇଛି । ଅପରପକ୍ଷେ ନଦୀ ତଟାଞ୍ଚଳରୁ କ୍ରମାଗତ ଖଣିଜ ଲଘୁ ସମ୍ପଦ ଚୋରି ନେଇ ଏନ୍‌ଜିଟି ରାୟରେ ଉଦ୍‌ବେଗ ପ୍ରକାଶ କରାଯାଇଛି । ତଟାଞ୍ଚଳର ସୁରକ୍ଷା ପାଇଁ ଖାଲ ସ୍ଥାନକୁ ପୋତିବା, ସଂରକ୍ଷଣ ପାଇଁ ବନୀକରଣ ଓ ଘାସ ବିଛାଇବା ପାଇଁ ଏହି ରାୟରେ ଉଲ୍ଲେଖ କରାଯାଇଛି । ଏହି ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ପରିଚାଳନା କରୁଥିଲେ।

## ଛାତରୁ ପଡ଼ି ଛାତ୍ରୀ ମୃତ

ଆଳି,୧୧।୧(ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ ଅରଗଳ ଶାସନ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଘର ଛାତ ଉପରେ ଖେଳୁଥିବା ବେଳେ ତଳକୁ ଖସିପଡ଼ି ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସେହି ଗ୍ରାମର ଅଶୋକ ଦାସଙ୍କ ଝିଅ ଶିଲ୍ପା। ବୁଧବାର ଅପରାହ୍ନରେ ସେ ଘର ଛାତ ଉପରେ ଖେଳୁଥିବା ବେଳେ ହଠାତ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ପରିବାର ଲୋକ ଯାଜପୁର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଲ୍ପା ନୃସିଂହ ଜୀଉ ଏଡିଏମ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସପ୍ତମ ଶ୍ରେଣୀ ଛାତ୍ରୀ ଥିଲେ। ଶିଲ୍ପା ତାଙ୍କ ପରିବାରର ଏକମାତ୍ର ଝିଅ ଥିଲେ। ଶିଲ୍ପାଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

ଆଳି,୧୧।୧(ଡି.ଏନ.ଏ.)

ଦୀର୍ଘଦିନ ଧରି ଦେଶ ମାତୃକାର ସେବା କରି ଅବସର ଗ୍ରହଣ କରିଥିବା ସେନା କର୍ମଚାରୀ ନିଆଳ ଗ୍ରାମର ଅମୂଲ୍ୟ ବାରିକଙ୍କ ବୁଧବାର ପରଲୋକ ହୋଇଯାଇଛି । ଏହି ଖବର ଜଣାପଡିବା ପରେ ନିଆଳ ସମେତ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ହେବ ସେ ମୁମ୍ବାଇରେ ରହୁଥିଲେ । ବୁଧବାର ସକାଳେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ମେଡିକାଲ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ତାଙ୍କ ମୃତଦେହକୁ ଆଳି ଅଣାଯିବା ପାଇଁ ପରିବାର ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରୟାଶ



@ ଅସିତ୍



@ ପ୍ରିୟବ୍ରତ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




## ଚର୍ମବିଣ୍ଡି ରୋଗରେ ୫ ଗାଈ ମୃତ

ବାଲିକୁଦା, ୧୧।୧(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ଅଞ୍ଚଳରେ ଚର୍ମବିଣ୍ଡି ରୋଗ ଦେଖାଦେଇଛି। ଏହି ରୋଗରେ ୭ ଦିନରେ ୫ ଗାଈଙ୍କ ମୃତ୍ୟୁ ଘଟିଛି। ବହୁ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗକୁ ନେଇ ଗୋପାଳକମାନେ ଚିନ୍ତାରେ ପଡିଛନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ଏ ଦିଗରେ ସେଭଳି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ବ୍ଲକର ଖାଲଗାଁ ପଞ୍ଚାୟତ ଶୋଭାଗାଁର ବିକ୍ରମ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ରାଜ କିଶୋର ସ୍ୱାଇଁ, ମହେଶ୍ୱର ନାୟକ ଓ ସନ୍ତୋଷ ଜେନାଙ୍କ ଗାଈ ମରିଥିବା ଜଣାପଡିଛି। ଗାଈଙ୍କଠାରେ ଏହି ରୋଗ ଦେଖା ଦେବାର ୨ରୁ ୩ଦିନ ମଧ୍ୟରେ ଡାକ୍ତରଙ୍କ ଚିକିତ୍ସା ସତ୍ତ୍ୱେ ମୃତ୍ୟୁ ଘଟୁଛି। ପ୍ରଥମେ ଗୋରୁଙ୍କ ଦେହରେ ଫୋଟକା ପରି ଚିହ୍ନ ହେଉଛି ପରେ ଗଳା ଫୁଲିବା ଓ ଦେହ ଫୁଲି ଯାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବୀର କିଶୋର ପରିଡାଙ୍କୁ ପଚାରିବାରେ ସେ ଏ ଦିଗରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

ଇଣ୍ଡିଆନ ବ୍ୟାଙ୍କ Indian Bank ଇଲାହାବାଦ ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ୍ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଶାଖା/ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ପଟିଆ ଶାଖା** ଋଣଗ୍ରହୀତାମାନେ: (୧) **ଶ୍ରୀ ପ୍ରଦୀପ୍ତ କୁମାର ସେନ୍**, ପିତା: ଶ୍ରୀ ରାମଚନ୍ଦ୍ର ସେନ୍, (୨) **ଶ୍ରୀମତୀ ଲିପିକା ଦାସ**, ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, **ଉଭୟଙ୍କ ଠିକଣା:** ସା-କାଞ୍ଛିଲୋ, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୧୦୧ । | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଛିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫ । | ୦୪.୦୯.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୩୫,୮୯,୩୪୧.୭୭ + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ସିରିଲୋ ଶାଖା** ଋଣଗ୍ରହୀତା/ବନ୍ଧକଦାତା: **ଶ୍ରୀ ମାସୁଦ୍ ଅଲି ଖାନ୍, ମେସର୍ସ କୋହିନୂର ଫ୍ଲାଏ ଆସ୍ ବ୍ରିକ୍ସର ସତ୍ତ୍ୱାଧିକାରୀ**, ପିତା: ୰ସେର୍ ଖାନ୍, **ଜାମିନ୍‌ଦାର: ଶ୍ରୀ ସହବାଜ ଅଲି ଖାନ୍**, ପିତା: ମାସୁଦ୍ ଅଲି ଖାନ୍, ଉଭୟଙ୍କ ଠିକଣା: ସା-ଧରାଧରପୁର, ପୋ.- ରଘୁନାଥପୁର, ଜିଲ୍ଲା-ଜଗତସିଂହପୁର-୭୫୪୧୩୨ । | ଜମି ଏବଂ ଗୃହ ଯାହାର ଖାତା ନଂ.୩୪୦/୩୬, ପ୍ଲଟ ନଂ.୧୩୨୨, ଏରିଆ: ୦.୭୬ ଡିସିମିଲି (କିସମ-ଘରବାରି), ପ୍ଲଟ ନଂ.୧୩୫୩, ଏରିଆ: ୦.୧୪ ଡିସିମିଲି, ଏବଂ ପ୍ଲଟ ନଂ.୧୩୨୧, ଏରିଆ: ୦.୨୦ ଡିସିମିଲି (କିସମ ବିଆଳି ଦୁଇ ଫସଲି), ମୌଜା: କନ୍ଦରାପଟି, ଥାନା: ରଘୁନାଥପୁର ନଂ.୧୪୧, ତହସିଲି: ରଘୁନାଥପୁର ନଂ.୧୪୧, ଜିଲ୍ଲା-ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଫତିମା ବିବି, ଦକ୍ଷିଣ- କ୍ରେତା ନିଜେ, ପୂର୍ବ- ଗୋଲକ ରାଉତ, ପଶ୍ଚିମ- ରସ୍ତା । | ୧୯.୧୦.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୨୪,୦୦,୭୭୨/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ସହୀଦ ନଗର ଶାଖା** ଋଣଗ୍ରହୀତା: **ଶ୍ରୀ ଲିଙ୍ଗରାଜ ପ୍ରଧାନ, ମେସର୍ସ ଲିଙ୍ଗରାଜ ସପ୍ଲାୟର ର ସତ୍ତ୍ୱାଧିକାରୀ**, ବ୍ୟବସାୟ ଠିକଣା: ପ୍ଲଟ ନଂ. ଏଲ୍‌ବି-୨୯୬, ଭିମଟାଙ୍ଗି ଏଚ୍‌ବି କଲୋନୀ, ଫେଜ୍-୨, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭିମଟାଙ୍ଗି, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, **ଜାମିନ୍‌ଦାର: ଶ୍ରୀମତୀ ସିପ୍ରା ସୁନ୍ଦରାୟ**, ସ୍ୱା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭୁବନେଶ୍ୱର-୭୫୧୦୦୨ । | **ଶ୍ରୀ ଲିଙ୍ଗରାଜ ପ୍ରଧାନ**ଙ୍କ ନାମରେ ଥିବା ବାସପୋଯୋଗି ସମ୍ପତ୍ତି ଯାହାର ପ୍ଲଟ ନଂ.୩୩୦/୨୨୦୮, ଖାତା ନଂ.୯୯୪/୧୪୦, ମୌଜା: ଭୁବନେଶ୍ୱର, ୟୁନିଟ୍ ନଂ.୨୭, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୫୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୩୩୦(ପି), ପଶ୍ଚିମ- ରାସ୍ତା, ଉତ୍ତର- ପ୍ଲଟ ନଂ.୩୩୦(ପି), ଦକ୍ଷିଣ- ପ୍ଲଟ ନଂ.୨୯୭୩(ପି) । | ୨୬.୧୦.୨୦୨୨ | ୧୧.୦୧.୨୦୨୩ | ଟ.୪୬,୪୧,୩୩୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୧.୦୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ



# ଇକୋ ଟୁରିଜମର ରାସ୍ତାରେ ଗଛ ବାଡ଼

- ଭଣ୍ଡାର ଜଙ୍ଗଲରୁ କଟାଯାଉଛି ଗଛ
- ନାମଫଳକ ନ ଥାଇ ଶିଶୁ ଉଦ୍ୟାନ କାମ
- ବର୍ଷାପୂର୍ବରୁ ରାସ୍ତା ଦବିବା ଆରମ୍ଭ ହେଲାଣି
- କାର୍ଯ୍ୟର ସ୍ଥାୟିତ୍ୱ ନେଇ ଉଠିଲାଣି ପ୍ରଶ୍ନ
- ଯନ୍ତ୍ର କରୁଛି କାମ, ସ୍ଥାନୀୟ ଲୋକଙ୍କୁ ମନା




ଇକୋ ଟୁରିଜମ ପାଇଁ ଚାଲିଛି ରାସ୍ତା ନିର୍ମାଣ।

ନୟାଗଡ଼ ଅଫିସ,୧୧।୧

ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଶରଣକୁଳ ଖାଡେଶ୍ୱରୀ ପୀଠର ସୌନ୍ଦର୍ଯ୍ୟ ବଢ଼ାଇବା ଓ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଁ ୬୨ ଲକ୍ଷ ଟଙ୍କା ବ୍ୟୟରେ ଶିଶୁ ଉଦ୍ୟାନ କାମ ଚାଲୁ ରହିଛି । ଏହି କାମ ଭଲ ହେଲେ ସେହି ସ୍ଥାନ ଇକୋ ଟୁରିଜମର ମାନ୍ୟତା ପାଇବ। ତେବେ ଏହାର ଶିଶୁ ଉଦ୍ୟାନ ପାଇଁ ଭଣ୍ଡାର ପାହାଡ଼କୁ ପଡୁଥିବା ରାସ୍ତାରେ ପ୍ରାୟ ୧୫ ଫୁଟ୍ ବ୍ୟବଧାନରେ ଗଛ ବାଡ଼ ଦିଆଯାଉଛି । ଜଙ୍ଗଲରୁ ଗଛ କାଟି ରାସ୍ତା ମଝିରେ ବାଡ଼ ଦେବା ପରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ଶିଶୁ ଉଦ୍ୟାନର ଉନ୍ନୟନ କାମ ହେଉଥିଲେ ମଧ୍ୟ ନାମ ଫଳକ ଦିଆଯାଇ ନାହିଁ । ପୁଣି ରାସ୍ତା କାର୍ଯ୍ୟ ବର୍ଷା ନ ହେଉଣୁ ଦବିବାରୁ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି । ସେହିପରି ଉନ୍ନୟନ କାର୍ଯ୍ୟରେ ଜେସିବି ଲଗାଇ କାମ କରାଯାଉଛି । ପର୍ଯ୍ୟଟନ ପୀଠ ପାଖ ଗାଁ ଶରଣକୁଳ ହୋଇଥିଲେହେଁ ଏଠାକାର ଅଞ୍ଚଳର ଶ୍ରମିକଙ୍କୁ ଅଣଦେଖା କରାଯାଇ ନନ୍ଦିଘୋର ଜବ୍‌କାର୍ଡଧାରୀଙ୍କ ନାଁରେ ବିଲ୍ କରାଯାଉଛି ବୋଲି ଅଭିଯୋଗ ଉଠିଛି । ପୁଣି ଏଠାର ଉନ୍ନୟନ କାର୍ଯ୍ୟ ଠିକାଦାର କରୁ ନ ଥିବାବେଳେ ପଞ୍ଚରିଡ଼ା ବନବିଭାଗ ପକ୍ଷରୁ କରାଯାଉଛି। ବନବିଭାଗର କର୍ମଚାରୀ ଓ ଅଧିକାରୀ ଜଙ୍ଗଲ ତଦାରଖ ଓ ସୁରକ୍ଷା କାର୍ଯ୍ୟ ଛାଡି ନିର୍ମାଣ କାର୍ଯ୍ୟରେ ସମୟ ଦେଉଥିବାରୁ ଜଙ୍ଗଲ ପଦା ହେବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, ହରିଣ ପାର୍କର କାର୍ଯ୍ୟ ଠିକ୍ ଭାବେ କରାଯାଉନି । ପାହାଡ଼କୁ ଉଠିବା ରାସ୍ତା କାର୍ଯ୍ୟ କେବଳ ମାଟି ଉପରେ ଇଟା ପକାଇ ସିମେଣ୍ଟ ବାଲି ପୋତା ଯାଉଛି । ବର୍ଷା ହେଲେ ଏହା ଦବିବାର ସମ୍ଭାବନା ରହିଛି । ବର୍ଷ ନ ହେବା ପୂର୍ବରୁ କେତେକ ସ୍ଥାନରେ ରାସ୍ତା ଦବିବାକୁ ଲାଗିଛି। ଶ୍ରମିକଙ୍କ କାମ ଜେସିବି କରୁଛି। କିନ୍ତୁ କାଗଜାତ୍ ଜବ୍‌କାର୍ଡଧାରୀଙ୍କ ନାଁରେ ବିଲ୍ ହେଉଛି । କିଛି ମାସ ତଳେ ଲାଞ୍ଚ ନେଇ ନିଲମ୍ବିତ ହୋଇଥିବା ବନପାଳ ଉନ୍ନୟନ କାମ କରୁଥିବାରୁ ଅସନ୍ତୋଷ ବଢ଼ୁଛି । ଏନେଇ ପଞ୍ଚରିଡା ରେଞ୍ଜର ଅର୍ଚ୍ଚନା ଗମାଙ୍ଗଙ୍କୁ ପଚାରିବାରୁ ସେ କିଛି ନ କହି ଏଡାଇ ଯାଇଥିଲେ । ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କୁ ପଚାରିବାରୁ କହିଥିଲେ, ରାସ୍ତା ମଝିରେ ଯେଉଁ ଗଛର ବାଡ଼ ଦିଆଯାଉଛି ତାହା ସ୍ଲୋପ୍ ପାଇଁ ବ୍ୟବହାର କରାଯାଉଛି। ପାର୍କ ଖୋଳା ବେଳେ ବାହାରିଥିବା କିଛି ଗଛକୁ କାଟି ଦିଆଯାଉଛି, ଯାହାକି ପାର୍କର ସୌନ୍ଦର୍ଯ୍ୟକୁ ବଢ଼ାଇବ । ଏହି ଗଛଗୁଡିକ ନଷ୍ଟ ନ କରି ଏହାର ଅଂଶକୁ ବ୍ୟବହାର କରାଯାଇଛି । ରାସ୍ତା ଦବିବାରେ ସତ୍ୟତା ନାହିଁ । ଜେସିବି ନ ଲଗାଇଲେ କାମ ଠିକ ସମୟରେ ଶେଷ ହେବନି । ପୁଣି ଶ୍ରମିକ ଦ୍ୱାରା କାମ କଲେ ଅନୁଦାନ ପାଇବ ନାହିଁ । ନାମ ଫଳକ କାମ ଶେଷ ହେଲେ ଲାଗିବ । ଶିଶୁ ଉଦ୍ୟାନ କୁହାଯାଉଥିଲେ ହେଁ ସମ୍ପୃକ୍ତ ପୀଠ ଇକୋ ଟୁରିଜିମର ମାନ୍ୟତା ପାଇବ । ସ୍ଥାନୀୟ ଲୋକଙ୍କୁ ବନବିଭାଗ ହସ୍ତାନ୍ତର କରିବ । ଉନ୍ନୟନ କାମ ଠିକ୍ ଭାବେ କରାଯାଉଛି । ଯଦି କିଛି ଅସୁବିଧା ରହୁଛି ତାର ତୁରନ୍ତ ପରିବର୍ତ୍ତନ କରାଯିବ । ଆରସିଏଫ୍ ମନୋଜ ମହାପାତ୍ର କୁହନ୍ତି, ଖାଡେଶ୍ୱରୀ ପୀଠର ଶିଶୁ ଉଦ୍ୟାନ କାର୍ଯ୍ୟ ଭଲ ଭାବେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି କିଛି ତ୍ରୁଟି ବା ଅସୁବିଧା ରହୁଛି ସେ ଏନେଇ ଅନୁଧ୍ୟାନ କରିବେ ବୋଲି କହିଛନ୍ତି । ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ କୁହନ୍ତି, ମୁଁ ଖାଡେଶ୍ୱରୀ ପୀଠକୁ ଯାଇ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରୟାଶ



@ ଅସିତ୍



@ ପ୍ରିୟବ୍ରତ



@ ସୁଧାଂଶୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପାକ୍ସ ସମ୍ପାଦକ କିଣିଲେନି ଧାନ

**ମାନ ପରୀକ୍ଷଣ ହେଲା, ମିଲର ଅନୁଧ୍ୟାନ କଲେ**

**ନୟାଗଡ଼ ଅଫିସ,୧୧।୧:** ନୟାଗଡ଼ ଜିଲା ଶରଣକୁଳ ଆଞ୍ଚଳିକ ମଣ୍ଡିକୁ ଚାଷୀ ଧାନ ବିକ୍ରି କରିବାକୁ ଆସିଥିଲେ । ଚାଷୀଙ୍କ ଧାନ କିଣିବାକୁ ପାକ୍ସ ସମ୍ପାଦକ କହିଲେ । ଆରଏମସି ପକ୍ଷରୁ ଧାନର ମାନ ପରୀକ୍ଷଣ ହେଲା । ଭଲ ଧାନ ଅଛି କୁହାଗଲା । କିଛି ସମୟ ପରେ ମିଲର ଆସି ମଣ୍ଡିକୁ ବୁଲି ଚାଲିଗଲେ। ଆରଏମ୍‌ସି କର୍ମଚାରୀ ମଧ୍ୟ ଚାଲିଗଲେ । ପାକ୍ସ ସମ୍ପାଦକ ଧାନ କିଣି ହେବନି, ମିଲର୍ସ ଆସି ଫେରିଗଲେ କହି ଚାଲିଗଲେ । ବିଚରା ଚାଷୀ ଧାନ ବିକ୍ରି ପାଇଁ ଅପେକ୍ଷା କରିଛି । ଏଣୁ ଶୀତ କାକରରେ ଚାଷୀ ପଡି ରହିଥିବାବେଳେ ଜିଲାପାଳଙ୍କ ଆଦେଶକୁ ପାକ୍ସ ସମ୍ପାଦକେ ଅଣଦେଖା କରି ଧାନ କିଣି ନାହାନ୍ତି ।

## ହରିଣ ମୁଣ୍ଡ ସହ ୬୦ କେଜି ମାଂସ ଜବତ

**ଅଟକ ଶିକାରୀଙ୍କୁ ଚାଲିଛି ପଚରାଉଚୁରା**

ନୟାଗଡ଼ ଅଫିସ/ଗଣିଆ, ୧୧।୧(ଡି.ଏନ୍.ଏ.)

ନୟାଗଡ଼ ଜିଲା ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଛାମୁଣ୍ଡିଆ ବନାଞ୍ଚଳ ପକ୍ଷରୁ ବେଷ୍ଟପଡା ଗାଁର ଚଢ଼ାଉ କରାଯାଇ ହରିଣ ମୁଣ୍ଡ ସହ ୬୦ କେଜି ମାଂସ ଜବତ ହୋଇଛି । ଜବତ ମାଂସକୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦିଆଯାଇଛି । ହରିଣ ଶିକାର ଅଭିଯୋଗରେ ବେଷ୍ଟପଡା ଗାଁର ଅଭି ରଣା(୪୫)ଙ୍କୁ ଅଟକ ରଖା ଯାଇ ପଚରାଉଚୁରା କରାଯାଉଛି । ଏହି ଶିକାର ଘଟଣାରେ ଅନ୍ୟ କେତେଜଣ ଲୋକ ସମ୍ପୃକ୍ତି ଥିବାର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପଚରାଉଚୁରା ଚାଲିଛି । ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବୁଧବାର ପୂର୍ବାହ୍ନରେ ବେଷ୍ଟପଡ଼ା ଗାଁର ଅଭି ରଣା ଘର ଉପରେ ଚଢ଼ାଉ କରାଯାଇ ହରିଣ ମାଂସ ଜବତ କରାଯାଇଥିଲା । ଅଭି କୁହନ୍ତି, ମୁଁ ଶିକାରୀ ନୁହ । ବୁଧବାର ସକାଳେ ମାଙ୍କଡ ଘଉଡାଉଥିବାବେଳେ ଏକ ହରିଣ କରେଣ୍ଟ ଫାଶରେ ପଡିଥିବା ଦେଖିବାକୁ ପାଇଲି । ପାଖକୁ ଯିବାରେ ହରିଣଟି ମରି ଯାଇଥିବାର ଦେଖିଥିଲି । ଲୋଭରେ ହରିଣକୁ ଘରକୁ ଆଣି ମାଂସ କାଟୁଥିବା ସମୟରେ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ପହଞ୍ଚି ମୋତ ଗିରଫ କରିଛନ୍ତି । ତଦନ୍ତ କଲ ସତ୍ୟ ପଦାକୁ ଆସିବ ।

## ଗୋଟିଏ ବଖରା ଜଳିଗଲା

ଶରଣକୁଳ,୧୧।୧(ଡି.ଏନ.ଏ.)

ବୁଧବାର ଦିନ ୧୧ଟା ସମୟରେ ଶରଣକୁଳ ଥାନା ଅନ୍ତର୍ଗତ ବରସାହି ଗ୍ରାମର ଲକ୍ଷ୍ମୀଧର ଉତରାଙ୍କ ଏକ ବଖରା ଘର କୌଣସି କାରଣରୁ ନିଆଁ ଲାଗି ପୋଡ଼ି ଯାଇଛି । ଖବର ପାଇ ଓଡ଼ଗାଁରୁ ଅଗ୍ନିଶମ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ । ହେଲେ ଘରେ ଥିବା ବହୁ ମୂଲ୍ୟବାନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି ।







इंडियन बैंक Indian Bank
इलाहाबाद ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।
***ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।***

| ଶାଖା/ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|
| **ପଟିଆ ଶାଖା** ଋଣଗ୍ରହୀତାମାନେ: (୧) ଶ୍ରୀ ପ୍ରଦୀପ୍ତ କୁମାର ସେନ୍, ପିତା: ଶ୍ରୀ ରାମଚନ୍ଦ୍ର ସେନ୍, (୨) ଶ୍ରୀମତୀ ଲିପିକା ଦାସ, ସ୍ୱା: ଶ୍ରୀ ପ୍ରଦୀପ୍ତ କୁମାର ସେନ୍, **ଉଭୟଙ୍କ ଠିକଣା:** ସା-କାଞ୍ଛିଲୋ, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା- ୭୫୨୧୦୧ । | ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୨୦/୭୪୬, ଖାତା ନଂ.୨୪୯/୨୪୦, ସବ୍ ପ୍ଲଟ ନଂ.୧୬, ମୌଜା: କାଞ୍ଛିଲୋ, ଥାନା: ବାଲିଅନ୍ତା, ଥାନା ନଂ.୨୦, ତହସିଲି/ ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ୦.୦୩୬ ଡିସିମିଲି (୧୬୦୦ ବର୍ଗଫୁଟ), ଆରଏସ୍‌ଡି ନଂ.୧୧୮୨୧୮୦୪୧୧୬, ତାରିଖ: ୨୯.୧୨.୨୦୧୮, ଏହାର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ସବ୍ ପ୍ଲଟ ନଂ.୧୨ ଏବଂ ୧୩, ପୂର୍ବ- ସବ୍ ପ୍ଲଟ ନଂ.୧୭, ପଶ୍ଚିମ- ସବ୍ ପ୍ଲଟ ନଂ.୧୫ । | ୦୪.୦୯.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୩୫,୮୯,୩୪୧.୭୭ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ସିରିଲୋ ଶାଖା** ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ମାସୁଦ୍ ଅଲି ଖାନ୍, ମେସର୍ସ କୋହିନୁର ଫ୍ଲାଏ ଆସ୍ ବ୍ରିକ୍ସର ସତ୍ତ୍ୱାଧିକାରୀ, ପିତା: ୰ସେର୍ ଖାନ୍, **ଜାମିନ୍‌ଦାର: ଶ୍ରୀ ସହବାଜ ଅଲି ଖାନ୍,** ପିତା: ମାସୁଦ୍ ଅଲି ଖାନ୍, ଉଭୟଙ୍କ ଠିକଣା: ସା-ଧରାଧରପୁର, ପୋ.- ରଘୁନାଥପୁର, ଜିଲ୍ଲା-ଜଗତସିଂହପୁର-୭୫୪୧୩୨ । | ଜମି ଏବଂ ଗୃହ ଯାହାର ଖାତା ନଂ.୩୪୦/୩୬, ପ୍ଲଟ ନଂ.୧୩୨୨, ଏରିଆ: ୦.୭୬ ଡିସିମିଲି (କିସମ-ଘରବାରି), ପ୍ଲଟ ନଂ.୧୩୫୩, ଏରିଆ: ୦.୧୪ ଡିସିମିଲି, ଏବଂ ପ୍ଲଟ ନଂ.୧୩୨୧, ଏରିଆ: ୦.୨୦ ଡିସିମିଲି (କିସମ ବିଆଳି ଦୁଇ ଫସଲି), ମୌଜା: କନ୍ଦରାପଟି, ଥାନା: ରଘୁନାଥପୁର ନଂ.୧୪୧, ତହସିଲି: ରଘୁନାଥପୁର ନଂ.୧୪୧, ଜିଲ୍ଲା-ଜଗତସିଂହପୁର, ଏହାର ଚାରିପାର୍ଶ୍ୱରେ: ଉତ୍ତର- ଫତିମା ବିବି, ଦକ୍ଷିଣ- କ୍ରେତା ନିଜେ, ପୂର୍ବ- ଗୋଲକ ରାଉତ, ପଶ୍ଚିମ- ରାସ୍ତା । | ୧୯.୧୦.୨୦୨୨ (ଖବରକାଗଜ ପ୍ରକାଶନ ମାଧ୍ୟମରେ) | ୦୭.୦୧.୨୦୨୩ | ଟ.୨୪,୦୦,୭୭୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |
| **ସହୀଦ ନଗର ଶାଖା** ଋଣଗ୍ରହୀତା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ମେସର୍ସ ଲିଙ୍ଗରାଜ ସପ୍ଲାୟର ର ସତ୍ତ୍ୱାଧିକାରୀ, ବ୍ୟବସାୟ ଠିକଣା: ପ୍ଲଟ ନଂ. ଏଲ୍‌ବି-୨୯୬, ଭିମଟାଙ୍ଗି ଏଚ୍‌ବି କଲୋନୀ, ଫେଜ୍-୨, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭିମଟାଙ୍ଗି, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, **ଜାମିନ୍‌ଦାର: ଶ୍ରୀମତୀ ସିପ୍ରା ସୁନ୍ଦରାୟ,** ସ୍ୱା: ଶ୍ରୀ ଲିଙ୍ଗରାଜ ପ୍ରଧାନ, ବାସସ୍ଥାନ ଠିକଣା: ପ୍ଲଟ ନଂ.୩୩୦/୨୨୦୮, ଲିଙ୍ଗରାଜ ନଗର, ଲେନ୍ ୧୮, ଭୁବନେଶ୍ୱର-୭୫୧୦୦୨ । | ଶ୍ରୀ ଲିଙ୍ଗରାଜ ପ୍ରଧାନଙ୍କ ନାମରେ ଥିବା ବାସପୋଯୋଗି ସମ୍ପତ୍ତି ଯାହାର ପ୍ଲଟ ନଂ.୩୩୦/୨୨୦୮, ଖାତା ନଂ.୯୯୪/୧୪୦, ମୌଜା: ଭୁବନେଶ୍ୱର, ୟୁନିଟ୍ ନଂ.୨୭, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏରିଆ: ଏ୦.୫୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ: ପୂର୍ବ- ପ୍ଲଟ ନଂ.୩୩୦(ପି), ପଶ୍ଚିମ- ରାସ୍ତା, ଉତ୍ତର- ପ୍ଲଟ ନଂ.୩୩୦(ପି), ଦକ୍ଷିଣ- ପ୍ଲଟ ନଂ.୨୯୭୩(ପି) । | ୨୬.୧୦.୨୦୨୨ | ୧୧.୦୧.୨୦୨୩ | ଟ.୪୬,୪୧,୩୩୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୧.୦୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ





ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନ୍‌ଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ- ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ- ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର। -ଶ୍ରୀଅରବିନ୍ଦ



# ସଙ୍କଟରେ ଚାଇନାର ଏକଚ୍ଛତ୍ରବାଦ



ଇଆନ୍ ବୁରୁମା

ନିକଟ ଅତୀତ ଯାଏ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତାଙ୍କ କୋଭିଡ୍ ନିୟନ୍ତ୍ରଣ ନୀତିକୁ ପ୍ରଶଂସା କରିବା ସହ ତାହାକୁ ମହତ୍ତ୍ୱପୂର୍ଣ୍ଣ ବୋଲି କହିଆସିଥିଲେ। ଚାଇନା ଭଳି ଏକଚ୍ଛତ୍ରବାଦୀ ତଥା ଏକ ଦଳୀୟ ଶାସିତ ଦେଶ ସ୍ୱାର୍ଥବାଦୀ ରାଜନେତା ଏବଂ ଅସ୍ଥିର ମତଦାତାଙ୍କ ଅବ୍ୟବସ୍ଥିତ ଗଣତନ୍ତ୍ରଗୁଡ଼ିକ ତୁଳନାରେ କୋଭିଡ ମାହାମାରୀ ମୁକାବିଲା କରିବାରେ ସମ୍ପୂର୍ଣ୍ଣ ସକ୍ଷମ ବୋଲି ସେ ପ୍ରତିପାଦିତ କରିଥିଲେ। ୨୦୨୦ରେ ଅନେକ ହଜାର ଆମେରିକୀୟଙ୍କର କୋଭିଡ୍‌ରେ ମୃତ୍ୟୁ ଘଟୁଥିଲାବେଳେ ଜିନ୍‌ପିଙ୍ଗ୍‌ଙ୍କ କଥା ସେତେବେଳେ ଅନେକଙ୍କୁ ବିଶ୍ୱସନୀୟ ମନେହୋଇଥିଲା। ଏହି ସମୟରେ ଜିନ୍‌ପିଙ୍ଗ୍ କଠୋର ମହାମାରୀ କଟକଣା ଜାରି କରି ପ୍ରାୟତଃ ସାରା ଦେଶରେ ଲକ୍‌ଡାଉନ ଲାଗୁ କରିଥିଲେ। ଲୋକମାନଙ୍କୁ ସଙ୍ଗରୋଧ ଶିବିରରେ ରହିବାକୁ ବାଧ୍ୟ କରିଥିଲେ। କିଛି ସମୟ ପାଇଁ ଏହି କଠିନ ଶାସନ ଅନ୍ୟ ଦେଶଗୁଡ଼ିକ ତୁଳନାରେ କୋଭିଡ୍ ମୃତ୍ୟୁକୁ କମାଇବା (ଯଦିଓ ମୃତ୍ୟୁକୁ ନେଇ ଚାଇନା ସରକାରଙ୍କ ତଥ୍ୟ ପୂରା ଅବିଶ୍ୱସନୀୟ ରହିଥିଲା) ଦେଖାଯାଇଥିଲା। କିନ୍ତୁ କୋଭିଡ୍ ନିୟନ୍ତ୍ରଣ ରଣନୀତି ଚାଇନାର ଅତ୍ୟଧିକ ଆର୍ଥିକ କ୍ଷତି ଲୋକମାନଙ୍କୁ ଏଭଳି ଦୁର୍ଦ୍ଦଶାକୁ ଠେଲି ଦେଇଥିଲା ଯେ, ଅନେକେ ଶେଷରେ ରାସ୍ତାକୁ ଓହ୍ଲାଇଥିଲେ। ତଥାପି ଲୋକଙ୍କ ଜୀବନ ରକ୍ଷା କରିବା ଲାଗି ଯାହା ଦରକାର ତାହା କରୁଛନ୍ତି ବୋଲି ଶି ଦାବି କରିଥିଲେ। ପରେ ଗତ ବର୍ଷ ଶେଷାର୍ଦ୍ଧରେ, ଚାଇନାର ସବୁଆଡେ ସହରଗୁଡ଼ିକରେ ଯେତେବେଳେ ପ୍ରତିବାଦ ଦେଖାଦେଲା ସେତେବେଳେ କୋଭିଡ୍ ଯୁଦ୍ଧ ହଠାତ୍ ବନ୍ଦ କରାଗଲା ବୋଲି ଘୋଷଣା କରାଗଲା। ତା'ପରେ ଲକ୍‌ଡାଉନ୍ ଏପରିକି ନିୟମିତ ପିସିଆର୍ ଟେଷ୍ଟ ବନ୍ଦ ହୋଇଗଲା। ଗତବର୍ଷର ଅଭୂତପୂର୍ବ ପ୍ରତିବାଦ ପରେ କୋଭିଡ୍-୧୯ କ୍ଷତିକାରକ ନୁହେଁ ବୋଲି ଚାଇନା ବିଚାର କରୁଥିଲା। କିନ୍ତୁ ପରିଣାମ ଏବେ ଭୟଙ୍କର ହେଲା। ଶି'ଙ୍କ ନୀତିରେ ହଠାତ୍ ପରିବର୍ତ୍ତନ ଏବଂ ଚାଇନା ନିର୍ମିତ ଦୁର୍ବଳ ଟିକା ନେବା ହାର କମ୍ ରହିବା କାରଣରୁ ଏବେ ପ୍ରତିଦିନ ପାଖାପାଖି ୯,୦୦୦ ଲୋକଙ୍କର ମୃତ୍ୟୁ ଘଟୁଛି। ଡିସେମ୍ବର ପ୍ରାରମ୍ଭରେ କୋଭିଡ୍ କଟକଣା ଉଠିଯିବା ପରେ ୧୮.୬ ମିଲିୟନ ଲୋକ ଏଥିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏହି ସ୍ଥିତି ଆହୁରି ଖରାପ ହୋଇପାରେ।

ଏହିସବୁ ଘଟଣାଗୁଡ଼ିକୁ ଲକ୍ଷ୍ୟ କଲେ ଭାରତୀୟ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍‌ଙ୍କ କଥା ଉଚିତ ମନେହୁଏ। ୧୯୮୩ରେ ସେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଖାଦ୍ୟାଭାବରୁ ଦୁର୍ଭିକ୍ଷ ହୁଏ ନାହିଁ ବରଂ ତଥ୍ୟ ଓ ରାଜନୈତିକ ଦାୟିତ୍ୱବୋଧ ଅଭାବରୁ ଏହା ଘଟିଥାଏ। ଉଦାହରଣସ୍ୱରୂପ, ରାଜନୈତିକ ଦାୟିତ୍ୱବୋଧ ଅଭାବରୁ ବ୍ରିଟିଶ ଶାସନ ଅମଳରେ ୧୯୪୩ ବଙ୍ଗ ଦୁର୍ଭିକ୍ଷ ଥିଲା ଭାରତର ସବୁଠାରୁ ଦୁଃଖଦାୟକ। ହେଲେ ଭାରତ ସ୍ୱାଧୀନତା ପାଇବା ପରେ ଦେଶରେ ସ୍ୱାଧୀନ ଗଣମାଧ୍ୟମ ଓ ଗଣତାନ୍ତ୍ରିକ ସରକାର ତ୍ରୁଟିପୂର୍ଣ୍ଣ ଥିଲେ ମଧ୍ୟ ସମାନ ପ୍ରକାର ବିପର୍ଯ୍ୟୟକୁ ଦୂର କରିପାରିଲେ। ତେବେ ସେନ୍‌ଙ୍କ ମନ୍ତବ୍ୟ ସେବେଠାରୁ ଗଣତନ୍ତ୍ରରେ ସ୍ୱୀକୃତ ମତ ଭାବେ ରହିଆସିଛି। ସେନ୍ ସୂଚିତ କରିଥିଲେ ଯେ,ଏକ କାର୍ଯ୍ୟରତ ଗଣତନ୍ତ୍ରରେ କେବେ ବି ଦୁର୍ଭିକ୍ଷ ଦେଖାଯାଇନାହିଁ। ଏବେ ଗଣତନ୍ତ୍ରରେ ନୁହେଁ ବରଂ ଗଣତନ୍ତ୍ରର ଆଢୁଆଳରେ ଏକଚ୍ଛତ୍ରବାଦରେ କ୍ଷତି ହେବା ସ୍ପଷ୍ଟ ହେଉଛି। ଚାଇନାର ଏକ ଦଳୀୟ ବ୍ୟବସ୍ଥା ଏବଂ ବିଶେଷକରି ଜଣେ ବ୍ୟକ୍ତିଙ୍କ ଶାସନ ଏକଚ୍ଛତ୍ର ରାଷ୍ଟ୍ରବାଦକୁ ସାବ୍ୟସ୍ତ କରେ ଯାହା ଫାସିବାଦ ସିଦ୍ଧାନ୍ତ ଉପରେ ଆଧାରିତ। ଯେଉଁଠି ହିଟଲରଙ୍କ ଭଳି ଜଣେ ନେତା ଶେଷ ନିଷ୍ପତ୍ତି ନେଇଥାନ୍ତି ଓ ଏହା ଏବେ କ୍ଷତିର କାରଣ ହୋଇଛି।



ସମ୍ଭବତଃ, ଜଣଙ୍କ ଦ୍ୱାରା ବ୍ୟବସ୍ଥାରେ ସମସ୍ତ ନିଷ୍ପତ୍ତି ନିଆଯାଉଥିବା ଏକଚ୍ଛତ୍ରବାଦର କିଛି ଲାଭ ଥାଇପାରେ। ଉପରୁ ତଳ ଯାଏ ନିଆଯାଉଥିବା ନିଷ୍ପତ୍ତିଗୁଡ଼ିକ ବହୁ ସମୟରେ ଯୋଗ୍ୟ ଟେକ୍‌ନୋକ୍ରାଟଙ୍କ ଦ୍ୱାରା ଲାଗୁ କରାଯାଇଥାଏ। ଏଭଳି ପ୍ରକ୍ରିୟାରେ ମାତ୍ର କେଇଟା ବର୍ଷ ମଧ୍ୟରେ ଚାଇନା ରେଲୱେରେ ଦ୍ରୁତ ଅଗ୍ରଗତି, ଆକର୍ଷଣୀୟ ତଥା ବ୍ୟୟବହୁଳ ରାଜପଥ, ଉତ୍କୃଷ୍ଟ ବିମାନବନ୍ଦର ଗଢିବାରେ ସକ୍ଷମ ହୋଇପାରିଛି। କମ୍ୟୁନିଷ୍ଟ ପାର୍ଟି ଶାସନରେ ଥିବାରୁ ସାର୍ବଜନୀନ ମତ କିମ୍ବା ସଂସଦୀୟ ବିତର୍କ ଭଳି ବାଧା ଏହାର ବାଟରେ ବାଧା ସୃଷ୍ଟି କରିପାରିନାହିଁ। କିନ୍ତୁ ବାସ୍ତବରେ ଯେତେବେଳେ ଭୂମିକମ୍ପ, ମହାମାରୀ ଭଳି ଏକ ସଙ୍କଟ ଆସେ ସେତେବେଳେ ଏକଚ୍ଛତ୍ରବାଦ ନିଷ୍ପତ୍ତିଭିତ୍ତିକ ଶାସନର ଦୁର୍ବଳତା ପ୍ରକାଶ ପାଏ। ସେଥିପାଇଁ ଏକଚ୍ଛତ୍ରବାଦୀ ଶାସକମାନଙ୍କୁ ଲୁଚିବାକୁ କିମ୍ବା ପରିସଂଖ୍ୟାନକୁ ଅତିରଞ୍ଜିତ କରି କହିବା ଦରକାର ପଡ଼େ ଏବଂ ଉହାନର ଡାକ୍ତର ଲି ୱେନଲିଆଙ୍ଗ ଭଳି ସମାଲୋଚକଙ୍କ ମୁହଁ ବନ୍ଦ କରିବାକୁ ପଡ଼େ। ଲି ପ୍ରଥମେ କୋଭିଡ୍-୧୯ ବିପଦ ସମ୍ପର୍କରେ ୨୦୧୯ରେ ସୂଚିତ କରିଥିଲେ। ତେବେ ୨୦୨୦ ପ୍ରାରମ୍ଭରେ ତାଙ୍କର ମୃତ୍ୟୁ ହେବା ପୂର୍ବରୁ ଭୁଲ୍ ତଥ୍ୟ ପ୍ରଚାର କରିଥିବା ଅଭିଯୋଗ କରାଯାଇ ତାଙ୍କୁ ସାଧାରଣରେ ନିନ୍ଦିତ କରାଯାଇଥିଲା।

ଅନ୍ୟପକ୍ଷରେ ଗଣତନ୍ତ୍ର ରାଷ୍ଟ୍ର ଆମେରିକାରେ ୨୦୨୦ ରାଷ୍ଟ୍ରପତି ନିର୍ବାଚନ ହାରିଯିବାର ଭୟ ଟ୍ରମ୍ପ୍‌ଙ୍କୁ ଅଧିକ ଅର୍ଥ ଟିକା ଗବେଷଣା ଓ ବିକାଶରେ ନିବେଶ କରିବାକୁ ବାଧ୍ୟ କରିଥିଲା। ବିପର୍ଯ୍ୟୟ ମୁକାବିଲାରେ କିମ୍ବା ମହାମାରୀ ପ୍ରତି ଗଣତାନ୍ତ୍ରିକ ପ୍ରତିକ୍ରିୟା ଯାହା ରହିବା କଥା ତାହା ହୋଇଛି। ଗଣମାଧ୍ୟମ ଓ ଜନସାଧାରଣ ସତର୍କତାର ସହ ସରକାରୀ ତଥ୍ୟକୁ ନିରୀକ୍ଷଣ କରିଥିଲେ, ଅଧିକ ଲୋକ ଟିକା ନେଇଥିଲେ ଏବଂ ଆମେରିକା ଭଳି ଅନ୍ୟ ପାଶ୍ଚାତ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ଧୀରେ ଧୀରେ କଟକଣା ମୁକ୍ତ କରି ସାଧାରଣ ସୁରକ୍ଷାରେ ସେମାନଙ୍କ ବିଜ୍‌ନେସକୁ ଯିବାକୁ ଲାଗି ସକ୍ଷମ କରିଥିଲେ। କିନ୍ତୁ ସମ୍ପୂର୍ଣ୍ଣ ରାଜନୈତିକ ଓ ସାର୍ବଭୌମତ୍ୱ କ୍ଷମତାରେ ଶି'ଙ୍କ ଆକାଂକ୍ଷା ଥିବାରୁ ଚାଇନାର ଅତ୍ୟଧିକ କ୍ଷତି ଘଟିଲା। କ୍ଷମତାରେ କମ୍ୟୁନିଷ୍ଟ ପାର୍ଟି ତାହାର ଏକଚାଟିଆ ମନୋଭାବ ସିଦ୍ଧ କରିବାକୁ ତ୍ରୁଟି କରୁ ନ ଥିବା ବାହାନା କରିଆସିଛି, ଯେଉଁଥିପାଇଁ ଏହାର ତ୍ରୁଟିକୁ ଦାୟୀ କରିବା ସମ୍ଭବ ହେଉନାହିଁ। ଏବେ ବି ୧୯୫୦ ଦଶନ୍ଧିର ଦେଶବ୍ୟାପୀ ଦୁର୍ଭିକ୍ଷ ପାଇଁ ମାଓ ଜେଡଙ୍ଗଙ୍କ ଆର୍ଥିକ ଓ ସାମାଜିକ ଅଭିଯାନ(ଗ୍ରେଟ ଲିପ୍ ଫରୱାର୍ଡ)କୁ ଦାୟୀ କରାଯିବା ପରିବର୍ତ୍ତେ ବହୁ ସମୟରେ ଖରାପ ପାଗକୁ ଦାୟୀ କରାଯାଇଆସୁଛି। ଏହି ଦୁର୍ଭିକ୍ଷରେ ଚାଇନାର ୩୦ ମିଲିୟନ ଲୋକ ପ୍ରାଣ ହରାଇଥିଲେ ବି ସରକାର ଏ ସମ୍ପର୍କରେ କୌଣସି ତଥ୍ୟ ଦେଇ ନ ଥିଲେ। ଖରାପ ନ୍ୟୁଜ ନେଇ ମାଓ ଜେଡଙ୍ଗଙ୍କୁ କ୍ରୋଧିତ କଲେ ସେମାନଙ୍କ ଜୀବନ ଚାଲଇଯିବାର ଭୟ କରି ସେମାନେ ତଥ୍ୟ ପ୍ରକାଶ କରି ନ ଥିଲେ।

ଚାଇନା ୧୯୫୦ ଦଶନ୍ଧିର ଯେମିତି ଥିଲା ଏବେ ତା'ଠାରୁ ଅଲଗା ନୁହେଁ। ଶି' ମଧ୍ୟ ମାଓ ନୁହନ୍ତି ଏବଂ ତାଙ୍କ ଅସ୍ଥିର ନୀତରେ ୩୦ ମିଲିୟନ ଜୀବନ ଯିବାର ଦାବି କରାଯିବାରେ ସମ୍ଭାବନା ନାହିଁ। କିନ୍ତୁ ପ୍ରତିଦିନ ୯,୦୦୦ ବ୍ୟକ୍ତିଙ୍କ ମୃତ୍ୟୁ ଦେଶ ପାଇଁ ଅତ୍ୟଧିକ କ୍ଷତି ହେବ। ଏହା ସୁସ୍ପଷ୍ଟ ଯେ ଚାଇନା ଏବେ ବିଶ୍ୱରୁ ଆଉ ଅଲଗା ହୋଇ ରହିନାହିଁ, ସେ ଯାହା କରୁଛି ତାହାର ପ୍ରଭାବ ଚାଇନା ବାହାରକୁ ଯିବ। ଭୂତାଣୁ ବାହାରକୁ ବ୍ୟାପିବ ଓ ପୂର୍ବଭଳି ଆର୍ଥିକ କ୍ଷେତ୍ରରେ ବାଧା ଉପୁଜାଇବ। ଏକଚ୍ଛତ୍ରବାଦ ଶାସନ ଯୋଗୁ ଚାଇନାର ଯାହା କ୍ଷତି ହୋଇଛି ତାହା ଆମ ସମସ୍ତଙ୍କର କ୍ଷତି କରିବା ପରେ ହିଁ ଶେଷ ହେବ।

**ପ୍ରତିଷ୍ଠିତ ଲେଖକ, ଦି ଚର୍ଚ୍ଚିଲ କମ୍ପ୍ଲେକ୍ସ**

# ନାମ ପାଇଁ ଦାମ୍



ଧ୍ରୁବ ଚରଣ ଘିବେଲା

ଏ ଜଗତରେ ଜଡ଼ ହେଉ ବା ଜୀବ, ସଭିଙ୍କ ଥାଏ ନାଁ/ ନାମ। ନାଁ ସବୁର ପୁଣି ଅର୍ଥ ଥାଏ। ତେବେ ସମସ୍ତଙ୍କ ନାଁ ଥାଉ ଥାଉ କାହିଁକି କେତେକ ନାଁ ନେବା ଉଦ୍ଦେଶ୍ୟରେ ବିକଳ ହୁଅନ୍ତି। ବିକଳିଆ ରହନ୍ତି। ଭଲ କାମ କଲେ, ଭଲ କାମରେ ରହିଲେ ତ ନାଁକରା ହେବେ। ଅବଶ୍ୟ ଆଜିର ଦିନରେ ଭଲ କାମ କଲେ ବି ନିନ୍ଦୁକ ନିନ୍ଦା କରନ୍ତି। ଅସହିଷ୍ଣୁ ହୋଇ, ଅସହିଷ୍ଣୁ ରହି ତଥାକଥିତ ଭଲ ଲୋକଙ୍କୁ ଘେରିଥାନ୍ତି କେହି କେହି। ନିନ୍ଦୁକ/ଅସହିଷ୍ଣୁ ନିଜେ କିଛି କରିବେ ନାହିଁ, ଅଥଚ ଈର୍ଷାବଶତଃ ଈର୍ଷାଳୁ ସାଜି ଭଲଲୋକଙ୍କୁ ହଇରାଣ କରନ୍ତି। ଅଯଥା ବାଦ କରନ୍ତି। ବାଦରେ ରହନ୍ତି। ବାଦ ସୃଷ୍ଟି କରନ୍ତି। ଅଯଥା ବିବାଦକୁ ଆମନ୍ତ୍ରଣ କରନ୍ତି। ଅନ୍ୟପକ୍ଷେ ଭଲ ଲୋକର ଭଲ କାର୍ଯ୍ୟକୁ ବି ଘୋର ନାପସନ୍ଦ କରନ୍ତି। କଟୁ ମତ ରଖନ୍ତି। ବିରୋଧ କରନ୍ତି ଓ ଅଜବ ମତ ବି ରଖନ୍ତି ଅସହିଷ୍ଣୁ, ସେ କାହିଁକି କରିବ ନା ? ଧରାଯାଉ ଯେ କେହି ନିଜ ଉଦ୍ୟମରେ କିଛି ଗୋଟାଏ ସାରସ୍ୱତ କାର୍ଯ୍ୟକ୍ରମ ହାତକୁ ନେବାକୁ ଉଦ୍ୟମ ଆରମ୍ଭ କଲେ କେଉଁଠି। ଏହା ତ ସ୍ୱାଗତଯୋଗ୍ୟ କଥା। ସ୍ୱାଗତଯୋଗ୍ୟ ହେବା ଚାହିଁ ସେଠି ଯଦି କିଛି କେବେ କରି ନ ଥିବା ବ୍ୟକ୍ତି ଅଯଥା ବିବାଦ ସେ ନେଇ କରନ୍ତି, ତାକୁ କ'ଣ କୁହାଯିବ ? ନିହାତି ଦୁର୍ଭାଗ୍ୟଜନକ କଥା ସେୟା। ନାଁ ନେଇଯିବ ବୋଲି କେହି ବିରୋଧ କରିବା ମଧ୍ୟ ଅନୁଚିତ। ଯିଏ ସେଭଳିଆ ଭାବନା ରଖେ, ସେ ବ୍ୟକ୍ତି ନିଜେ କିଛି କାମ କରି ନାଆଁ ଅର୍ଜିବା ଉଚିତ। କିନ୍ତୁ ତାହା ନ କରି କରୁଥିବା ଲୋକର ଗୋଡ଼ ଟାଣିବା ଅସୁନ୍ଦର କଥା ନିଶ୍ଚୟ। ଭଲ ଲୋକ ହୁଏତ ସାମୟିକଭାବେ ଦବିଯାଇପାରେ, ହେଲେ ବିରୋଧ ସ୍ଥିତିରେ ବି ମୁଣ୍ଡ ଟେକି କିଛି କରିବା ଲକ୍ଷ୍ୟରୁ ସମ୍ପୂର୍ଣ୍ଣ ବିରତ ହୋଇନଥାନ୍ତି ଭଲ ଲୋକ।

ଭଲ ଲୋକ କେବେ ବି ନାଁ ବିକଳିଆ ନ ଥାନ୍ତି। ନାଁ ନେବା ପାଇଁ ହାଇଁପାଇଁ ହୁଅନ୍ତିନି। ଯୋଗ୍ୟ ତ ତା' କାମ ପାଇଁ ନାଁ ନେବାର ଶ୍ରେୟ ନେବା ଉଚିତ। ତାହା ତାଙ୍କର ପ୍ରାପ୍ୟ। ଯେଉଁମାନେ ବିନା କାମରେ ଯୋଗ୍ୟ ନ ଥାଇ, ଯୋଗ୍ୟତା ନ ଥାଇ ନାନା ଗଳାବାଟ ଦେଇ ଗଳିଯାଇ ନାଁ ନିଅନ୍ତି, ତାଙ୍କୁ କୁହାଯିବ କ'ଣ ? ବିନା ସଫଳତାରେ ବି ନାଁକରା ସାଜନ୍ତି ନାଁ କାଙ୍ଗାଳ। ସ୍ଥଳବିଶେଷରେ ନାମ ପାଇଁ ଦାମ୍ ବା ମୂଲ୍ୟ ଦିଅନ୍ତି। ଦେବାକୁ କୁଣ୍ଠାବୋଧ ବି କରନ୍ତି ନାହିଁ ନାଁକାଙ୍ଗାଳ। ଏ ପ୍ରକାର ବିକଳ ଚିତ୍ର ସାମ୍ନାକୁ ଆସୁଛି ଅନେକ ସମୟରେ। ସବୁଜ ସାରସ୍ୱତ କ୍ଷେତ୍ରର ସବୁଜିମା ଆଜି ନଷ୍ଟ ହେବାକୁ ବସିଲାଣି ସାହିତ୍ୟ କ୍ଷେତ୍ରରେ ଅସାହିତ୍ୟିକଙ୍କ ଗହଳ ଚହଳ ବଢୁଥିବାରୁ। ସାହିତ୍ୟର ଧାର ଧରୁ ନ ଥିବା/ଧରି ନ ଥିବା ଆତ୍ମଘୋଷିତ ଅସାହିତ୍ୟିକ-ସାହିତ୍ୟିକ ଆଜି ପଙ୍କିଳ କରିସାରିଲେଣି ପବିତ୍ର ସାରସ୍ୱତ କ୍ଷେତ୍ରକୁ। ଏମାନେ ଆଜି ନାଁ ପାଇଁ ବେଶି ହାଇଁପାଇଁ ହେଉଛନ୍ତି। ଗଳାବାଟ ଖୋଜୁଛନ୍ତି। ଗଳାବାଟ ଧାରା ଧରି ଦେଲେ ପୂରା ମାଡ଼ିଯାନ୍ତି ପୁରସ୍କାର ହାତେଇପାରନ୍ତି ଏଇଠୁ ସେଇଠୁ କ'ଣ କେମିତି କରି ? ପୁରସ୍କାର ବିପଣି ଏଠି ସେଠି କୁଆଡେ ଖୋଲିଛି, ତାକୁ ଠାବକରି ସେଠି ପହଞ୍ଚି ପାରିଲେ ହେଲା। ପୁରସ୍କାର ବିପଣି ସାଜୁଛନ୍ତି ଏଠାର ସେଠାର ସାହିତ୍ୟ ପ୍ରଚାର ଓ ପ୍ରସାର ପାଇଁ କାମ କରୁଥିବା ନେଇ ଦାବି କରୁଥିବା କିଛି ସାହିତ୍ୟ ଅନୁଷ୍ଠାନ। ସେସବୁ କାମ ପାଇଁ ଅର୍ଥର ନିଶ୍ଚିତ ଆବଶ୍ୟକତା ଥାଏ ଏବଂ ସେଇ ଆବଶ୍ୟକତାକୁ ପରିପୂରଣ କରେ ପୁରସ୍କାରରୁ ସଂଗୃହୀତ କିଛି ଅର୍ଥ। ପୁରସ୍କାରର ପୁଣି ବିଭିନ୍ନ ଦର ଥାଏ। ଧରାଯାଉ ଗୋଟେ ଅନୁଷ୍ଠାନ ତିନି ଚାରିଟି ଉତ୍ସବ ପାଳନ କରେ। ବାର୍ଷିକ ଉତ୍ସବର ପୁରସ୍କାରର ଦାମ୍ କୁଆଡ଼େ ଅଧିକ ରହେ। ଗୋଟେ ଉତ୍ସବରେ ପୁଣି ବିଭିନ୍ନ ପର୍ଯ୍ୟାୟରେ ଦିଆଯାଏ ପୁରସ୍କାର। ବିଭିନ୍ନ ପର୍ଯ୍ୟାୟର ବିଭିନ୍ନ ଅତିଥିଙ୍କ ହାତରୁ ନେବା ପୁରସ୍କାରର ଦର ମଧ୍ୟ ସ୍ଥିରୀକୃତ ଥାଏ ଅଲଗା ଅଲଗା।

ସତରେ କି ସୁନ୍ଦର ବ୍ୟବସ୍ଥା! ସୁସଂଯୋଜିତ ଥାଏ ପୁରସ୍କାର ପାଇଁ ଅନୁଷ୍ଠାନଗୁଡ଼ିକରେ। ଏଠି ଫରକ, ଆଗରୁ ଦେଇଥିବା ଅର୍ଥକୁ କେହି ଦେଖି ନ ଥାନ୍ତି। ପାଇଥିବା ପୁରସ୍କାର ଟଙ୍କାକୁ ଉପସ୍ଥିତ ଦର୍ଶକ ଦେଖନ୍ତି। ସେ କଥା କେବଳ ଜାଣିଥାନ୍ତି ଦାତା-ଗ୍ରହୀତା ଓ ଗ୍ରହୀତା-ଦାତା। ଏମିତି କେତେ ଗୁମର ଛପି ରହିଥାଏ ପୁରସ୍କାର ଦେଣ-ନେଣ ବ୍ୟାପାର ଭିତରେ। ପୁରସ୍କାର ବ୍ୟାପାର ତ ନୁହେଁ, ପୁରସ୍କାର ବେପାର କୁହାଯିବା ଏଠି ଅଧିକ ପ୍ରାସଙ୍ଗିକ ହୋଇପାରେ।

ଆମ ମାଟି ମୁଲକରେ ବି ଅତୀତରେ ଏ ନେଇ ଅଭିଯୋଗ ମୁଣ୍ଡ ଟେକିଛି। ବିବାଦ ଉପୁଜିଛି। ଅବଶ୍ୟ ସମୟ ସୁଅରେ ତାହା ଥମିଛି। ଯେଉଁଠି ବଡ଼ ବଡ଼ ହତ୍ୟାକାଣ୍ଡ ଛପିଯାଉଛି, ସେଇଠି ସାହିତ୍ୟ ପୁରସ୍କାର ବିବାଦ କଥାକୁ କିଏ ପଚାରୁଛି ? ଶେଷ କଥା - ଏଠି 'ନାମ ପାଇଁ ଦାମ୍' ଦେବାକୁ ହୁଏ, ସବୁଠି ନ ହେଲେ ବି କେଉଁଠି କେଉଁଠି।

**ବଉଦରାଜ, ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

## ଏଇ ଭାରତରେ

ବେଙ୍ଗାଲୁରୁର କଲେଜ ଛାତ୍ରୀ ସିୟା ଗୋଡ଼ିକା ପୁରୁଣା ଚପଲକୁ ନୂଆ ରୂପ ଦେଇ (ଅପ୍‌ସାଇକ୍ଲିଂ) ସେଗୁଡ଼ିକୁ ଗରିବଙ୍କୁ ମାଗଣାରେ ଦେଉଛନ୍ତି। 'ସୋଲ୍ ୱାରିୟର' ଏନ୍‌ଜିଓ ଗଠନ କରି ସେ ଏହି କାର୍ଯ୍ୟ କରୁଛନ୍ତି। ଏଥିରେ ଅନେକେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇ ସିୟାଙ୍କୁ ସହଯୋଗ କରୁଛନ୍ତି। ଏବେସୁଦ୍ଧା ସେମାନେ ୧୫,୦୦୦ ହଳ ଚପଲ ସଂଗ୍ରହ କରି ଅପସାଇକ୍ଲିଂ ସାରିଲେଣି। ସିୟା ରହନ୍ତି ବେଙ୍ଗାଲୁରୁର କୋରାମଙ୍ଗଳାରେ। ସେଠାରେ ଗରିବ ପିଲାମାନେ ଖାଲିପାଦରେ ଦୌଡ଼ିବା ଓ ଖେଳିବା ଦୃଶ୍ୟ ଦେଖିବା ପରେ ସେମାନଙ୍କୁ ଚପଲ ବା ଜୋତା ଯୋଗାଇ ଦେବାକୁ ସ୍ଥିର କରିଥିଲେ ଓ ପରେ 'ସୋଲ୍ ୱାରିୟର' ଗଠନ କରିଥିଲେ। ତାଙ୍କର ଏହି ଅଭିଯାନର ସ୍ଲୋଗାନ ରଖିଛନ୍ତି 'ଡୋନେଟ ଏ ସୋଲ୍, ସେଭ୍ ଏ ସାଉଲ' ଅର୍ଥାତ୍ ଗୋଟିଏ ଚପଲ ଦାନ କରି ଗୋଟିଏ ଜୀବନ ରକ୍ଷା କର। ସେ ପ୍ରଥମେ ଏକ ହ୍ୱାଟ୍ସଆପ ଗ୍ରୁପରେ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ମାସକ ମଧ୍ୟରେ ୫୦୦ ହଳ ଚପଲ ଯୋଗାଡ଼ କରିପାରିଥିଲେ। ଏହା ପ୍ରଚାର ହେବା ପରେ ବହୁ ବ୍ୟକ୍ତି ଚପଲ ଦାନ କରୁଛନ୍ତି । ବେଙ୍ଗାଲୁରୁରେ ଏହା ସଫଳ ହେବା ପରେ ସିୟା ଏବେ ମୁମ୍ବାଇ ଓ ଚେନ୍ନାଇରେ ତାଙ୍କ ମିଶନକୁ ସମ୍ପ୍ରସାରିତ କରିଛନ୍ତି। ଏଭଳି ନିଆରା କାର୍ଯ୍ୟ ଲାଗି ତାଙ୍କୁ ଡାଏନା ଆୱାର୍ଡ ପ୍ରଦାନ କରାଯାଇଛ ଓ ଏହା ପାଇବା ପରେ ସିୟା ତାଙ୍କ ଏନ୍‌ଜିଓ କାର୍ଯ୍ୟକୁ ଆମେରିକା ଓ ପଶ୍ଚିମ ଆଫ୍ରିକାକୁ ନେବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ DHARITRI

୧୨ ଜାନୁୟାରୀ ୧୯୯୮

- ବିଦ୍ରୋହୀ କଠୋରପନ୍ଥୀ ଇସ୍‌ଲାମୀୟ ଗୋଷ୍ଠୀ ଦ୍ୱାରା ଆଲଜେରିଆର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୬୦ ନିହତ।
- ବିଶିଷ୍ଟ ସମାଜସେବୀ, ଚିକିତ୍ସକ, ସାହିତ୍ୟିକ, ଗାନ୍ଧୀବାଦୀ ତଥା ପୂର୍ବତନ ବିଧାୟକ ଲୋକନାଥ ମିଶ୍ରଙ୍କ ୯୦ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | 4 | 2 | | |
| 1 | 5 | | | 7 | | | | 3 |
| | | | | | | | | 8 |
| | | 3 | | | | 5 | | |
| | | | | | 1 | 9 | | 4 |
| | | 1 | 6 | 8 | | | | 7 |
| 8 | | 7 | 3 | | | | | |
| | | | 5 | | | | | |
| | 2 | | 7 | | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 4 | 2 | 1 | 6 | 8 | 7 | 3 |
| 3 | 8 | 2 | 4 | 5 | 7 | 1 | 6 | 9 |
| 6 | 1 | 7 | 9 | 8 | 3 | 2 | 4 | 5 |
| 2 | 3 | 5 | 6 | 4 | 8 | 7 | 9 | 1 |
| 9 | 4 | 1 | 5 | 7 | 2 | 6 | 3 | 8 |
| 7 | 6 | 8 | 3 | 9 | 1 | 4 | 5 | 2 |
| 8 | 7 | 3 | 1 | 6 | 5 | 9 | 2 | 4 |
| 4 | 5 | 6 | 8 | 2 | 9 | 3 | 1 | 7 |
| 1 | 2 | 9 | 7 | 3 | 4 | 5 | 8 | 6 |

ଗତକାଲିର ଉତ୍ତର

# ସ୍ୱାଧୀନତା ଆନ୍ଦୋଳନ ଓ ସ୍ୱାମୀ ବିବେକାନନ୍ଦ



ଡ.ଛାୟାକାନ୍ତ ଷଡ଼ଙ୍ଗୀ

ଭାରତର ଭାରତର ସ୍ୱାଧୀନତା ପ୍ରାପ୍ତି ଥିଲା ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନ ଓ ସୁଭାଷ ବୋଷଙ୍କ ଦିଲ୍ଲୀ ଚଲୋ ଅଭିଯାନର ସମ୍ମିଳିତ ଫଳଶ୍ରୁତି। ସ୍ୱାଧୀନତା ଆନ୍ଦୋଳନରେ ଏହି ଉଭୟ ଦେଶପ୍ରେମୀଙ୍କ ଅବଦାନ ସମ୍ପର୍କରେ ପର୍ଯ୍ୟାପ୍ତ ଆଲୋଚନା ହୋଇଛି। ମାତ୍ର ସ୍ୱୟଂ ମହାତ୍ମା ଗାନ୍ଧୀ ଓ ସୁଭାଷ ବୋଷଙ୍କ ସ୍ୱୀକାରୋକ୍ତି ସତ୍ତ୍ୱେ ଏହି ସଂଗ୍ରାମର ଭିତ୍ତି ପ୍ରସ୍ତୁତ କରିଥିବା ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ ସମ୍ପର୍କରେ କ୍ୱଚିତ୍ ଆଲୋଚନା ହୁଏ। ସୁଭାଷ ବୋଷ ସ୍ୱାମିଜୀଙ୍କ ସମ୍ପର୍କରେ କହିଥିଲେ "ସେ ନୂଆପିଢ଼ିର ଯୁବକମାନଙ୍କ ଭିତରେ ଭାରତର ଅତୀତ ଗର୍ବ ଓ ଗୌରବର ଭାବ ସଞ୍ଚାର କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଓ ଆତ୍ମମର୍ଯ୍ୟାଦା ଜାଗ୍ରତ କରିଥିଲେ। ଯଦିଓ ସେ କେବେ ରାଜନୈତିକ ବାର୍ତ୍ତା ଦେଇନାହାନ୍ତି, ଯିଏ ତାଙ୍କ ସଂସ୍ପର୍ଶରେ ଆସିଛି ବା ତାଙ୍କ ବାଣୀ ଶୁଣିଛି ସେ ଦେଶାତ୍ମବୋଧ ଭାବଧାରାରେ ଉଦ୍‌ବୁଦ୍ଧ ହୋଇଛି। ସେ ଯଦି ବଞ୍ଚିଥାନ୍ତେ ମୁଁ ତାଙ୍କ ପାଦତଳେ ପଡ଼ିଥାନ୍ତି। ସେ ହୋଇଥାନ୍ତେ ମୋ ଗୁରୁ। ଆଜିର ସ୍ୱାଧୀନତା ଆନ୍ଦୋଳନର ଭିତ୍ତି ସ୍ୱାମିଜୀଙ୍କ ବାର୍ତ୍ତାରୁ ହିଁ ଆରମ୍ଭ ହୋଇଛି।'' ମହାତ୍ମା ଗାନ୍ଧୀ ୧୯୦୧ରେ ଦକ୍ଷିଣ ଆଫ୍ରିକାରୁ କିଛିଦିନ ପାଇଁ ଭାରତ ଆସିଥିବାବେଳେ କଲିକତାରେ ବିବେକାନନ୍ଦଙ୍କୁ ଭେଟିବା ପାଇଁ ଚେଷ୍ଟା କରିଥିଲେ। ମାତ୍ର ସ୍ୱାମିଜୀଙ୍କ ଦେହ ଭୀଷଣ ଅସୁସ୍ଥ ଥିବାରୁ ସେ ତାଙ୍କ ସହ ସାକ୍ଷାତ କରି ପାରି ନ ଥିଲେ। ତା'ପରେ ସେ ପୁଣି ଦକ୍ଷିଣ ଆଫ୍ରିକା ଫେରିଗଲେ। ୧୯୦୨ ରେ ସ୍ୱାମିଜୀଙ୍କ ମୃତ୍ୟୁ ହୋଇଥିଲା। ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରୁ ବିଦାୟ ନେଇ ଭାରତ ଚାଲିଆସିବା ପରେ ୧୯୨୧ ରେ ସ୍ୱାମିଜୀଙ୍କୁ ସମ୍ମାନ ଜଣାଇବା ପାଇଁ ବେଲୁଡ଼ ମଠକୁ ଯାଇଥିଲେ। ସେତେବେଳେ ସେ କହିଥିଲେ "ମୁଁ ଏଠାକୁ ଆସିଛି ସ୍ୱାମିଜୀଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ। ମୁଁ ତାଙ୍କର ସମସ୍ତ କୃତିକୁ ଅଧ୍ୟୟନ କରିଛି ଓ ତଦ୍ୱାରା ମୋର ଦେଶପ୍ରେମ ଯାହାଥିଲା ତାହା ଏକ ହଜାର ଗୁଣ ବର୍ଦ୍ଧିତ ହୋଇଛି।''

ସନ୍ନ୍ୟାସ ଗ୍ରହଣ କରିବା ପରେ ବିବେକାନନ୍ଦ ପରିବ୍ରାଜକ ଭାବରେ ସମଗ୍ର ଭାରତ ପରିଭ୍ରମଣ କଲେ। ୧୮୯୨ର ଘଟଣା । ମହାରାଷ୍ଟ୍ରରେ ଭ୍ରମଣ କରିବା ସମୟରେ ଥରେ ସେ ଟ୍ରେନ ଯୋଗେ ପୁଣେ ଯାଉଥାନ୍ତି। ସେହି ବଗିରେ ଆଲୋଚନାରେ ମଗ୍ନଥାନ୍ତି ତିନିଜଣ ମରାଠୀ ଯୁବକ। ବିଷୟବସ୍ତୁ ଥାଏ ସନ୍ନ୍ୟାସର ଧର୍ମ। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ଯୁକ୍ତି ଥାଏ ଭାରତରେ ପ୍ରଚଳିତ ଥିବା ସନ୍ନ୍ୟାସ ମାର୍ଗ ସମୟ ଅପଚୟ ଓ ନିଷ୍ଫଳ। ସନ୍ନ୍ୟାସ ଗ୍ରହଣ ନ କରି ବରଂ ସମାଜ ସଂସ୍କାର କର୍ମରେ ବ୍ରତୀ ହେବା ସ୍ୱାଗତଯୋଗ୍ୟ। ମାତ୍ର ତୃତୀୟ ବ୍ୟକ୍ତି ଜଣକ ସେମାନଙ୍କ ଯୁକ୍ତି ଖଣ୍ଡନ କରି ଭାରତର ସନ୍ନ୍ୟାସୀ ସମ୍ପ୍ରଦାୟର ତ୍ୟାଗ ଓ ସମର୍ପଣ ଭାବ ଉପରେ ଆଲୋକପାତ କରୁଥାନ୍ତି। ସ୍ୱାମିଜୀ ସେମାନଙ୍କ ଯୁକ୍ତିତର୍କ ଶୁଣୁଶୁଣୁ ଆଲୋଚନାରେ ଭାଗନେଲେ ଓ ସନ୍ନ୍ୟାସ ପରମ୍ପରାର ଯଥାର୍ଥତା ପ୍ରତିପାଦନ କଲେ। ତାଙ୍କର ବ୍ୟାଖ୍ୟା ଏତେ ପ୍ରଭାବଶାଳୀ ଥିଲା ଯେ ତୃତୀୟ ଯୁବକ ଜଣକ ମୁଗ୍ଧ ହୋଇ ସ୍ୱାମିଜୀଙ୍କୁ ନିଜ ଘରକୁ ପାଛୋଟି ଆଣିଲେ। ସେହି ଯୁବକ ଥିଲେ ବାଲ୍ ଗଙ୍ଗାଧର ତିଳକ। ତାଙ୍କ ଘରେ କିଛିଦିନର ରହଣି ଭିତରେ ଭାରତର ରାଜନୈତିକ ପରିସ୍ଥିତି ଉପରେ ଉଭୟଙ୍କ ମଧ୍ୟରେ ଯେଉଁ ଭାବର ଆଦାନ ପ୍ରଦାନ ହୋଇଥିଲା ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ତିଳକ ସ୍ୱାମିଜୀଙ୍କୁ ପଚାରିଲେ, "ରାଜନୀତିରେ ଆପଣଙ୍କ କିଛି ବି ଆଗ୍ରହ ନାହିଁ ?'' ସ୍ୱାମିଜୀଙ୍କ ଉତ୍ତର ଥିଲା "ଈଶ୍ୱରଙ୍କୁ ଭଲ ପାଉଥିବା ଓ ଖୋଜୁଥିବା ସନ୍ନ୍ୟାସୀର ରାଜନୀତିରେ ଆଗ୍ରହ ରହିବ କାହିଁକି ?'' ତିଳକ କହିଲେ, "ଆଜି ଆମ ଦେଶ ଇଂରେଜମାନଙ୍କ ପଦାନତ। ଲୋକେ ନିଷ୍ପେଷିତ ଓ ନିର୍ଯାତିତ। ଏହିଭଳି ପରିସ୍ଥିତିରେ ଆମେ ରାଜନୀତିରୁ ନିଜକୁ ପୃଥକ୍ କରି ବଞ୍ଚିବା କିପରି ?'' ସ୍ୱାମିଜୀ କହିଲେ, "ମୁଁ ଦେଶବାସୀଙ୍କ ଦୁର୍ଦ୍ଦଶା ପ୍ରତି ଉଦାସୀନ ନୁହେଁ। ମାତ୍ର ଭାରତର ସମସ୍ୟାର ସମାଧାନ ରାଜନୀତି ନୁହେଁ।'' ତିଳକ ପ୍ରଶ୍ନ କଲେ, "ତାହେଲେ ସମାଧାନ କ'ଣ ?'' ସ୍ୱାମିଜୀ ଉତ୍ତର ଦେଲେ "ଏହାର ସମାଧାନ ରାଜନୀତିକ ଉପାୟରେ ସମ୍ଭବ ନୁହେଁ। ସମସ୍ୟା ହେଉଛି ଆମ ଦେଶବାସୀଙ୍କ ଲୋଭ, ସ୍ୱାର୍ଥ, ଭୋଗଲିପ୍‌ସା ଓ ଅହଂକାର।'' ତିଳକ ମନ୍ତବ୍ୟ ଦେଲେ "ତାହେଲେ ଆମେ ରାଜନୈତିକ ସଂଘର୍ଷ ନ କରି ଲୁହା ଶିକୁଳିରେ ବାନ୍ଧି ହୋଇ ପଡ଼ିଥିବା ଭାରତମାତାଙ୍କୁ ମୁକ୍ତ କରିବା କିପରି ?'' ତିଳକଙ୍କ ଏହି ପ୍ରଶ୍ନର ଉପରେ ସ୍ୱାମିଜୀ କହିଲେ "ଭାରତମାତାଙ୍କୁ କିଏ କାହିଁକି ବାନ୍ଧି ରଖିଛି ? ଏହା କ'ଣ ଇଂରେଜମାନଙ୍କ କ୍ଷମତା ବିସ୍ତାର କରିବାର ଇଚ୍ଛା ନା ଭାରତୀୟ ଶାସକବର୍ଗଙ୍କ ସ୍ୱାର୍ଥ ଓ ଲୋଭ ? ଇଂରେଜମାନଙ୍କ ବନ୍ଧୁକ ନା ଭାରତୀୟମାନଙ୍କ ଭୋଗବିଳାସ ଓ କାପୁରୁଷତା ? ହିନ୍ଦୁମାନଙ୍କ ଚରିତ୍ରର ଅଧଃପତନ ହୋଇ ନଥିଲେ, ଈର୍ଷା ଓ ଦ୍ୱେଷରେ ବୁଡ଼ିରହି ପରସ୍ପର ବିରୋଧରେ ବିଦେଶୀ ସାହାଯ୍ୟ ଭିକ୍ଷା କରି ନ ଥିଲେ ଇଂରେଜମାନେ କ'ଣ ଆମ ଦେଶରେ ପାଦ ପକାଇ ପାରିଥାନ୍ତେ ?'' ତିଳକ କହିଲେ, "ବର୍ତ୍ତମାନ ଏସବୁ ତ ଘଟିସାରିଛି। ଏଣୁ ଏବେ ରାଜନୈତିକ ସଂଘର୍ଷ ହି ଏକମାତ୍ର ଉପାୟ।'' ସ୍ୱାମିଜୀଙ୍କ ଶେଷ ଉତ୍ତର ଥିଲା, "ନା, ହିନ୍ଦୁମାନଙ୍କ ଚରିତ୍ର ଯଦି ଏହିପରି ରହେ, କୌଣସି ରାଜନୈତିକ ସଂଘର୍ଷ ଆମକୁ ସ୍ୱାଧୀନତା ଆଣିଦେବ ନାହିଁ। ଚରିତ୍ର ନ ବଦଳିଲେ ସ୍ୱାଧୀନତା ମିଳିଗଲେ ମଧ୍ୟ ପୁଣି ଦାସତ୍ୱ ଘେରିଯିବ। ସମସ୍ୟା ହେଉଛି ଚାରିତ୍ରିକ। ଆମକୁ ଦେଶର ଚରିତ୍ରରେ ପରିବର୍ତ୍ତନ ଆଣିବାକୁ ହେବ ଓ ଏହାର ଏକମାତ୍ର ଉପାୟ ହେଉଛି ଆଧ୍ୟାତ୍ମିକତା। ରାଜନୈତିକ ଆନ୍ଦୋଳନ ଉପରେ ମୁଁ ଏକ ଆଧ୍ୟାତ୍ମିକ ଆନ୍ଦୋଳନ ଚାହେଁ।'' ସ୍ୱାମିଜୀ ତିଳକଙ୍କଠାରୁ ବିଦାୟ ନେବା ପରେ ସେମାନଙ୍କ ମଧ୍ୟରେ ପୁନର୍ବାର ସାକ୍ଷାତ ସମ୍ଭବ ହୋଇ ପାରି ନ ଥିଲା। ମାତ୍ର ତିଳକ ଏହି ସନ୍ନ୍ୟାସୀଙ୍କ ପ୍ରଜ୍ୱଳିତ ଚିନ୍ତାଧାରାରେ ଅଗ୍ନି ଭଳି ତେଜୀୟାନ ହୋଇଥିଲେ ଓ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ।



ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟରୁ ଫେରି ଭାରତବର୍ଷରେ ପାଦ ଦେବା ପରେ ଯେଉଁ କାର୍ଯ୍ୟ ହାତକୁ ନେଇଥିଲେ ତାହା ଧର୍ମପ୍ରଚାର ନ ଥିଲା କି ସ୍ୱାଧୀନତା ଆନ୍ଦୋଳନ ନ ଥିଲା। ଦୁଇଶହ ବର୍ଷଧରି ଇଂରେଜମାନଙ୍କ ଦ୍ୱାରା ନିଷ୍ପେଷିତ ନିର୍ଯାତିତ ଆତ୍ମପ୍ରତ୍ୟୟହୀନ ଭାରତବାସୀ ଶକ୍ତିହୀନ ହୋଇପଡ଼ିଥିଲେ। ମାଡ୍ରାସର ଭିକ୍ଟୋରିଆ ହଲ୍‌ରେ ସେ କହିଥିଲେ "ଇଂରେଜମାନେ ଆତ୍ମବିଶ୍ୱାସୀ, ତୁମେମାନେ ନୁହଁ, ଏହା ହେଉଛି ପ୍ରଭେଦ। ତୁମକୁ କୁହାଯାଇଛି ତୁମେ କିଛି କରିପାରିବ ନାହିଁ। ତେଣୁ ଆତ୍ମବିଶ୍ୱାସୀ ହୁଅ। ସ୍ନାୟୁକୁ ସବଳ କର। ଆମର ଦରକାର ଲୁହାର ପେଶୀ ଓ ଇସ୍ପାତର ସ୍ନାୟୁ। ସବୁ ପ୍ରତିବନ୍ଧକକୁ ଭାଙ୍ଗି ଦେବା ପରି ଦୃଢ଼ ଇଚ୍ଛାଶକ୍ତି ଦରକାର। ନିଜଠାରେ ବିଶ୍ୱାସ, ଈଶ୍ୱରଙ୍କ ଉପରେ ବିଶ୍ୱାସ-ତାହା ହିଁ ସବୁ ମହାନ୍ ସିଦ୍ଧିର ଗୁପ୍ତ କଥା। ଯଦି ତୁମର ତେତିଶକୋଟି ଦେବଦେବୀ ସମେତ ବିଦେଶରୁ ଆମଦାନୀ ହୋଇଥିବା ସବୁ ଦେବତାଙ୍କୁ ତୁମେ ବିଶ୍ୱାସ କରୁଥାଅ, ଅଥଚ ତୁମର ଆତ୍ମବିଶ୍ୱାସ ନାହିଁ, ତେବେ ମୁକ୍ତିଲାଭ ଅସମ୍ଭବ।'' ମୋଟ ଉପରେ ଭାରତର ସ୍ୱାଧୀନତାପ୍ରାପ୍ତି ପଛରେ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ।

**ମୋ: ୯୪୩୭୩୨୯୨୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ଅପଚୟ ରୋକିବା ଜରୁରୀ

ମହାଶୟ,

ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ସୁଦ୍ଧା ଅନେକ ଦେଶ ଖାଦ୍ୟାଭାବ ସଙ୍କଟ ଦେଇ ଗତି କରୁଛନ୍ତି। ଏହାର ପ୍ରମୁଖ କାରଣ ଖାଦ୍ୟ ନଷ୍ଟ ଦ୍ୱାରା ଖାଲି ଯେ ବିଶ୍ୱ ଅର୍ଥନୀତି ବାଧାପ୍ରାପ୍ତ ହେଉଛି ତାହା ନୁହେଁ, ଜଳବାୟୁ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡୁଛି। ଏହା ପ୍ରକାଶିତ ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ(ଡବ୍ଲ୍ୟୁଏଫ୍‌ପି ) ରିପୋର୍ଟରୁ ଜଣାପଡ଼ିଛି। ଏହି ବର୍ଜ୍ୟ ଖାଦ୍ୟବସ୍ତୁ ଦୂଷିତହୋଇ ବାୟୁମଣ୍ଡଳରେ କାର୍ବନ ପରିମାଣ ବୃଦ୍ଧି ପାଇଁ ଦାୟୀ। ସେଥିପାଇଁ ଜଳର ଅପଚୟ ମଧ୍ୟ ଘଟିଥାଏ। ଏକ ଆକଳନରୁ ଜଣାପଡ଼ିଛି ଯେ,ବିଶ୍ୱରେ ପ୍ରତିବର୍ଷ ୧.୩ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହେଉଛି। ଏହାର ହାରାହାରି ମୂଲ୍ୟ ଏକ ଟ୍ରିଲିୟନ ଡଲାର। ଏତଦ୍‌ବ୍ୟତୀତ ଉତ୍ପାଦନ ହେଉଥିବା ମୋଟ ଖାଦ୍ୟର ୩ ପ୍ରତିଶତ ପ୍ରତିବର୍ଷ ନଷ୍ଟ ହେଉଛି ବୋଲି ଡବ୍ଲ୍ୟୁଏଫ୍‌ପି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ଖାଦ୍ୟର ଅପଚୟ ରୋକାଯିବା ପାଇଁ ପ୍ରାୟ ସବୁ ବର୍ଗର ଜନସାଧାରଣ ଦୃଢ଼ ସଚେତନ ହେବା ନିହାତି ଆବଶ୍ୟକ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

## ଚିରନ୍ତନୀ

ପଉଷର ପଞ୍ଚମୀ ଚାଁଦ
ଆକାଶର କୋଣେ ଦେଲା ହସି
ମଧୁମାସ ଆଗମନୀ-ଭାଷା
ଜରା-ହୃଦେ ଯଉବନ-ଆଶା
ପୌଷର ପଞ୍ଚମୀ ଶଶି
ଢାଳି ଦେଲା ଦୂରେ ହସି ହସି।
-(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାରତୀୟ ମହାରଥୀ

ଆରମ୍ଭ ହୋଇଛି ହକିର ମହାପର୍ବ ବିଶ୍ୱକପ ୨୦୨୩। ବାରବାଟୀ ଷ୍ଟାଡିୟମରେ ବୁଧବାର ଉଦ୍‌ଘାଟନୀ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦିନକ ପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଆରମ୍ଭ ହେବ ଅସଲ ମହାସମର। ଏହି ଅବସରରେ ଭାରତ ପାଇଁ ଆଶା ଓ ଆକାଂକ୍ଷା ନେଇ ବିଶ୍ୱକପ୍‌ରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ମହାରଥୀଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

## ଗ୍ରାହାମ ରିଡ୍(ମୁଖ୍ୟ କୋଚ୍)



ଭାରତୀୟ ଦଳର ମୁଖ୍ୟ କୋଚ୍ ରହିଛନ୍ତି ପୂର୍ବତନ ଅଷ୍ଟ୍ରେଲୀୟ ଖେଳାଳି ଗ୍ରାହାମ୍ ରିଡ୍। ରିଡଙ୍କ ପ୍ରଶିକ୍ଷଣରେ ଭାରତ ଅଲିମ୍ପିକ୍ସରେ ୪୦ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ବ୍ରୋଞ୍ଜ ପଦକ ଜିତିଥିଲା। ଜଣେ ଖେଳାଳି ଭାବରେ ସେ ଅଲିମ୍ପିକ୍ସ ଓ ବିଶ୍ୱକପ ପଦକ ହାସଲ କରିଥିବା ବେଳେ ୨୦୦୯ରୁ ସେ ପ୍ରଶିକ୍ଷଣ ଦେଉଛନ୍ତି। ୨୦୦୯-୧୪ ଅଷ୍ଟ୍ରେଲିଆ ଦଳର ସହକାରୀ କୋଚ୍ ରହିଥିବା ବେଳେ ୨୦୧୪ରୁ ଅଷ୍ଟ୍ରେଲିଆ ଦଳର ମୁଖ୍ୟ କୋଚ୍ ରହିଥିଲେ। ୨୦୧୭-୧୯ ଯାଏ ନ୍ୟୁଜିଲାଣ୍ଡ ଦଳର ସହକାରୀ କୋଚ୍ ରହିଥିବା ବେଳେ ୨୦୧୯ରେ ଭାରତୀୟ ଦଳର ଦାୟିତ୍ୱ ଗ୍ରହଣ କରନ୍ତି।




ହରମନ୍‌ପ୍ରୀତ୍ ସିଂ

## ୧.ହରମନ୍‌ପ୍ରୀତ୍ ସିଂ(ଅଧିନାୟକ)

ଚଳିତ ବିଶ୍ୱକପରେ ୨୭ ବର୍ଷୀୟ ଡିଫେଣ୍ଡର ତଥା ଡ୍ରାଗ୍ ଫ୍ଲିକ୍ ସ୍ପେସିଆଲିଷ୍ଟ ହରମନ୍‌ପ୍ରୀତ ସିଂଙ୍କୁ ଭାରତୀୟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ତାଙ୍କୁ ଏହି ଦାୟିତ୍ୱ ପ୍ରଥମ କରି ମିଳିଥିଲା। ହରମନ୍‌ପ୍ରୀତ୍ ନିଜର ଦ୍ୱିତୀୟ ବିଶ୍ୱକପ ଖେଳୁଥିବା ବେଳେ ଅଧିନାୟକ ଭାବରେ ଏହା ତାଙ୍କର ପ୍ରଥମ ବିଶ୍ୱକପ। ୨୦୧୫ରେ ପ୍ରଥମ ଥର ପାଇଁ ଭାରତୀୟ ସିନିୟର ଦଳରେ ସାମିଲ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ଦଳରୁ ବାଦ ଦିଆଯାଇଥିଲା। ତେବେ ୨୦୧୭ରେ ପ୍ରତ୍ୟାବର୍ତ୍ତନ କରିବା ପରେ ଭାରତୀୟ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପାଲଟି ଯାଇଛନ୍ତି। ଭାରତ ପକ୍ଷରୁ ୧୬୪ଟି ମ୍ୟାଚ ଖେଳିଥିବା ହରମନ୍‌ପ୍ରୀତ୍ ୧୨୬ଟି ଅନ୍ତର୍ଜାତୀୟ ଗୋଲ ସ୍କୋର କରିଛନ୍ତି।

## ୨.ଅମିତ ରୋହିଦାସ (ଉପ ଅଧିନାୟକ)

ଜନ୍ମ:୧୦ ମେ, ୧୯୯୩
ପୋଜିଶନ୍: ଡିଫେଣ୍ଡର
ମ୍ୟାଚ୍- ୧୩୧, ଗୋଲ-୧୯
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ।

## ୩.ପି.ଆର. ଶ୍ରୀଜେସ୍

ଜନ୍ମ:୮ ମେ, ୧୯୮୮
ପୋଜିଶନ୍: ଗୋଲ କିପର
ମ୍ୟାଚ୍- ୨୭୪
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ।

## ୪.କ୍ରିଷନ୍ ବାହାଦୁର ପାଠକ୍

ଜନ୍ମ-୨୪ ଏପ୍ରିଲ ୧୯୯୭
ପୋଜିଶନ୍: ଗୋଲ କିପର
ମ୍ୟାଚ୍-୮୦
ପୁରସ୍କାର: ୨୦୧୮ ଏସିଆନ୍ ଗେମ୍ସ(ବ୍ରୋଞ୍ଜ), ୨୦୧୮ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ), ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ।

## ୫. ଜରମନ୍‌ପ୍ରୀତ୍ ସିଂ

ଜନ୍ମ: ୧୮ ଜୁଲାଇ ୧୯୯୬
ପୋଜିଶନ୍: ଡିଫେଣ୍ଡର
ମ୍ୟାଚ୍- ୫୦, ଗୋଲ-୬
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ୨୦୧୮ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ) ।

## ୬.ସୁରେନ୍ଦର କୁମାର

ଜନ୍ମ- ୨୩ ନଭେମ୍ବର ୧୯୯୩
ପୋଜିଶନ୍: ଡିଫେଣ୍ଡର
ମ୍ୟାଚ୍- ୧୭୨, ଗୋଲ-୪
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ୨୦୧୮ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ),୨୦୧୬ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ)।

## ୭. ବରୁଣ କୁମାର

ଜନ୍ମ- ୨୫ ଜୁଲାଇ ୧୯୯୫
ପୋଜିଶନ୍: ଡିଫେଣ୍ଡର
ମ୍ୟାଚ୍- ୧୧୮, ଗୋଲ-୨୯
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ୨୦୧୮ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ)।

## ୮. ନୀଲମ ସଞ୍ଜୀପ ଖେସ୍

ଜନ୍ମ- ୭ ଜାନୁୟାରୀ ୧୯୯୮
ପୋଜିଶନ୍: ଡିଫେଣ୍ଡର
ମ୍ୟାଚ୍- ୩୪, ଗୋଲ-୫
ପୁରସ୍କାର: ୨୦୧୬ ଦକ୍ଷିଣ ଏସୀୟ କ୍ରୀଡା(ସ୍ୱର୍ଣ୍ଣ), ୨୦୨୨ ଏସିଆ କପ୍(ବ୍ରୋଞ୍ଜ)

## ୯. ମନ୍‌ପ୍ରୀତ ସିଂ

ଜନ୍ମ- ୨୬ ଜୁନ୍ ୧୯୯୨
ପୋଜିଶନ୍: ମିଡ ଫିଲ୍ଡର
ମ୍ୟାଚ୍- ୩୧୪, ଗୋଲ-୨୪
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ୨୦୧୮ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ),୨୦୧୬ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ)।

## ୧୦. ହାର୍ଦ୍ଦିକ୍ ସିଂ

ଜନ୍ମ- ୨୩ ସେପ୍ଟେମ୍ବର ୧୯୯୮
ପୋଜିଶନ୍: ମିଡ ଫିଲ୍ଡର
ମ୍ୟାଚ୍- ୮୪, ଗୋଲ-୬
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ।

## ୧୧. ନୀଳକାନ୍ତ ଶର୍ମା

ଜନ୍ମ- ୨ ମେ ୧୯୯୫
ପୋଜିଶନ୍: ମିଡ ଫିଲ୍ଡର
ମ୍ୟାଚ୍- ୯୧, ଗୋଲ-୧୩
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ।

## ୧୨. ଶମଶେର ସିଂ

ଜନ୍ମ- ୨୫ ଜୁଲାଇ ୧୯୯୭
ପୋଜିଶନ୍: ମିଡ ଫିଲ୍ଡର
ମ୍ୟାଚ୍- ୪୭, ଗୋଲ-୧୦
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ।

## ୧୩. ବିବେକ ସାଗର ପ୍ରସାଦ

ଜନ୍ମ- ୨୫ ଫେବୃୟାରୀ ୨୦୦୦
ପୋଜିଶନ୍: ମିଡ ଫିଲ୍ଡର
ମ୍ୟାଚ୍- ୯୦, ଗୋଲ-୧୬
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ଏସିଆନ୍ ଗେମ୍ସ ୨୦୧୮(ବ୍ରୋଞ୍ଜ), ଚାମ୍ପିୟନ୍ସ ଟ୍ରଫି, ୨୦୧୮(ରୌପ୍ୟ)।

## ୧୪. ଆକାଶଦୀପ ସିଂ

ଜନ୍ମ- ୨ ଡିସେମ୍ବର, ୧୯୯୪
ପୋଜିଶନ୍: ଫରୱାର୍ଡ
ମ୍ୟାଚ୍- ୨୧୮, ଗୋଲ-୮୫
ପୁରସ୍କାର: ୨୦୧୪ ଓ ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ଏସିଆନ୍ ଗେମ୍ସ ୨୦୧୪(ସ୍ୱର୍ଣ୍ଣ) ଓ ୨୦୧୮(ବ୍ରୋଞ୍ଜ), ଚାମ୍ପିୟନ୍ସ ଟ୍ରଫି, ୨୦୧୬(ରୌପ୍ୟ)।

## ୧୫. ମନଦୀପ୍ ସିଂ

୨୫ ଜାନୁୟାରୀ ୧୯୯୫
ପୋଜିଶନ୍: ଫରୱାର୍ଡ
ମ୍ୟାଚ୍- ୧୯୪, ଗୋଲ-୯୬
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ୨୦୧୮ ଚାମ୍ପିୟନ୍ସ ଟ୍ରଫି (ରୌପ୍ୟ),୨୦୧୬ ଚାମ୍ପିୟନ୍ସ ଟ୍ରଫି (ରୌପ୍ୟ)।

## ୧୬. ଲଳିତ କୁମାର ଉପାଧ୍ୟାୟ

୧ ଡିସେମ୍ବର ୧୯୯୩
ପୋଜିଶନ୍: ଫରୱାର୍ଡ
ମ୍ୟାଚ୍- ୧୩୩, ଗୋଲ-୩୧
ପୁରସ୍କାର: ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ, ୨୦୨୨ ରାଜ୍ୟଗୋଷ୍ଠୀ ରୌପ୍ୟ, ୨୦୧୮ ଚାମ୍ପିୟନ୍ସ ଟ୍ରଫି(ରୌପ୍ୟ)।

## ୧୭. ଯୁଗରାଜ ସିଂ

୧୧ ଡିସେମ୍ବର ୧୯୯୬
ପୋଜିଶନ୍: ଡିଫେଣ୍ଡର
ମ୍ୟାଚ୍- ୨୩, ଗୋଲ-୯

## ୧୮. ରାଜକୁମାର ପାଲ୍

୧ ମେ ୧୯୯୮
ପୋଜିଶନ୍: ମିଡଫିଲ୍ଡର
ମ୍ୟାଚ୍- ୨୧, ଗୋଲ-୪
ଏସିଆ କପ୍୨୦୨୨(ବ୍ରୋଞ୍ଜ), ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ୨୦୨୨(ବ୍ରୋଞ୍ଜ)




ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳ

ବାରବାଟୀ ଷ୍ଟାଡିୟମରୁ ବାଜିଛି ହକି ବିଶ୍ୱକପ ବିଗୁଲ। ଭରପୂର ଦର୍ଶକଙ୍କ ଉପସ୍ଥିତିରେ କମ୍ପିଉଠିଛି ଐତିହାସିକ ସହର କଟକ। ଆରମ୍ଭ ହୋଇଛି ହକି ମହାକୁମ୍ଭ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ଅନ୍ତର୍ଜାତୀୟ ହକି ମହାସଂଘର ସଭାପତି ତାୟ୍ୟାବ ଇକ୍ରାମଙ୍କ ଉପସ୍ଥିତିରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବଲିଉଡ୍ ଓ ଓଲିଉଡ୍ କଳାକାରଙ୍କ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଛି। ଅଭିନେତ୍ରୀ ଦିଶା ପଟ୍ଟାନୀ ଓ ଅଭିନେତା ରଣବୀର ସିଂ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ ଭଟ୍ଟାଚାର୍ଯ୍ୟଙ୍କ ମ୍ୟୁଜିକ୍‌ରେ ଝୁମିଛନ୍ତି ଦର୍ଶକ।

# ବାରବାଟୀ ଦୁଲୁକିଲା


ବଲିଉଡ୍ ଅଭିନେତ୍ରୀ ଦିଶା ପଟ୍ଟାନୀଙ୍କ ନୃତ୍ୟ ପରିବେଷଣ।


ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ଓଲିଉଡ୍ କଳାକାର ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ନୃତ୍ୟ ପରିବେଷଣ।


ଦର୍ଶକ ଷ୍ଟାଡିୟମ୍‌କୁ ପ୍ରବେଶ କରୁଛନ୍ତି।


ଋତୁରାଜ ମହାନ୍ତିଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ।


ବାରବାଟୀ ଷ୍ଟାଡିୟମ୍‌ରେ ହକି ବିଶ୍ୱକପ୍ ମହାକୁମ୍ଭର ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି, ନିକଟରେ ଅଛନ୍ତି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ଅନ୍ତର୍ଜାତୀୟ ହକି ମହାସଂଘର ସଭାପତି ତାୟାବ ଇକ୍ରାମ।


ଉଦ୍‌ଘାଟନୀ ସମାରୋହରେ ଟ୍ରଫି ପ୍ରଦର୍ଶିତ ହେଉଛି।


ମାସ୍କଟ୍ ଓଲିକୁ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଚକୁ ପ୍ରବେଶ କରୁଛନ୍ତି।


କୋରିଆର ବ୍ଲାକ୍ ସ୍ୱାନ୍ ଗ୍ରୁପ୍ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ।







କଳାକାରଙ୍କ ଦ୍ୱାରା ସଂଗୀତ ପରିବେଷଣ।


ବଲିଉଡ୍ କଳାକାର ରଣବୀର ସିଂ ନିଆରା ଶୈଳୀରେ ଷ୍ଟାଡିୟମ୍‌କୁ ପ୍ରବେଶ କରୁଛନ୍ତି।


ଓଡ଼ିଶା କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଭରପୂର ବାରବାଟୀ ଷ୍ଟାଡିୟମ୍।

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଦେଖିବାକୁ ମିଳିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦ (୯.୯୮) ପଏଣ୍ଟ ଖସି ୬୦,୧୦୬ (୬୦,୧୦୫.୫୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୮ (୧୮.୪୫) ପଏଣ୍ଟ ହ୍ରାସ ଘଟି ୧୭,୮୯୬ (୧୭,୮୯୫.୭୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୨୫% ବୃଦ୍ଧି ପାଇଛି ପ୍ରତ୍ୟକ୍ଷ ଟିକସ ସଂଗ୍ରହ

**ନୂଆଦିଲ୍ଲୀ,୧୧।୧**




ଗତ ମାସ ଭଳି ଚଳିତ ମାସରେ ମଧ୍ୟ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବୃଦ୍ଧି ପାଇଛି। ଏପରିକି ଚଳିତ ବର୍ଷ ଜାନୁୟାରୀ ୧୦ ତାରିଖ ମଧ୍ୟରେ ପ୍ରାୟ ୧୫ ଲକ୍ଷ କୋଟି ଟଙ୍କା ଟିକସ ଆକାରରେ ଆଦାୟ କରାଯାଇଛି। ବିଶେଷ କରି ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ପ୍ରାୟ ୨୫% (୨୪.୫୮%) ବୃଦ୍ଧି ଘଟିଥିବା କେନ୍ଦ୍ରୀୟ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସ (ସିବିଡିଟି) ପକ୍ଷରୁ ବୁଧବାର ବିସ୍ତୃତ ସୂଚନା ଦିଆଯାଇଛି। ଏତଦ୍‌ବ୍ୟତୀତ ଦେଶରେ ନେଟ୍ ପ୍ରତ୍ୟକ୍ଷ ଟିକସ ବାବଦକୁ ୧୨.୩୧ ଲକ୍ଷ କୋଟି ଟଙ୍କା ସଂଗ୍ରହ ହୋଇଥିବା ଜଣାପଡିଛି, ଯାହାକି ଗତବର୍ଷ ସମାନ ଅବଧି ତୁଳନାରେ ଏହା ୧୯.୫୫% ଅଧିକ ରହିଛି ବୋଲି ସିବିଡିଟି ପକ୍ଷରୁ କୁହାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ମୋଟ ବଜେଟ ଆକଳନରୁ ନେଟ୍ ସଂଗ୍ରହ ୮୬.୬୮% ଏବଂ ବଜେଟରେ ଏହି ଆର୍ଥିକ ବର୍ଷରେ ୧୪.୨୦ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଟିକସ ସଂଗ୍ରହ ହେବ

## ଜାନୁୟାରୀ ୧୦ ମଧ୍ୟରେ ପ୍ରାୟ ୧୫ଲକ୍ଷ କୋଟିର ଟିକସ ଆଦାୟ

ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ କର୍ପୋରେଟ ଟିକସ ବାବଦକୁ ୧୯.୭୨% ବୃଦ୍ଧି ପାଇଥିବାବେଳେ ବ୍ୟକ୍ତିଗତ ଆୟକର ଟ୍ୟାକ୍ସ ସଂଗ୍ରହରେ ୩୦.୪୬% ବୃଦ୍ଧି ଘଟିଛି। ସେହିପରି ଚଳିତ ବର୍ଷ ଜାନୁୟାରୀ ୧୦ ମଧ୍ୟରେ ଦେଶର ପ୍ରତ୍ୟକ୍ଷ ଟିକସ ସଂଗ୍ରହରେ ୧୪.୭୧ ଲକ୍ଷ କୋଟି ଟଙ୍କା ରହିଛି, ଯାହାକି ମୋଟ ସଂଗ୍ରହଠାରୁ ୨୪.୫୮% ଅଧିକ ବୋଲି ସିବିଟିଡି ପକ୍ଷରୁ କୁହାଯାଇଛି।

# କେଏଫ୍‌ସିର କ୍ରଞ୍ଚିଏଷ୍ଟ ବ୍ଲକ୍‌ବଷ୍ଟର 'ଟିଜା'

**ନୂଆଦିଲ୍ଲୀ,୧୧।୧**

ଅନ୍ତଃରାଷ୍ଟ୍ରୀୟ ଫୁଡ୍ ବ୍ରାଣ୍ଡ କେଏଫ୍‌ସିର ଲୋକପ୍ରିୟ ଖାଦ୍ୟ 'ଟିଜା'ର ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି କଲ୍ଟ ଫାଭ୍ କେଏଫ୍‌ସି ଟିଜା ଚଳିତ ବର୍ଷକୁ ଆହୁରି ଖୁସିମୟ କରିବ। ଏପରିକି ଏହା ଏକ ବ୍ୟାଙ୍ଗ୍ ସହ ଫେରିଛି, ଯାହା ୨୦୨୩ରେ ସବୁଠାରୁ ବଡ ବ୍ଲକ୍‌ବଷ୍ଟର ହେବା ପାଇଁ ପ୍ରତିଶ୍ରୁତି ଦେଉଛି। ଖାଦ୍ୟପ୍ରେମୀମାନେ ପସନ୍ଦ କରୁଥିବା ଦୁଇଟି ଖାଦ୍ୟ-ଚିକେନ୍ ଓ ଟିଜ୍‌କୁ ଏକତ୍ରିତ କରି- କେଏଫ୍‌ସି ଟିଜା ନିଶ୍ଚିତ ରୂପେ ଆପଣଙ୍କୁ ଆକର୍ଷିତ କରିବ। ଏହି ଉତ୍ପାଦ ବିଗତ ବର୍ଷଗୁଡିକରେ କେଏଫ୍‌ସି ପ୍ରଶଂସକଙ୍କଠାରୁ ଖୁବ୍ ଭଲପାଇବା ହାସଲ କରିବା ପରେ ଲୋକପ୍ରିୟ ଚାହିଦାରେ ପୁଣିଥରେ ଫେରିବା ପାଇଁ ପ୍ରସ୍ତୁତ ରହିଛି। ଏଥିରେ କେଏଫ୍‌ସିର କ୍ରିସ୍ପି ଚିକେନ୍ ଅନ୍ ଟପ୍ ଏବଂ ତଳେ ଅଧିକ କ୍ରିସ୍ପି ଚିକେନ୍ ରହିଛି, ଯାହା ଏହାକୁ ପ୍ରଶଂସକଙ୍କ ପାଇଁ ପସନ୍ଦର ଖାଦ୍ୟରେ ପରିଣତ କରିଛି।

# ବ୍ରହ୍ମପୁର ବଡ଼ବଜାରରେ 'ଟ୍ରେଣ୍ଡସ୍'ର ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟିତ




**ଭୁବନେଶ୍ୱର,୧୧।୧**

ରିଲାଏନ୍ସ ରିଟେଲର ପୋଷାକ ଏବଂ ଆସେସୋରିଜ୍ ସ୍ପେଶାଲିଟି ଚେନ୍ ଟ୍ରେଣ୍ଡସ'ର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ନିକଟରେ ବ୍ରହ୍ମପୁର ବଡ଼ବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ୬୮୦୦ବର୍ଗ ଫୁଟ୍ ପରିମିତ ସ୍ଥାନରେ ଗଢ଼ି ଉଠିଥିବା ଏହି ଅତ୍ୟାଧୁନିକ ଷ୍ଟୋରରେ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ରହିଛି। ଏପରିକି ଗ୍ରାହକମାନେ ୩୯୯୯ ଟଙ୍କାର କିଣାକିଣି ଉପରେ ୩୯୯୯ଟଙ୍କା ମୂଲ୍ୟର ସାମଗ୍ରୀ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। କେବଳ ସେତିକି ନୁହେଁ, ୩୯୯୯ ଟଙ୍କାର କ୍ରୟ ଉପରେ ଗ୍ରାହକମାନେ ୪୦୦୦ ଟଙ୍କାର କୁପନ ମଧ୍ୟ ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ସେହିଭଳି ବ୍ରହ୍ମପୁରର ବଡ଼ବଜାର ସ୍ଥିତ ଟ୍ରେଣ୍ଡସ୍ ଷ୍ଟୋରରେ ଅତ୍ୟାଧୁନିକ ରୂପ ସହ କିଣାକିଣି ବେଳେ ଗ୍ରାହକମାନେ ଯେଭଳି ଉତ୍ତମ ପରିବେଶର ଅନୁଭୂତି ପାଇବେ, ତାହା ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ଏଠାରେ ଜିଲାବାସୀ ଓ ସ୍ଥାନୀୟ ଅଞ୍ଚଳର ଗ୍ରାହକଙ୍କ ମଧ୍ୟରେ ପ୍ରାସଙ୍ଗିକ ଥିବା ଆକର୍ଷଣୀୟ ରେଞ୍ଜର ଉତ୍ତମ ପୋଷାକ ଗୁଣାତ୍ମକ ଓ ଫ୍ୟାଶନଯୁକ୍ତ ସାମଗ୍ରୀ ବିକ୍ରି ପାଇଁ ଉପଲବ୍ଧ କରାଯାଇଛି।

# ମାଇଁ ଷ୍ଟାର୍ଟଅପ୍ ସିଜନ ୪.୦ରେ ଶୁଭାରମ୍ଭ

**ଭୁବନେଶ୍ୱର,୧୧।୧**

ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍‌ଲିମିଟେଡ୍‌ର ସହଯୋଗୀ ସଂସ୍ଥା ବ୍ରିଟାନିଆ ମ୍ୟାରି ଗୋଲ୍ଡ ପକ୍ଷରୁ ବ୍ରିଟାନିଆ ମ୍ୟାରି ଗୋଲ୍ଡର ମାଇଁ ଷ୍ଟାର୍ଟଅପ୍ କ୍ୟାମ୍ପେନ୍‌ର ଶୁଭାରମ୍ଭ କରାଯାଇଛି। ବିଶେଷକରି ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ 'ମାଇଁ ଷ୍ଟାର୍ଟଅପ୍ ସିଜନ-୪'ର ଶୁଭାରମ୍ଭ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଉକ୍ତ ସିଜନର ଅନ୍ୟତମ ହାଇଲାଇଟ୍ ହେଉଛି ଯେ, ସମସ୍ତ ଅଂଶଗ୍ରହଣକାରୀ ଗୁଗଲ୍‌ର ୱମେନ୍‌ୱିଲ୍ ପ୍ରୋଗ୍ରାମ ପାଇଁ ମନୋନୀତ ହୋଇପାରିବେ। ବ୍ରିଟାନିଆ ମ୍ୟାରି ଗୋଲ୍ଡର ମାଇଁ ଷ୍ଟାର୍ଟଅପ୍ କ୍ୟାମ୍ପେନ୍ ସଫଳତାର ସହ ୩ଟି ସିଜନ୍‌ର ପରିଚାଳନା କରିବା ସହ ଭାରତୀୟ ଗୃହିଣୀମାନଙ୍କୁ ସେମାନଙ୍କର ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ପାଇଁ ପାଣ୍ଠି ଓ ଦକ୍ଷତା ବିକାଶ ପ୍ରଦାନ କରିଛି। ଏହା ଏକ ବ୍ୟବସାୟିକ ସାକ୍ଷରତା କାର୍ଯ୍ୟକ୍ରମ ଯାହା କିଭଳି ଏକ ଆଗ୍ରହକୁ ବ୍ୟବସାୟରେ ପରିଣତ କରିବା ସହ ଏକ ଉଦ୍ୟୋଗକୁ ପରିଚାଳନା କରିବା ଓ ଅଭିବୃଦ୍ଧି ପାଇଁ ପ୍ରୋତ୍ସାହିତ କରିବା ସେ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥାଏ। ଶିକ୍ଷା ଯାତ୍ରା ଶେଷ କରିଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏକ ସାର୍ଟିଫିକେଟ୍ ସହ ସମ୍ମାନିତ ମଧ୍ୟ କରାଯାଇଥାଏ। କମ୍ପାନୀର ଏଭଳି ପଦକ୍ଷେପ ୧୦ ଜଣ ମନୋନୀତ ଗୃହିଣୀଙ୍କୁ ସେମାନଙ୍କର ଉଦ୍ୟୋଗୀ ଯାତ୍ରା ଆରମ୍ଭ କରିବା ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବ।

ଏ ସମ୍ପର୍କରେ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଚିଫ୍ ମାର୍କେଟିଂ ଅଫିସର ଅମିତ୍ ଦୋଷୀ କହିଛନ୍ତି, କମ୍ପାନୀ ଦୀର୍ଘ ଦଶନ୍ଧି ହେବ ଭାରତୀୟ ଗୃହିଣୀମାନଙ୍କର ସହ ଏକ ଅନ୍ତରଙ୍ଗ ସଂଯୋଗ ରହି ଆସିଛି। ଏପରିକି ଆମେ ମ୍ୟାରି ଗୋଲ୍ଡ ମାଇଁ ଷ୍ଟାର୍ଟଅପ୍ ଅଭିଯାନର ୩ଟି ସଫଳ ସିଜନକୁ ପରିଚାଳନା କରି ଗର୍ବିତ ମନେକରୁଛୁ। ଏଥିପାଇଁ ଆମେ ଅଣ-ମେଟ୍ରୋ ଅଞ୍ଚଳରୁ ପ୍ରାୟ ୬୦% ସହ ସର୍ବଭାରତୀୟ ସ୍ତରରୁ ମହିଳା ଆଶାୟୀଙ୍କଠାରୁ ପ୍ରାୟ ୪ ମିଲିୟନ ଆବେଦନ ହାସଲ କରିଥିଲୁ।




ଅଟୋ ଏକ୍ସପୋର ୧୬ ତମ ସଂସ୍କରଣରେ କିଆ ଇଣ୍ଡିଆ ପକ୍ଷରୁ ୨ଟି ଅତ୍ୟାଧୁନିକ ମଡେଲ ପ୍ରଦର୍ଶିତ କରାଯାଇଛି। ଏହି ପରିପ୍ରେକ୍ଷୀରେ କିଆର ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ୍ ଏସ୍‌ୟୁଭି କନ୍‌ସେପ୍ଟ-କିଆ କନ୍‌ସେପ୍ଟ ଇଭି୯ ଓ ଲକ୍‌ଜୁରି ଆର୍‌ଭି କିଆ କେଏ୪କୁ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉନ୍ମୋଚନ କରୁଛନ୍ତି।

# ବିଓବି କଟକ କ୍ଷେତ୍ର ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ

**କଟକ,୧୧।୧**

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ହିନ୍ଦୀ ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓବି ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ଆରମ୍ଭରେ ରାଜଭାଷା ଅଧିକାରୀ ବିଶ୍ୱ ହିନ୍ଦୀ ଦିବସର ଇତିହାସକୁ ମନେପକାଇବା ସହ ପ୍ରଧାନମନ୍ତ୍ରୀଙ୍କ ସଚିବାଳୟରୁ ହିନ୍ଦୀ ଦିବସର ସନ୍ଦେଶ ସମ୍ପର୍କରେ ଉପସ୍ଥିତ କର୍ମଚାରୀମାନଙ୍କୁ ଅବଗତ କରାଇଥିଲେ। ସେହିଭଳି କ୍ଷେତ୍ରୀୟ ମୁଖ୍ୟ ରଞ୍ଜିତ କୁମାର ବିଶ୍ୱସ୍ତରୀୟ ହିନ୍ଦୀର ମହତ୍ତ୍ୱ ଓ ଉପଯୋଗିତା ଉପରେ ବିସ୍ତୃତ ଆଲୋକପାତ କରିବା ସହ ନିଜ ଦୈନନ୍ଦିନ ଜୀବନରେ ସମସ୍ତେ ହିନ୍ଦୀ ଭାଷାର ବ୍ୟବହାର କରିବା ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସେହିପରି ଉପ-କ୍ଷେତ୍ରୀୟ ମୁଖ୍ୟ ନିର୍ବିକାର ରଥ ହିନ୍ଦୀ ଭାଷାର ପ୍ରୟୋଗ ବଢ଼ାଇବା ପାଇଁ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଅପରପକ୍ଷରେ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଯଥା ହିନ୍ଦୀ ଆଶୁ ଭାଷଣ, କବିତା ପଠନ ଏବଂ ସଂଗୀତ ଗାନ ଆଦି ଆୟୋଜନ ସହ ବିଜୟୀ ପ୍ରତିଯୋଗୀମାନଙ୍କୁ ମଧ୍ୟ କାର୍ଯ୍ୟପାଳକଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ , ରାଜଭାଷା ଅଧିକାରୀ ମନୀଷା ଯାଦବ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କହିଛନ୍ତି, ବ୍ୟାଙ୍କର କଟକ କ୍ଷେତ୍ର ଦ୍ୱାରା ଶାଖା କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ହିନ୍ଦୀ ଲେଖନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ସେମାନଙ୍କ ସୃଜନଶୀଳତାର ପରିଚୟ ମଧ୍ୟ ମିଳିପାରିଥିଲା। ବିଶେଷକରି କେଉଁଝରର ମୁଖ୍ୟ ଶାଖା ଦ୍ୱାରା ସ୍ଥାନୀୟ ନିର୍ମଳା କନ୍‌ଭେଣ୍ଟ ସ୍କୁଲର ବିଦ୍ୟାର୍ଥୀମାନଙ୍କ ପାଇଁ ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ୯୨ଜଣ ବିଦ୍ୟାର୍ଥୀ ଏଥିରେ ଭାଗ ନେଇଥିଲେ। ପରିଶେଷରେ ବିଓବିର ଅଗ୍ରିମ ବିଭାଗର ମୁଖ୍ୟ ବିଷ୍ଣୁପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁର୍‌ସତ୍

# ସବୁଜଗୃହ ଉତ୍ସର୍ଜନରୁ ସମୁଦ୍ର ଉତ୍ତପ୍ତ



**ୱାଶିଂଟନ:** ୨୦୨୨ରେ ମହାସାଗର ସବୁଠୁ ଉଷ୍ମ ଥିଲା। ଏହା ମାନବ ଦ୍ୱାରା ନିର୍ଗତ ହେଉଥିବା ଗ୍ୟାସ ପୃଥିବୀର ଜଳବାୟୁରେ ଗଭୀର ଏବଂ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରିଛି। ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ଦ୍ୱାରା ଉତ୍ପାଦିତ ଅତିରିକ୍ତ ଉତ୍ତାପର ୯୦ ପ୍ରତିଶତରୁ ଅଧିକ ସମୁଦ୍ର ଦ୍ୱାରା ଶୋଷିତ ହୋଇଥାଏ। ୧୯୫୮ରେ ଆରମ୍ଭ ହୋଇଥିବା ରେକର୍ଡ ବିପଜ୍ଜନକ ଭାବରେ ସମୁଦ୍ରର ତାପମାତ୍ରା ବୃଦ୍ଧି ହେବାକୁ ସୂଚିତ କରୁଛି। ୧୯୯୦ ପରେ ବିଶ୍ୱତାପନ ତ୍ୱରାନ୍ୱିତ ହେବାରେ ଲାଗିଛି। ମହାସାଗରରେ ଦେଖାଦେଇଥିବା ତାପମାତ୍ରା ବୃଦ୍ଧି ଯୋଗୁ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିବାରେ ଲାଗିଛି। ପୃଥିବୀର ପାଣିପାଗ ଉପରେ ସମୁଦ୍ର ପୃଷ୍ଠର ତାପମାତ୍ରା ପ୍ରମୁଖ ପ୍ରଭାବ ପକାଇଥାଏ। ସମୁଦ୍ର ତାତି ଯୋଗୁ ସାମୁଦ୍ରିକ ଝଡ଼, ଟାଇଫୁନ ଏବଂ ବାୟୁରେ ଅଧିକ ଆର୍ଦ୍ରତା ସୃଷ୍ଟି ହୋଇଥାଏ, ଯାହାକି ପ୍ରବଳ ବର୍ଷା ଏବଂ ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି କରେ। ଉଷ୍ମ ଜଳ ବିସ୍ତାରିତ ହୋଇ ସମୁଦ୍ରର ସ୍ତରକୁ ବୃଦ୍ଧି କରି

## ଭାଙ୍ଗୁଛି ସମସ୍ତ ପୁରୁଣା ରେକର୍ଡ

ଉପକୂଳବର୍ତ୍ତୀ ସହରଗୁଡ଼ିକ ପାଇଁ ବିପଦ ସୃଷ୍ଟି କରିଥାଏ। ବାୟୁମଣ୍ଡଳର ତାପମାତ୍ରା ସହିତ ପ୍ରାକୃତିକ ଜଳବାୟୁ ପରିବର୍ତ୍ତନ ଦ୍ୱାରା ସମୁଦ୍ରର ତାପମାତ୍ରା ପ୍ରଭାବିତ ହୋଇଥାଏ। ପରିବେଶବିତ୍‌ଙ୍କ ଅନୁଯାୟୀ, ପୂର୍ବ-ପଶ୍ଚିମ ଧ୍ରୁବଦ୍ୱୟରେ ପଶ୍ଚିମରେ କେନିଆ, ଇଥିଓପିଆ ଏବଂ ସୋମାଲିଆର ଜଳ ପୂର୍ବ ଇଣ୍ଡୋନେସିଆର ଜଳ ଅପେକ୍ଷା ଥଣ୍ଡା ଅଟେ। ପରିବେଶବତ୍‌ମାନେ କହିଛନ୍ତି ଯେ ଯେତେବେଳେ ଜଳର ତାପମାତ୍ରା ବଢ଼େ ଇଣ୍ଡୋନେସିଆ ସମେତ ନିକଟ ଉପକୂଳବର୍ତ୍ତୀ ଦେଶରେ ପ୍ରବଳ ବର୍ଷା ହୁଏ। ଯେତେବେଳେ ଜଳର ତାପମାତ୍ରା ହ୍ରାସ ହୁଏ, ପୂର୍ବ ଆଫ୍ରିକାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୁଏ। ଏହି ପ୍ରଭାବ ଯୋଗୁ ପ୍ରାୟ ୧୭ ହଜାର ବର୍ଷ ପୂର୍ବେ ବିଶ୍ୱର ବୃହତ୍ତମ ଭିକ୍ଟୋରିଆ ହ୍ରଦକୁ ସମ୍ପୂର୍ଣ୍ଣ ଶୁଖି ଯାଇଥିଲା। ନୂତନ ମହାସାଗରର ଉତ୍ତାପ ବିଶ୍ଲେଷଣ କରୁଥିବା ଅନ୍ତର୍ଜାତୀୟ ବୈଜ୍ଞାନିକ ଦଳ ସିଦ୍ଧାନ୍ତ ନେଇଛନ୍ତି ଯେ ମାନବ କାର୍ଯ୍ୟକଳାପ ଦ୍ୱାରା ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ପୃଥିବୀର ଶକ୍ତି ଏବଂ ଜଳ ଚକ୍ରକୁ ଗଭୀର ଭାବରେ ବଦଳାଇ ଦେଇଛି । ପୃଥିବୀର ଜଳବାୟୁ ପ୍ରଣାଳୀରେ ବ୍ୟାପକ ପରିବର୍ତ୍ତନ ଆଣିଛି ବୋଲି ମିନେସୋଟାସ୍ଥିତ ସେଣ୍ଟ ଥୋମାସ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଅଧ୍ୟୟନ ଦଳର ମୁଖ୍ୟ ଜନ ଆବ୍ରାହମ କହିଛନ୍ତି।

# ବାହାଘର କଥା ଲୁଚାଇବାକୁ କହିଥିଲେ ଆଦିଲ

**ମୁମ୍ବାଇ**

ସବୁ ସମୟରେ ବିବାଦରେ ରହିବାକୁ ପସନ୍ଦ କରୁଥିବା ବିଗ୍‌ବସ୍ ଫେମ୍ ରାକ୍ଷୀ ସାୱନ୍ତ ତାଙ୍କ ଦ୍ୱିତୀୟ ବିବାହକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ପ୍ରେମିକ ଆଦିଲ ଦୁରାନୀଙ୍କ ସହ କୋର୍ଟ ମ୍ୟାରେଜ୍ କରିଥିବା ଜଣାପଡ଼ିଛି। ଦୁହିଁଙ୍କ ବିବାହ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରଥମ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାର କିଛି ମାସ ପରେ ସେ ଆଦିଲଙ୍କୁ ଡେଟ୍ କରୁଥିଲେ। ଭାଇରାଲ ଫଟୋରେ କୋର୍ଟର ବିବାହ ପ୍ରମାଣପତ୍ରରେ ଦୁହେଁ ଦସ୍ତଖତ କରୁଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଫଟୋରେ ଉଭୟ ବେକରେ ଫୁଲମାଳ ପକାଇଥିବା ନଜରକୁ ଆସିଛନ୍ତି। ରାକ୍ଷୀଙ୍କ ଏପରି ହଠାତ୍ ବିବାହ କରିବା ସମସ୍ତଙ୍କୁ ଚକିତ କରିଛି। ତେବେ ରାକ୍ଷୀ ଗୋଟେ ଦିନ ପୂର୍ବରୁ ତାଙ୍କ ମା'ଙ୍କୁ ଟ୍ୟୁମର ହୋଇଛି, ତାଙ୍କ ସୁସ୍ଥତା ପାଇଁ କାମନା କରିବାକୁ ଏକ ପୋଷ୍ଟ ଶେୟାର କରିଥିଲେ। ଏହି ଫଟୋ ଭାଇରାଲ ହେବା ପରେ ରାକ୍ଷୀ କହିଛନ୍ତି, ଏହି ଫଟୋ ପୂର୍ବ ବର୍ଷର। ସେ ଆଦିଲଙ୍କୁ ୭ ମାସ ତଳେ ବିବାହ କରିଥିଲେ। ହେଲେ ଆଦିଲ ତାଙ୍କୁ ଏ କଥା ଲୁଚାଇବା ପାଇଁ କହିଥିଲେ। ଏବେ ତାଙ୍କ ସମୟ ଠିକ୍ ଚାଲି ନ ଥିବାରୁ ସେ ସମସ୍ତଙ୍କୁ ଏ ବିଷୟରେ ଜଣାଇଛନ୍ତି ବୋଲି କହିଛନ୍ତି। ତେବେ ରାକ୍ଷୀ ଏହା ପୂର୍ବରୁ ରିତେଶ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିବା ଦାବି କରିଥିଲେ। କିନ୍ତୁ କିଛି ମାସ ପରେ ଉଭୟଙ୍କ ସମ୍ପର୍କ ଭାଙ୍ଗିଯାଇଥିଲା।



# ୪୦୦ ପର୍‌ଫ୍ୟୁମ୍ କଲେକ୍ସନ

**ନୂଆଦିଲ୍ଲୀ**

ଦୁନିଆରେ ଅନେକ ପ୍ରକାର ଲୋକ ରହିଥାନ୍ତି ଏବଂ ତାଙ୍କ ପସନ୍ଦ ମଧ୍ୟ ଭିନ୍ନ ହୋଇଥାଏ। ଅନେକେ ତାଙ୍କ ମନ ପସନ୍ଦର ଜିନିଷକୁ ସାଇତି ରଖନ୍ତି। ରିପୋର୍ଟ ଅନୁସାରେ, ଜୋସେଫିନ୍ ନାମ୍ନୀ ଜଣେ ମହିଳାଙ୍କୁ ପର୍‌ଫ୍ୟୁମ୍ ବହୁତ ପସନ୍ଦ। ତାଙ୍କର ଏପରି ପସନ୍ଦ ଯୋଗୁ ସେ ୪୦୦ରୁ ଉର୍ଦ୍ଧ୍ୱ ପ୍ରକାର ପର୍‌ଫ୍ୟୁମ୍‌ର କଲେକ୍ସନ ତାଙ୍କ ଘରେ କରିଛନ୍ତି। ଯେଉଁଥିରେ ଭିନ୍ନ ଭିନ୍ନ ଫୁଲର ବାସ୍ନା ଭରି ରହିଛି। ମହିଳା ଜଣକ କହିଛନ୍ତି, ଯିଏ ବି ପର୍‌ଫ୍ୟୁମ୍ ବ୍ୟବହାର କରିବ, ସେ ସେତେ ଭଲ ଅନୁଭବ କରିବ। ସେ ଗ୍ଲୋସିୟର୍ ୟୁ ନାମରେ ଏକ ପର୍‌ଫ୍ୟୁମ୍ ବ୍ୟବହାର କରୁଛନ୍ତି, ଯାହାର ମୂଲ୍ୟ ପାଖାପାଖି ୫୦୦୦ ଟଙ୍କା ।





# ଛାତରେ ୮ କେଜିର ଅଜଗର

**କୁଆଲାଲମ୍ପୁର**

ସମୟ ରାତି ୧୧ଟା। ପରିବାରର ସମସ୍ତେ ଖାଇ ସାରି ହଲ୍‌ରେ ବସି ଟିଭି ଦେଖୁଥିଲେ। ସେତେବେଳେ ତାଙ୍କ ଛାତରୁ ପଡ଼ିଲା ବିଶାଳ ଅଜଗର। ପରିବାର ଲୋକ ସ୍ଥାନୀୟ ପ୍ରଶାସନକୁ ଏହି ଖବର ଜଣାଇବାରୁ ସେମାନେ ଆସି ସେହି ଅଜଗରକୁ କାବୁ କରିଛନ୍ତି। ନିକଟରେ ଏପରି ଘଟଣା ଘଟିଛି ମାଲେସିଆର ସରାୱାକ୍ ସହରର ମିରିରେ। ଖବରପାଇ ମିରି ପବ୍ଲିକ୍ ଡିଫେନ୍ସ ଫୋର୍ସର ୪ ଜଣ ଅଧିକାରୀ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ଡବା ତଳେ ଲୁଚିଥିବା ୮ କେଜି ଓଜନର ୧୦ ଫୁଟ ଅଜଗର ମିଳିଥିଲା। ତାକୁ ଉଦ୍ଧାର କରି ଏକ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡ଼ିଛି। ତେବେ ପରିବାର ଲୋକେ କହିଛନ୍ତି, ଅନେକ ଦିନ ହେବ ତାଙ୍କ ଛାତରୁ କିଛି ଶବ୍ଦ ଶୁଣିବାକୁ ମିଳୁଥିଲା। ହେଲେ ସେମାନେ ମୂଷା ଭାବି ଚୁପ ରହିଯାଉଥିଲେ।

# ଅସଲି ବାହୁବଳୀ

ଇଣ୍ଟରନେଟ ଦୁନିଆ ଅତ୍ୟନ୍ତ ଅଜବ। ଏଠାରେ ବେଳେବେଳେ ଏମିତି ଭିଡିଓ ଭାଇରାଲ ହୁଏ, ଯାହା ଦେଖିବାକୁ ଆଶ୍ଚର୍ଯ୍ୟଜନକ ହୋଇଥାଏ। ନିକଟରେ ସେମିତି ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଜଣେ ବ୍ୟକ୍ତିଙ୍କ ବୀରତ୍ୱ ସାଧାରଣରେ ପ୍ରଶଂସା କରାଯାଉଛି। ଏହି ଆଶ୍ଚର୍ଯ୍ୟଜନକ ଭିଡିଓରେ ଦେଖିବାକୁ ମିଳେ ଯେ, ଜଣେ ବ୍ୟକ୍ତି ଦଉଡି ସାହାଯ୍ୟରେ ନିଜ କାନ୍ଧରେ ଏକ ଲାଲ ସ୍କୁଟି ବାନ୍ଧିଛନ୍ତି। ଏଥିସହିତ ସେ ସାମ୍ନାରେ ପାର୍କିଂ ହୋଇଥିବା ଅନ୍ୟ ବାଇକକୁ ଉଠାଇବାକୁ ଚେଷ୍ଟା କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହି ସମୟରେ ଏକ ଛୋଟ ପିଲା ଆସି ବାଇକ ଉପରେ ଠିଆ ହୁଅନ୍ତି ଏବଂ ପିଲାଟି ସହିତ ବ୍ୟକ୍ତି ଜଣକ ବିନା ଦ୍ୱନ୍ଦ୍ୱରେ ବାଇକ ଉଠାନ୍ତି। ଭିଡିଓରେ ଥିବା ବ୍ୟକ୍ତିଙ୍କ ଏହି ଷ୍ଟଣ୍ଟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି।



# କଟକ ୟୁନିୟନ ସ୍ପୋର୍ଟିଂ ବିଜୟୀ

**ସର୍ବଭାରତୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାଜନଗର,୧୧।୧(ଡି.ଏନ.ଏ.)

ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳ ମିନି ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ ୪୧ତମ ଚଞ୍ଚଳ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ଖୋର୍ଦ୍ଧାକୁ ହରାଇ କଟକ ଟିମ୍ ବିଜୟ ହୋଇଛି । ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟରରେ ଖୋର୍ଦ୍ଧାର ଷ୍ଟଡ କ୍ରିକେଟ୍ କ୍ଲବ୍‌କୁ ହରାଇ କଟକ ୟୁନିୟନ ସ୍ପୋର୍ଟିଂ ୩ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି । ଟସ୍ ଜିତି ଷ୍ଟଡ କ୍ରିକେଟ୍ କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା । ୨୫ ଓଭର ବିଶିଷ୍ଟ ମ୍ୟାଚରେ ଖୋର୍ଦ୍ଧା ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ କରିବାକୁ ସକ୍ଷମ ହୋଇଥିଲା । ଦଳର ସତ୍ୟଚନ୍ଦ୍ର ଲେଙ୍କା ୩୭ ବଲରୁ ଗୋଟିଏ ଛକା ଓ ୩ଟି ଚୌକା ସହାୟତାରେ ୩୧ ରନ ଓ ଇମ୍ ସିଡ଼ିୟାନ ଅଲ୍ଲୀ ୧୮ ବଲରୁ ୧ଟି ଛକା ଓ ୪ଟି ଚୌକା ସହାୟତାରେ ୨୬ ରନ କରିଥିଲେ । କଟକର ସୌମେନ୍ଦ୍ର ଦାସ ୪ ଓଭରରେ ୧୫ ରନ ଦେଇ ୩ ଉଇକେଟ ହାସଲ କରିଥିଲେ । ଶୁଭମ ଦାସ ୫ ଓଭରରେ ୧୨ରନ୍ ଦେଇ ୪ ଉଇକେଟ ହାସଲ କରିଥିଲେ । ୧୪୯ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ୟୁନିୟନ ସ୍ପୋର୍ଟିଂ କଟକ ୨୦.୩ ଓଭରରେ ୭ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା । ଦଳର କେଜି ପାତ୍ର ୨୩ ବଲରୁ ୨ଟି ଛକା ଓ ୩ଟି ଚୌକା ସହାୟତାରେ ୩୩ ରନ, ଶ୍ରୀହରି ଦଳାଇ ୨୧ଟି ବଲରୁ ୩ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୨୭ରନ କରିଥିଲେ । ଖୋର୍ଦ୍ଧାର ସତ୍ୟଚନ୍ଦ୍ର ଲେଙ୍କା ୫ ଓଭରରେ ୩୦ ରନ ଦେଇ ୩ଟି ଉଇକେଟ ନେଇଥିଲେ । କଟକର ଶୁଭମ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟାପିକା ଭଗବତୀ ରାଉତ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାବର ଶାଖା ପରିଚାଳକ ପ୍ରଣବ କୁମାର ମହନ୍ତ, ବିଲିକଣା ସେବା ସମବାୟ ସମିତି ସମ୍ପାଦକ ସୁମନ୍ତ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସୁବାସ ଚନ୍ଦ୍ର ପ୍ରଧାନ ଓ ନିରୋଦ ବଳ ଖେଳ ପରିଚାଳନା କରିଥିବା ବେଳେ ଉମେଶ ଚନ୍ଦ୍ର ବଳ, ହଳଧର ପ୍ରଧାନ ସ୍କୋରର ଭାବେ ଓ ବିଜୟ ବଳ, ରମେଶ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଆୟୋଜକ ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ, କୋଷାଧ୍ୟକ୍ଷ ତପନ କୁମାର ପରିଡାଙ୍କ ସମେତ ସମସ୍ତ ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ । ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।



ଦ୍ୱିତୀୟ ଦିବସ ମ୍ୟାଚରେ ମଞ୍ଚାସୀନ ଅତିଥି ।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଧର୍ମଶାଳା/ଜେନାପୁର, ୧୧।୧(ଡି.ଏନ.ଏ.):

ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଦୁବୁରି ୫୩ନଂ. ଜାତୀୟ ରାଜପଥର କବାଟବନ୍ଧ ନିକଟସ୍ଥ ବ୍ରାହ୍ମଣୀ ପୋଲ ଉପରେ ଅଜଣା ଗାଡ଼ି ଧକ୍କାରେ ବୁଧବାର ଭୋର ସମୟରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ହେଲେ ଉକ୍ତ ଥାନା ଅଧୀନ କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମର ମନମୋହନ ସ୍ୱାଇଁଙ୍କ ପୁଅ ପୃଥ୍ୱିରାଜ ସ୍ୱାଇଁ ଓରଫ୍ ବାଦଲ(୩୨) । ସେ କଳିଙ୍ଗନଗରସ୍ଥିତ ଟାଟା କମ୍ପାନୀରେ କାମ କରୁଥିଲେ । କମ୍ପାନୀରୁ କାମ ସାରି ଘରକୁ ଫେରୁଥିବା ସମୟରେ ବ୍ରାହ୍ମଣୀ ପୋଲ ଉପରେ ତାଙ୍କୁ ଗାଡ଼ି ଧକ୍କା ଦେବା ସହ ତାଙ୍କ ମୁଣ୍ଡରେ ଚଢ଼ି ଯାଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ଜେନାପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଏନେଇ ଥାନାରେ ନଂ.୧୪/୨୩ରେ ଏକ ମାମଲା ରୁଜୁ ହୋଇଛି ।

# ୨ ଟ୍ରଲର ଜବତ, ୩୨ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୧।୧(ଡି.ଏନ.ଏ.)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ୨ଟି ଟ୍ରଲର ଜବତ କରିବା ସହ ଏଥିରେ ଥିବା ୩୨ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି । ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି, ନବୀନ କୁମାର ମଲ୍ଲିକ ଓ ବନକର୍ମଚାରୀମାନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବିରଳ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ସାତଭାୟାଠାରୁ ୧୦ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ମା'ହିରଣ୍ୟମୟୀ-୩ ଓ ମା' ରାଜଲକ୍ଷ୍ମୀ-୮ ନାମକ ୨ଟି ଟ୍ରଲରକୁ ଜବତ କରିଥିଲେ । ଉଭୟ ଟ୍ରଲରେ ଥିବା ସେକ୍ ନବୀ, ଅଭିମନ୍ୟୁ ଓଝା, ସାମା ଟୁଡୁ, ପ୍ରଦୀପ କୁମାର ସିଂ, କାର୍ତ୍ତିକ ମଣ୍ଡଳ, ରବିନ୍ଦ୍ର ବେହେରା, ବଳରାମ ବେହେରା, ସମ୍ରାଟ ମଣ୍ଡଳ ପ୍ରମୁଖ ୩୨ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛନ୍ତି । ଜବତ ୨ଟି ଟ୍ରଲରରୁ ୧୦ କୁଇଣ୍ଟାଲ ମାଛ, ୧୭ଟି ଟ୍ରଲିଂ ନେଟ, ୨ଟି ଜିପିଏସ୍, ୪ଟି ଭିଏଚ୍‌ଏଫ୍, ଗୋଟିଏ ଫିସ୍ ଫାଇଣ୍ଡର ଜବତ କରାଯାଇଛି । ଗିରଫ ମତ୍ସ୍ୟଜିବୀମାନଙ୍କୁ ବନ୍ୟପ୍ରାଣୀ ଆଇନ ୧୯୭୨ ଧାରା ୨୭, ୨୯, ୩୧ରେ କୋର୍ଟ ଚାଲାଣ କରାଯାଇଛି ।



ଜବତ ଟ୍ରଲର ଉପରେ ଗିରଫ ମତ୍ସ୍ୟଜୀବୀ ।

# ୧୫ ଦିନ ମଧ୍ୟରେ ଚାଲିଗଲେ ଦମ୍ପତି

ବାଲିଚନ୍ଦ୍ରପୁର/ଚଣ୍ଡିଖୋଲ, ୧୧।୧(ସ୍ୱ.ପ୍ର./ଡି.ଏନ୍.ଏ.)

**ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ଜେନାଙ୍କ ବୁଧବାର ପୂର୍ବାହ୍ନରେ ତାଙ୍କ ଲଳିତଗିରିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ଅସୁସ୍ଥ ଥିଲେ । ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା । ବିଜ୍ଞାନ ଶିକ୍ଷକ ଭାବେ ବାଲିଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟରେ ଚାକିରି ଆରମ୍ଭ କରି ଶେଷରେ ପ୍ରଧାନଶିକ୍ଷକ ପଦବୀ ମଣ୍ଡନ କରି ଅବସର ଗ୍ରହଣ କରିଥିଲେ । ଡିସେମ୍ବର ୨୮ ତାରିଖରେ ତାଙ୍କ ସ୍ତ୍ରୀ ପୁଷ୍ପଲତାଙ୍କ ଦେହାନ୍ତ ହୋଇଥିଲା । ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁର ଠିକ୍ ୧୫ ଦିନ ମଧ୍ୟରେ ନିମାଇଁଙ୍କ ମୃତ୍ୟୁ ହୋଇଛି । ଫଳରେ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ନୈରାଶ୍ୟ ଦେଖାଦେଇଛି । ମରଶରୀରକୁ ଲଳିତଗିରିଠାରୁ ଏକ ଶୋଭାଯାତ୍ରାରେ ତାଙ୍କର କର୍ମସ୍ଥଳୀ ବାଲିଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟକୁ ଅଣାଯାଇଥିଲା । ସେଠାରେ ଅପେକ୍ଷାରତ ଶିକ୍ଷୟିତ୍ରୀଶିକ୍ଷକ, ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଓ ସଦସ୍ୟ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।


## RASHTRIYA AYURVEDA VIDYAPEETH

(NATIONAL ACADEMY OF AYURVEDA)

(An autonomous organization under Ministry of AYUSH, Govt. of India)

Dhanwantari Bhawan, Road No.66, Punjabi Bagh (West), New Delhi-110026

Phone Nos.: 011-25228548 & 25229753 Email: gsp-ravdl@gov.in

### ADMISSION NOTICE 2022-23

Rashtriya Ayurveda Vidyapeeth, New Delhi (RAV) is holding a **Written Test** on **05th February, 2023 (Sunday) at New Delhi, Pune, Jaipur, Bengaluru, Varanasi and Thrissur** for the admission in One year "Certificate Course of Rashtriya Ayurveda Vidyapeeth (CRAV)" for the eligible Ayurvedic doctors, having qualified BAMS (Ayurvedacharya) / M.D. (Ay.)/M.S. (Ay.) from any University/ College, recognized under IMCC Act-1970. Interested candidates may visit the Vidyapeeth's website **www.ravdelhi.nic.in** for details of eligibility, subjects, prescribed format of application, prospectus, other information etc. and they must sent their duly filled in application **only through Post on above address on or before 25th January, 2023.**

CBC 17212/12/0002/2223

**Director,**
**Rashtriya Ayurveda Vidyapeeth**

## OFFICE OF THE SUPERINTENDING ENGINEER RURAL WORKS DIVISION-I,GANJAM, BERHAMPUR

**Government of Odisha e-Procurement Notice**

**Bid Identification No.Online Tender//10//SERWDG-I//2022-23**

**Phone:0680-2291405,**

**NoO-1608:** **Email:eerw_gm1@yahoo.co.in**

**Letter No.159//RWDG-I//BAM//Date 10.01.2023**

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.55.52 Lakh |
| 3 | Period of Completion | :: | 03 (Three) Calendar Months as shown in Column No.05 of Annexure |
| 4 | Date & Time of availability of Bid documents in the Portal | :: | From 16.01.2023 at 11.30 AM to 23.01.2023 upto 5.00 P.M. |
| 5 | Last Date/Time for receipt of Bids in the Portal | :: | 23.01.2023 upto 5.00 P.M. |
| 6 | Name and Address of the Officer Inviting Bid | :: | Superintending Engineer, Rural Works Division-I, Ganjam, Berhampur |

Further details can be seen from the e-Procurement portal website https://www.tendersodisha.gov.in.

**Sd./- Superintending Engineer**
OIPR-25085/11/0012/2223 **R.W.Division-I, Ganjam, Berhampur**

## The Odisha Small Industries Corporation Ltd.

(A Government of Odisha Undertaking)

*(An ISO:9001:2008 certified Govt. Company)*

Industrial Estate, Madhupatna, CUTTACK – 753 010. Odisha.

Tel No. : 0671-2341204 ,2342816 Fax : 0671-2341875/2342561

e-mail: osicltd@gmail.com, osicmd@gmail.com, website: osicltd.in

No. CAD-4440 OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.110/RE/OSIC** **Dt.09.01.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of "**Supply, installation and commissioning of weighbridge at SWC Borigumma under Odisha State Warehousing Corporation, Bhubaneswar**". Tender details can be downloaded from the OSIC website **www.osicltd.in** Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

**Sd/-**
**GENERAL MANAGER(O)**

OIPR-14073/11/0136/2223

## OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK

### SHORT TENDER CALL NOTICE

Notice No. LXVII-424/2022/RS/TC/47 Date: 09.01.2023

No.JJ-44:- Sealed tenders are invited for Request for Proposal (RFP) for selection of agency for conducting site survey, feasibility study, finalization of location / nodes for implementation of IEMS (Phase-III) on National Highways / State Highways / Major District Roads of Odisha latest by 10.02.2023. For details please go through our website www.odishatransport.gov.in

By the orders of
**Transport Commissioner, Odisha**
**Sd./- Addl. Commissioner, Transport (R.S.)**
**STA, Odisha, Cuttack**

OIPR-38003/11/0044/2223

## OFFICE OF THE BARIPADA MUNICIPALITY

**BARIPADA, MAYURBHANJ- 757001**

Tel:06792-252703, Website:www.baripadamunicipality.in
e-mail:baripadam.hud@nic.in.

### Expression of Interest (EOI)

**For Art Painting works in different places under Baripada Municipality Area**

No.92 Date:10.01.2023

**No.C-2261:**Baripada Municipality, invites Expression of Interest in sealed cover from interested Art Painters under Baripada Municipality Area for Art painting in different places under Municipality Area. The sealed Expression of Interest should be submitted to the address of Executive Officer Baripada Municipality on or before date 19.01.2023, Time 5.30 PM at Baripada Municipality Office.

The Sealed Tender will be opened on date 20.01.2023 at 11.30 AM in the conference hall of Baripada Municipality. The sealed envelope should be superscripted with "EOI for Art Painting works".

The rate chart of painting/ experience certificate/Art Photograph if any to be enclosed with Tender Paper.

http://baripadamunicipality.in/

**Sd./- Executive Officer, Baripada Municipality**
**OIPR-13078/11/0048/2223**

## GOVERNMENT OF ODISHA OFFICE OF THE ENGINEER-IN-CHIEF RURAL WORKS : BHUBANESWAR

No.-1612

**Notice inviting Expression of Interest for engagement of individuals as "State Quality Monitor". ID No: EOI-18/SQC Dt. 09.01.2023.**

Expression of interest is invited from interested individual having graduate degree in Civil Engineering from a recognized University & retired from the post not below the level of Executive Engineer or equivalent from a Govt. organization such as Works Department, Water Resources Department, Housing & Urban Development Department, Central / State Public Sector undertakings (PSUs) or their subordinate offices. Retired or serving faculty members of government engineering colleges / IITs / NITs / Government research institutes, etc. who have worked / consulted in the field of road construction / associated with bridge design & supervision of consultancy works can also apply.

**i. For inspection of Road Projects** - The candidate (retired Govt. Engineers) should possess the experience of working in the field of construction of roads for at least 5 years in last 10 years before his retirement from Government service. Also, in the last 5 years, he should have worked at least for 2 years in the field or roads (any field out of planning and designing, execution or management of construction or maintenance of roads). Retired or serving faculty members of government engineering colleges / IITs / NITs / Government research institutes, should possess minimum 10 years experience in the field of planning / design / supervision / execution / consultancy of construction and maintenance of roads.

**ii. For inspection of Bridge Projects-** The candidate (retired Government engineer) should possess the experience of working in the bridge sector (any field out of planning / design / execution) for at least 8 years, out of which at least 4 years should be in execution of bridge projects. Retired or serving faculty members of government engineering colleges/ IITs/ NITs/ Government research institutes should have minimum 08 years of experience of design / supervision consultancy of bridge projects. The candidates would be required to furnish the list of bridge works in which they were associated at the planning / design / execution/ supervision/ consultancy level.

**iii.** The candidates having qualification and experience of design and construction / supervision of both roads and bridge works shall indicate their candidature for empanelment as SQM for inspection of (a) roads, (b) bridges, (c) roads and bridges both in their application.

**iv. Recommending Authority :** The candidate (retired Government engineer and retired or serving faculty members) should have been recommended by the concerned State Government or by Government of India organizations, administrative head of the PSUs or head of the institute (as applicable), clearly indicating that his integrity is not questionable.

**v.** The candidate should be willing to work as State Quality Monitor with high ethical standards and sign the code of conduct.

**vi.** Interested Engineers should have sound health & physically fit to undertake tours to different rural pockets of any district and the applicant should not have attained the age of 67 years on the last date of application. The applicant would be allowed to work as SQM till the attainment of **70** years of age.

**vii.** The candidates who are retiring from the service on or before dt. 28.02.2023 can also apply.

**viii.** The candidate should have working knowledge of computers and smart phones.

They may be required to inspect at least in 2 spell during a month, having 5 to 6 days of inspection in each spell depending on situation for the purpose of 2nd tier quality monitoring system and to submit the reports to the concerned authorities. Remunerations as per existing norms will be paid. The period of engagement will be one year which may be suitably extended in future. This engagement is purely temporary.

Application with Affidavit from Notary (in the prescribed format) and self-attested supporting documents in respect of Aadhaar No, PAN No, Qualification Certificate, Detail list of work experience along with Annexure-I, Annexure-I(a), Annexure-I(b) & Annexure-III duly filled in should reach the undersigned in sealed cover on or before **2.00 PM on 25.01.2023**. The Committee will analyse the CVs, short list and call for interviews, such number of candidates as deemed fit, conduct personal interviews, which can also be held through video conferencing. Candidate as well as members of selection committee can also attend the selection committee meeting through VC. Selected candidates will be intimated through post / email to take up the assignment. The authority reserves the right to reject any or all applications without assigning any reason thereof. Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email ID: **sqc.odisha@yahoo.in, Mobile- 9437255400.**

The Annexure-I, Annexure-I(a), Annexure-I(b), Annexure-III & Affidavit format are available in the website : **www.rd.odisha.gov.in.**

Sd/-
Chief Engineer, PMGSY

**OIPR-25123/11/0022/2223**

See Career Appointment on every Wednesday & Saturday

## The Odisha Small Industries Corporation Ltd.

(A Government of Odisha Undertaking)

*(An ISO:9001:2008 certified Govt. Company)*

Industrial Estate, Madhupatna, CUTTACK – 753 010. Odisha.

Tel No. : 0671-2341204 ,2342816 Fax : 0671-2341875/2342561

e-mail: osicltd@gmail.com, osicmd@gmail.com, website: osicltd.in

No. CAD-4441 OSIC GST No. 21AAACO2101M1Z1

### TENDER CALL NOTICE

**Tender Notice No.108/RE/OSIC** **Dt.09.01.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. (i) "Supply and fixing of LED street lights under Biju KBK plan 2021-22 (State Sector) in the District of Koraput". (ii) "Supply and fixing of LED street lights under Biju KBK plan 2022-23 (State Sector) in the District of Koraput" (iii) Supply and fixing of LED street lights under Biju KBK plan 2022-23 (State Sector) in the District of Koraput. Tender details can be downloaded from the OSIC website **www.osicltd.in**. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

**Sd/-**
**GENERAL MANAGER(O)**

OIPR-14073/11/0137/2223

## OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**Tender Call Notice No.H.O/P&C/EST-E-2058/01/2022 696, Dated:09.01.2023**

**NOTICE INVITING TENDER THROUGH e-Procurement-2nd**

**No.CAD-4435: Name of the Work:** Providing first and last mile connectivity of 2.3 km long single lane road to 2-Lane with drain from MaithanIspat to RohitFerrotech in Kalinga Nagar Industrial Complex (KNIC) Dist- Jajpur, Odisha for bridging logistics connectivity gap

**Estimated Cost: Rs.1039.89 lakhs** (Approx.).

**Period of Completion: 08 (Eight)** Calendar Months

Pre-Bid Meeting is to be conducted on 21.01.2023 at 3.30 PM

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Id No. P&C/EST/ E-135/ 2022-23 | 17.00 Hours of 16.01.2023 | 17.00 Hours of 30.01.2023 |

**Further details can be seen from the e-Procurement Portal. www.tendersorissa.gov.in.** and corrigendum if any will not be published in newspapers and can only be seen in the e-Procurement portal **www.tenderorissa.gov.in. and IDCO website www.idco.in.**

**Sd./- Chief General Manager (P&C)**
OIPR-14003/11/0263/2223 **IDCO, Bhubaneswar**

## OFFICE OF THE COLLECTOR & DISTRICT MAGISTRATE, KHORDHA

**(Tourism Section)**

**No.442/TO Dt.10.01.2023**

### EXPRESSION OF INTEREST

**No.R-15:** Expression of interest is invited in sealed cover from reputed Firms/Caterers for making arrangement of food/outdoor catering at Bhubaneswar for 1000 nos. of pilgrims under the scheme of **"Baristha Nagarika Tirtha Yatra Yojana-2019"** for Senior Citizens of the State launched by State Tourism Department in collaboration with IRCTC (A Govt. of India undertaking) in order to facilitate the tour from Bhubaneswar Railway Station. The Agency shall make food & drinking water arrangements of these pilgrims during their stay at short stay home/ respective places of accommodations.

Last date of submission of EOI is 18.01.2023 upto 5 P.M.

The Terms of references may be collected from the Tourist Officer, Bhubaneswar or may be downloaded from our website www.khordha.nic.in/ www.orissatourism.gov.in.

**Sd./- Collector &**
OIPR-37006/11/0001/2223 **District Magistrate, Khordha**

## OFFICE OF THE EXECUTIVE ENGINEER (AGRIL.) KEONJHAR DIVISION, KEONJHAR

**(AT/PO-Madhapur, Dist-Keonjhar, PIN-758001, Odisha)**

**Email Id: eeagril.kjr@gmail.com**

### INVITATIONS FOR BIDS THROUGH e-Procurement

**No.12/ Agril (KJR) Dated 10.01.2023**

**Bid Identification No/e-Procurement Notice No.E.E.(A) KEONJHAR DIVISION-03/2022-23**

**No.L-117:**1.The Executive Engineer (Agril.) Keonjhar Division,Keonjhar, Odisha on behalf of Governor of Odisha invites Percentage Rate Bids in Single Cover system for the works as detailed in table below.

| Sl. No. | Name of Work | Approximate Estimated Cost put to Tender (Excluding G.S.T.) | Cost of Bid documents (in Rs.) | Class of Contractor | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Extension of FIAC Building, Banspal, Dist-Keonjhar | 18,23,695.00 | 6000 | D & C | 120 days |

The bidders have to participate in ONLINE bidding only.The website for ONLINE BIDDING is http://tendersorissa.gov.in. Bid documents will be available in above website from Dt.17.01.2023 at 11.00 AM upto 5.00 PM of Dt.31.01.2023 for ONLINE BIDDING. Date of original bid documents submission Dt.18.01.2023 at 11.00 AM to Dt.02.02.2023 upto 5.00 PM. Bids shall be opened at 11.00 AM & onwards on Dt.03.02.2023. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e-Procurement website www.tendersorissa.gov.in. N.B.: Subsequent corrigendum/ addendum/ if required shall be available in the website as indicated above.

**Sd./- Executive Engineer (Agril.), Keonjhar Division, Keonjhar**
**OIPR-01460/11/0005/2223**

## ODISHA CONSTRUCTION CORPORATION LTD.

**(A Govt. of Odisha Undertaking)**

**OFFICE OF THE GENERAL MANAGER (MECH.), ERECTION AND MAINTENANCE, CENTRAL WORKSHOP, RASULGARH, BHUBANESWAR -751010 (ODISHA)**

**Tel-0674-2580896, E-mail:gmerectionocc@gmail.com (GSTIN-21AAACO2571K2ZM)**

### "e"-Tender Notice No. 33/OCCL/2022-23 (on-line).

**No.CAD-4438:**Type of work:- Refurbishment of service and emergency gates with replacement of their existing hoisting systems with new hoisting arrangements pertaining to left & right head regulators of Jambhira Dam of Subarnarekha Irrigation Project.

Total No. of work : 02 (Two)

Period of completion : 150 (One hundred fifty) days.

| Tendering Officer | Bid Identification No. | Cost of Tender document (including GST) through online transfer system | Availability of tender (Online) | Submission of Bid (Online) |
|---|---|---|---|---|
| General Manager (Mech.), Erection and Maintenance, OCC Ltd., Central Workshop, Rasulgarh, Bhubaneswar | OCCL-G.M./ E&M/33/ 2022-23 | Rs.7,080.00/- (Non-refundable) | 13.01.2023 10.00 A.M. to 27.01.2023 5.00 P.M. | 13.01.2023 10.00 A.M. to 27.01.2023 5.00 P.M. |

Date of opening of the Technical Bid: 30.01.2023 at 11.00 A.M.

Further details can be seen from the Govt. website (www.tendersodisha.gov.in) Amendment/ corrigendum/ cancellation, if any shall be posted online only.

**Sd./-General Manager (Mech.)**
**OIPR-34163/11/0015/2223** **Erection and Maintenance OCC Ltd., Bhubaneswar**

# ମନମୁଖି ଚାଲିଛି ମେଗା ପ୍ରକଳ୍ପ କାମ

ଯାଜପୁର ଅଫିସ/ଜେନାପୁର (ଡି.ଏନ.ଏ.),୧୧।୧

ଆଗକୁ ଆସୁଛି ଗ୍ରୀଷ୍ମଋତୁ । ଏବେଠୁ ନଦୀ ନାଳ ଶୁଖିବାକୁ ଆରମ୍ଭ ହେଲାଣି। ନଦୀନାଳ ଭରା ଯାଜପୁର ଜିଲାରେ ମଧ୍ୟ ବ୍ରାହ୍ମଣୀ ନଦୀ ପାଣି କୂଳରୁ ଦୂରେଇ ଯାଉଛି। ଏଭଳି ସ୍ଥିତିରେ ଧର୍ମଶାଳା ବ୍ଲକରେ ପାନୀୟ ଜଳ କ୍ଲିଷ୍ଟତା ଏବେଠୁ ଦେଖା ଦେଇଛି। ଅଞ୍ଚଳବାସୀଙ୍କୁ ଗରାଏ ପିଇବା ପାଣି ଆଣିବାକୁ ବ୍ରାହ୍ମଣୀ ନଦୀ ବାଲିରେ ପ୍ରାୟ ୨ କିମି ଚାଲିଚାଲି ଯିବାକୁ ପଡୁଛି । ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଏବଂ ନଳକୂପ ମାଧ୍ୟମରେ ଅଞ୍ଚଳବାସୀଙ୍କୁ ଯଥେଷ୍ଟ ପରିମାଣରେ ଜଳଯୋଗାଣ କରାଯାଉଛି ବୋଲି ଦାବି କରାଯାଉଛି। କିନ୍ତୁ ବାସ୍ତବରେ ପାଇପ୍ ଜଳଯୋଗାଣ ପ୍ରକଳ୍ପ ଓ ନଳକୂପ ଦ୍ୱାରା ଲୋକେ ଉପକୃତ ହେଉଛନ୍ତି ନା ନାହିଁ ତାର ସତ୍ୟତା ଖୋଜିବାକୁ କାହାରି ପାଖରେ ଆନ୍ତରିକତା ନ ଥିବା ମନେ ହେଉଛି । ଯଦ୍ୱାରା ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ପାଣି ସମସ୍ୟା ଦୂରୀଭୂତ ହୋଇ ପାରୁନାହିଁ ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲାର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଥିବା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ(ପିଡବ୍ଲୁଏସ୍) ସମ୍ପର୍କରେ ପୂର୍ବରୁ ବିଧାନସଭାରେ ଏକାଧିକ ପ୍ରଶ୍ନ ଉଠିଛି। ଏହି ପ୍ରଶ୍ନର ଉତ୍ତରରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କାଗଜପତ୍ରରେ ଉତ୍ତର ରଖି ଜନ ପ୍ରତିନିଧିଙ୍କୁ ଚୁପ କରି ଦେଉଥିବା ଅନୁମାନ କରାଯାଉଛି। ଏହି ନିର୍ବାଚନ ମଣ୍ଡଳୀରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇଛି। ବଡ଼ଚଣା ଓ ଧର୍ମଶାଳା ବ୍ଲକର ୨୪୭ ଗ୍ରାମବାସୀଙ୍କ ପାଇଁ ୩୩୫.୭ କୋଟି ଟଙ୍କାରେ ଏକ ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମେଘା ଇଞ୍ଜିନିୟର ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସଂପୃକ୍ତ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ କେହି ତାଗିଦା କରିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ଫଳରେ ମନମୁଖି ଓ ନିମ୍ନମାନର କାର୍ଯ୍ୟ ହେଉଥିବାବେଳେ ଧାର୍ଯ୍ୟ ସମୟ ମଧ୍ୟରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାସ୍ତବରେ ଏହି ନିର୍ବାଚନମଣ୍ଡଳୀର ଆଭ୍ୟନ୍ତରୀଣ ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଉଗ୍ରରୂପ ନେବାରେ ଲାଗିଛି । କଳିଙ୍ଗନଗରରେ ଗଢି ଉଠିଥିବା ବୃହତ୍ ଶିଳ୍ପ କମ୍ପାନୀଗୁଡିକ ଅନୁମତିଠାରୁ ବହୁ ଗୁଣରେ ଅଧିକ ନଦୀ ଜଳ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ ହେଉଛି। କିନ୍ତୁ ସାଧାରଣ ଲୋକଙ୍କ ଅତି ଜରୁରୀ ପାନୀୟ ଜଳ ଟିକକ ପାଇଁ ଜିଲାବାସୀ ହାହାକାର ହେଉଛନ୍ତି । ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ଅଧୀନ ବାଲିକୁଦିଆ ବ୍ରାହ୍ମଣୀ ନଦୀ କୂଳରେ ୫ଏକର ବିଶିଷ୍ଟ ସରକାରୀ ଜମି ଉପରେ ୧୫୬ କୋଟି ଟଙ୍କା ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ଏହି ପ୍ରକଳ୍ପରୁ ଧର୍ମଶାଳା ବ୍ଲକର ୪୫ ଟି ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଆଶା ରଖିଛନ୍ତି। ପାଇପ୍ ଯୋଗେ ସମସ୍ତ ଗ୍ରାମବାସୀଙ୍କୁ


ବ୍ରାହ୍ମଣୀ ନଦୀର ବାଲିକୁଦିଆଠାରେ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ।

## ଧର୍ମଶାଳା ବ୍ଲକରେ ବଢୁଛି ପାନୀୟ ଜଳର ଅଭାବ

ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସ୍ଥିର କରିଥିବା ବେଳେ ଏଠାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ପ୍ରାୟ ପ୍ରତି ଗ୍ରାମର ରାସ୍ତା ପାର୍ଶ୍ୱ ଓ ଗାଁ ବିଭିନ୍ନ ଛକର କଂକ୍ରିଟ ରାସ୍ତାଗୁଡିକୁ ମେଶିନ ଯୋଗେ ତାଡି ଛିନଭିନ୍ କରି ଦିଆଯାଉଛି। ଫଳରେ ରାସ୍ତା ପାର୍ଶ୍ୱରୁ ମାଟି ଓ କଂକ୍ରିଟ ଉଠି ଯିବା ସହ ବହୁ ସ୍ଥାନରେ ରାସ୍ତା ଖାଲ ଖମା ସୃଷ୍ଟି ହୋଇଛି । ତେବେ ପାନୀୟ ଜଳ ଭଳି ମୌଳିକ ସୁବିଧା ହେଉଥିବାରୁ ଅଞ୍ଚଳବାସୀ ଏହି ସମସ୍ୟାକୁ ନଜର ଅନ୍ଦାଜ କରିଛନ୍ତି। କିନ୍ତୁ ୨୦୧୯ ରୁ ପ୍ରକଳ୍ପ ଆରମ୍ଭ ହୋଇଥିବାବେଳେ ୨୦୨୨ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ହେଲେ ଏଯାଏ ୫୦ ପ୍ରତିଶତ କାମ ବି ସରି ନ ଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଆରଡବ୍ଲୁଏସ୍ଏସ୍ର ସହକାରୀ ନିର୍ବାହୀ ଯନ୍ତ୍ରୀ କୁଳମଣି ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତାରେ ପାଇପ୍ ବିଛା କାମ ବିଳମ୍ବ ହେଉଛି । ୨୦୨୩ ଡିସେମ୍ବର ସୁଦ୍ଧା ଏହି ପ୍ରକଳ୍ପ କାମ ଶେଷ ହୋଇଯିବ ।

## ସଂକ୍ଷେପରେ

### ଖରସ୍ରୋତା ନଦୀରେ କୁମ୍ଭୀର, ଲୋକେ ଆତଙ୍କିତ



ସିଂହପୁର,୧୧।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀର ଜରି ଓ ବାଙ୍ଗରା ମଧ୍ୟସ୍ଥଳ ଛନ୍ଦାମୁଣ୍ଡ ଗ୍ରାମର ନଦୀକୂଳରେ ବୁଧବାର ଏକ କୁମ୍ଭୀର ଚଳପ୍ରଚଳ ଦେଖିବାକୁ ମିଳିଛି। ଫଳରେ ନଦୀକୂଳିଆ ଲୋକେ ଆତଙ୍କିତ ହୋଇପଡିଛନ୍ତି। କୁମ୍ଭୀରଟି ଶାବକ ହୋଇଥିବା ବେଳେ ନଦୀ କୂଳରେ ଶୋଇଥିବା ଦେଖାଯାଇଥିଲା। ଛନ୍ଦାମୁଣ୍ଡ ଗ୍ରାମର ବିଶ୍ୱାଳ ସାହି ଛନ୍ଦାଠାରୁ ସେଠି ସାହି ଛନ୍ଦା ମଧ୍ୟରେ ଅଧିକ ପାଣି ରହୁଥିବାରୁ ଏହି ସ୍ଥାନରେ କୁମ୍ଭୀର ଚଳପ୍ରଚଳ କରୁଥିବା ଲୋକେ କହିଛନ୍ତି। କୁମ୍ଭୀର ଆତଙ୍କ ଯୋଗୁ ଲୋକେ ନଦୀକୁ ଗାଧୋଇବା ସହ ନିତ୍ୟକର୍ମ ପାଇଁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ତୁରନ୍ତ ବନ ବିଭାଗ କୁମ୍ଭୀରକୁ ଧରିନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଇକ୍ ଧକ୍କାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

ରସୁଲପୁର,୧୧।୧(ଡି.ଏନ.ଏ.):

ବାଇକ୍ ଧକ୍କାରେ ଗୁରୁତର ହୋଇଥିବା ଜଣେ ବୃଦ୍ଧଙ୍କ ୨୪ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ହେଲେ କୁଆଖିଆ ଥାନା ନରସିଂହପୁର ପଞ୍ଚାୟତ ହରିପୁର ଗ୍ରାମର ଗୁରୁଚରଣ ସାହୁ(୭୨)। ୧୮ ଡିସେମ୍ବର ୨୦୨୨ରେ ବୃଦ୍ଧ ଜଣକ ହରିପୁର ବଜାରକୁ ଚା' ପିଇବାକୁ ଆସିଥିଲେ। ଏହି ସମୟରେ ସେ ରାସ୍ତା ପାର୍ ହେଉଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ହରିପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ଓ ଶେଷରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟବସ୍ଥାରେ ବିଶେଷ ଉନ୍ନତି ନ ଘଟିବାରୁ ବୃଦ୍ଧଙ୍କୁ ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା କରାଯାଉଥିଲା। ଉକ୍ତ ଘଟଣାକୁ ନେଇ ୩୦ ଡିସେମ୍ବରରେ ତାଙ୍କ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୪୩୫/୨୨ରେ ଏକ ମାମଲା ରୁଜୁ କରିଥିଲା। ଏସ୍ଆଇ ଭାଗବତ ମହାଳିକ ମାମଲାର ତଦନ୍ତ କରୁଛନ୍ତି।

### ଭାଜପା କର୍ମୀ ବିଜେଡିରେ ସାମିଲ

ସିଂହପୁର,୧୧।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତର ବରିଷ୍ଠ ଭାଜପା କର୍ମୀ ଅଜୟ ସାମଲ ଓ ତାଙ୍କର ୫୦ରୁ ଊର୍ଦ୍ଧ୍ୱ ସମର୍ଥକ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିର ପ୍ରତିଷ୍ଠା ଦିବସରେ ଆଉଁରୀ ପଞ୍ଚାୟତରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ବିଞ୍ଝାରପୁର ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲିକଙ୍କ ଉପସ୍ଥିତିରେ ଏହି କର୍ମୀମାନେ ଦଳରେ ମିଶିଥିଲେ। ନୂତନ କର୍ମୀଙ୍କୁ ମନ୍ତ୍ରୀ ମଲିକ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ତେବେ ଏତେ ସଂଖ୍ୟକ କର୍ମୀ ଦଳ ଛାଡ଼ିବା ଭାଜପାକୁ ଶକ୍ତ ଧକ୍କା ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

### ରାଜପଥରୁ ମୋବାଇଲ୍ ଲୁଟ

ପାଣିକୋଇଲି,୧୧।୧(ଡି.ଏନ.ଏ.): ଜାତୀୟ ରାଜପଥରେ ଲୁଟ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। କେତେବେଳେ ମୋବାଇଲ ଲୁଟ୍ ତ ପୁଣି କେତେବେଳେ ତେଲ ଚୋରି ଚାଲିଛି। ରାଜପଥରେ ପୋଲିସ ପାଟ୍ରୋଲିଂ ଗାଡି ଓ ପିସିଆର ଯାତାୟାତ କରୁଥିଲେ ହେଁ ଲୁଟେରାଙ୍କ ସେଥିପ୍ରତି ତିଳେ ଭ୍ରୂକ୍ଷେପ ନାହିଁ। ବୁଧବାର ଅପରାହ୍ଣରେ ମୂଳାପାଳ ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଗଦାଧର ଦାସ ଏକ ସ୍କୁଟି ଯୋଗେ ଜାରକାରୁ ୧୬ ନମ୍ବର ରାଜପଥରେ ଘରକୁ ଫେରୁଥିବା ବେଳେ ଲୁଟର ଶିକାର ହୋଇଛନ୍ତି। ଟିକର ଛକ ନିକଟରେ ଦୁଇ ଯୁବକ ଏକ ବାଇକରେ ଆସି ତାଙ୍କ ସାର୍ଟ ପକେଟରେ ଥିବା ମୋବାଇଲ ଛଡାଇନେଇ ନେଇ ଦ୍ରୁତ ଗତିରେ ପଳାଇଥିଲେ। ଏନେଇ ଦାସ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି।

## ଟାଟା ଷ୍ଟିଲ୍ ମାଇନିଂର ଖଣି ସୁରକ୍ଷା ସପ୍ତାହ

କାଳିଆପାଣି,୧୧।୧(ଡି.ଏନ.ଏ.):

ଟାଟା ଷ୍ଟିଲ ମାଇନିଂ କମ୍ପାନୀର ସୁକିନ୍ଦା ଖଣିରେ ଖଣି ସୁରକ୍ଷା ସପ୍ତାହ ମଙ୍ଗଳବାର ପାଳିତ ହୋଇଯାଇଛି। ଏହା କମ୍ପାନୀର ସୁକିନ୍ଦା ଖଣି କଲୋନୀ ପରିସର କାଟେପୂର୍ଣ୍ଣି ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀ କର୍ମଚାରୀ, ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ଖଣି ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଖଣି ସୁରକ୍ଷା ସପ୍ତାହ ପରିଦର୍ଶନ ଟିମ୍ରେ ଭୁବନେଶ୍ୱର ରିଜିୟନ ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଟେନ୍ଦୁ ମଣ୍ଡଳ, ଉପନିର୍ଦ୍ଦେଶକ ହରି ପ୍ରସାଦ, ନାଲକୋର ଡିଜିଏମ୍ ଅଜୟ ଚୌଧରୀ, ଇମ୍ପା ଖଣିର ବିଦ୍ୟୁତ୍ ବିଭାଗ ପରିଚାଳକ ସୌର୍ଯ୍ୟକାନ୍ତ ନାଗ, ଫେକର ବିଦ୍ୟୁତ୍ ବିଭାଗ ପରିଚାଳକ ଦିଲ୍ଲୀପ ମଲ୍ଲିକ, ଟାଟା ଷ୍ଟିଲ୍ ମାଇନିଂ ଜିଏମ ସୁଶାନ୍ତ କୁମାର ମିଶ୍ର, ମାଇନିଂ ମ୍ୟାନେଜର ସମ୍ଭୁନାଥ ଝା ପ୍ରମୁଖ ସକାଳୁ ଖଣି ପରିଦର୍ଶନ କରିଥିବା ବେଳେ ସନ୍ଧ୍ୟାରେ ଅନୁଷ୍ଠିତ ପ୍ରକଳ୍ପ ପ୍ରଦର୍ଶନ ଓ ସଭା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥି ଖଣି କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ପରିଦର୍ଶନ ପରେ କଲୋନୀ ଅନ୍ତେବାସୀ ପ୍ରତିଭା ମହିଳା ସଂଘ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାର ମିଷ୍ଟାନ୍ନର ସ୍ୱାଦ ଚାଖିଥିଲେ। ଅନୁଷ୍ଠିତ ସଭାରେ ଖଣି ପରିଚାଳକ ସମ୍ଭୁନାଥ ଝା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଖଣି ସୁରକ୍ଷା ନିର୍ଦ୍ଦେଶକ କ୍ରିଷ୍ଟେନ୍ଦୁ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତ୍ୟବ୍ୟରେ ଖଣି ସୁରକ୍ଷା ସପ୍ତାହ ପାଳନ ଉଦ୍ଦେଶ୍ୟ ଓ ସଫଳତା ପାଇବାକୁ ହେଲେ ପରିବାରଠାରୁ ଏହାକୁ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଣି ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ, ସହପରିଚାଳକ ସଞ୍ଜୀବ ସାହୁ, ଲୋକ ସମ୍ପର୍କ ପରିଚାଳକ ଜ୍ୟୋତିପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରୀ ସୁରକ୍ଷା ସମ୍ବନ୍ଧୀୟ ନାଟକ ଓ ନୃତ୍ୟ ପରିବେଷଣ କରିଥିଲେ। ନିରାପତ୍ତା ରକ୍ଷୀମାନେ ପାଲା ମାଧ୍ୟମରେ ସୁରକ୍ଷା ଓ ସଚେତନତା ବାର୍ତ୍ତା ଦେଇଥିଲେ।


କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ପାଣିକୋଇଲି ସମିତିରେ ଧାନକିଣା ଆରମ୍ଭ

ପାଣିକୋଇଲି,୧୧।୧(ଡି.ଏନ.ଏ.):

ପାଣିକୋଇଲି ପ୍ରାଥମିକ ସେବା ସମବାୟ ସମିତିରେ ଧାନ କିଣା ଆରମ୍ଭ ହୋଇଛି। ଏହି ସମିତିକୁ ପ୍ରଥମ ଦଫାରେ ୧୭ ହଜାର ୬ଶହ କୁଇଣ୍ଟାଲ ଧାନ କିଣାର ଟାର୍ଗେଟ ଦିଆଯାଇଛି। ମୋଟ୍ ୭୩୦ ଚାଷୀଙ୍କ ପଞ୍ଜୀକୃତ କରାଯାଇଥିବା ବେଳେ ୧୫୮ ଚାଷୀ ପଞ୍ଜୀକୃତରୁ ବାଦ ପଡ଼ିଛନ୍ତି। କାର୍ଯ୍ୟକ୍ରମରେ ସମିତି ସଭାପତି ସନ୍ତୋଷ ବେହେରା, ସିଇଓ ପ୍ରଶାନ୍ତ କୁମାର କର, ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସୂର୍ଯ୍ୟକାନ୍ତ ସାହୁ, ସମବାୟ ସମିତି ସମ୍ପାଦକ ସୁଦର୍ଶନ ପରିଡ଼ା, ଧାନ କ୍ରୟ କମିଟି ସଦସ୍ୟ ବଳରାମ ସାହୁ, ମୋହନ ଚରଣ ପାଢ଼ୀ, ସଭ୍ୟ ସୂର୍ଯ୍ୟମଣି ପଣ୍ଡା, କରୁଣାକର ମାଝି, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଦୀପକ ରାୟ, ଅଶୋକ ବେହେରା, ପଞ୍ଚାନନ ସାହୁ, ପ୍ରମୋଦ ସାହ, ରାମଚନ୍ଦ୍ର ସ୍ୱାଇଁ ଓ ଅନିଲ ବୋଇତାଇଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଥିଲା।

## ମନ ମୋହିଲା ଆଦିବାସୀ ନୃତ୍ୟ


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଚଣ୍ଡିଖୋଲ,୧୧।୧(ଡି.ଏନ.ଏ.):

**ବଡ଼ଚଣା ମହୋତ୍ସବର ୪ର୍ଥ ସନ୍ଧ୍ୟା**

ବଡ଼ଚଣାସ୍ଥିତ କେଏମ୍‌ସି ପଡ଼ିଆରେ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଚାଲିଥିବା ବଡ଼ଚଣା ମହୋତ୍ସବର ୪ର୍ଥ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ସନ୍ଧ୍ୟାରେ ପରିବେଷଣ କରାଯାଇଥିବା ଆଦିବାସୀ ନୃତ୍ୟ ବେଶ ଦର୍ଶକଙ୍କ ମନ ମୋହିଥିଲା। ରବିବାରଠାରୁ ଆରମ୍ଭ ହୋଇଥିବା ମହୋତ୍ସବ ୫ ଦିନ ଧରି ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ମହୋତ୍ସବ ପଡିଆ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି, ଯାହାକୁ ଦେଖିବାକୁ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଇଛି। ସନ୍ଧ୍ୟାରେ ହଜାର ହଜାରଲୋକଙ୍କ ସମାଗମ ଦେଖିବାକୁ ମିଳିଛି। ୪ଥ ସନ୍ଧ୍ୟାରେ ଉଦୀୟ ମାନ କଳା ପରିଷଦ, ପଶୁ ମୁଖା ନୃତ୍ୟ, ଝୁମୁରା, ମଡର୍ଣ୍ଣ ଡ୍ୟାନ୍ସ ଗ୍ରୁପ, ସାନ୍ତାଳୀ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ପଡ଼ିଆରେ ଅସ୍ଥାୟୀ ଦୋକାନଗୁଡ଼ିକରେ ମଧ ବ୍ୟବସାୟ ଭଲ ହେଉଛି। ଓରମାସ ତରଫରୁ ହସ୍ତ ଶିଳ୍ପ ପ୍ରଦର୍ଶନୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରୟ ହେଉଛି। ଛୋଟଛୋଟ ପିଲା ଚାର୍ଟ, ଠୁଙ୍କାପୁରୀ ଓ ଖେଳଣା ସାମଗ୍ରୀ ଦୋକାନରେ ଭିଡ ଜମାଉଛନ୍ତି।

## ଯାଜପୁରରେ ହକି ଷ୍ଟାଡିୟମ୍ ଉଦ୍‌ଘାଟିତ

ଯାଜପୁର ଟାଉନ,୧୧।୧(ଡି.ଏନ.ଏ.):

ଯାଜପୁର ସହରରେ ନିର୍ମାଣ କରାଯାଇଥିବା ହକି ଷ୍ଟାଡିୟମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ବୁଧବାର ଉଦ୍‌ଘାଟନ କରିଛନ୍ତି। ରାଜ୍ୟରେ ପ୍ରତିଷ୍ଠିତ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଏହି ଷ୍ଟାଡିୟମ୍‌ଟି ନିର୍ମିତ ହୋଇଛି। ଷ୍ଟାଡିୟମ୍‌ରେ ୩ହଜାର ଦର୍ଶକଙ୍କ ପାଇଁ ଗ୍ୟାଲେରି ନିର୍ମାଣ କରାଯାଇଛି। ଅତ୍ୟାଧୁନିକ ସିନ୍ଥେଟିକ ଟର୍ଫ ସହିତ ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା କରାଯାଇଛି। ବିଶ୍ୱକପ୍ ହକି ପାଇଁ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଉଦ୍‌ଘାଟନ ଉତ୍ସବ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଏହି ଷ୍ଟାଡିୟମ୍‌କୁ ଉଦ୍‌ଘାଟନ କରାଗଲା ବୋଲି ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ସୂଚନା ପ୍ରଦାନ କରିଛନ୍ତି। ବାରବାଟି ଷ୍ଟାଡିୟମ୍‌ଠାରେ ହକି ଉଦ୍‌ଘାଟନୀ ଉତ୍ସବକୁ ଏହି ଷ୍ଟାଡିୟମ୍ ଗ୍ୟାଲେରୀରେ ବସି ଏଲଇଡି ମାଧ୍ୟମରେ ଦର୍ଶକ ଉପଭୋଗ କରିଥିଲେ। ପରେ ଆତସବାଜି ପ୍ରଦର୍ଶନ କରାଯାଇ ଉଦ୍‌ଘାଟନକୁ ଜିଲା ପ୍ରଶାସନ ଦ୍ୱାରା ସ୍ୱାଗତ କରାଯାଇଥିଲା। ପୂର୍ବତନ ଭାରତୀୟ କ୍ରୀଡ଼ା ନିର୍ଦ୍ଦେଶକ ଡ. ସାଜୁ ଜୋସେଫଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ନୂତନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଯୋଗଦାନ

ଯାଜପୁର ଟାଉନ,୧୧।୧(ଡି.ଏନ.ଏ.):

ଯାଜପୁର ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ବୁଧବାର ଲକ୍ଷ୍ମଣ କୁମାର ବେହେରା ଯୋଗଦାନ କରିଛନ୍ତି। ସେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ସାକ୍ଷାତ କରି ନିଜ ଯୋଗଦାନ ପତ୍ର ପ୍ରଦାନ କରିଥିଲେ। ପରେ ସେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଦୁଃଖବନ୍ଧୁ ନାୟକ, ଉପଜିଲାପାଳ ଗୋପୀନାଥ କୁଅଁର, କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଓ ଅନ୍ୟ ଅଧିକାରୀଙ୍କୁ ସାକ୍ଷାତ କରିଥିଲେ। ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ ବେହେରାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ପରେ ବେହେରାଙ୍କୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ସୁବ୍ରତ କୁମା କାରନୁନ୍‌ଗୋ, ମିନତି ଦାଶ, ସାନ୍ତନୁ ସାହୁ, ସତ୍ୟଜିତ୍ ନାୟକ, ସୁରେନ୍ଦ୍ର କୁମାର ସାହୁ, ରତିକାନ୍ତ ମହାନ୍ତି ଓ ରବୀନ୍ଦ୍ର କୁମାର ଦାସ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।


ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

## ଧର୍ମଶାଳା ବାଣୀପୀଠ ପ୍ଲାଟିନମ ଜୁବିଲି ଉତ୍ସବ ଉଦ୍‌ଘାଟିତ

ଧର୍ମଶାଳା, ୧୧।୧(ଡି.ଏନ.ଏ.):

ଧର୍ମଶାଳା ବାଣୀପୀଠ ପୁରାତନ ଛାତ୍ର ସଂସଦ ପକ୍ଷରୁ ସ୍କୁଲର ୭୫ ତମ ପ୍ରତିଷ୍ଠା ଦିବସ ତଥା ପ୍ଲାଟିନମ ଜୁବିଲି ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୨ ଦିନବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଆଧ୍ୟାତ୍ମିକ ମାର୍ଗରେ ସବୁକିଛି ହାସଲ କରିହେବ। ଏଥିସହିତ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଜିର ବିଜ୍ଞାନ ଯୁଗରେ ମଣିଷ ଯେତେ ଅଗ୍ରଗତି କଲେ ସୁଦ୍ଧା ତାର ମଣିଷପଣିଆ ହଜିଯାଇଛି। ଭାରତୀୟ ସଂସ୍କୃତି ସହ ମାନବିକତାକୁ ଆପଣାଇଲେ ଜଣେ ଭଲ ମଣିଷ ହୋଇପାରିବ ବୋଲି କହିଥିଲେ। ସ୍କୁଲ୍ ପ୍ରଧାନଶିକ୍ଷକ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ଦେଇଥିବା ବେଳେ ଛାତ୍ର ସଂସଦର ସମ୍ପାଦକ ଆଦିକନ୍ଦ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପଦ୍ମଜା ଶରଣ ମଞ୍ଚ ସଞ୍ଚାଳନା କରିଥିଲେ। ପରେ ବଣୀପୀଠର ମୁଖପତ୍ର ବାଣୀବିତାନ, ଅଖିଳ କୁମାର ସ୍ୱାଇଁଙ୍କ ଦ୍ୱାରା ପ୍ରକାଶିତ ପତ୍ରିକା ସମ୍ଭବ ଓ ଦେବେନ୍ଦ୍ର ଶତପଥୀଙ୍କ ଦ୍ୱାରା ପ୍ରକାଶିତ ପତ୍ରିକା ମାନସ ମନ୍ଥନ ପୁସ୍ତକକୁ ରାଜ୍ୟପାଳ ଉନ୍ମୋଚନ କରିବା ସହିତ ସ୍କୁଲର ପୁରାତନ ଛାତ୍ର ସନାତନ ଗୁଇଁ, କଳ୍ପତରୁ ସାମଲ, ବେଣୁଧର ଶରଣ, ଡ. ରାଜକିଶୋର ପାଢ଼ୀ, ନୃସିଂହ ଚରଣ ମହାନ୍ତି ଓ ପ୍ରଭାକର ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା କଂସବଧ ନାଟକ ପରିବେଷଣ କରାଯାଇଥିଲା। ଏଥିରେ ସ୍କୁଲର ପୁରାତନ ଓ ଏବର ଛାତ୍ରଛାତ୍ରୀ ଏବଂ ଅଭିଭାବକ ଯୋଗ ଦେଇଥିଲେ।



ବାଣୀପୀଠ ପ୍ଲାଟିନମ ଜୁବିଲି ଉତ୍ସବରେ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ମେସ୍କୋ ଷ୍ଟିଲ୍ ବିସ୍ଥାପିତଙ୍କ ଗଣଧାରଣା

କଳିଙ୍ଗନଗର,୧୧।୧(ଡିଏନଏ):

ମେସ୍କୋ ଷ୍ଟିଲ୍ ଦ୍ୱାରା ବିସ୍ଥାପିତ ହୋଇଥିବା ଶତାଧିକ ପରିବାର ବୁଧବାର କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ପ୍ରତିଶ୍ରୁତି ପୂରଣ ହୋଇ ନ ଥିବାରୁ ସେମାନେ ଧାରଣା ଦେଇଥିବା କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ୧୯୯୩ରେ ବିଜୁ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା କଳିଙ୍ଗନଗର ଶିଳ୍ପାଞ୍ଚଳର ପ୍ରଥମ କାରଖାନା ମେସ୍କୋ ଷ୍ଟିଲ ଆଜି ବନ୍ଦ ହୋଇ ପଡିରହିଛି। ଏହି କାରଖାନା ସ୍ଥାପନ ପାଇଁ ସ୍ଥାନୀୟ ୧୬୬ ପରିବାର ନିଜ ଭିଟାମାଟି ଏବଂ ଜମିବାଡି ଛାଡି ଆସି ଦାନଗଦୀ ତ୍ରିଜଙ୍ଗା କଲୋନୀରେ ବିସ୍ଥାପିତ ହୋଇ ରହିଥିଲେ। ଏହି ୧୬୬ ପରିବାରର ୧୪୪ ଜଣଙ୍କୁ ମେସ୍କୋରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। କିନ୍ତୁ ୩ ବର୍ଷ ହେବ କାରଖାନା ବନ୍ଦ ହେବାରୁ ବିସ୍ଥାପିତ ବହୁ କଷ୍ଟରେ ଜୀବିକା ନିର୍ବାହ କରୁଛନ୍ତି। ପିଲାଙ୍କ ପଢ଼ା, ଘରେ ରହିଥିବା ବୃଦ୍ଧ ପିତାମାତାଙ୍କ ଔଷଧ ଖର୍ଚ୍ଚ ବହନ କରିବା କଷ୍ଟଦାୟକ ହେଉଛି। ତେଣୁ ୨୩-୧୨-୨୦୨୨ରେ ଜିଲାପାଳଙ୍କୁ ଏ ବିଷୟରେ ତ୍ରିଜଙ୍ଗା ବିସ୍ଥାପିତ ଏକ ୬ ଦଫା ଦାବିପତ୍ର ଦେଇଥିଲେ। ସେଥିରେ କାରଖାନା ଯଦି ବନ୍ଦ ହୋଇଯାଏ ବିସ୍ଥାପିତଙ୍କ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା, ୩ବର୍ଷ ହେଲା ଦରମା ମିଳି ନ ଥିବାରୁ ପରିବାର ଭରଣପୋଷଣ ପାଇଁ ଅବିଳମ୍ବେ ୩ ବର୍ଷର ଦରମା ପ୍ରଦାନ, ବିସ୍ଥାପିତ କର୍ମଚାରୀଙ୍କୁ ଅନ୍ୟ କାରଖାନାରେ ସ୍ଥାୟୀ ନିଯୁକ୍ତି, ବକେୟା ବିସ୍ଥାପିତ ପରିବାରକୁ ମିଳିଥିବା ନିଯୁକ୍ତି କାର୍ଡରେ ତୁରନ୍ତ ନିଯୁକ୍ତି, କାରଖାନା ବନ୍ଦ ସମୟରେ ଯେଉଁମାନଙ୍କ ଚାକିରି ସରିଯାଇଛି କିମ୍ବା ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପରିବାରକୁ ନିଯୁକ୍ତି ପ୍ରଦାନ, ବନ୍ଦ କାରଖାନା ପାଇଁ ବାସଚ୍ୟୁତ ଏବଂ ଥଇଥାନ ପଲିସିକୁ ସଂଶୋଧନ କରି ବିସ୍ଥାପିତଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ଚାକିରି ସରିଗଲା ପରେ କିମ୍ବା ମୃତ୍ୟୁ ହେଲେ ସେହି ପରିବାରର ଜଣଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ପ୍ରଦାନ ପାଇଁ ଦାବି କରାଯାଇଥିଲା। ଏହି ସମସ୍ୟାର ସମାଧାନ ନ କଲେ କାରଖାନା ପାଇଁ ଯାଇଥିବା ଘର, ବାଡ଼ି ଏବଂ ଚାଷଜମିକୁ ଫେରସ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ଏହି ଦାବି ପୂରଣ ନ ହେବାରୁ ଏବଂ ପ୍ରଶାସନକୁ ଦେଇଥିବା ଧାର୍ଯ୍ୟ ସମୟ ପୂରିଯାଇଥିବାରୁ ଏହି ଧାରଣା ଦିଆଯାଇଥିଲା।



କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିସ୍ଥାପିତ ପରିବାର ଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ଜାନୁୟାରୀ, ୨୦୨୩

**ସ୍ୱାମୀ ବିବେକାନନ୍ଦ ଜୟନ୍ତୀ**
ପାରାଦୀପ, (ସ୍ୱ.ପ୍ର.): ପାରାଦୀପ ବଡ଼ପଡ଼ିଆ ଜୟଦେବ ସଦନରେ ବୁଧବାରଠାରୁ ୩ ଦିନିଆ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ଆରମ୍ଭ ହୋଇଛି। ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ରକ୍ତଦାନ ଶିବିରରେ ୧୮୨ ୟୁନିଟ କରାଯାଇଥିଲା। ଏହାକୁ ବନ୍ଦର ଚିକିତ୍ସାଳୟର ମୁଖ୍ୟ ଡା. ପ୍ରହଲ୍ଲାଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ଭୂବନମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ଜାତୀୟ ଯୁବ ଦିବସ ଓ ଶୁକ୍ରବାର ସର୍ବଧର୍ମ ସଭା ଅନୁଷ୍ଠିତ ହେବ। ଏଥିରେ ହିନ୍ଦୁ ଧର୍ମ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆ, ଶିଖ୍ ଧର୍ମର ଏସ୍ ଜଗଦୀପ୍ ସିଂହ, ମୁସଲିମ ଧର୍ମର ମୌଲାନା ଅବଦୁଲ ୱାହିଦ୍ ଖାନ ଯୋଗ ଦେବେ। ଏହାକୁ ପ୍ରତାପ ନାୟକ, ବିଭୂତି ନାୟକ, ବଜରଙ୍ଗୀ ସ୍ୱାଇଁ, ଅମିତାଭ ପରିଡା ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଯାଦବ ମହାସଭାର ପ୍ରଥମ କାର୍ଯ୍ୟକାରିଣୀ
### ଯୁବକମାନଙ୍କୁ ପ୍ରାଧାନ୍ୟ ଦେବାକୁ ଆହ୍ୱାନ

ଆଲି,୧୧।୧(ଡି.ଏନ.ଏ.): ନବନିର୍ବାଚିତ ଆଲି ବ୍ଲକ ଯାଦବ ମହାସଭା କାର୍ଯ୍ୟକାରିଣୀର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପତ୍ରପୁରଠାରେ ଆୟୋଜିତ ବୈଠକରେ ଯୁବବର୍ଗ ଆଗେଇ ଆସି ସଙ୍ଗଠନ ସହ ସମ୍ପୃକ୍ତ ହୋଇ କାମ କରିବାକୁ ବରିଷ୍ଠ କର୍ମକର୍ତ୍ତାମାନେ ଆହ୍ୱାନ କରିଛନ୍ତି। ଆଲି ବ୍ଲକ ଯାଦବ ମହାସଭାର ସଭାପତି ଅଧ୍ୟାପକ ଶେଖର ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡ଼ା ଜିଲା ଯାଦବ ମହାସଭା ଗଠନରେ ଆଲି ଯାଦବ ମହାସଭାର ବହୁ କର୍ମକର୍ତ୍ତାଙ୍କୁ ସାମିଲ କରାଯାଇଥିବାରୁ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଯାଦବ ସଙ୍ଗଠନକୁ ସୁଦୃଢ କରିବା ସହ ମହାସଂଘ ପକ୍ଷରୁ ଚାଲିଥିବା ଜାତିଭିତ୍ତିକ ଜନଗଣନାକୁ ଗୁରୁତ୍ୱ ଆରୋପ କରାଯାଇଥିଲା। ଚଳିତ ମାସ ୩୧ ତାରିଖ ମଧ୍ୟରେ ଏହି ଗଣନା ଶେଷ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତି ପଞ୍ଚାୟତରେ ନୂତନ କମିଟି ଗଠନ କରାଯିବାକୁ ମଧ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ଉପଦେଷ୍ଟା କେଶବ ଚରଣ ବେହେରା, ସାଧାରଣ ସମ୍ପାଦକ ଧରଣୀଧର ବେହେରା, କାର୍ଯ୍ୟକାରୀ ସଭାପତି ମଧୁସୂଦନ ଦାସ, କୋଷାଧ୍ୟକ୍ଷ ବନମାଳୀ ସେନାପତି, କାନନ ପରିଡ଼ା, ସୁଜାତା ବାରିକ, ନକୁଳ ଚନ୍ଦ୍ର ପରିଡା, ଜିଲା ଯୁବ ଯାଦବ ସଭାପତି ମନୋଜ କୁମାର ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ମକର ମହୋତ୍ସବ ପାଇଁ ପ୍ରସ୍ତୁତି

ମାର୍ଶାଘାଇ,୧୧।୧(ଡି.ଏନ.ଏ.): ମାର୍ଶାଘାଇ ବ୍ଲକ ପଖଟ ଗାଁରେ ତ୍ରିକୋଣଭୂମି ବିକାଶ ପରିଷଦ ଆନୁକୂଲ୍ୟରେ ଅଷ୍ଟମ ବାର୍ଷିକ ଦୀପାଞ୍ଚଳ ଜିଲାସ୍ତରୀୟ ମକର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସ୍ଥାୟୀ ସଭାପତି ମୃତ୍ୟୁଞ୍ଜୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦୀପାଞ୍ଚଳର ୧୩ ଗ୍ରାମର ବହୁ ମୁରବୀ, ବୁଦ୍ଧିଜୀବୀ ଓ ଯୁବକ ଯୋଗଦେଇ ମହୋତ୍ସବ ପାଇଁ ଗମନାଗମନ, ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା, ଆଇନଶୃଙ୍ଖଳା, ନିଶାମୁକ୍ତ ପାଇଁ ଆଲୋଚନା କରାଯାଇଥିଲା। ଏହି ମହୋତ୍ସବ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇ ୭ଦିନ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ପରିଡ଼ା, ସମ୍ପାଦକ ଅମରେନ୍ଦ୍ର ରାଉତ, ପ୍ରିୟରଞ୍ଜନ ରାଉତ, ପୂର୍ବତନ ସରପଞ୍ଚ ଜ୍ୟୋତି ରଞ୍ଜନ ଦାସ, ବିଶ୍ୱ ଭୂଷଣ ମହାନ୍ତି, ଜ୍ୟୋତି ଶଙ୍କର ଜେନା ଓ ମନୋରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ମଙ୍ଗୁଲି ପଞ୍ଚାୟତ ଜନପ୍ରତିନିଧି, ସରକାରୀ କର୍ମଚାରୀଙ୍କ ସମନ୍ୱୟ ବୈଠକ

ବିରିଡି,୧୧।୧(ଡି.ଏନ.ଏ.): ବିରିଡି ବ୍ଲକ ମଙ୍ଗୁଲି ପଞ୍ଚାୟତ ଜନ ପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ସମନ୍ୱୟ ବୈଠକ ବୁଧବାର ହାଜିପୁର ଧାନକୁଦଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିରଞ୍ଜନ ସେଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ସମିତିସଭ୍ୟା ଲିଲିମା ଭୋଇ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶଙ୍କ ସହ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଆଗକୁ ପଞ୍ଚାୟତର ଉନ୍ନତି ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସରପଞ୍ଚ ସେଠୀ ଓ ଜିଲା ପରିଷଦ ସଭ୍ୟ ଦାଶ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଗରିବ ଜନସାଧାରଣଙ୍କୁ ସରକାରୀ ନିୟମ ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଉପସ୍ଥିତ ଜନପ୍ରତିନିଧି ସରକାରୀ କର୍ମଚାରୀଙ୍କୁ କହିଥିଲେ। ଏପରି କଲେ ପଞ୍ଚାୟତରେ ଉନ୍ନତି ହେବା ସହ ଗରିବ ଜନସାଧାରଣ ନ୍ୟାୟ ପାଇବେ। ଏଥିରେ ମଙ୍ଗୁଲି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ରବୀନ୍ଦ୍ର କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିପଦରେ ପାରାଦୀପ ଭ୍ୟୁ ଟାୱାର

ପାରାଦୀପ,୧୧।୧(ସ୍ୱ.ପ୍ର.)

ପାରାଦୀପର ପର୍ଯ୍ୟଟକଙ୍କ ପାଇଁ ସବୁଠାରୁ ଆକର୍ଷଣ ସ୍ଥାନ ନେହେରୁବଙ୍ଗଳା ମନ୍ଦ ଉଦ୍ୟାନ ଅଞ୍ଚଳ। ଏବେ ଏହା ବିପଦରେ। କାରଣ ମହାନଦୀ ମୁହାଣରେ ତଟକ୍ଷୟ ବର୍ଷେ ହେଲା ହେବାରେ ଲାଗିଛି। ଏପରିକି ମୁହାଣ ପଥରବନ୍ଧଠାରୁ ମାଛଧରା ବନ୍ଦର ପର୍ଯ୍ୟନ୍ତ ନଦୀ ତଟ କ୍ଷୟ ହେବା ଯୋଗୁ ପ୍ରାୟ ୧୦୦ଏକର ଜାଗା ଲୀନ ହୋଇଗଲାଣି। ସେଥିରେ ଥିବା ଶତାଧିକ ଗଛ ନଷ୍ଟ ହୋଇଯାଇଛି। ଏବେବି କେତେକ ଗଛ ଅଧା ପାଣିରେ ଅଣେଇ ହୋଇ ରହିଛି। ସାମାନ୍ୟ ପାଗ ପ୍ରତିକୂଳ ହେଲେ ନଦୀତଟରେ ପାଣି ମାଡୁଛି। ବିଶେଷକରି ସମୁଦ୍ର ଅଶାନ୍ତ କିମ୍ବା ବାତ୍ୟା, ବନ୍ୟା ବେଳେ ଅଧିକ ମାତ୍ରାରେ କୂଳ ଖାଇବାରେ ଲାଗିଛି। ସବୁଠାରୁ ବଡ଼ ଅସୁବିଧା ଏବେ ପାରାଦୀପର ଏକମାତ୍ର ଭ୍ୟୁ ଟାୱାର ପ୍ରତି ରହିଛି। ଉକ୍ତ ଘରର ତଳଭାଗ ଏକ ତୃତୀୟାଂଶ ଖାଇ ଗଲାଣି। ଶୌଚାଳୟ ପାଣିରେ ଯାଇଛି। ଏବେ ସେହି ଭ୍ୟୁ ଟାୱାର ଘର ଯେକୌଣସି ସମୟରେ ଭୁଶୁଡି ପଡିବାର ଆଶଙ୍କା ରହିଛି। ଉକ୍ତ ଭ୍ୟୁ ଟାୱାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ୧୯୯୨ରେ ନିର୍ମାଣ


ମହାନଦୀ ମୁହାଣଠାରେ ପଠା ଖାଇ ଭ୍ୟୁ ଟାୱାର ପାଇଁ ବିପଦ ସାଜିଛି।


ତଟରେ ପାଣି ମାଡ଼ରେ ଉପୁଡ଼ି ପଡିଥିବା ଗଛ।

- ମହାନଦୀ ମୁହାଣ ପାଖ ମନ୍ଦ ଉଦ୍ୟାନରେ ତଟକ୍ଷୟ
- ନଦୀରେ ଲୀନ ହୋଇଗଲାଣି ଶତାଧିକ ଗଛ

କରାଯାଇଥିଲା। ସେହି ଘରକୁ ସେଠାକାର ସ୍ୱର୍ଣ୍ଣମୟୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପରିଚାଳନା କରୁଛନ୍ତି। ପର୍ଯ୍ୟଟକଙ୍କ ପାଇଁ ମହିଳାମାନେ ଆନୁଷଙ୍ଗିକ ସହାୟତା ଯୋଗାଇ ଦେଇଥାନ୍ତି। ସେହି ଘରର ଉପର ମହଲାରେ ମହାନଦୀ ମୁହାଣ ସ୍ଥଳର ମିଳନ ସ୍ଥଳ ଦେଖିବାର ସୁଯୋଗ ଅଛି। ଏବେ ଘର ବିପଦସଙ୍କୁଳ ଭାବେ ଥିବାରୁ ଉପର ମହଲାକୁ ଲୋକଙ୍କ ପାଇଁ ଆମେ ମନା କରୁଛୁ ବୋଲି ଏସ୍‌ଏଚ୍‌ଜି ମହିଳା ପୁରବୀ ମଣ୍ଡଳ କହିଛନ୍ତି। ମନ୍ଦ ଉଦ୍ୟାନର ପାରାଦୀପ ବନ୍ଦର କେତେକ ଆକର୍ଷଣୀୟ ବଗିଚା ରହିଛି। ପାନୀୟ ଜଳ ଟାଙ୍କି ମଧ କରାଯାଇଛି। ପାରାଦୀପ ପୌରପାଳିକା ମଧ ସେଠାରେ ପିଲାଙ୍କ ପାଇଁ ମୁକ୍ତ ବ୍ୟାୟାମ ଉପକରଣ ଲଗାଇଛନ୍ତି। ଏହାବାଦ୍ ଚାଲିବା ପାଇଁ ଟାଇଲ ରାସ୍ତା, ଶୌଚାଳୟ, ଭୋଜି ପାଇଁ ପିଣ୍ଡି, ଗାଡି ପାର୍କିଂ ପାଇଁ କଂକ୍ରିଟ୍ ରାସ୍ତା ଆଦି କରାଯାଇଛି। ଏସବୁ ସୌନ୍ଦର୍ଯ୍ୟକରଣ ରାସ୍ତା ଓ ପିଲାଙ୍କ ଖେଳନା ଦୋଳି ଆଦି ନଦୀରେ ଲୀନ ହୋଇଗଲାଣି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ୧୯୬୨ ଜାନୁୟାରୀ ୩ରେ ନେହେରୁ ବଙ୍ଗଳାଠାରେ ସ୍ଥାପନା ହୋଇଥିଲା। ସେଠାରେ ପ୍ରଥମେ ଟାଉନଶିପ ହୋଇଥିଲା। ଜବାହର ଅତିଥି ଭବନ, ଓଡ଼ିଶାର ପ୍ରଥମ ବହୁତଳ ବିଲ୍ଡିଂ ଆଦି ୧୯୭୦ ଦଶକରେ ହୋଇଥିଲା। କିନ୍ତୁ ଯେଉଁ ସ୍ଥାନରେ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ତାହା ସମୁଦ୍ରରେ ଲୀନ ହୋଇଯାଇଛି। ସମୁଦ୍ର କୂଳ ଖାଇବା ଯୋଗୁ ପାରାଦୀପ ବନ୍ଦର ପକ୍ଷରୁ ୧୯୮୨ରେ ପଥର ବନ୍ଧ ନିର୍ମାଣ କରାଯାଇଥିଲା। ମହାନଦୀ ମୁହାଣଠାରୁ ବନ୍ଦର ୧ ନଂ. ଗେଟ୍ ପର୍ଯ୍ୟନ୍ତ ପଥରବନ୍ଧ ହୋଇଛି। ପ୍ରତିବର୍ଷ ପଥର ସମୁଦ୍ରରେ କିଛିମାତ୍ରାରେ ଯାଉଛି। କିନ୍ତୁ ପ୍ରତିବର୍ଷ ପଥର ପକାଯାଉଥିବାରୁ ତାହା ଆଉ ବିଶେଷ କ୍ଷତି କରୁନାହିଁ ବୋଲି କୁହାଯାଉଛି। ଅପରପକ୍ଷେ ମୁହାଣଠାରୁ ଇଫ୍‌କୋ ସାର କାରଖାନା ପର୍ଯ୍ୟନ୍ତ ମହାନଦୀର ଜଗତ୍‌ସିଂହପୁର ଜିଲା ସୀମା ୨୦୧୨ପରଠାରୁ କ୍ଷୟ ହେବାରେ ଲାଗିଛି। ଏପରିକି ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟ ମଧ୍ୟରେ ଥିବା ୧୮୦ ମିଟର ବର୍ଥ ୨୦୧୩ ରେ ଲୀନ ହୋଇଯାଇଥିଲା। ପରେ ମତ୍ସ୍ୟ ବିଭାଗ ସେଠାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ପଥର ପ୍ୟାକିଂ କରିଛି। କିନ୍ତୁ ମାଛଧରା ବନ୍ଦରଠାରୁ ମନ୍ଦ ଉଦ୍ୟାନ ପର୍ଯ୍ୟନ୍ତ ଲୁଣା ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହାକୁ ସଂରକ୍ଷଣ କରିବା ପାଇଁ ବନ୍ଦର ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡିଛି। ଏପରିକି ବୈଷୟିକ ଟିମ୍ ଯାଇ ଥରେ ଅନୁଧ୍ୟାନ କରିଛନ୍ତି ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କୁ ପଚାରିବାରେ ଏହାର ପ୍ରତିକାର ପାଇଁ ପୌରପାଳିକା ପାଖରେ ସମ୍ବଳ ନାହିଁ। ମତ୍ସ୍ୟ ବିଭାଗ କିମ୍ବା ଜଳ ସମ୍ପଦ ବିଭାଗ ପକ୍ଷରୁ ବିହିତ ପଦକ୍ଷେପ ପାଇଁ କହିଛୁ। ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ଜଗନ୍ନାଥ ରାଓ କୁହନ୍ତି, ଆମ ବିଭାଗର ଉଚ୍ଚ ଅଧିକାରୀମାନେ ଆସି ତଟକ୍ଷୟର ସ୍ଥିତି ପରଖିକରି ଯାଇଛନ୍ତି।

## ଶିକ୍ଷକ ପଦବୀ ପୂରଣ, ପାଚେରି ନିର୍ମାଣ ହେବ



ଶ୍ରୀକୃଷ୍ଣ ଏକାଡେମୀର ୮୯ତ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ।

ଜଗତ୍‌ସିଂହପୁର ଅଫିସ, ୧୧।୧

**ଶ୍ରୀକୃଷ୍ଣ ଏକାଡେମୀ ୮୯ତମ ବାର୍ଷିକୋତ୍ସବ**

ଜଗତ୍‌ସିଂହପୁରର ପୁରାତନ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀର ୮୯ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ତଥା ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲାପାଳ ପାରୁଲ ପଟାୱରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ ଦିଆଯିବ ବୋଲି କହିଥିଲେ। ଖେଳ ପଡ଼ିଆରେ ପାଚେରିର ସମସ୍ୟା ଥିବାରୁ ଏହା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ତଥା ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ସହ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନେଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ଶ୍ରୀକୃଷ୍ଣ-ଅର୍ଜୁନଙ୍କ ଗୁରୁ ଶିଷ୍ୟ ପରମ୍ପରା ଉପରେ ବଖାଣିଥିଲେ। ଉତ୍ସବରେ ଡା. କସ୍ତୁଭ ସାମଲ, ମୋ ସ୍କୁଲ ଅଭିଯାନର ସଭାପତି ସଲିଳ ଘୋଷ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା, ଶିକ୍ଷୟିତ୍ରୀ ସଂଘମିତ୍ରା ମହାନ୍ତି, ପୁରାତନ ଛାତ୍ର ସଂସଦ ସମ୍ପାଦକ ସନାତନ ଖୁଣ୍ଟିଆ ଓ ଯୁଗ୍ମ ସମ୍ପାଦକ ରାଇ ଚରଣ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ଗୌରାଙ୍ଗ ଚରଣ ହୋତା, ପୁରାତନ ଶିକ୍ଷକ ମୁରଲୀଧର ଦାସ, ନଟବର ବାରିକ, ଦେବୀ ପ୍ରସାଦ ଚୌଧୁରୀ, ପୁରାତନ ଛାତ୍ର ସଂସଦ କୋଷାଧ୍ୟକ୍ଷ ଆଶିଷ କୁମାର ମାଣିଆ, ଡ. ଶଶାଙ୍କ ଶେଖର ଲେଙ୍କା, ଆଇନଜୀବୀ ଗଣେଶ୍ୱର ମାଣିଆ, ରାକେଶ ନନ୍ଦ, ରଶ୍ମିକାନ୍ତ ସାହୁ, ବିଜୟ କୁମାର ରାଉତ, ନିତ୍ୟାନନ୍ଦ ମହାନ୍ତି, ପ୍ରଶାନ୍ତ ସାହୁ, ଦୋଳଗୋବିନ୍ଦ ଦାଶ, ମଧୁସୂଦନ ସାହୁ, ଦିପ୍ତୀ ଦାସ ଓ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପୁରାତନ ଶିକ୍ଷୟିତ୍ରୀ ସୁଷମା ଭଟ୍ଟାଚାର୍ଯ୍ୟ ଓ ଶିକ୍ଷକ ବିପିନ ବିହାରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସ୍ମୃତିରେ ମେଧାବୃତ୍ତି ଅର୍ଥରାଶି ପ୍ରଦାନ ସହ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ବିପ୍ଳବ ଚୌଧୁରୀ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ଧନ୍ୟବାଦ ଦେଇଥିଲେ।

### ପୋଖରୀରେ ପଡ଼ି ବୃଦ୍ଧ ମୃତ

ପଟ୍ଟାମୁଣ୍ଡାଇ,୧୧।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଡମୋହନପୁର ପଞ୍ଚାୟତ ବାଲିପାଟଣା ଗାଁର ନିତ୍ୟାନନ୍ଦ ସାହୁ (୬୫) ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସେ ବିଲରୁ କୁଟାମୁଣ୍ଡାଇ ପୋଖରୀ ହୁଡାରେ ଆସୁଥିବା ବେଳେ ଅସାବଧାନତା ହେତୁ ଗୋଡ ଖସିଯିବାରୁ ସେ ପୋଖରୀରେ ଖସି ପଡିଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀରୁ ତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଆଳିଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

### ଚିତ୍ରଶିଳ୍ପୀ ଶ୍ରୀକାନ୍ତଙ୍କୁ ଜାତୀୟ ପୁରସ୍କୃତ


ପୁରସ୍କୃତ ହୋଇଥିବା ଶ୍ରୀକାନ୍ତଙ୍କ ଚିତ୍ର।

ରାଜନଗର,୧୧।୧(ଡି.ଏନ.ଏ.)
ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ନୀତି ଅଗାୟୋଗ ଏବଂ ମୋ ସରକାର ପକ୍ଷରୁ ମିଳିତ ଭାବେ ପ୍ରକୃତି, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଶୀର୍ଷକ ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରତର ବିଭିନ୍ନ ପ୍ରାନ୍ତରୁ ଚିତ୍ରଶିଳ୍ପୀ ଏଥିରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରାପଡ଼ା ଜିଲାର ଚିତ୍ରଶିଳ୍ପୀ ଶ୍ରୀକାନ୍ତ ଦାସ ଭିତରକନିକା ଓ ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ଆଗମନ ଜଳବାୟୁର ପରିବର୍ତ୍ତନ ଯୋଗୁ କିପରି ବାଧାପ୍ରାପ୍ତ ହୋଇଛି ତାହା ସେ ନିଜ କାନଭାସରେ ଦର୍ଶାଇ ଥିଲେ। ବିଦେଶାଗତ ପକ୍ଷୀଙ୍କ ଜୀବନ ପ୍ରତି ଦେଖା ଦେଇଥିବା ବିପଦ ସମ୍ବନ୍ଧୀୟ ଚିତ୍ରକୁ ଜାତୀୟସ୍ତରରେ ପ୍ରଶଂସା କରାଯାଇ ତାଙ୍କୁ ପୁରସ୍କୃତ କରାଯାଇଛି। ଶିଳ୍ପୀ ଶ୍ରୀକାନ୍ତ ରାଜ୍ୟ ଏବଂ ରାଜ୍ୟ ବାହାରେ ପ୍ରକୃତି ଓ ପରିବେଶ ସହ ଅଳିଭରିଡଲେ କଇଁଛ, ଡଲ୍‌ଫିନ, ହାତୀ, କୁମ୍ଭୀର ଏବଂ ହେନ୍ତାଳ ବଣ ଉପରେ ବହୁ ଚିତ୍ର ଆଙ୍କି ପୁରସ୍କୃତ ହୋଇଛନ୍ତି।

### ବିରିଡି ବ୍ଲକରେ ପ୍ରଥମ ଧାନମଣ୍ଡି ଖୋଲିଲା

ବିରିଡି,୧୧।୧(ଡି.ଏନ.ଏ.)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ବିରିଡି ଶାଖା ଅଧୀନରେ ଥିବା ଅଲାଣ୍ଡୋ ପ୍ରାଥମିକ କୃଷି ସମବାୟ ସମିତିରେ ବୁଧବାର ପ୍ରଥମ କରି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହାକୁ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ଉପାଧ୍ୟକ୍ଷା ପିନାକି ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ସମବାୟ ସମିତିର ସଭାପତି ସୂର୍ଯ୍ୟକାନ୍ତ ମଲିକ, ଉପ ସଭାନେତ୍ରୀ ଝରଣା ସ୍ୱାଇଁ, ଅଲାଣ୍ଡୋ ସରପଞ୍ଚ ସନ୍ତୋଷ କୁମାର ସେଠୀ, ସମିତିସଭ୍ୟ ରାଜେଶ ଭୋଇ, ବଡଖଣ୍ଡାଏତା ସରପଞ୍ଚ ବେବିନା ମଲିକ, ବଟିମିରା ସରପଞ୍ଚ ସ୍ନେହପ୍ରଭା ପରିଜା, ସମିତିସଭ୍ୟା କଳ୍ପନା ପଶାୟତ, ପୂର୍ବତନ ସଭାପତି ପବିତ୍ର ପଶାୟତ, ସମ୍ପାଦକ ଶଙ୍କର୍ଷଣ ସାହୁ, ଭିଏଡବ୍ଲ୍ୟୁ ସୁମିତ ଦାସଙ୍କ ସହ ସମିତିର ପରିଚାଳନା ପରିଷଦର ସଭ୍ୟାସଭ୍ୟ, କ୍ରୟ କମିଟିର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବିଶେଷକରି ଏହି ସମବାୟ ସମିତିରେ ବଟିମିରା, ଅଲାଣ୍ଡୋ ଓ ବଡଖଣ୍ଡାଏତା ପଞ୍ଚାୟତର ୮୫୯ ଜଣ ଚାଷୀ ଧାନ ଦେବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଧାନମଣ୍ଡିଟିର କଣ୍ଟାପୂଜା ହୋଇଥିବା ବେଳେ ମଣ୍ଡି ଆସନ୍ତା ୧୩ ତାରିଖରୁ ବିଧିବଦ୍ଧ ଚାଲିବ ବୋଲି ସମ୍ପାଦକ ସାହୁ ପ୍ରକାଶ କରିଛନ୍ତି।

### ପଶ୍ଚିମେଶ୍ୱର ସରକାରୀ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ରାହାମା,୧୧।୧(ଡି.ଏନ.ଏ.)
କୁଜଙ୍ଗ ବ୍ଲକ ଅଧୀନ ପଶ୍ଚିମେଶ୍ୱର ସରକାରୀ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ମୁଖ୍ୟବକ୍ତା ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଗୋଛାୟତ ପ୍ରମୁଖ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷକ ସାରଦା ପ୍ରସାଦ ଦାସ ସଭା ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା ସଭ୍ୟ ପବିତ୍ର କୁମାର ସ୍ୱାଇଁଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସମସ୍ତ କାର୍ଯ୍ୟ ତୁଲାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟ ଆୟୋଜନ କରାଯାଇଥିଲା।

## କ୍ରୀଡ଼ା ମାନସିକ ଅବସାଦ ଦୂରକରେ

ରଘୁନାଥପୁର,୧୧।୧(ଡି.ଏନ.ଏ.)

**ଏସ୍‌ଏନ୍ ଜୁନିୟର କଲେଜ ବାର୍ଷିକ କ୍ରୀଡ଼ା**

ରଘୁନାଥପୁର ବ୍ଲକ କୁର୍ଣ୍ଣାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଜୁନିୟର କଲେଜ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ମୁଖ୍ୟବକ୍ତା ଭାବେ ଉପସ୍ଥିତ ହୋଇ କ୍ରୀଡା ମାନସିକ ଅବସାଦ ଦୂର କରିବା ସହ ଶରୀରକୁ କାର୍ଯ୍ୟ କରିବା ପାଇଁ ସାମର୍ଥ୍ୟ ଯୋଗାଏ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁଆଳିପୁର ସରପଞ୍ଚ ମନଜିନୀ ସାହୁ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ସଭାପତି ଅଧ୍ୟାପକ ସାହୁ ନିଜ ବକ୍ତବ୍ୟରେ କ୍ରୀଡା ଶିକ୍ଷାର ଏକ ଅଂଶ ଓ ଏଥିରେ ସମସ୍ତେ ଭାଗନେବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତି, ସମିତି ସଭ୍ୟ କମଳାକାନ୍ତ ପରିଡା, ସାମାଜିକ କର୍ମୀ ପ୍ରକାଶ ମଲ୍ଲିକ, ଅଧ୍ୟାପକ ଅଭୟ କୁମାର ମହାରଣା, ସୁମନ୍ତ ଦାସ, ଅଧ୍ୟାପିକା ପୁଷ୍ପଲତା ଦାସ, କୁମୁଦିନୀ ଦ୍ୱିବେଦୀ, ପ୍ରତିଭାରାଣୀ ପଣ୍ଡା ଓ ଅସଲମ ଅଲ୍ଲୀ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ସୁରେଶ କୁମାର ଗୋଛାୟତ ଓ ବାଳିକା ବିଭାଗରେ ପଦ୍ମିନୀ ଦାସଙ୍କୁ ଟ୍ରଫି ପ୍ରଦାନ କରାଯିବା ସହ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ତ୍ରିଲୋଚନ ମହାପାତ୍ର ବିବରଣୀ ପଠନ ଓ ମିଟୁ ରାଉତ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସମାଜ ଗଠନରେ ଗଣମାଧ୍ୟମ ଶୀର୍ଷକ ଆଲୋଚନାଚକ୍ର

ରଘୁନାଥପୁର,୧୧।୧(ଡି.ଏନ.ଏ.)

**ବି.ସି. କଲେଜ ସମ୍ମାନ ବିଭାଗ**

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ (ବି/ସମ୍ମାନ ବିଭାଗ ପକ୍ଷରୁ 'ସମାଜ ଗଠନରେ ଗଣମାଧ୍ୟମ' ଶୀର୍ଷକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମରେ ଖବରଦାତା ଅନୁପମ ପ୍ରହରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ଅଭିମୁଖ୍ୟ ରଖିଥିଲେ। ଏବବି ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ତା'ର ବଳିଷ୍ଠ ସେବା ଯୋଗାଇ ଦେଇ ଦେଶ ଗଠନରେ ସହାୟକ ହେଉଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ କବି ପ୍ରଫେସର ସୁଶୀଲ କୁମାର ପ୍ରଧାନ ତାଙ୍କ ବକ୍ତବ୍ୟରେ ଗଣମାଧ୍ୟମ ପୂର୍ବରୁ ଥିଲା, ଏବେ ଅଛି ଓ ଆଗାମୀ ଦିନରେ ରହିଥିବ ବୋଲି ପ୍ରକାଶ କରିଥିଲେ। ଏହାଛଡା ଜନତାଙ୍କ ମତକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ସୁଶ୍ରୀ ଗୀତା ରଥ ଯୋଗ ଦେଇଥଲେ। ଆବାହକ ପ୍ରତାପ କୁମାର ଲେଙ୍କା ଅତିଥି ପରିଚୟ ସହ ସଭା ସଞ୍ଚାଳନ କରିଥିଲେ। ଛାତ୍ରୀ ସଙ୍ଗୀତା ମହାରଣା, ମିସବା ଫାତିମ, ବବିତା ଜେନା, ବର୍ଷାରାଣୀ ମୁଦୁଲି, ଶୁଭଲକ୍ଷ୍ମୀ ଷଡ଼ଙ୍ଗୀ, ପ୍ରଜ୍ଞା ପ୍ରତିଭା ଦାଶ, ଛାତ୍ର ସତ୍ୟପ୍ରକାଶ ବେହେରା ଓ ଶ୍ରୀନିବାସ ସ୍ୱାଇଁ ନିଜର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ସରୋଜକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

## ଏରସମା-କୁଜଙ୍ଗ ରାସ୍ତା ବିଶର ମହାନ୍ତିଙ୍କ ନାମରେ ନାମିତ କରାଯାଉ

ଏରସମା,୧୧।୧(ସ୍ୱ.ପ୍ର.)

ଏରସମା-କୁଜଙ୍ଗ ରାସ୍ତାକୁ ବିଶର ମହାନ୍ତିଙ୍କ ନାମରେ ନାମିତ କରିବାକୁ ମଙ୍ଗଳବାର ରାଜ୍ୟ ସଂସ୍କୃତି ବିଭାଗ ନିକଟରେ ଦାବି କରାଯାଇଛି। ମାଦଳା ପାଞ୍ଜି ଅନୁସାରେ କଳାପାହାଡ ୧୫୬୭ ମସିହାରେ ପୁରୀ ମନ୍ଦିର ଆକ୍ରମଣ କରି ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ଉଠାଇ ନେଇଥିଲେ। କୋଲକାତାର ହୁଗୁଳି ନଦୀକୂଳରେ ଶ୍ରୀଜୀଉମାନଙ୍କୁ ଅଗ୍ନି ସଂଯୋଗ କରି ଧ୍ୱଂସ କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର କଳାପାହାଡ଼ ଦରପୋଡ଼ା ଅବସ୍ଥାରେ ସେମାନଙ୍କୁ ଛାଡି ଦେଇ ଆସିଥିଲେ। ସେହି ସମୟରେ କୁଜଙ୍ଗ ଅଞ୍ଚଳର ଜଗନ୍ନାଥଙ୍କ ଭକ୍ତ ବିଶର ମହାନ୍ତି କଳାପାହାଡ଼କୁ ଅନୁସରଣ କରି ଘଟଣାସ୍ଥଳରୁ ୩ ଦରପୋଡ଼ା ମୂର୍ତ୍ତି ମଧ୍ୟରୁ ଅପୋଡ଼ା ବ୍ରହ୍ମକୁ ମୃଦଙ୍ଗ ଭିତରେ ପୂରାଇ କୁଜଙ୍ଗ ନେଇ ଆସିଥିଲେ। ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତସ୍ଥିତ ଏକ ନିକାଞ୍ଚନ ଜଙ୍ଗଲ ମଧ୍ୟରେ ସେହି ୩ ବ୍ରହ୍ମକୁ ବିଶର ରଖି ଦେଇଥିଲେ। ସେଠାରେ ଏକ ମାଙ୍କଡ ତାହାକୁ ଅଧିକାଂଶ ସମୟ ଜଗି ରହୁଥିବା ସେ ଦେଖିବାକୁ ପାଇଥିଲେ ବୋଲି ଜନଶ୍ରୁତିରୁ ଜଣାପଡ଼େ। ସମୟକ୍ରମେ ଆଜି ସେହି ସ୍ଥାନଟି ମହାବୀର ପୀଠ ଭାବେ ଖ୍ୟାତ ହୋଇ ଧାର୍ମିକ ଭାବନା ସୃଷ୍ଟି କରି ଚାଲିଛି। ବିଶର ସେହି ସ୍ଥାନରେ ଛୋଟ ଏକ ଆଶ୍ରମ ସ୍ଥାପନ କରି ଦୀର୍ଘ ୨ବର୍ଷ ଅପୋଡ଼ା ବ୍ରହ୍ମକୁ ସୁରକ୍ଷା ଦେବା ସହ ପୂଜାର୍ଚ୍ଚନା କରିଥିଲେ। ଏହି ଖବର କୁଜଙ୍ଗ ରାଜା ମଲ୍ଲିକା ସାମନ୍ତଙ୍କ କର୍ଣ୍ଣଗୋଚର ହେବା ପରେ ସେ ବିଶରଙ୍କ ମାଧ୍ୟମରେ ଗଡକୁଜଙ୍ଗଠାରେ ମନ୍ଦିର ତୋଳାଇ ୩ ବ୍ରହ୍ମ ସ୍ଥାପନ କରି ଠାକୁରଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କଲେ। ପରେ ୧୫୭୧ ମସିହାରେ ପୁରୀର ଗଜପତି ରାମଚନ୍ଦ୍ର ଦେବ ଓଡ଼ିଆ ଜାତିର ଆରାଧ୍ୟ ଦେବତା କଳାପାହାଡ ଦ୍ୱାରା ଅପହୃତ ହୋଇ ଗଡକୁଜଙ୍ଗଠାରେ ପୂଜିତ ହେଉଥିବା ବୃତ୍ତାନ୍ତ ଜାଣି ମର୍ମାହତ ହେଲେ। ରାଜା ରାମଚନ୍ଦ୍ର ଦେବ ୩ ବ୍ରହ୍ମକୁ ପୁରୀ ନେବାକୁ ଉଦ୍ୟମ କରିବାରୁ କୁଜଙ୍ଗ ରାଜାଙ୍କ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଥିଲେ। ଶେଷରେ ଯୁଦ୍ଧ ପରିସ୍ଥିତି ଉପୁଜିବାରୁ କୁଜଙ୍ଗ ରାଜା ମଲ୍ଲିକା ସାମନ୍ତ ୩ ଅପୋଡା ବ୍ରହ୍ମକୁ ହସ୍ତାନ୍ତର କରିଥିଲେ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ପୀତାମ୍ବର ତରାଇ ସୂଚନା ପ୍ରଦାନ କରିଛନ୍ତି। ଓଡ଼ିଆ ଜାତିକୁ କୁଜଙ୍ଗ ଅଞ୍ଚଳର ବିଶରଙ୍କ ଏହି ଦୁର୍ଲ୍ଲଭ ଅବଦାନ ପାଇଁ ଏରସମା-କୁଜଙ୍ଗ ଅଞ୍ଚଳରେ କୌଣସି ସ୍ମାରକୀ ପ୍ରତିଷ୍ଠା କରାଯାଇନାହିଁ। ଏରସମାରୁ କୁଜଙ୍ଗ ଦେଇ ପାରାଦୀପ-କଟକ ରାଜପଥକୁ ସଂଯୋଗ କରିଥିବା ଏହି ରାସ୍ତାକୁ ବିଶର ମହାନ୍ତିଙ୍କ ନାମରେ ନାମିତ କରିବାକୁ ବିଶିଷ୍ଟ କବି ତରାଇ ରାଜ୍ୟ ସଂସ୍କୃତି ବିଭାଗ ନିକଟରେ ଦାବି କରିଛନ୍ତି।



# ଜଙ୍ଗଲରେ ୩୦ରୁ ଊର୍ଦ୍ଧ୍ୱ ବେଆଇନ ପଥରଖଣି



ଜଙ୍ଗଲ ନିକଟରୁ ପଥର ଚାଲାଣ କରାଯାଉଛି।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**ନୟାଗଡ଼ ଅଫିସ,୧୧।୧**

- ନୟାଗଡ଼, ନୂଆଗାଁ ତହସିଲ ପକ୍ଷରୁ ନାହିଁ ଧରପଗଡ଼
- ଜିଲାପାଳଙ୍କୁ ଫେରାଦ ହେଲେ କୋସକା ବାସିନ୍ଦା
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ନାହିଁ କାର୍ଯ୍ୟାନୁଷ୍ଠାନ

ନୟାଗଡ଼ ଜିଲା ନୟାଗଡ଼ ଓ ନୂଆଗାଁ ତହସିଲର ସୀମାର ଜଙ୍ଗଲିଆ ଅଞ୍ଚଳ ଓ ରାସ୍ତା ପାର୍ଶ୍ୱରେ ୩୦ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡା ଖଣି ୫ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେବ ଚାଲୁ ରହିଛି । ନୟାଗଡ଼ ଅଥବା ନୂଆଗାଁ ତହସିଲ ପକ୍ଷରୁ ଚଢ଼ାଉ କି ଧରପଗଡ କରାଯାଉ ନ ଥିବାରୁ ତାହା ଅବାଧରେ ଚାଲିଛି । ବେଆଇନ ଖଣି ବିରୋଧରେ ନୟାଗଡ଼ ତହସିଲ କ୍ରୀଡାଶପୁର ପଞ୍ଚାୟତ କୋସକା ଗାଁର ଲୋକ ମୁହଁ ଖୋଲି ବୁଧବାର ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି । ବେଆଇନ ଖଣିକୁ ବନ୍ଦ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ତହସିଲ କ୍ରୀଡାଶପୁର ପଞ୍ଚାୟତର ସୀମାନ୍ତ ଗାଁ କୋସକା । ସେହିପରି ନୂଆଗାଁ ତହସିଲ ମାଳିସାହି ପଞ୍ଚାୟତର ସୀମାନ୍ତ ଗାଁ ଢ଼ିପମାଳ । ଦୁଇ ତହସିଲର ସୀମାନ୍ତରେ ପଥର ମାଫିଆ ୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ହେଲା ସକ୍ରୀୟ ଅଛନ୍ତି । ଏହି ଅଞ୍ଚଳରେ ଉପରେ ଚଢ଼ାଉ ହେଉ ନ ଥିବାରୁ ପଥର ମାଫିଆ ବେଆଇନ ଖଣି ଖନନ ଜାରି ରଖିଛନ୍ତି । ପଥର ଚୋରା ଚାଲାଣ କୋସକା ଗାଁ ଦେଇ ଯାଉଛି । ପ୍ରତ୍ୟେହ ୨୦୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ମାଙ୍କଡା ପଥର ଚୋରା ଚାଲାଣ ହୋଇ ଆସୁଛି। ଗାଁ ରାସ୍ତା ନଷ୍ଟ ହେବାରେ ଲାଗିଛି । ଏନେଇ ଜଣେ ଗ୍ରାମବାସୀ ନିଜ ନାମ ଗୋପନ ରଖି କହିଛନ୍ତି ବେଆଇନ ଖଣି ଖନନ ନେଇ ପ୍ରତିବାଦ ଅଥବା ବିରୋଧ କଲେ ଧମକଚମକ ମିଳୁଛି । ପୁଣି ମାର୍‌ପିଟ୍‌ର ଭୟ ଦେଖା ଯାଉଛି । ବିଭିନ୍ନ ସମୟରେ ଅଭିଯୋଗର ସୁଫଳ ମିଳିଲା ନାହିଁ । ତେବେ ଜିଲାପାଳଙ୍କ ବିଭିନ୍ନ ଖଣି ଉପରେ ଚଢ଼ାଉ ଦେଖି ଗାଁ ଲୋକ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି । ଗାଁ ଲୋକ ଆଶା ରଖିଛନ୍ତି ଜିଲାପାଳ ଚଢ଼ାଉ କରି ବେଆଇନ ଖଣିଖନନକୁ ବନ୍ଦ କରିବେ । ସରକାରଙ୍କ ରାଜସ୍ୱ ନଷ୍ଟ ହେବନି । ପରିବେଶ ଠିକ୍ ରହିବ । ଜଣେ ଖଣି ମାଫିଆ ନାମ ଗୋପନ ରଖି କହିଛନ୍ତି, ଦୁଇ ତହସିଲର ସୀମାନ୍ତ ହୋଇଥିବାରୁ ଆମ ଖଣିର କୌଣସି ଅସୁବିଧା ହୋଇନି । ଆମେ ବାବୁମାନଙ୍କ କଥା ବୁଝୁଛୁ । ଏଣୁ ବିଭିନ୍ନ ତହସିଲର ଖଣିଖାଦାନ ଉପରେ ଚଢ଼ାଉ ବେଳେ ଆମ ଖଣିକୁ ନଜର ପଡୁନି । ଯାହା ଆମ ପାଇଁ ଆଶୀର୍ବାଦ ପାଲଟିଛି । କୋସକା ଗାଁ ଲୋକ ଅଭିଯୋଗ କରିଥିବାରୁ ଆମକୁ ଅସୁବିଧା ପଡିପାରେ ବୋଲି ଅନୁମାନ କରୁଛୁ । ଏଣୁ କିଛି ଦିନ ପାଇଁ ଖଣି ଖନନ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛୁ। ତେବେ ପ୍ରଶାସନର ପଦକ୍ଷେପ ଉପରେ ମଧ ନଜର ରଖିଛୁ ବୋଲି ସେ କହିଛନ୍ତି ।

## ମିଶନ ଶକ୍ତି, ପାଠାଗାରର ନୂତନ ଗୃହ ଉଦ୍‌ଘାଟିତ

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶିଖରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନବ ନିର୍ମିତ ମିଶନ ଶକ୍ତି ଗୃହ ଓ ନୂତନ ପାଠାଗାର ଗୃହର ଉଦ୍‌ଘାଟନୀ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲା ପଞ୍ଚାୟତ ଅଧିକାରୀ ମଧୁସୂଦନ ମହାରଣା ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ସେଠୀ, ମିଶନ ଶକ୍ତି ପକ୍ଷରୁ ରତାରାଣୀ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ନବକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଖରପୁର ସରପଞ୍ଚ କିରଣବାଳା ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସମିତିସଭ୍ୟ ନିର୍ମଳ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ଗ୍ରାମସଭାରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଆଗାମୀ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରେଳ ରାଷ୍ଟ୍ରମନ୍ତ୍ରୀଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୧୧।୧:ବ୍ରହ୍ମପୁରଠାରୁ ପୁରୀ ସିଧାସଳଖ ଟ୍ରେନ ସମେତ ବ୍ରହ୍ମପୁର ରେଳ ଷ୍ଟେଶନରେ ଥିବା ବିଭିନ୍ନ ଆବଶ୍ୟକତାକୁ ନେଇ ବୁଧବାର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜରଦୋଷଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲେଖ ରହିଛି, ପୁରୀ ରଥଯାତ୍ରା ପୂର୍ବରୁ ବ୍ରହ୍ମପୁର-ପୁରୀ ସିଧାସଳଖ ଟ୍ରେନ ପାଇଁ ୨୦୧୬ରୁ ଦାବି କରାଯାଉଛି। କିନ୍ତୁ ଏ ଯାଏ ପୂରଣ ହୋଇ ନାହିଁ। ଏଥିରେ ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ଗ୍ରୀନ୍‌ଶେଡ ନିର୍ମାଣ, ଶୌଚାଳୟ, ପାନୀୟ ଜଳର ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କୁ ୪୦%, ମହିଳାଙ୍କୁ ୫୦% ଟ୍ରେନ ଭଡା ରିହାତି, ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନର ୨ୟ ଶ୍ରେଣୀ ବର୍ଗଙ୍କ ନିମନ୍ତେ ସିଟ୍ ସଂରକ୍ଷଣ, ବ୍ରହ୍ମପୁର-ବିଶାଖାପାଟଣା ଟ୍ରେନ ସମୟ ୯ଟା ୪୫ ମିନିଟ ପରିବର୍ତ୍ତେ ପୂର୍ବାହ୍ନ ୬ଘଣ୍ଟା କରିବା ପାଇଁ ଦାବି ହୋଇଛି। ତତ୍‌ସହିତ ସୋରଲ ରୋଡ୍ ଷ୍ଟେଶନରେ ଟ୍ରେନ ରହଣି, ଟର୍ମିନାଲ କମ୍ପ୍ଲେକ୍ସ, ବ୍ରହ୍ମପୁର ରେଳ ଷ୍ଟେଶନର ପ୍ରତ୍ୟେକ ପ୍ଲାଟଫର୍ମରେ କୋଚ ସମ୍ପର୍କରେ ଡିସ୍‌ପ୍ଲେ ବୋର୍ଡ ବ୍ୟବସ୍ଥା ପାଇଁ ମଧ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣାଙ୍କ ସମେତ ସମୀର କୁମାର ଆଚାର୍ଯ୍ୟ, ରବି ନାରାୟଣ ସାବତ ଓ ମୋହନ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ହକି ସଚେତନତା କାର୍ଯ୍ୟକ୍ରମ

ରାମଗିରି/ଆର.ଉଦୟଗିରି, ୧୧।୧ (ଡି.ଏନ.ଏ.): ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ଡ. ବି.ଆର ଆମ୍ବେଦକର ଜାତୀୟ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ହକି ବିଶ୍ୱକପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ଦଳାଇଙ୍କ ତତ୍ତ୍ୱାବଧାନରେ ଏକ ଶୋଭାଯାତ୍ରା ରାମଗିରି ନଗର ପରିକ୍ରମା କରିଥିଲା। ରାମଗିରି ହାଟପଦାଠାରେ ବିଧାୟକ ପ୍ରତିନିଧି ଗୋପାଳକୃଷ୍ଣ ଦଳାଇ ସ୍ୱାଗତ ଜଣାଇଥିଲେ। ମହାବିଦ୍ୟାଳୟ ପରିସରରେ ଝୋଟି, ଚିତ୍ରାଙ୍କନ, ସଂଗୀତ ପ୍ରତିଯୋଗିତା ହୋଇଥିଲା। ସେହିପରି ମୋହନାସ୍ଥିତ ହିଲଟପ ସ୍ନାତକ ମହାବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ସହ ସମସ୍ତ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।

### ସମବାୟ ସମିତି କର୍ମଚାରୀଙ୍କ ଧାରଣା

ଆସିକା,୧୧।୧(ଡି.ଏନ.ଏ.)- ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଅନ୍ତର୍ଗତ ବିଭିନ୍ନ ଶାଖା ଅଧୀନରେ ଥିବା ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀମାନେ ବ୍ୟାଙ୍କର ଆସିକାସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଷଷ୍ଠ ବେତନ କମିଶନ ଲାଗୁ କରିବା, ଶାଖା ପରିଚାଳକମାନଙ୍କ ଅସହଯୋଗରୁ ଭଞ୍ଜନଗର ଓ କବିସୂର୍ଯ୍ୟନଗର ଶାଖା ଅଧିନସ୍ଥ ସମିତିଗୁଡ଼ିକର କର୍ମଚାରୀମାନେ ଗତ ଏପ୍ରିଲ ୨୦୨୨ରୁ ପାଇ ନ ଥିବା ଦରମା ପ୍ରଦାନ ଦାବି ନେଇ ଧାରଣା ଦିଆଯାଇଥିଲା। କର୍ମଚାରୀ ସଂଘ ପକ୍ଷରୁ ରୀତିମତ ଏ ସମ୍ପର୍କରେ ଅଧିକାରୀମାନଙ୍କୁ ଜଣାଯାଇଥିଲେ ବି ସୁଫଳ ମିଳିନି। ଏ ନେଇ ସମବାୟ କେନ୍ଦ୍ର ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ମିତାଶ୍ରୀ ସାହୁଙ୍କୁ ପଚାରିବାରେ ସମିତି ପକ୍ଷରୁ ବାର୍ଷିକ ବଜେଟ ଉପସ୍ଥାପନ ପରେ ତଦନୁଯାୟୀ ଦରମା ଦିଆଯାଇଥାଏ, ବର୍ତ୍ତମାନ ସୁଦ୍ଧା ଏହି ସମିତିଗୁଡିକ ସେମାନଙ୍କ ବଜେଟ ଉପସ୍ଥାପନ କରି ନ ଥିବାରୁ ଦରମା ପାଇବାରେ ଅସୁବିଧା ହେଉଛି ବୋଲି କହିଛନ୍ତି। କର୍ମଚାରୀ ସଂଘର ସଭାପତି ଶିବରାମ ମହାଙ୍କୁଡ, ସମ୍ପାଦକ ବିପିନ ବିହାରୀ ଷଡଙ୍ଗୀଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା ।

# କୁଆଁରିଆରେ ହେବ ବୋଟିଂ,ପାର୍କ



କୁଆଁରିଆ ଡ୍ୟାମ୍‌ରେ ସ୍ଥିତି ଅନୁଧ୍ୟାନ କରୁଥିବା ପ୍ରଶାସନିକ ଅଧିକାରୀ।

**ନୟାଗଡ଼ ଅଫିସ/ ଦଶପଲ୍ଲା,୧୧।୧(ଡି.ଏନ୍.ଏ.)**

- ପିପିପି ମୋଡ଼ରେ ଖର୍ଚ୍ଚ ହେବ ୨ କୋଟି
- ଜଳ ସମ୍ପଦ ବିଭାଗ ପକ୍ଷରୁ ଡିପିଆର୍ ପ୍ରସ୍ତୁତ

ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ନୟାଗଡ଼ ଜିଲା ଦଶପଲ୍ଲାର କୁଆଁରିଆ ଡ୍ୟାମରେ ବୋଟିଂ, ପାର୍କ ଓ ସଂଗ୍ରହାଳୟ ନିର୍ମାଣ କରାଯିବ । ଏଥିପାଇଁ ୨ କୋଟି ଟଙ୍କା ଖର୍ଚ୍ଚ ହେବ । ତେବେ ଏହା ପବ୍ଲିକ ପାର୍ଟନର ସିପି (ପିପିପି) ମୋଡରେ ହେବ । ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । କୁଆଁରିଆ ଜଳଭଣ୍ଡାରର ବିକାଶ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଛି । ବଣ ଭୋଜି, ଡିଅର ପାର୍କର ମଜା ଉଠାଇବା ପାଇଁ କୁଆଁରିଆ ଡ୍ୟାମରେ ଭିଡ ଜମି ଆସୁଛି । ବୋଟିଂ, ପାର୍କ ଓ ସଂଗ୍ରହାଳୟ ନିର୍ମାଣ ହେଲେ ପର୍ଯ୍ୟଟକଙ୍କ ପସନ୍ଦ ବଢ଼ିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବୁଧବାର ନୟାଗଡ଼ ବନଖଣ୍ଡ ଅଧିକାରୀ, ଦଶପଲା ତହସିଲଦାର ଜଳସମ୍ପଦ ବିଭାଗର ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ଏନେଇ ଜଳସମ୍ପଦ କାର୍ଯ୍ୟାଳୟ ପକ୍ଷରୁ ଡିପିଆର ପ୍ରସ୍ତୁତ ଆରମ୍ଭ ହୋଇଥିବା ନିର୍ବାହୀ ଯନ୍ତ୍ରୀ ଭଗବାନ ଦାସ ସୂଚନା ଦେଇଛନ୍ତି ।

## ଧାନ କିଣାରେ ଅବ୍ୟବସ୍ଥା

### ସିପିଏମ୍‌ର ଆନ୍ଦୋଳନ ଧମକ

**ନୟାଗଡ଼ ଅଫିସ,୧୧।୧**

ନୟାଗଡ଼ ଜିଲା ଧାନମଣ୍ଡିରେ ଘୋର ଅବ୍ୟବସ୍ଥା ଲାଗି ରହିଛି । ଏଥିପାଇଁ ହଜାର ହଜାର ଚାଷୀ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏହାକୁ ନେଇ ସିପିଆଇଏମ୍ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି । ନୟାଗଡ଼ ଜିଲା କମିଟି ମଣ୍ଡି ଖୋଲି ଧାନକ୍ରୟ କରିବାରେ ମିଲରମାନଙ୍କ ମନମାନୀ, ସେବା ସମବାୟ ସମିତି ସମ୍ପାଦକଙ୍କ ଅସହଯୋଗ ଓ ପ୍ରଶାସନିକ ଅବହେଳା ହେତୁ ଚାଷୀମାନେ ସରକାରୀ ଦରରେ ଧାନବିକ୍ରୀ କରି ପାରୁ ନାହାନ୍ତି । ଏଣୁ ଅଭାବୀ ଧନ ବିକ୍ରୀର ସମ୍ମୁଖୀନ ହେଉଛନ୍ତି । ଶାଗମାଛ ଦରରେ ପ୍ରାୟ ଅଧାଦାମ୍‌ରେ ବେପାରୀ ଧାନ କିଣି ମିଲରମାନଙ୍କ ଗୋଦାମରେ ରଖୁଛନ୍ତି ବୋଲି ସିପିଏମ୍ ଅଭିଯୋଗ କରିଛି । ତୁରନ୍ତ ଜିଲା ପ୍ରଶାସନ ଏହି ଘଟଣାରେ ହସ୍ତକ୍ଷେପ ନ କଲେ ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବରିଷ୍ଠ ନେତା ଶରତ ଚନ୍ଦ୍ର ବେହେରା, ଗୋଲକ ବିହାରୀ ମୁଦୁଲି ଓ ବିଶ୍ୱନାଥ ମହାପାତ୍ର ପ୍ରମୁଖ ଏକ ପ୍ରେସନୋଟ୍ ଜରିଆରେ ଚେତାନୀ ଦେଇଛନ୍ତି । ସେମାନେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉଦାସୀନତାକୁ ନିନ୍ଦା କରିଛନ୍ତି ।

## ପ୍ଲାଟିନମ ଜୁବୁଲି, ଶିଶୁ ମହୋତ୍ସବ ପାଇଁ ପ୍ରସ୍ତୁତି

**ନୟାଗଡ଼ ଅଫିସ,୧୧।୧**

ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ପାଳନ ଓ ଶରଣକୁଳ ଶିଶୁ, ଯୁବ ମହୋତ୍ସବ 'କୁସୁମୀ'ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଶରଣକୁଳ ଡାକ ବଙ୍ଗଳାରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟିର ସଭାପତି ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ପୌରୋହିତ୍ୟ କରିଥିଲେ । ଏଥିରେ ପ୍ଲାଟିନମ ଜୁବୁଲିର ସଭାପତି ତଥା ଶିଶୁ ଯୁବ ମହୋତ୍ସବ କମିଟିର ସମ୍ପାଦକ ବିକ୍ରମ କୁମାର ଦାଶ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଚଳିତ ମାସ ୨୭ ଓ ୨୮ ତାରିଖ ୨ଦିନ ଧରି ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ କରାଯିବ । ୨୯, ୩୦ ତାରିଖରେ ଶିଶୁ ଓ ଯୁବ ମହୋତ୍ସବ ଅନୁଷ୍ଠିତ ହେବ । ୩୧ ତାରିଖରେ ଏସ୍‌ଏଚ୍‌ଜି ମେଳା ଆୟୋଜିତ ହେବ । ଏପରି ଭାବେ ୫ ଦିନ ମହୋତ୍ସବ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି । ସ୍ଥାନୀୟ କଳାକାରମାନଙ୍କ ସହିତ ଜିଲା ଓ ଜିଲା ବାହାରର ବହୁ ପ୍ରତିଷ୍ଠିତ କଳାକାର, ସାଂସ୍କୃତିକ ଦଳ ଏଥିରେ ନୃତ୍ୟକଳା ପ୍ରଦର୍ଶନ କରିବେ । ଏଥିସହିତ ବହୁ ସିନେ ଓ ଧାରାବାହିକ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ନାଟକ ମଞ୍ଚସ୍ଥ ହେବ । ଉକ୍ତ ବୈଠକରେ ଶରଣକୁଳ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ସୁଶାନ୍ତ କୁମାର ଜେନା, କୃଷ୍ଣଚନ୍ଦ୍ର ମହାପାତ୍ର , ପ୍ରଶାନ୍ତ କୁମାର ଦାଶ, ବୈକୁଣ୍ଠ ନାଥ ସିଠ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଦୀନବନ୍ଧୁ ମହାପାତ୍ର, ମନୋରଞ୍ଜନ ମହାପାତ୍ର ,ଶିବ ପ୍ରସାଦ ପୁଷ୍ପପାଳକ, ରବୀନ୍ଦ୍ର ଦାଶ, ଦିଲ୍ଲୀପ ମିଶ୍ର, ଶିବ ନାରାୟଣ ମିଶ୍ର,ଭାସ୍କର ମହାପାତ୍ର ,ପ୍ରମୋଦ କୁମାର ସାହୁ, ଟୁନା ସାହୁ ପ୍ରମୁଖ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ ।

## ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ମୃତ

**ନୂଆଗାଁ,୧୧।୧(ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ଅଧୀନ ପୋଷ୍ଟ ଅଫିସ ନିକଟରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଢେଙ୍କାନାଳ ବଡ଼ମୁଣ୍ଡା ଗ୍ରାମର ସମୀର ବାଡ଼ିଆ (୨୪) । ଅନ୍ୟଜଣେ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ, ଘଟଣା ଦିନ ବିଳମ୍ବିତ ରାତିରେ ସମୀର ଓ ନୂଆଗାଁ ଥାନା ଶିଖରଗୋଛା ଗ୍ରାମର ଆକାଶ ପାତ୍ର (୧୮) ଏକ ବାଇକ୍(ନଂ.ଓଆର୍ ୦୨ ଏ ଜେଡ୍ ୩୭୩୪)ରେ ନୂଆଗାଁ ବ୍ଲକ ଅଭିମୁଖେ ଯାଉଥିଲେ । ସ୍ଥାନୀୟ ପୋଷ୍ଟ ଅଫିସ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାକଡ ଡ୍ରେନରେ ପିଟି ହୋଇ ଯାଇଥିଲା । ଫଳରେ ଉଭୟଙ୍କ ମୁଣ୍ଡ ଓ ଶରୀରରେ ଆଘାତ ଲାଗିଥିଲା । ଖବରପାଇ ନୂଆଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଉଭୟଙ୍କୁ ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ସମୀରଙ୍କୁ ମୃତ ଘୋଷଣା କରି ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିଲେ । ଆକାଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ନୂଆଗାଁ ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି ।

## କଣ୍ଟିଲେ ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.)**

କଣ୍ଟିଲୋ ସମବାୟ ସମିତିରେ ମଙ୍ଗଳବାରଠାରୁ ଧାନମଣ୍ଡି ଖୋଲିବା ସହ ଚାଷୀଙ୍କ ଠାରୁ ଧାନ କ୍ରୟ ଆରମ୍ଭ ହୋଇଛି । ପ୍ରଥମ ଦିନ ୨୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିଣାଯାଇଥିବା ବେଳେ ବୁଧବାର ୨୧୭ କୁଇଣ୍ଟାଲ ଧାନ କ୍ରୟ ହୋଇଛି ବୋଲି ସୋସାଇଟି ସମ୍ପାଦକ କହିଛନ୍ତି । ପାକ୍ସ ଅଧିକାରୀ ପ୍ରଭାତ କୁମାର ମହାନ୍ତି ଧାନର ମାନ ଯାଞ୍ଚ କରିବା ପରେ ଧାନ କିଣା ପ୍ରକ୍ରିୟା ଅରମ୍ଭ ହୋଇଥିଲା । ଏହି ସମୟରେ ଜୋନ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ସାହୁଙ୍କ ସମେତ ସମିତି ସଭ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ । କେତେଜଣ ଚାଷୀଙ୍କ ପାଖକୁ ଧାନ ବିକ୍ରି ପାଇଁ ଟୋକନ ଆସିଥିଲେ ମଧ ପରବର୍ତ୍ତୀ ସମୟରେ ସାଟେଲାଇଟ୍ ସର୍ଭେରେ ଧାନ ବିକ୍ରି ପରିମାଣ କମ୍ ଆସୁଥିବାରୁ ବାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

### ଉଦ୍‌ଘାଟନୀ ମ୍ୟାଚ୍‌ରେ ଅନୁଗୋଳ ବିଜୟୀ

**ଦଶପଲ୍ଲା,୧୧।୧(ଡି.ଏନ.ଏ.)**



ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

କରୋନା କଟକଣା ଯୋଗୁ ଗତ ୨ବର୍ଷ ଧରି ବନ୍ଦ ଥିବା ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି । ଦଶପଲ୍ଲାର ଆରାଧ ଦେବ ଶ୍ରୀମହାବୀରଙ୍କ ମନ୍ଦିରରୁ ଏକ ମଶାଲକୁ ବିରାଟ ଶୋଭାଯାତ୍ରାରେ ଅଣାଯାଇ ମଞ୍ଚରେ ସ୍ଥାପନ କରାଯାଇଥିଲା । ଏନସିସି କ୍ୟାଡେଟ୍‌ମାନଙ୍କ ବାଦ୍ୟର ତାଳେ ତାଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପିଲାମାନେ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ । ଅତିଥି ଭାବେ ଏନ୍‌ଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ, ବ୍ଲକ ଅଧକ୍ଷା ସୁନନ୍ଦା ସାହୁ ଯୋଗଦେଇ ଦଶପଲ୍ଲା କପ୍‌କୁ ଗ୍ରହଣ କରିବା ସହ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍ ଭଦ୍ରକ ଟିମ୍ ସହ ଅନୁଗୋଳ ଟିମ୍‌ର ମୁକାବିଲା ହୋଇଥିଲା । ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ । ଦ୍ୱିତୀୟାର୍ଦ୍ଧରେ ଅନୁଗୋଳ ଟିମ୍ ଭଦ୍ରକକୁ ଗୋଟିଏ ମାତ୍ର ଗୋଲ ଦେଇ ବିଜୟୀ ହୋଇଥିଲା । ରେଫରି ସ୍ୱପ୍ନେଶ୍ୱର କହଁର ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସରେ ପ୍ରସନ୍ନ କୁମାର ନାୟକ ଏବଂ ରବିନ୍ଦ୍ର ନାଥ ନାୟକ ସହାୟତା କରି ଥିଲେ । ପ୍ରାୟ ସହସ୍ରାଧିକ ଦର୍ଶକ ଏହି ମ୍ୟାଚ୍‌କୁ ଉପଭୋଗ କରିଥିଲେ । ଗୁରୁବାର ଅନୁଗୋଳ ଏଂ ଢେଙ୍କାନାଳ ମଧରେ ମୁକାବିଲା ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।

## ଏଆଇକେଏମ୍‌ଏସ୍‌ର ବିକ୍ଷୋଭ

**ଧରାକୋଟ,୧୧।୧(ଡି.ଏନ.ଏ.)**

ଧରାକୋଟ ବ୍ଲକ ସମ୍ମୁଖରେ ଅଖିଳ ଭାରତ କିଶାନ ମଜଦୁର ସଭା (ଏଆଇକେଏମ୍‌ଏସ୍) ତରଫରୁ ୯ ଦଫା ଦାବି ନେଇ ଗଣ ବିକ୍ଷୋଭ କରାଯାଇଛି। ଏଆଇକେଏମ୍‌ଏସର ଜାତୀୟ ସମ୍ପାଦକ ଭାଲ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ବ୍ଲକ ସଭାପତି ନରସିଂହ ଦଳବେହେରା, ପ୍ରତାପ ଚନ୍ଦ୍ର ପ୍ରଧାନ, ରବୀନ୍ଦ୍ର ଗମାଙ୍ଗ, ଦୟାନିଧି ସେଠୀ, ଅରକ୍ଷିତ ଗମାଙ୍ଗ, କେଶବ କାର୍ଯୀ, ଅର୍ଜୁନ ଗମାଙ୍ଗ ପ୍ରମୁଖ ରାଜ୍ୟ ସରକାରଙ୍କର ଉନ୍ନୟନ କାର୍ଯ୍ୟ, ଆବାସ ବଣ୍ଟନ, ରାଶନ କାର୍ଡ ବଣ୍ଟନ ଓ ଧାନମଣ୍ଡିରେ ଅବ୍ୟବସ୍ଥା ବିରୋଧରେ ବର୍ଷିଥିଲେ। ଏଥିସହ ପ୍ରଧାନମନ୍ତ୍ରୀ ଆବାସରୁ ବାଦ ପଡ଼ିଥିବା ଲୋକଙ୍କୁ ସାମିଲ କରିବା, ଜଙ୍ଗଲ ଜମିକୁ ପଟ୍ଟା ପ୍ରଦାନ, ଭୂମିହୀନ ବାସହୀନଙ୍କୁ ପଟ୍ଟା, ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ଲୋକଙ୍କୁ ସାମିଲ କରିବା, ସମସ୍ତ ଗାଁକୁ ପକ୍କା ରାସ୍ତା ଆଦି ଦାବି ସମ୍ବଳିତ ପତ୍ର ଧରାକୋଟ ବିଡ଼ିଓ ଡେନିସ ବେହେରା ଓ ତହସିଲଦାର କବିରାଜ ପ୍ରଧାନଙ୍କୁ ପ୍ରଦାନ କରିଥିଲେ।

## କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ବାର୍ଷିକ ଅଧିବେଶନ



ବାର୍ଷିକ ଅଧିବେଶନରେ ଯୋଗ ଦେଇଥିବା କଂସାରି ସମାଜର କର୍ମକର୍ତ୍ତା।

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.)**

ଦୀର୍ଘ ୪ବର୍ଷ ବ୍ୟବଧାନ ପରେ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ୪୮ ଓ ୪୯ ତମ ବାର୍ଷିକ ଅଧିବେଶନ ସଭାପତି ଚର୍ତ୍ତୁଭୁଜ ମହାରଣାଙ୍କ ଅଧକ୍ଷତାରେ ବୁଧବାର ସମ୍ପନ୍ନ ହୋଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ ଶେଷ ହୋଇଛି । କେନ୍ଦ୍ରାଞ୍ଚଳ ଶାଖାର ସଭାପତି ଚର୍ତ୍ତୁଭୁଜ ମହାରଣାଙ୍କ ସଭାପତିତ୍ୱରେ କଣ୍ଟିଲୋ କଂସାରୀ ସମାଜ କଲ୍ୟାଣ ସଦନ ଗୃହରେ ୨୮ ଥାନପତି ଓ ଥାନ ପ୍ରତିନିଧିଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଜାତିଭାଇଙ୍କ ଗହଣରେ ସଭା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ ସମସ୍ତ ଜାତିଭାଇଙ୍କ ନିଷ୍ପତ୍ତି ତଥା ସଭାପତିଙ୍କ ପରାମର୍ଶ ଅନୁଯାୟୀ ଗ ବ୍ଲକ ତରଫରୁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ରାମବଲ୍ଲବ ସାହୁ ,ଉପସଭାପତି ରବିନ୍ଦ୍ର ମହାରଣା, ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ ,ସହ ସମ୍ପାଦକ ବିଜୟ କୁମାର ମହାରଣା ଓ କୋଷାଧ୍ୟକ୍ଷ ବୈକୁଣ୍ଠ ସାହୁଙ୍କୁ ଚୟନ କରାଯାଇଥିଲା । ସମୀକ୍ଷକ ଭାବେ ଭିକାରୀ ଚରଣ ସାହୁ ,କାଶୀନାଥ ମହାରଣା,ସାରଙ୍ଗ ଧର ସାହୁ, ଓ ଶ୍ରୀପତି ମହାରଣାଙ୍କୁ ମନୋନୀତ କରାଯାଇଛି । ପରାମର୍ଶଦାତା ଭାବେ ଅନାଦି ଚରଣ ସାହୁ , ଦଣ୍ଡପାଣି ସାହୁ, ଅଖିଳ ମହାରଣା ଓ ଚର୍ତ୍ତୁଭୁଜ ମହାରଣାଙ୍କୁ ବଛା ଯାଇଛି । ସଭା ଶେଷରେ ନିରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ଜାନୁୟାରୀ, ୨୦୨୩



# ଟ୍ରକ୍ ଧର୍ମଘଟ ପ୍ରତ୍ୟାହୃତ

କଟକ ଅଫିସ, ୧୧।୧

ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ପକ୍ଷରୁ ୧୧ ତାରିଖ ମଧ୍ୟରାତ୍ରିରୁ ହେବାକୁ ଥିବା ଟ୍ରକ୍ ଧର୍ମଘଟ ପ୍ରତ୍ୟାହୃତ ହୋଇଛି। ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀଙ୍କ ସହ ଆଲୋଚନା ଓ ରାଜ୍ୟରେ ପୁରୁଷ ହକି ବିଶ୍ୱକପ୍ ଖେଳ ହେବାକୁ ଥିବାରୁ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଟ୍ରକ ଧର୍ମଘଟକୁ ପ୍ରତ୍ୟାହାର କରାଯାଇଛି ବୋଲି ମହାସଂଘର ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥୀ ବୁଧବାର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ମହାସଂଘ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ୫ ଦାବି ନେଇ ମହାସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜ୍ୟବ୍ୟାପୀ ଟ୍ରକ ଧର୍ମଘଟ ଘୋଷଣା କରିଥିଲା। କିନ୍ତୁ ଗତ ୯ ତାରିଖରେ ପରିବହନ ବିଭାଗ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟ୍ରକ ମାଲିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ସ୍କ୍ରାପିଂ ପଲିସି ପରିବର୍ତ୍ତନ, ଟ୍ରକ ଭଡ଼ା ଧାର୍ଯ୍ୟ ଏବଂ ଟୋଲ୍‌ଗେଟ୍‌ଗୁଡିକରେ ଟ୍ରକରୁ ଆଦାୟ ହେଉଥିବା ଦେୟ ମାଲ ପରିବହନକାରୀ କମ୍ପାନୀ ଭରଣା କରିବା ବିଷୟରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ପାଢୀ କହିଥିଲେ। ଏହି ବୈଠକରେ ପରିବହନ କମିଶନର ଅରୁଣ ବୋଥ୍ରା, ମହାସଂଘ ସଭାପତି ବିଭୂତି ପ୍ରସାଦ ଦାସ, ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥୀ, କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ପାଣି, ଉପସଭାପତି ଶିବ ପ୍ରସାଦ ମିଶ୍ର ଓ ସୁମନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀ ଲାଲ୍‌କିଲାଠାରେ ଡାଲମିଆ ଭାରତ ପକ୍ଷରୁ ବୁଧବାର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ' 'ଜୟହିନ୍ଦ୍'ର ଶୁଭାରମ୍ଭ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଡାଲମିଆ ଭାରତର ଏମ୍‌ଡି ପୁନିତ୍ ଡାଲମିଆ, ସଭ୍ୟତା ଫାଉଣ୍ଡେଶନର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସୁଧାଂଶୁ ମିଶ୍ର ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ନ୍ୟୁରୋ ସର୍ଜରୀ ବିଭାଗର ପ୍ରଫେସର ଡା. ସୁଧାଂଶୁ ମିଶ୍ରଙ୍କୁ ଏସ୍‌ସିବି ମେଡିକାଲ କଲେଜର ନୂତନ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବ୍ରହ୍ମପୁର ଏମ୍‌କେସିଜିର ଆନାସ୍ଥେସିଆ ବିଭାଗର ପ୍ରଫେସର ଡା. ବସନ୍ତ କୁମାର ପ୍ରଧାନଙ୍କୁ କଳାହାଣ୍ଡି ସରକାରୀ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ ଏବଂ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଆନାସ୍ଥେସିଆ ବିଭାଗର ପ୍ରଫେସର ଡା. ହରକ୍ରିଷ୍ଣ ଦଳାଇଙ୍କୁ ଏହାର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ପୃଥକ ବିଜ୍ଞପ୍ତି ପ୍ରକାଶ ପାଇଛି।

# ୨ ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ

ଫୁଲବାଣୀ ଅଫିସ, ୧୧।୧

କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଦୁଇ ନାବାଳିକାଙ୍କୁ ଅପହରଣ ସହ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଥିବା ବେଳେ ୨ ଜଣ ଫେରାର ଅଛନ୍ତି । ଖଜୁରିପଡା ଥାନା ଅଞ୍ଚଳର ଦୁଇ ଯୁବକ ଫିରିଙ୍ଗିଆ ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ବଜାରରୁ ଅପହରଣ କରି ମୂଳଗୁଦାରୀ ନେଇଯାଇଥିଲେ । ସେଠାରେ ସେମାନେ ବଳାତ୍କାର କରିଥିବା ଫିରିଙ୍ଗିଆ ଥାନାରେ ନାବାଳିକାଙ୍କ ମା'ବାପା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ନାବାଳିକା ଦୁହେଁ ମଙ୍ଗଳବାର ଫିରିଙ୍ଗିଆ ବଜାରକୁ ବହି କିଣିବାକୁ ଯାଇଥିଲେ। ସେଠାରେ ମୂଳଗୁଦାରୀ ଗ୍ରାମର ଦୁଇ ଯୁବକଙ୍କ ସହ ଦେଖାହୋଇଥିଲା। ସେମାନେ ଦୁଇ ନାବାଳିକାଙ୍କୁ ଛକଆଡ଼େ ବୁଲି ଆସିବା କହି, ବାଇକ ଓ ସ୍କୁଟିରେ ବସାଇ ମୂଳଗୁଦାରୀ ଗ୍ରାମକୁ ନେଇଯାଇଥିଲେ । ଏକ ଘରେ ରଖି ଦୁଇଜଣଙ୍କୁ ଧମକ ଦେଇ ବଳାତ୍କାର କରିଥିଲେ । ପାଟି କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅନ୍ୟପଟେ ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ବାପା ଫିରିଙ୍ଗିଆ ଯାଇ ଖୋଜାଖୋଜି କରିଥିଲେ । ରାତି ପ୍ରାୟ ୮ଟାରେ ଏକ କାର୍ (ଓଡି ୧୨ଇ ୪୨୯୮)ରେ ନାବାଳିକା ଦୁଇଜଣଙ୍କୁ ୩ ଜଣ ଯୁବକ ଗାଁକୁ ଛାଡିବାକୁ ଆସୁଥିଲେ। କୌଣସି କାରଣବଶତଃ ଗାଁ ନିକଟରେ ଗାଡ଼ି ନ ଅଟକାଇ ଦ୍ରୁତଗତିରେ ଫୁଲବାଣୀ ରାସ୍ତାରେ ଯାଉଥିବା ଦେଖି ନାବାଳିକାଙ୍କ ବାପା ସେମାନଙ୍କୁ ପିଛା କରିଥିଲେ । ଶେଷରେ ଗ୍ରାମବାସୀଙ୍କ ସହାୟତାରେ କାର୍‌କୁ ଏକ ଜଙ୍ଗଲ ନିକଟରେ ଅଟକାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଫେରାର ହୋଇଯାଇଥିଲା ବେଳେ ଫିରିଙ୍ଗିଆ ପୋଲିସ ଜଣଙ୍କୁ ଅଟକ ରଖିଛି। ଦୁଇଟି ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ପଥରରେ ଛେଚି ଜଣଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ

କ.ନୂଆଗାଁ/ବାଲିଗୁଡା,୧୧।୧ (ଡି.ଏନ୍.ଏ.)

କନ୍ଧମାଳ ଜିଲା ସାରଙ୍ଗଡ଼ ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ନିଶାସକ୍ତ ହୋଇ ଗଣ୍ଡଗୋଳ ପରେ ଜଣେ ଅନ୍ୟ ଜଣଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ମୃତକ ହେଲେ ସାରଙ୍ଗଡ଼ ଥାନା ଅନ୍ତର୍ଗତ ପୁରୁଣା ସାହିର ଜିତେନ୍ଦ୍ର ପୂଜାରୀ। ଅଭିଯୁକ୍ତ ସେହି ଗ୍ରାମର ମନୋଜ ପୂଜାରୀଙ୍କୁ ପୋଲିସ ଅଟକ ରଖିଛି।

ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ମନୋଜ ଓ ଜିତେନ୍ଦ୍ର ମଦ୍ୟପାନ କରିବାକୁ ଯାଇଥିଲେ। ମଦ୍ୟପାନ ପରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ଜିତେନ୍ଦ୍ରଙ୍କ ମୁଣ୍ଡରେ ମନୋଜ ପଥର ଛେଚି ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଜିତେନ୍ଦ୍ରଙ୍କ ସ୍ତ୍ରୀ ବୁଧବାର ସାରଙ୍ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ମଧୁଲିକା ବିଶ୍ୱାଳ ସୂଚନା କହିଛନ୍ତି।

# ଭିଜିଲାନ୍ସ ଜାଲରେ ଅବକାରୀ ଇନ୍ସପେକ୍ଟର

## କାର୍ଯ୍ୟାଳୟ, ବାସଭବନରେ ଚଢ଼ାଉ

ପୁରୀ ଅଫିସ, ୧୧।୧

ପୁରୀ ଅବକାରୀ ବିଭାଗ ମୋବାଇଲ ସ୍କ୍ୱାଡ୍‌ର ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା ବୁଧବାର ସନ୍ଧ୍ୟାରେ ୧୮ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏଥିସହ ତାଙ୍କ କାର୍ଯ୍ୟାଳୟ ଚ୍ୟାମ୍ବର ଓ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କୋଲଥଳ ଗ୍ରାମସ୍ଥିତ ବାସଭବନରେ ଏକକାଳୀନ ଚଢ଼ାଉ କରାଯାଇଛି। ତାଙ୍କୁ ଗିରଫ କରାଯାଇଥିବାବେଳେ ଗୁରୁବାର କୋର୍ଟ ଚାଲାଣ କରାଯିବ। ମଦବେପାରୀଙ୍କଠାରୁ ପୁରୀ ପୋଲିସ ଲାଞ୍ଚ ନେଉଥିବା ପଣ୍ଡା ଗତବର୍ଷ ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିଲେ। ସୂଚନା ଅନୁଯାୟୀ, ପଣ୍ଡା ଏକ ପି.ଆର୍ ମାମଲାରେ କେସ୍ ଡାଏରି ଦାଖଲ କରିବା ପାଇଁ ଜଣେ ଅଭିଯୋଗକାରୀଙ୍କୁ ୧୮ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ବ୍ୟକ୍ତି ଏନେଇ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ତାଙ୍କ ଅଭିଯୋଗ କ୍ରମେ ପୂର୍ବ ଯୋଜନା ଅନୁଯାୟୀ ବୁଧବାର ପଣ୍ଡାଙ୍କ କାର୍ଯ୍ୟାଳୟ ନିକଟରେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଲୁଚି ରହିଥିଲେ। ସମ୍ପୃକ୍ତ ଅଭିଯୋଗକାରୀଙ୍କଠାରୁ ପଣ୍ଡା ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ତାଙ୍କ ପ୍ୟାଣ୍ଟ ପକେଟରୁ ରାସାୟନିକଯୁକ୍ତ ରଙ୍ଗବୋଳା ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ପରେ ତାଙ୍କୁ ଭିଜିଲାନ୍ସ ଅଧିକାରୀ ଗିରଫ କରି ଅଧିକ ପଚରାଉଚରା ନିମନ୍ତେ ନେଇଯାଇଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ କେସ୍ (ନଂ.୧/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଛୁଆହାତୀ ମୃତଦେହ ଠାବ



ରାଇକିଆ,୧୧।୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆ ବ୍ଲକ ବାରବା ରେଞ୍ଜ ଅନ୍ତର୍ଗତ ଡେଙ୍ଗାଖମଣ ଗ୍ରାମ ନିକଟରୁ ବୁଧବାର ଏକ ଛୁଆହାତୀର ମୃତଦେହ ଠାବ କରାଯାଇଛି। ହାତୀଟିର ବୟସ ୫ରୁ ୬ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବେଳେ କିପରି ତାହାର ମୃତ୍ୟୁ ଘଟିଲା ଜଣାପଡିନାହିଁ। ସକାଳେ ଛୁଆହାତୀର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ବନ ବିଭାଗ ତରଫରୁ କୌଣସି ସୂଚନା ମିଳି ପାରିନାହିଁ ।

## ବାପାଙ୍କ ତାଗିଦାରୁ ପୁଅର ଆତ୍ମହତ୍ୟା

ଯୋଡ଼ା,(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ଭୁଣ୍ଡା ହଟିଂରେ ମଙ୍ଗଳବାର ଜଣେ ଯୁବକ ତାଙ୍କ ବାପାଙ୍କ ତାଗିଦା ନେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହଟିଂରେ ରହୁଥିବା ଜଟ ପୂର୍ତ୍ତିଙ୍କ ପୁଅ ଗଙ୍ଗାରାମ ପୂର୍ତ୍ତି(୧୮)। ସେ ସ୍କୁଟି ନେଇ ଜୁରୁଡ଼ି ଅଞ୍ଚଳକୁ ଯାଇ ଘରକୁ ଫେରିଥିଲେ। ବାପା ଜଟ ପୂର୍ତ୍ତି ପୁଅ ଗଙ୍ଗାରାମକୁ ଏଥି ପାଇଁ ତାଗିଦ କରିଥିଲେ। ଗଙ୍ଗାରାମ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି।


## OFFICE OF SUPERINTENDING ENGINEER MINOR IRRIGATION DIVISION, JAJPUR

Letter No.04/ Dt-05.01.2023

**GOVERNMENT OF ODISHA e-Procurement Notice**

Bid Identification No. online EEMIDJAJ- 08 / 2022-23

No.A-1002: eemijajpur@gmail.com

1. Name of work : Construction of Check Dams under M.I. Sub-Division Badachana
2. Total Number of work : 3 (Three) nos.
3. Estimated cost : Varies from Rs.40.41 lakhs to Rs.49.20 lakhs
4. Tender paper Cost(Online) : Varies from Rs.6000/-
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document : From 13.01.2023, 10.00 AM to 30.01.2023, 5.00 P.M. in website (www.tendersorissa.gov.in)
8. Last date & Time of receipt of Bid through online : 30.01.2023 at 5.00 P.M. through online
9. Date of opening of Bid documents : 31.01.2023 at 11.00 A.M. in the office of the EE,M.I.Division, Jajpur
10. Date of Lottery, if required : 10.02.2023 at 11.00 A.M. in the office of the EE, M.I.Division, Jajpur
11. Name and address of the OIT: Executive Engineer, M.I. Division Jajpur, At-Bhabaniganj, P.O.-Jajpur Phone: 06728-222008 PINCODE: 755001

Further details can be seen from the Government of Odisha website www.tendersorissa.gov.in.

Sd./- Superintending Engineer
M.I. Division, Jajpur
OIPR-32280/11/0007/2223



## ODISHA PUBLIC SERVICE COMMISSION

WEBSITE: http://opsc.gov.in

**ADVERTISEMENT No. 18 of 2022-23**

**RECRUITMENT TO THE POSTS OF ASSISTANT DIRECTOR OF FACTORIES AND BOILERS UNDER LABOUR AND ESI DEPARTMENT**

No. D-282: Online applications are invited from the prospective candidates for recruitment to the posts of Assistant Director of Factories and Boilers, through the Proforma Application to be made available in the website **(http://opsc.gov.in)**. The link for online application and submission shall be available from **25.01.2023 to 24.02.2023 (Note: 24.02.2023 is the last date for submission of registered online Application)** for recruitment to the posts of Assistant Director of Factories and Boilers in the Group-A (JB) of Odisha Factories and Boilers Inspection Service Cadre under Labour & ESI Department in the scale of pay Rs.56100/- in Level-12, Cell-1 of the pay matrix as ORSP Rules, 2017 with usual Dearness and other Allowances as may be sanctioned by the Government from time to time. The examination will be conducted in accordance with the provisions of the Odisha Factories and Boilers Inspection Service (Recruitment and Conditions of Service) Rules, 1984 as amended from time to time.

2. **VACANCY POSITION:** As per requisition filed by the Labour and ESI Department, Government of Odisha, **the vacancy position for the post of Assistant Director of Factories and Boilers is 09 (05 - W)**.
3. **AGE LIMIT:** A candidate must have attained the age of 21 years and must not be above the age of 38 years as on the **1st day of August 2023**, i.e. he/she must not have been born earlier than **2nd August, 1985** and not later than **1st August, 2002**.
4. **EDUCATIONAL QUALIFICATION:** A candidate should hold a **Degree in Mechanical Engineering** of a recognised University or any qualification declared by the Union or State Public Service Commission as equivalent thereto and should have **practical experience of at least 2 years** in a workshop or manufacturing concern of good standing or in design, construction, operation or maintenance of boilers. The certificate should be obtained from the competent authority of the workshop or manufacturing concern, where the candidates gathered practical experience.
5. **METHOD OF SELECTION:** The method of selection will consist of the following stages:
   a. Written Examination (Objective Type) - 300 marks
      i. Paper-I - 100 marks - 100 questions } Each Paper
      ii. Paper-II - 200 marks - 100 questions } Duration - 2 hours
   (Negative marking for wrong answer - **25 (Twenty five) percent** of marks allotted to a particular item (question) will be deducted as negative marking for every wrong response (answer).
   b. Interview - 30 marks (No minimum qualifying mark)

The details of Plan of Examination, Scheme, Subjects & Syllabus for the Written Examination is available in the Long Advertisement.

6. **HOW TO APPLY:** Candidates must go through the details of this Advertisement available in the website of OPSC before filling up of online application form.

Candidates must apply online through the website of OPSC **http://opsc.gov.in**. Applications received through any other mode would not be accepted and summarily be rejected.

**CUTTACK**
**DATE: 10.01.2023**

**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**
OIPR-12002/11/0247/2223



## ZILLA PARISHAD, KALAHANDI

**CORRIGENDUM**

**No. 165** **Dt.09.01.2023**

No. CAD-4414: Due to some technical problem, the following date & time of the Bid Identification No. ZP-T-1/2022-23 is rescheduled as below:

| | | |
|---|---|---|
| 1 | Date and time of availability of bid document in the portal | : 11.00 hrs. of 13.01.2023 to 17.00 hrs. of 24.01.2023 |
| 2 | Last date/time for receipt of bid in the portal | : 17.00 hour of 24.01.2023 |
| 3 | Date & Venue of opening of the Single Cover Bid and Technical Bid (Cover-1) of Double Cover Bid | : On 25.01.2023 at 11.00 A.M. in the Office of the Zilla Parishad, Kalahandi |

OIPR-19287/11/0004/2223

Sd./- CDO-cum-EO
Zilla Parishad, Kalahandi



## Bhubaneswar Municipal Corporation

*Progress through Partnership for better Bhubaneswar*

**XXXX-II-78-22/2022/21**

**RFP No. 1063** **Date: 09.01.2023**

**RFP for "Selection of an Agency for Supply of 673 Nos. of ladies Bicycles to Bhubaneswar Municipal Corporation (BMC)"**

No. C-2254: Bhubaneswar Municipal Corporation (BMC) invites sealed proposals from intending agencies having the requisite qualification as per terms stipulated in the detailed RFP document for undertaking the work of supplying 673 Nos. of Ladies Bicycles to Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 10.01.2023 at 12.00 Noon onwards. The pre-bid meeting is scheduled to be held on Dt.13.01.2023 at 4.00 P.M. in the Mini Conference Hall of Bhubaneswar Municipal Corporation. The last date of receipt of proposals is till 5.00 P.M. on 23.01.2023. For any clarification, an e-mail may be sent on **bmcpmu@bmc.gov.in**.

Sd./- Deputy Commissioner (Procurement)
Bhubaneswar Municipal Corporation
OIPR-13002/11/0211/2223



GOVT. OF ODISHA

## OFFICE OF THE SUPERINTENDING ENGINEER RURAL WORKS DIVISION No.II, KEONJHAR

E-mail:eerw_kjr2@yahoo.com

**"e" Procurement Notice for Road Works**
**Identification No. Online NCB-13/2022-23**

**No.O-1594:** 1.Name of the Work: 03 Nos. Road Works. 2. Total Number of Work: 03 Nos. 3.Estimated Cost: Rs.19.57 Lakhs to Rs.88.20 Lakhs. 4.Class of Contractor: 'B', 'C' & 'D' Class. 5. Period of Completion: As per annexure of e-procurement Notice No.13/2022-23.6. Other details:

| Procurement Officer | Bid Identification No. | Availability of Tender online for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, R.W. Divn. No.II, Keonjhar | Road Works Online N.C.B. 13/2022-23 | Dt.12.01.2023 at 10.00 A.M. | Dt.25.01.2023 upto 1.30 P.M. | Dt.27.01.2023 at 04.30 P.M. |

Further details can be seen from the website **www.tendersorissa.gov.in.**

**Sd./- Superintending Engineer, R.W. Divn.No.II, Keonjhar**
OIPR-25093/11/0015/2223



## e-Procurement Notice for Road & Building Works

**No.O-1600:**

**Identification No.12/SERW/BLS/2022-23**

1. Name of the Work : Roads & Building.
2. Total No. of Works : 18 Nos.
3. Estimated Cost : Estimated Cost Rs.1.989 Lakh to 67.125 Lakh.
4. Class of Contractor : 'D', 'C' & 'B' Class.
5. Time of Completion : 1 & 2 Month (One & Two Calendar Month).
6. Other Details :

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & time of opening of tender in the Office of the Superintending Engineer, R.W. Division, Balasore |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Balasore | 12/SERW/BLS/ 2022-23 | 12.01.2023 at 11.00 A.M. | 20.01.2023 upto 5.00 P.M. | 20.01.2023 upto 1.00 P.M. | 21.01.2023 at 11.00 A.M. |

Further details can be seen from the website **www.tendersodisha.gov.in.**

**Sd./- Superintending Engineer, R.W. Division, Balasore**
OIPR-25108/11/0011/2223



## GOVERNMENT OF ODISHA OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR

At/Po- Khairi-Jashipur, Dist-Mayurbhanj, PIN-757091

**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA) (WORLD BANK PROJECT ID: PI63533)**

**REQUEST FOR BIDS (RFB)E Procurement Notice**

**No.A-999:** **NATIONAL OPEN COMPETITIVE PROCUREMENT FOR SMALL WORKS**

**RFB No.OIIPCRA-JAS/W2-3/2022-23, Date:06.01.2023**

| | |
|---|---|
| Name of Work | Modernization works of MIP under M.I. Division, Jashipur |
| Total No. of Works | 7 Nos. |
| Estimated Cost of Works(s) | Varies Approximately from 16.25 Lakh to 125.93 Lakh (Total estimated cost of the 7 Nos. of Works 339.47 Lakh ) |
| Cost of Bid Document: | Free of Cost |
| Time for Completion: | Refer to DTCN |
| Availability of Bid Documents: | From 13.01.2023 10.00 Hrs to 10.02.2023 up to 15.00 Hrs through online |
| Date of Pre-Bid Meeting: | On dt 24.01.2023 11.30 Hrs. |
| Period for receipt of bid(s): | From 13.01.2023 11.00 Hrs to 10.02.2023 up to 15.00 Hrs online. |
| Payment of bid cost/bid security: | Shall be Paid On-Line through the E-Procurement portal of Govt. of Odisha. |
| Date of opening of bid(s): | On dt: 10.02.2023 15.30 Hrs onwards. |
| Details about the tender: | Available in website of www.dowrodisha.gov.in and www. tendersodisha.gov.in |
| Name/ Address of the OIT: | Superintending Engineer, M.I. Division, Jashipur. At/Po-Khairi/Dist: Mayurbhanj PIN-757091 E-Mail:- eemijashipur@yahoo.com |

OIPR-32282/11/0008/2223

**Sd./- Superintending Engineer**
**M.I.Division, Jashipur**



## NOTICE

No. C-2252: The following contractor, who were registered as "C" Class Contractor under S.E.P.H. Circle, Bhubaneswar. (Now Addl. Cheif Engineer, P.H. Circle, Bhubaneswar) and their Registration Certificate are hereby cancelled as per his written request and their onetime deposit in shape of NSC will be refunded to him.

| Sl. No. | Name and Address | Regn. No. & Class | This Office Order No. & Date |
|---|---|---|---|
| 1) | Sri Dhiren Kumar Swain, S/o. Ananta Charan Swain, At: Guapur, P.O.: Majhihara, P.S.: Balipatana, Dist.: Khordha | Regd. No. 1107 of 2008-09 'C' Class | S.E.P.H. Circle, BBSR No. 4118, Dt.24.06.2008 |
| 2) | Sri Priyabrata Swain, S/o. Karunakar Swain, At; Asana, P.O.: Alasahi, P.S.: Astaranga, Dist.: Puri | Regd. No. 1223 of 2011-12 'C' Class | S.E.P.H. Circle, BBSR No.5305, Dt.09.11.2011 |
| 3) | Sri Nikunja Kishore Das, S/o. Late Harakrushna Das, At: Nimakana, P.O.: Manijanga, P.S.: Tirtol, Dist.: Jagatsinghpur | CDMS Regd. No. 443WJ556 'C' Class (Valid upto 31.03.2022) | S.E.P.H. Circle, BBSR Dt.23.03.2019 |

This notice is required to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recovery/adjustment to Govt. accounts.

In case no report from any office/Deptt. are received within the stipulated period i.e. 30 days from the date of publication of this notice, the onetime deposit made by the contractor will be released/refunded to them without any further notice.

If any Govt. dues/materials detected by any office beyond the stipulated time, it will be their responsibility for the lapses what so ever.

OIPR-13047/11/0021/2223

**Sd./- Additional Chief Engineer**
**P.H. Circle, Bhubaneswar**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ସୁପ୍ରିୟା
ପରିବାରବର୍ଗ


ଅଭିଜିତ୍
ପରିବାରବର୍ଗ


ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜ୍ୟପାଳଙ୍କୁ କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରୁଛି ଭାଜପା: ଖାର୍ଗେ

ନୂଆଦିଲ୍ଲୀ,୧୧ା୧

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ଡିଏମ୍‌କେ ନେତୃତ୍ୱାଧୀନ ସରକାର ମଧ୍ୟରେ ବିବାଦ ଲାଗିରହିଛି। ରାଜ୍ୟପାଳ ସରକାରୀ ଭାଷଣ ନ ପଢ଼ିବାକୁ ନେଇ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ତାଙ୍କ ବିରୋଧରେ ସରକାର ପ୍ରସ୍ତାବ ଗୃହୀତ କରାଇବାରୁ ରାଜ୍ୟପାଳ ଭାଷଣ ଅଧାରୁ ବିଧାନସଭା ଛାଡ଼ି ପଳାଇଥିଲେ। ଭାଜପା ରାଜ୍ୟପାଳମାନଙ୍କୁ ଦଳୀୟ କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। କେତେଜଣ ରାଜ୍ୟପାଳ ଭାରତୀୟ ରାଜନୀତିର ସଂଘୀୟ ଢାଞ୍ଚାର ପବିତ୍ରତାକୁ ନଷ୍ଟ କରି ସମ୍ବିଧାନ ଉପରେ ନିର୍ଲଜ ହସ୍ତକ୍ଷେପ କରୁଥିବା କଂଗ୍ରେସ ନେତା କହିଛନ୍ତି। ବିରୋଧୀ ଦଳ ଶାସିତ ରାଜ୍ୟର ରାଜ୍ୟପାଳମାନଙ୍କୁ ଭାଜପା ଏହାର ଦଳୀୟ କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରି ଜାଣିଶୁଣି ସାମ୍ବିଧାନିକ କାର୍ଯ୍ୟାଳୟର ବଦନାମ କରୁଛି। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ଖାର୍ଗେ କହିଛନ୍ତି। ରାଜ୍ୟପାଳ ବିଧାନସଭାର ଏକ ଅଂଶ ହୋଇଥିବାରୁ ସେ ଏହାର ଅପମାନ କରିପାରିବେ ନାହିଁ। ସେ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।


ଭାରତଯୋଡ଼ୋ ଯାତ୍ରା ଅବସରରେ ବୁଧବାର ପଞ୍ଜାବର ଫତେଗଡ଼ ସାହିବରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

# ପ୍ରତି ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି

## କର୍ଣ୍ଣାଟକରେ କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି

ବେଲଗାଭି,୧୧ା୧

୨୦୨୩ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ କ୍ଷମତାକୁ ଆସିଲେ ରାଜ୍ୟର ପ୍ରତି ପରିବାରକୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇ ଦିଆଯିବ। କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ ସଭାପତି ଡି.କେ. ଶିବକୁମାର ବୁଧବାର ଏହା ଘୋଷଣା କରିଛନ୍ତି। ଚିକୋଡ଼ିଠାରେ ଦଳର ପ୍ରଜାଧ୍ୱନି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶିବକୁମାର କହିଥିଲେ, ଦଳର ଏହା ଏକ ଐତିହାସିକ ଯାତ୍ରା। ପ୍ରଜାଧ୍ୱନି ବସ୍ ଯାତ୍ରା ଜରିଆରେ ଲୋକମାନଙ୍କ ସମସ୍ୟା ଓ ମତାମତ ସଂଗ୍ରହ କରାଯିବ। ୧୯୨୪ରେ ବେଲଗାଭିର ବୀରସୌଧଠାରେ ଅନୁଷ୍ଠିତ କଂଗ୍ରେସ ସମ୍ମିଳନୀରେ ମହାତ୍ମା ଗାନ୍ଧୀ ଅଧ୍ୟକ୍ଷତା କରିଥିଲେ। ଦେଶରେ ଗଣତନ୍ତ୍ର ସ୍ଥାପନ ଲାଗି ବ୍ରିଟିଶ ଶାସକଙ୍କୁ ତଡ଼ିବା ନିମନ୍ତେ ଉକ୍ତ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହି ସ୍ଥାନରୁ ଆଜି କଂଗ୍ରେସ ତା'ର ଲଢ଼େଇ ଆରମ୍ଭ ଲାଗି ସଂକଳ୍ପ ନେଉଛି ବୋଲି ଶିବକୁମାର କହିଛନ୍ତି।

କଂଗ୍ରେସ ସବୁବେଳେ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ରଖିଆସିଛି। ଭାଜପା ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା ନ କରି ଲୋକଙ୍କ ଜୀବନ ସହ ଖେଳୁଛି ବୋଲି ଶିବକୁମାର ଅଭିଯୋଗ କରିଥିଲେ। ସେ ରାଜ୍ୟର ଭାଜପା ସରକାରକୁ ୪୦ ପ୍ରତିଶତ କମିଶନ ସରକାର ବୋଲି କହିଥିଲେ। ଏହି ସରକାର ଲୋକଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଘୃଣାର ମଞ୍ଜି ବୁଣିବା ସହ ଦୁର୍ନୀତିରେ ଲିପ୍ତ ରହିଛି। ସରକାର କମିଶନ ଧାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ପଦ ପାଇଁ ୨,୫୦୦ କୋଟି ଟଙ୍କା କମିଶନ ଧାର୍ଯ୍ୟ ହୋଇଥିବାବେଳେ ମନ୍ତ୍ରୀ ପଦ ଲାଗି ୧୦୦ କୋଟି ଓ କମିଶନର ପଦ ପାଇଁ ୧୫ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ସେହିପରି ପିଡବ୍ଲୁଡି କାମ ପାଇଁ ୪୦ ପ୍ରତିଶତ ସ୍ଥିର କରାଯାଇଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି।


ଡି.କେ. ଶିବକୁମାର

# 'ଜନପ୍ରତିନିଧିଙ୍କୁ ବିଜେଡି କାମ କରାଇଦେଉନି'

## ମୁହଁ ଖୋଲିଲେ ସୁବାସ

ଭୁବନେଶ୍ୱର,୧୧ା୧(ବ୍ୟୁରୋ)

ବିଧାୟକ ସୁବାସ ପାଣିଗ୍ରାହୀଙ୍କ ବିରୋଧରେ ପାଚେରି ଭଙ୍ଗା ଘଟଣାକୁ ନେଇ ବିଜେଡି ବର୍ଷିଥିବା ବେଳେ ଦେବଗଡ଼ରେ ଶାସକ ଦଳ ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା କରାଯାଇଥିଲା। ପୁଣି ଭାଜପା ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ସ୍ତ୍ରୀ ଅରୁନ୍ଧତୀ ଦେବୀ ମଧ୍ୟ ଦେବଗଡ଼ ବିଧାୟକଙ୍କୁ ଏହି ଘଟଣାରେ ଟାର୍ଗେଟ କରିଥିଲେ। ତେବେ ଏହି ଘଟଣାରେ ଖବରଦାତା ସମ୍ମିଳନୀ କରି ପ୍ରଥମଥର ଲାଗି ମୁହଁ ଖୋଲିବା ସହ ସୁବାସ ପାଲଟା ବିଜେଡିକୁ ଟାର୍ଗେଟ କରିଛନ୍ତି।

ବିଜେଡି କର୍ମୀମାନେ ଯେଉଁଭଳି ଦାଦାଗିରି କରୁଛନ୍ତି, କୌଣସି ଜନପ୍ରତିନିଧି କାମ କରିପାରିବେ ନାହିଁ। ବେଆଇନ କାମକୁ 'ବିକାଶ'ର ଆଖ୍ୟାଦେଇ ବିଜେଡି କର୍ମୀମାନେ କାର୍ଯ୍ୟ କରୁଛନ୍ତି। ଏଭଳି ବେଆଇନ କାର୍ଯ୍ୟକୁ ବିରୋଧକଲେ ମିଛ ଦୋଷ ଲଦି ଦିଆଯାଉଛି । ବିଜେଡି ଶାସନ କ୍ଷମତାର ଅପବ୍ୟବହାର କରି ଭାଜପାକୁ ବଦନାମ କରୁଛି ବୋଲି ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁବାସ କହିଛନ୍ତି, ଦେବଗଡ଼ ପୌର ପରିଷଦର ବିନା କୌଣସି ରିଜୋଲ୍ୟୁଶନରେ ସବୁକିଛି ଚାଲିଛି। ଟାଉନ ହଲ୍ ମୁଖ୍ୟ ଫାଟକରେ ପାଚେରି ଭାଙ୍ଗିବା ଘଟଣାରେ ଭାଜପାକୁ ଦୋଷ ଲଦିବା ସହ ଗୁଣ୍ଡାଗର୍ଦ୍ଦି କରିବାର ସମସ୍ତ ସୀମା ଲଙ୍ଘିଛନ୍ତି। ଜିଲାରେ ଏକ ମୁଖ୍ୟ ସଭା କକ୍ଷ ଭାବେ ଟାଉନ ହଲ୍ ବହୁ ଗୁରୁତ୍ୱ ରଖୁଛି। ସାଧାରଣରେ ଭିଡ଼ ହେଉଥିବାରୁ ନିୟମ ମୁତାବକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରହିବା ଜରୁରୀ। ମାତ୍ର ଗୋଟିଏ ଦ୍ୱାରକୁ ବନ୍ଦ କରିଦେବାକୁ ସାଧାରଣ ଲୋକଙ୍କ ସମେତ ସେ ମଧ୍ୟ ବିରୋଧ କରିଆସୁଥିଲେ । ଏ ପ୍ରସଙ୍ଗରେ ଜିଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଥିଲା । ସ୍ଥାନୀୟ ଏସ୍‌ପି ବି ନିଜ ରିପୋର୍ଟରେ ଏହାକୁ ବିରୋଧ କରିଥିଲେ। ଏସ୍‌ଏଚ୍‌ଜି ସଭ୍ୟାମାନେ କାମ କରିବା ମିଥ୍ୟା। ବିଜେଡି ଦାଦାଗିରି କରି ଭାଜପା ଉପରେ ଦୋଷ ଲଦୁଛି। ସାଧାରଣ ଜନତା ଏବଂ ସ୍ଥାନୀୟ କାଉନସିଲରମାନେ ଏଭଳି ନିର୍ମାଣକୁ ବିରୋଧ କରିବାରୁ ବନ୍ଦ କରାଯାଇଥିବା ଗୋଟିଏ ଗେଟ୍ ଖୋଲାଗଲା। ସେ କୌଣସି ପାଚେରି ଭାଙ୍ଗିନାହାନ୍ତି ବରଂ ଲୋକମାନେ ଭାଙ୍ଗିଛନ୍ତି। ଏପରିକି ପାଚେରି ଭାଙ୍ଗିବା ସମୟରେ ଜଣେ ହେଲେ ମହିଳା ଏହାକୁ ବିରୋଧକରି ନ ଥିଲେ । ଦେବଗଡ଼ ପୌର ପରିଷଦର ବିନା ରିଜୋଲ୍ୟୁଶନରେ ବିଜେଡି କର୍ମୀମାନେ ସବୁ କାମ କରୁଛନ୍ତି । କିନ୍ତୁ ସେମାନେ ନିଜର ଭୁଲ୍‌କୁ ନ ମାନି ଭାଜପା ବିରୋଧରେ ଦୋଷ ଲଦୁଛନ୍ତି ବୋଲି ଦେବଗଡ଼ ବିଧାୟକ ଅଭିଯୋଗ କରିଛନ୍ତି।


ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ

Classified Everyday
0674-2580101, 2549949


REAL ESTATE

SALE

ଭୁବନେଶ୍ୱର କଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେଡଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180

4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-2421

Plot Sale at Nearby Sum Hospital, Mendhasala Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

ଭୁବନେଶ୍ୱର ନଖରା ଘରବାରି SC plot Sqft – 150/–, General – 350/–. 9439660381. D-74178

Low cost plot for Barakuda investment ପାଇଁ 300/- and Gharabari plot for Panchangao 699/-. Contact: 7358272168. D-2460




Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74627

Fullbody massage relax body mind by traind lady therapist. 7008773793. D-73671

Newly open SPA positively health benefits with expert therapist. 7849011931. D-73674

Relax, Refresh your body, Mind at Saikrupa Spa with best therapies. 8984068077. D-2374

AFFIDAVIT

I, Mullapudi Manjula, C/o Mulipudi Lakshmi Prasad, Flat No. 6-A-1, Bishnupriya Apartment, Jayadev Vihar, IRC Village, Khorda, Odisha- 751015 have changed my name to Appalabhaktula Manjula for all future purposes. D-2461

By virtue of an affidavit sworn before the Notary Public, Jharsuguda, I Smt. Sudesna Behera, R/o. At- Opposite Mini Stadium, OSAP Line, Jharsuguda declare that the names Sudesna Behera, Sudeshna Kumari Parida and Sudesna Behera relates to one and same person. D-2464

By virtue of an affidavit Executive Magistrate, Bhadrak, have changed my name Sasmita Biswal to Sasmita Behera, here by declare that Sasmita Behera and Sasmita Biswal, W/o- Himanshu Sekhar Behera is same and one person. D-2463

Your classified advertisement published in Dharitri will be listed free in Dharitri online edition: dharitriepaper.in

୨୩ତମ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା


ସୁପ୍ରିୟା ଦଳେଇ

ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ କରନ୍ତୁ ଓ ତୁମ ଚଳାପଥ କୁସୁମିତ ହେଉ ଏହା ହିଁ ଆମର କାମନା। ଶୁଭେଚ୍ଛା ସହ: ବାପା - ପ୍ରଦୀପ ଦଳେଇ, ମାମା- ସୁମତି ଦଳେଇ, ଭଉଣୀ- ହରପ୍ରିୟା ଓ ବିଷ୍ଣୁପ୍ରିୟା

ଧ-୫୩୨୩୦

ସପ୍ତମ ଜନ୍ମଦିନ ଶୁଭେଚ୍ଛା


ଶୁଭମ୍ ଜେଠି (ସୁନୀଲି)

ମନ୍ଦାରିଆପାଟଣା, ଜଗନ୍ନାଥପୁର, ଜି.- ଖୋର୍ଦ୍ଧା

ଆଜି ତୋର ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଳାପଥ କୁସୁମିତ ହେଉ, ଏତିକି କାମନା। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ବୋଉ, ବନ୍ଧୁ ଓ ପରିବାରବର୍ଗ ।

ଧ-୨୪୬୭

ଧରିତ୍ରୀ DHARITRI
Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହକି ପ୍ରଚାର ଜରିଆରେ ରାଜ୍ୟ ସରକାର ଭାବମୂର୍ତ୍ତି ସଜାଡୁଛନ୍ତି: ଭାଜପା


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଭୁବନେଶ୍ୱର,୧୧ା୧(ବ୍ୟୁରୋ)

ରାଜ୍ୟରେ ଅନ୍ତର୍ଜାତୀୟ ସ୍ତରର ଖେଳ ହେବା ଏକ ଗୌରବର କଥା। କିନ୍ତୁ ହକି ଖେଳର ପ୍ରଚାର ଜରିଆରେ ରାଜ୍ୟର ବିଜେଡି ସରକାର ନିଜର ଭ୍ରଷ୍ଟାଚାର ଓ ମଳିନ ପଡ଼ିଯାଇଥିବା ଭାବମୂର୍ତ୍ତିକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ୨୦୧୯ ନିର୍ବାଚନ ବେଳକୁ ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ 'ପିଠା' କାର୍ଯ୍ୟକ୍ରମର ପ୍ରଚାରପ୍ରସାର କରିଥିଲେ ଏବଂ ବର୍ତ୍ତମାନ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ହକିର ସାହାରା ନେଉଛନ୍ତି । ବିଶ୍ୱ ହକି ପ୍ରଚାର ପାଇଁ ବିଜ୍ଞାପନ ମାଧ୍ୟମରେ ହକିର ଫଟୋକୁ ଛୋଟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଫଟୋକୁ ବଡ଼ କରି ବ୍ଲକ ଓ ଗାଁରେ ଏଲଇଡି ଚଳାଇ ରାଜ୍ୟବାସୀଙ୍କ ଆଗରେ ପ୍ରଚାରପ୍ରସାର କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ରାଜ୍ୟ ସରକାର ପୂର୍ବ ନୋଟିସ ନ ଦେଇ ଗ୍ରାମସଭା ଡାକିବା ବେନିୟମ । ବର୍ତ୍ତମାନ ପ୍ରତି ପଞ୍ଚାୟତରେ ହକି ଖେଳ ପ୍ରଦର୍ଶନ କରିବା ପାଇଁ ରାଜ୍ୟ ସରକାର ଗ୍ରାମସଭାର ବ୍ୟବସ୍ଥା କରିଛନ୍ତି। ପଞ୍ଚାୟତର ଉନ୍ନତୀକରଣ ପାଇଁ ଥିବା ଅର୍ଥରୁ ୩୦ ହଜାର ଟଙ୍କାକୁ ଏସ୍‌ଏଚ୍‌ଜି ମାଧ୍ୟମରେ ଲୋକଙ୍କୁ ଖାଇବାକୁ ଦେବା ଓ ସ୍ଥାନୀୟ ଅଞ୍ଚଳରେ ଛୋଟ ଛୋଟ ଖେଳ କରାଇ ନିଜସ୍ୱ ପ୍ରଚାର କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗାଁଗୁଡିକରେ ବର୍ଷକୁ ୩ ଥର ଗ୍ରାମସଭା ହେବାର ଯୋଜନା ରହିଛି। କିନ୍ତୁ ଜାନୁୟାରୀ ୨୬ କୁ ମାତ୍ର ୧୬ ଦିନ ଥିବାବେଳେ ରାଜ୍ୟ ସରକାର ତରବରିଆ ଭାବେ କାହିଁକି ଗ୍ରାମସଭା ଡାକିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପୃଥ୍ୱୀରାଜ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଏପଟସେପଟ କରି ତାକୁ ଲୁଚାଇବା ଲାଗି ହକି ଖେଳ ଆଳରେ ଗ୍ରାମସଭା ଡାକିଦେଇ ଅତି ଚତୁରତାର ସହ ଖସିଯିବାକୁ ବସିଥିବା ପୃଥ୍ୱୀରାଜ କହିଛନ୍ତି।

CLASSIFIED DISPLAY
ALL EDITION - BW (Everyday)
MORE SPACE * SAME PRICE

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Career Appointment on every Wednesday & Saturday

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧ ଶ୍ରଦ୍ଧାଞ୍ଜଳି


ଗିରିଧାରୀ ମହାନ୍ତି
ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ: ବଡ଼ଗାଁ, ଜିଲ୍ଲା: କେନ୍ଦ୍ରାପଡ଼ା

ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଏହି ପୁଣ୍ୟ ତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ।

:: ଶୋକସନ୍ତପ୍ତ ::
ବନ୍ଧୁ ଓ ପରିବାରବର୍ଗ।

ଧ-୭୦୨୯୭

## ଅପେରା ହାଲ୍‌ଚାଲ୍

# କମେଡିକୁ ଗୁରୁତ୍ୱ ଦେବା ଦରକାର

'ପୂର୍ବରୁ ନାଟକର ମୁଖ୍ୟ ଆକର୍ଷଣ ଥିଲା କମେଡି। ଏହା ଏପରି ଏକ ରସ, ଯାହା ନାଟକକୁ ସଫଳତା ଦେବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ହେଲେ ଏବେ ଆଜିକାଲିର ଅଧିକାଂଶ ନାଟକରେ ଏହି ରସ କମିଯାଉଛି। ତେଣୁ କମେଡିକୁ ଗୁରୁତ୍ୱ ଦେବାକୁ ବର୍ତ୍ତମାନର ନାଟ୍ୟକାରମାନେ ଆହୁରି ତତ୍ପର ହେବା ସମୟ ଆସିଛି ବୋଲି କହନ୍ତି ଜଲିଉଡ୍‌ର ବରିଷ୍ଠ ତଥା ଅନ୍ୟତମ ଲୋକପ୍ରିୟ କମେଡିଆନ୍ ଦେବେନ୍ଦ୍ର ଦାଶ ଓରଫ ବୁଦ୍ଧିଆ ନନା।' ସ୍କୁଲରେ ପଢ଼ିବା ସମୟରେ ସେ ଆସିଛନ୍ତି। ପାର୍ବତୀ, ସୋମନାଥ, କୋଣାର୍କ ଗଣନାଟ୍ୟ ପରେ ଏବେ ସେ ଅନ୍ୟତମ ଅଗ୍ରଣୀ ଯାତ୍ରାନୁଷ୍ଠାନ ତଥା ସତ୍ୟ ଜେନାଙ୍କ 'ରଙ୍ଗମହଲ–ରଙ୍ଗିନ ସପନ ଦେଖିବା ଆସ'ରେ ନିଜ କ୍ୟାରିୟରକୁ ଆଗେଇ ନେଉଛନ୍ତି। 'ସ୍କୁଲରେ ପଢ଼ିବା ସମୟରେ ଫ୍ୟାନ୍ସି ଡ୍ରେସ କମ୍ପିଟେସନରେ ପୁରସ୍କୃତ ହେବା ପରେ ଜଣେ କମେଡିଆନ୍ ହେବାର ଆଶା ମୋର ଦ୍ୱିଗୁଣିତ ହୋଇଥିଲା। ମୋ ଚେହେରା ଦେଖି ମୁଁ ନିଜେ ମାଇଣ୍ଡ ମେକଅପ କରିନେଇଥିଲି ଯେ କେବଳ କମେଡି ପାଇଁ ହିଁ ମୁଁ ଫିଟ୍ ବୋଲି କହନ୍ତି ଏହି ଆଗଧାଡ଼ିର



ବୁଦ୍ଧିଆ

ଅଭିନୟ ମାୟାରେ ପଡିଯାଇଥିଲେ। ତେଣୁ ପାଠପଢ଼ାରେ ଡୋରି ବାନ୍ଧି ମଞ୍ଚକୁ ଆଦରି ନେଲେ। କଳିଙ୍ଗ ଭାରତୀ କାଂସ ଅପେରାରୁ ତାଙ୍କର ଅପେରା ଜୀବନ ଆରମ୍ଭ। ପାଖାପାଖି ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍‌ନାକୁ ହାସ୍ୟାଭିନେତା। ଶତାଧିକ ନାଟକରୁ ତାଙ୍କର କମେଡି ସ୍ୱତନ୍ତ୍ରତା ସ୍ପଷ୍ଟ ବାରିହୋଇପଡ଼ିଥାଏ। ନିଜର ଦମଦାର ଅଭିନୟ ବଳରେ ଯାତ୍ରାପ୍ରେମୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ବୁଦ୍ଧିଆ ନନା।

# କ୍ୟାଟ୍ରିନାଙ୍କ ପୂର୍ବାନୁମାନ

କ୍ୟାଟ୍ରିନା କୈଫଙ୍କ ପୂର୍ବାନୁମାନକୁ ନେଇ ଏବେ ଆଲୋଚନା। କାରଣ ଫିଲ୍ମଟି ରିଲିଜ ହେବାକୁ ଆହୁରି ୯ ମାସ ଅଛି, ହେଲେ ଏହା ଦର୍ଶକଙ୍କୁ ସ୍ପେଶାଲ ଏଣ୍ଟରଟେନମେଣ୍ଟ ଦେବ ବୋଲି କହିବୁଲୁଛନ୍ତି ସେ। ଫିଲ୍ମଟି ହେଉଛି 'ଟାଇଗର–୩'। ଏହି ଚିତ୍ରଟି ଚଳିତ ବର୍ଷ ନଭେମ୍ବର ୧୦ରେ ରିଲିଜ ହେବ। କିନ୍ତୁ ତା' ପୂର୍ବରୁ ଫିଲ୍ମଟିକୁ ନେଇ ଆହୁରି ଉତ୍ସୁକ ହୋଇଉଠିଛନ୍ତି ଏହାର ନାୟିକା କ୍ୟାଟ୍ରିନା। ଏହି ଫିଲ୍ମ ବିଷୟରେ ସେ କହନ୍ତି, 'ମୋର ଯେତିକି ଆଶା ରହିଛି, ଫିଲ୍ମଟିରେ ଭରପୂର ମସଲା ରହିଛି। କାହାଣୀଟିକୁ ଏପରି ଉପସ୍ଥାପନା କରାଯାଇଛି, ଯାହା ଦର୍ଶକମାନଙ୍କୁ ଫୁଲ ଏଣ୍ଟରଟେନମେଣ୍ଟ ଦେବ। ଏଥିରେ କେବଳ ମୁଁ ନୁହେଁ, ସଲମାନ ଏବଂ ଅନ୍ୟ କଳାକାରମାନେ ସେମାନଙ୍କର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଖାସ୍ କଥା ହେଲା ଦର୍ଶକ ପୁଣି ଥରେ ଏହି ଫିଲ୍ମରେ ସଲମାନ–କ୍ୟାଟ୍ରିନା ଯୋଡ଼ିକୁ ଦେଖିବାକୁ ପାଇବେ। ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ନିର୍ମିତ ଏହି ଆକ୍ସନଭିତ୍ତିକ ଫିଲ୍ମଟି ଯଶରାଜ ଫିଲ୍ମସ ବ୍ୟାନରରେ ନିର୍ମିତ ହୋଇଛି, ଯାହାର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରୀତମ ଚକ୍ରବର୍ତ୍ତୀ। ଏଥିରେ ଇମ୍ରାନ ହାସ୍‌ମୀ ଏବଂ ରଣବୀର ସୋରେଙ୍କୁ ମଧ୍ୟ ଦେଖିବାକୁ ମିଳିବ। ତା'ସହ ଶାହରୁଖ ଖାଁ ଏକ କେମିଓ ଭୂମିକାରେ ଅଭିନୟ କରିଛନ୍ତି।



କ୍ୟାଟ୍ରିନା

# ଅବସର ସମୟରେ...



ବାଣୀ କପୁର

କଥାରେ ଅଛି ବସିବାଠାରୁ କାଶିବା ଭଲ। ତେଣୁ ଘରେ ବସି ବସି କାହିଁକି ବୋର୍ ହେବେ, ତେଣୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଛି। ପ୍ରତିଦିନ କିଛି ସମୟ ସେ ଗାର୍ଡେନିଂ ପାଇଁ ଦେଉଛନ୍ତି। ସେ କିଏ ଜାଣନ୍ତି ? ବାଣୀ କପୁର। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। କିନ୍ତୁ ପାଠପଢ଼ା ଏବଂ ବଲିଉଡ୍‌ରେ ବ୍ୟସ୍ତ ରହିବାରୁ ସେଥିପାଇଁ ସମୟ ଦେଇପାରୁ ନ ଥିଲି। ହେଲେ ଏବେ ମୁଁ ପ୍ରତିଦିନ କିଛି ସମୟରେ ବଗିଚା କାମରେ ନିଜକୁ ନିୟୋଜିତ ରଖୁଛି। ନୂଆ ଫୁଲ ଗଛ ଲଗାଇବା ବ୍ୟତୀତ ପୁରୁଣା ଗଛର ଯତ୍ନ ନେଉଛି।' କେବଳ ସେତିକି ନୁହେଁ, ନିଜ ଗାର୍ଡେନରେ ସେ ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସେଗୁଡ଼ିକୁ ନିଜର ସୋସିଆଲ ମିଡିଆରେ ଅପଲୋଡ୍ କରୁଛନ୍ତି। ସେଗୁଡ଼ିକ ମଧ୍ୟ ବେଶ୍ ଭାଇରାଲ ହୋଇଛି। ବାଣୀଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ଶୁଦ୍ଧ ଘି ଦେଶୀ ରୋମାନ୍ସ'ରୁ। ଇତିମଧ୍ୟରେ ସେ 'ଆହା କଲ୍ୟାନମ୍ (ତାମିଲ, ତେଲୁଗୁ), ବେଫିକ୍ରେ', 'ୱାର', 'ବେଲ୍ ବଟମ', 'ଚଣ୍ଡିଗଡ଼ କରେ ଆସିକ୍' ଏବଂ 'ସମସେରା' ଫିଲ୍ମରେ ଆକ୍ଟିଂ କରିସାରିଛନ୍ତି।

# କେବଳ ଟେନ୍‌ସନ୍

ଯେତେ ଚେଷ୍ଟା କଲେ ବି ଜ୍ୟାକଲିନ୍ ଫର୍ନାଡିଜଙ୍କୁ ଟେନ୍‌ସନ୍ ଛାଡିବାକୁ ନାରାଜ। ହେଲେ ସେ କ'ଣ ପାଇଁ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ଜାଣିବେନି ? କଥା କ'ଣ କି, ସେ ନିକଟରେ ଏକ ଫିଲ୍ମ ସାଇନ୍ କରିଛନ୍ତି। ହେଲେ ସେଥିରେ ତାଙ୍କ ଭୂମିକା ବିଷୟରେ ଯାହା ସୂଚନା ଦିଆଯାଇଥିଲା ସେଥିରେ କିଛି ପରିବର୍ତ୍ତନ କରାଯାଇଛି। ଏପରି କି ଏଥିରେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ ବୋଲି ଜାଣିବା ପରେ ତାଙ୍କର ଟେନ୍‌ସନ୍ ବଢ଼ିଯାଇଛି। ଏପରି ବିଷୟରେ ଜ୍ୟାକଲିନ୍ କହନ୍ତି, 'ମୋତେ ପ୍ରଥମେ ଯେତେବେଳେ ପ୍ରଯୋଜକ କାହାଣୀ ଏବଂ ମୋ ଭୂମିକା ବିଷୟରେ ସୂଚନା ଦେଇଥିଲେ ସେତେବେଳେ ମୋ ରୋଲ୍‌କୁ ନେଇ ମୁଁ ବେଶ୍ ଆଶା ରଖିଥିଲି। ହେଲେ ଏବେ ମୋ ଭୂମିକାରେ କିଛି ପରିବର୍ତ୍ତନ କରାଯାଇଛି। ତା'ପୂର୍ବରୁ ସେମାନେ ମୋ ସହ ଯୋଗାଯୋଗ କରିନାହାନ୍ତି। ସେପଟେ ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ ବୋଲି ଶୁଣୁଛି। ଏ ନେଇ ପ୍ରଯୋଜନା ସଂସ୍ଥା ସହ ବିଶଦ ଭାବରେ ଆଲୋଚନା କରିବା ପରେ ଯାହା ନିଷ୍ପତ୍ତି ନେବି।' 'ରାମସେତୁ' ଆଶାନୁରୂପ ବିଜନେସ କରି ନ ଥିଲେ ମଧ୍ୟ ତାଙ୍କ ଅଭିନୀତ ଶେଷ ଫିଲ୍ମ 'ସର୍କସ' ନିଜକୁ ୧୫୦ କୋଟି କ୍ଲବରେ ସାମିଲ କରିଛି। ଏବେ ତାଙ୍କ ହାତରେ 'କ୍ରାକ୍' ଟାଇଟଲବିଶିଷ୍ଟ ଫିଲ୍ମ ରହିଛି।



ଜ୍ୟାକଲିନ୍

## ରିଲିଜ ଅପେକ୍ଷାରେ

# ତୃଷ୍ଣା

କଥାରେ ଅଛି ଆଶା ଅସୁମାରୀ। ଅନେକ ନିଜ ସ୍ୱପ୍ନକୁ ସାକାର କରିବାକୁ ବେଶ୍ ଆଶାବାଦୀ ଥାଏ। ଠିକ୍ ସେହିପରି କଳାକାରଟିଏ ନିଜ ଲକ୍ଷ୍ୟ ସାଧନ ପାଇଁ ଆଗେଇଛି। ହେଲେ ଏହି ସମାଜରେ ତାକୁ ଅନେକ ବାଧାବିଘ୍ନର ସାମ୍‌ନା କରିବାକୁ ପଡୁଛି। ତେବେ ସେ ନିଜ ଆଶା ପୂରଣ କରିପାରୁଛି କି ନାହିଁ ତାହାକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ତୃଷ୍ଣା'। ଆମର ଷ୍ଟୁଡିଓ ଦ୍ୱାରା ନିର୍ମିତ ଏହି ଚିତ୍ରଟି ଚଳିତ ମାସ ୧୯ରେ ପରଦା



ସୁରମୟୀ

ଉପରକୁ ଆସିବ। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସୁରେଶ ପଟ୍ଟନାୟକ। ଏହି ଚଳଚ୍ଚିତ୍ରରେ ଅଭିଷେକ ଗିରି, ଶୈଳେନ୍ଦ୍ର, ବିଘ୍ନେଶ,ଜ୍ୟୋତି ପଣ୍ଡା, ସମରେଶ, ପ୍ରଦ୍ୟୁମ୍ନ ଲେଙ୍କା, ଲିପ୍ସା ମିଶ୍ର, ସୁରମୟୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଡ. ନିର୍ମଳ ନାୟକ ଓ କୁମାରଶ୍ରୀ ସାହୁଙ୍କ ରଚିତ ଗୀତଗୁଡ଼ିକର ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ସ୍ୱୟଂ ପାଢ଼ୀ, ଗୌରବ ଆନନ୍ଦ, କୁଲଦୀପ, ଈଶ୍ୱରୀ ଏବଂ ରୂପକ। ଏହା ସହ ଏଥିରେ ସୁରଜ୍ ମହାନତା ଡିଜିଟାଲ ମୁଖ୍ୟ, ଦେବାଶିଷ ପଣ୍ଡା କଣ୍ଟେଣ୍ଟ ଅଧିଗ୍ରହଣ ମୁଖ୍ୟ ଦାୟିତ୍ୱ ତୁଲାଇଥିବା ବେଳେ କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ। ଭୁବନେଶ୍ୱରସ୍ଥ ଏସପ୍ଲାନେଡ ମଲ୍‌ର ସିନେପଲିସଠାରେ ଏହାର ସ୍ୱତନ୍ତ୍ର ସ୍କ୍ରିନିଂ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ନୂଆ ସିନେମା

# କୁମ୍ଭକର୍ଣ୍ଣ

ଥରେ ରାମାୟଣର କୁମ୍ଭକର୍ଣ୍ଣ ଚରିତ୍ରକୁ ମନେ ପକାନ୍ତୁ ନା ! ରାବଣର ଏହି ଭାଇ ବର୍ଷ ମଧ୍ୟରେ ଛଅ ମାସ ଶୋଉଥିଲା ଏବଂ ବାକି ଛଅ ମାସ ଚେଇଁ ରହୁଥିଲା। ଆଉ ଚେଇଁବା ଅବସ୍ଥାରେ ସେ ଯାହାକୁ ପାଉଥିଲା ତାହା ଖାଇଯାଉଥିଲା। ହେଲେ ଯେଉଁ କୁମ୍ଭକର୍ଣ୍ଣକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି ତା' ପଛରେ ରହିଛି ଭିନ୍ନ କାହାଣୀ। କ'ଣ ପାଇଁ ଆଉ କିଏ ତାକୁ କୁମ୍ଭକର୍ଣ୍ଣ ସଜାଇଛି ତାହା କାହାଣୀରେ ନିହିତ ରହିଛି। ଏହି ଫିଲ୍ମରେ ସସ୍‌ପେନ୍ସ, ଆକ୍ସନ ଏବଂ ପାରିବାରିକ ଛିଟା ରହିଛି। ଫିଲ୍ମଟିର କାହାଣୀ ରଚନା ଏବଂ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସମ୍ବିତ କୁମାର ସାହୁ। ଏହାର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ସୁଜିତ କୁମାର କାନୁନଗୋ। ସଂଳାପ, ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାନସ ସାହୁ। ଚିତ୍ରୋତ୍ତୋଳନ ଦାୟିତ୍ୱ ତୁଲାଇଛନ୍ତି ଚତୁର୍ଭୁଜ ଦାସ (ରାଜୁ)। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଶ୍ରୀନିବାସ ବିଶ୍ୱାଳ। ସମ୍ବିତଙ୍କ ସହ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ପାୟଲ। ଅନ୍ୟପକ୍ଷରେ ଦୁଷ୍ମନ୍ତ ପଣ୍ଡା, ବୀରେନ୍ ମିଶ୍ର, ବ୍ରଜ ସିଂ, ମିତା ଚକ୍ରବର୍ତ୍ତୀ, ଗିରିଜା ପଣ୍ଡା (କାକା), ଟନିଆ, ରାନୀ ପଣ୍ଡା ଆଦି କଳାକାରଙ୍କ ବ୍ୟତୀତ ଶିଶୁ କଳାକାର ଚୁନୁ, ମୁନୁ ଏବଂ ମାହିଙ୍କୁ ଦେଖିବାକୁ ମିଳିବ।

## ଅ ତୀ ତ ରୁ...

★'ସୀମାହୀନ ଦରିଆ ସାଥୀ ବିନା ଦୁନିଆ' ଗୀତଟି ସେ ସମୟରେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ବତୀଘର'ରେ ସଂଯୋଜିତ ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ପ୍ରଣବ ପଟ୍ଟନାୟକ।

★ପ୍ରଥମ ରଙ୍ଗିନ ଓଡ଼ିଆ ସିନେମା 'ଗପ ହେଲେ ବି ସତ'ର ଗୀତଗୁଡିକୁ ରଚନା କରିଥିଲେ ଗୁରୁକୃଷ୍ଣ ଗୋସ୍ୱାମୀ। ଚିତ୍ରଟିର ପ୍ରଯୋଜନା କରିଥିଲେ ସୁବିମଳ ମଲ୍ଲିକ। ନିର୍ଦ୍ଦେଶନା ଦେଇଥିଲେ ନଗେନ ରାୟ । ଏହାର କାଷ୍ଟିଂରେ ଥିଲେ ହରିଶ ମହାପାତ୍ର, ସୁରେଶ ମିଶ୍ର, ବନଜା ମହାନ୍ତି ପ୍ରମୁଖ କଳାକାର।

★ଓଡ଼ିଆ ଚଳଚ୍ଚିତ୍ର 'ସମୟ'ରେ ଭୁବନ–ହରିଙ୍କ ଦ୍ୱାରା ସ୍ୱର ସଂଯୋଜିତ ଗୀତଗୁଡିକ ବେଶ୍ ଶ୍ରୋତାଦୃତ ହୋଇଥିଲା। ଶ୍ରୀରାମ ପଣ୍ଡା, ତ୍ରିପୁରା ମିଶ୍ର, ପ୍ରଶାନ୍ତ ନନ୍ଦ, ଧୀର ବିଶ୍ୱାଳ, ଭାନୁମତୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

★'ରେ ଆମ୍ଭନ ନିଦ୍ରା ପରିହରି', ଆରେ ମିତ ଆ ସଙ୍ଗାତ ବେଳ ଗଲାଣି, ଶ୍ୟାମକୁ ଜୁହାର ତା'ର ପ୍ରେମକୁ ଜୁହାର, ଗୀତ ଓଡ଼ିଆ ସିନେମା 'ମମତା'ରେ ସଂଯୋଜିତ ହୋଇଥିଲା।

# ଜହ୍ନ ରାତିର ସାଥୀ

ଜହ୍ନ ରାତିର ସାଥୀ–ଏଭଳି ଶୀର୍ଷକରୁ ଜଣାପଡୁଛି ଯେ କାହାଣୀ ନିଶ୍ଚୟ ପ୍ରେମକୁ ଆଧାର କରି ଗତିଶୀଳ। ତେବେ ଏହି ସାଥୀଟି କିଏ, ସେ କିପରି ମିଳୁଛି ଆଉ ତା'ପରେ ପ୍ରେମୀଯୁଗଳଙ୍କ ପ୍ରେମ କେଉଁ ରୂପ ନେଉଛି ତାହାକୁ ନେଇ କାହାଣୀ ଆଗେଇଛି। ଏହାର କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ଜିତେନ୍ଦ୍ର ଜେନା ଏବଂ ଅଜୟ କୁମାର ରାଉତ। ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। ଏ ନେଇ ଅଜୟ କହନ୍ତି, 'ଫିଲ୍ମଟିର ସେନସର କାମ ଶେଷ ହୋଇଛି ଏବଂ ସେନସର କର୍ମକର୍ତ୍ତାମାନେ ଏହାର କାହାଣୀ, ଉପସ୍ଥାପନା, ସଙ୍ଗୀତକୁ ବେଶ୍ ପ୍ରଶଂସା କରିଥିଲେ। ଫିଲ୍ମଟି ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେବ ବୋଲି ମୋର ଆଶା।' ଚିତ୍ରଟିର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ନିର୍ଦ୍ଦେଶନା ଦେଇଛନ୍ତି ଜିତେନ୍ଦ୍ର ଜେନା। ଡା. ନିର୍ମଳ ନାୟକ, ସୂର୍ଯ୍ୟ ମହାପାତ୍ର ଏବଂ ଯତୀନ୍ଦ୍ର ପ୍ରଧାନଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୁଡଲି ରଥ। ସିଦ୍ଧାନ୍ତ ମହାପାତ୍ର, ସମ୍ବିତ, ଶୀତଲ ପାତ୍ର, ପୁନମ ମିଶ୍ର, ସମରେଶ, ପ୍ରଜ୍ଞା ଖଟୁଆ, ପୃଥ୍ୱିରାଜ ନାୟକ, ନୈନା ଦାଶ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।




(ବାମରୁ) ଶୀତଲ–ସମ୍ବିତ–ପୁନମ

ସମ୍ବିତ କୁମାର–ପାୟଲ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com  ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୨/୨୦୨୩  Bhubaneswar,  Thursday, January 12/ 2023

# ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଦିନିକିଆ ଆଜି

**କୋଲକାତା, ୧୧।୧ (ପି.ଟି.)**

ଭାରତର ଟପ୍ ୩ ବ୍ୟାଟର ଭଲ ଫର୍ମରେ ଥିବାରୁ ଏଠାରେ ଗୁରୁବାର ଖେଳାଯିବାକୁଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଆଉ ଏକ ବୃହତ୍ ବିଜୟ ଲକ୍ଷ୍ୟରେ ରହିଛି। ଗୁଆହାଟୀଠାରେ ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ୬୭ ରନରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ବିରାଟ କୋହଲି

**ମ୍ୟାଚ ଆରମ୍ଭ: ଅପରାହ୍ଣ ୧ଟା ୩୦**

ପାଖାପାଖି ୩ ବର୍ଷ ବ୍ୟବଧାନରେ ଏକ ଅନ୍ତର୍ଜାତୀୟ ଦିନିକିଆ ଶତକ ହାସଲ କରିଥିଲେ। ଏହାଥିଲା ତାଙ୍କର ୭୩ ତମ ଅନ୍ତର୍ଜାତୀୟ ଶତକ। ଶ୍ରୀଲଙ୍କା ବୋଲରଙ୍କ ବିପକ୍ଷରେ ସେ ନିର୍ବିଘ୍ନରେ ଖେଳିଥିଲେ। ଆଘାତଜନିତ ସମସ୍ୟାରୁ ମୁକ୍ତି ପାଇବା ପରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଏହି ମ୍ୟାଚରେ ୬୭ ବଲ୍‌ରୁ ୮୩ ରନ ସଂଗ୍ରହ କରି ଭାରତ ପାଇଁ ଏକ ବଡ଼ ସ୍କୋର ଲାଗି ମୂଳଦୁଆ ପକାଇଥିଲେ। ସେ ଫର୍ମକୁ ଫେରିଥିବା ମନେ ହେଉଛି।



ବିରାଟ କୋହଲି ଓ ରୋହିତ ଶର୍ମା।

ଗୁରୁବାର ସେ ତାଙ୍କ ଫେଭରାଇଟ୍ ଭେନ୍ୟୁ ଇଡେନଗାର୍ଡେନ୍ସରେ ଖେଳିବେ। ଏହି ପଡ଼ିଆରେ ୮ ବର୍ଷ ପୂର୍ବରୁ ଭାରତ ଓ ଶ୍ରୀଲଙ୍କା ଏକ ଅନ୍ତର୍ଜାତୀୟ ଦିନିକିଆରେ ପରସ୍ପରକୁ ଭେଟିଥିଲେ। ରୋହିତ ଏହି ମ୍ୟାଚରେ ୨୬୪ ରନ କରି ବିଶ୍ୱରେକର୍ଡ କରିଥିଲେ। ରୋହିତଙ୍କ ବ୍ୟାଟରୁ ବହୁଦିନ ହେଲା ଏକ ଅନ୍ତର୍ଜାତୀୟ ଦିନିକିଆ ଶତକ ଆସିପାରି ନାହିଁ। ୨୦୨୦ ଜାନୁୟାରୀରେ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଶତକ ହାସଲ କରିଥିଲେ। ଭାରତୀୟ ଟପ୍ ଅର୍ଡରରେ ଭଲ ପ୍ରଦର୍ଶନ କରିଥିବା ଅନ୍ୟ ଜଣେ ବ୍ୟାଟର ହେଲେ ଯୁବ ଓପନର ଶୁବମନ ଗିଲ୍। ଗତ ମ୍ୟାଚରେ ସେ ମାତ୍ର ୬୦ ବଲ୍‌ରେ ୭୦ ରନ ସଂଗ୍ରହ କରି ତାଙ୍କ ଫର୍ମର ସୂଚନା ଦେଇଛନ୍ତି। ଗତ ବର୍ଷ ୧୨ଟି ଇନିଂସରେ ତାଙ୍କ ଆଭରେଜ ୭୦ରୁ ଅଧିକ ରହିଥିଲା। ଏହି ୩ ବ୍ୟାଟର ପୁଣି ଶ୍ରୀଲଙ୍କା ବୋଲିଂ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାରେ କରିବେ ବୋଲି ଆଶା କରାଯାଉଛି। ଚତୁର୍ଥ ସ୍ଥାନରେ ବ୍ୟାଟିଂ କରିବା ଲାଗି ଆସୁଥିବା ଶ୍ରେୟସ ଆୟର ମିଡଲ ଓଭରରେ ସ୍ପିନ୍ ଆକ୍ରମଣକୁ ସମ୍ଭାଳିବା ସହ ଷ୍ଟ୍ରାଇକ୍ ରୋଟେଟ୍ କରିପାରୁଛନ୍ତି। ବର୍ଷାପଡ଼ା ଷ୍ଟାଡିୟମରେ ମହମ୍ମଦ ସିରାଜଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ସେ ତାଙ୍କ ପ୍ରଥମ ସ୍ପେଲରେ ୫ ଓଭର ବୋଲିଂରେ ୧ ମେଡେନ ସହ ୧୫ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ। ଇଡେନ୍ ଫାଷ୍ଟ ଟ୍ରାକ୍‌ରେ ତାଙ୍କଠାରୁ ଉନ୍ନତ ବୋଲିଂ ଆଶା କରାଯାଉଛି। ଗୁଆହାଟୀ ମ୍ୟାଚରେ ଶ୍ରୀଲଙ୍କା ଏକଦା ୧୭୯/୭ ସ୍କୋରରେ ସଂଘର୍ଷ ଚଳାଇଥିବା ବେଳେ ଅଧିନାୟକ ଦଶୁନ ଶାନକା (୧୦୮*)ଙ୍କ ଅପରାଜିତ ଶତକ ଦଳ ପାଇଁ ଆଶାର ସଞ୍ଚାର କରିଥିଲା। ଗୁରୁବାର ମ୍ୟାଚରେ ମଧ୍ୟ ତାଙ୍କଠାରୁ ଭଲ ବ୍ୟାଟିଂ ଆଶା କରାଯାଏ। ଭାରତୀୟ ବୋଲିଂ ବିପକ୍ଷରେ ଶନକା ଅନାୟାସରେ ଖେଳିଥିଲେ। କାକରରୁ ସେ ପୂରା ଫାଇଦା ଉଠାଇଥିଲେ। ଓପନର ପାଥୁମ ନିସାଙ୍କା ମଧ୍ୟ ଭଲ ଫର୍ମରେ ଅଛନ୍ତି। କିନ୍ତୁ ଗୁରୁବାର ମ୍ୟାଚରେ ଭାରତକୁ ଟକ୍କର ଦେବାକୁ ହେଲେ ଭ୍ରମଣକାରୀ ଦଳର ବ୍ୟାଟରମାନଙ୍କୁ ମିଳିତ ଭଲ ପ୍ରଦର୍ଶନ କରିବାକୁ ହେବ।

## ୨୦୨୩ ହକି ବିଶ୍ୱକପ୍ କାର୍ଯ୍ୟସୂଚୀ





ପୁଲ୍ 'ଏ': ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା
ପୁଲ୍ 'ବି': ବେଲଜିୟମ, ଜର୍ମାନୀ, କୋରିଆ, ଜାପାନ
ପୁଲ୍ 'ସି': ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ, ଚିଲି
ପୁଲ୍ 'ଡି': ଭାରତ, ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ

| ତାରିଖ | ମ୍ୟାଚ | ଷ୍ଟାଡିୟମ | ସମୟ |
|---|---|---|---|
| ଜାନୁୟାରୀ ୧୩ | ଆର୍ଜେଣ୍ଟିନା ବନାମ ଦକ୍ଷିଣ ଆଫ୍ରିକା | କଳିଙ୍ଗ | ଅପରାହ୍ଣ ୧ଟା |
| | ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ | କଳିଙ୍ଗ | ଅପରାହ୍ଣ ୩ଟା |
| | ଇଂଲଣ୍ଡ ବନାମ ୱେଲ୍ସ | ବିର୍ସାମୁଣ୍ଡା | ଅପରାହ୍ଣ ୫ଟା |
| | ଭାରତ ବନାମ ସ୍ପେନ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୧୪ | ନ୍ୟୁଜିଲାଣ୍ଡ ବନାମ ଚିଲି | ବିର୍ସାମୁଣ୍ଡା | ଅପରାହ୍ଣ ୧ଟା |
| | ନେଦରଲାଣ୍ଡ୍ସ ବନାମ ମାଲେସିଆ | ବିର୍ସାମୁଣ୍ଡା | ଅପରାହ୍ଣ ୩ଟା |
| | ବେଲଜିୟମ ବନାମ କୋରିଆ | କଳିଙ୍ଗ | ଅପରାହ୍ଣ ୫ଟା |
| | ଜର୍ମାନୀ ବନାମ ଜାପାନ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୫ | ସ୍ପେନ ବନାମ ୱେଲ୍ସ | ବିର୍ସାମୁଣ୍ଡା | ଅପରାହ୍ଣ ୫ଟା |
| | ଇଂଲଣ୍ଡ ବନାମ ଭାରତ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୧୬ | ମାଲେସିଆ ବନାମ ଚିଲି | ବିର୍ସାମୁଣ୍ଡା | ଅପରାହ୍ଣ ୧ଟା |
| | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ବିର୍ସାମୁଣ୍ଡା | ଅପରାହ୍ଣ ୩ଟା |
| | ଫ୍ରାନ୍ସ ବନାମ ଦକ୍ଷିଣ ଆଫ୍ରିକା | କଳିଙ୍ଗ | ଅପରାହ୍ଣ ୫ଟା |
| | ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୭ | କୋରିଆ ବନାମ ଜାପାନ | କଳିଙ୍ଗ | ଅପରାହ୍ଣ ୫ଟା |
| | ଜର୍ମାନୀ ବନାମ ବେଲଜିୟମ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୯ | ମାଲେସିଆ ବନାମ ନ୍ୟୁଜିଲାଣ୍ଡ | କଳିଙ୍ଗ | ଅପରାହ୍ଣ ୧ଟା |
| | ନେଦରଲାଣ୍ଡ୍ସ ବନାମ ଚିଲି | କଳିଙ୍ଗ | ଅପରାହ୍ଣ ୩ଟା |
| | ସ୍ପେନ ବନାମ ଇଂଲଣ୍ଡ | କଳିଙ୍ଗ | ଅପରାହ୍ଣ ୫ଟା |
| | ଭାରତ ବନାମ ୱେଲ୍ସ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୦ | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ବିସର୍ମାମୁଣ୍ଡା | ଅପରାହ୍ଣ ୧ଟା |
| | ଫ୍ରାନ୍ସ ବନାମ ଆର୍ଜେଣ୍ଟିନା | ବିର୍ସାମୁଣ୍ଡା | ଅପରାହ୍ଣ ୩ଟା |
| | ବେଲଜିୟମ ବନାମ ଜାପାନ | ବିର୍ସାମୁଣ୍ଡା | ଅପରାହ୍ଣ ୫ଟା |
| | କୋରିଆ ବନାମ ଜର୍ମାନୀ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୨ | କ୍ରସ୍ ଓଭର | କଳିଙ୍ଗ | ଅପରାହ୍ଣ ୪ଟା ୩୦ |
| | କ୍ରସ୍ ଓଭର | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୩ | କ୍ରସ୍ ଓଭର | କଳିଙ୍ଗ | ଅପରାହ୍ଣ ୪ଟା ୩୦ |
| | କ୍ରସ୍ ଓଭର | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୪ | କ୍ୱାର୍ଟର ଫାଇନାଲ | କଳିଙ୍ଗ | ଅପରାହ୍ଣ ୪ଟା ୩୦ |
| | କ୍ୱାର୍ଟର ଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୫ | କ୍ୱାର୍ଟର ଫାଇନାଲ | କଳିଙ୍ଗ | ଅପରାହ୍ଣ ୪ଟା ୩୦ |
| | କ୍ୱାର୍ଟର ଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୬ | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ପୂର୍ବାହ୍ଣ ୧୧ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ଣ ୨ଟା |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ଣ ୪ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୭ | ପ୍ରଥମ ସେମିଫାଇନାଲ | କଳିଙ୍ଗ | ଅପରାହ୍ଣ ୪ଟା ୩୦ |
| | ଦ୍ୱିତୀୟ ସେମିଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୮ | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ପୂର୍ବାହ୍ଣ ୧୧ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ଣ ୨ଟା |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ଣ ୪ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୯ | ୩ୟ ସ୍ଥାନ ପାଇଁ ମ୍ୟାଚ | କଳିଙ୍ଗ | ଅପରାହ୍ଣ ୪ଟା ୩୦ |
| | ଫାଇନାଲ | କଳିଙ୍ଗ | ରାତି ୭ଟା |

## ରଣଜୀ ଟ୍ରଫିରେ ପୃଥ୍ୱୀ ଶ'ଙ୍କ ତ୍ରିଶତକ

**ଗୁଆହାଟୀ, ୧୧।୧ (ପି.ଟି.):** ରଣଜୀ ଟ୍ରଫିରେ ପୃଥ୍ୱୀ ଶ'ଙ୍କ ପ୍ରଥମ ତ୍ରିଶତକ। ଆସାମ ବିପକ୍ଷରେ ସେ ୩୭୯ ରନ୍ ସ୍କୋର କରିବା ସହିତ ରଣଜୀ ଟ୍ରଫି ଇତିହାସର ଦ୍ୱିତୀୟ ସର୍ବୋଚ୍ଚ ସ୍କୋରର ରେକର୍ଡ ନିଜ ନାମରେ କରିଛନ୍ତି। ୩୮୩ ବଲର ଏହି ଇନିଂସରେ ୪୯ ଚୌକା ଓ ୪ ଛକା ସାମିଲ ଥିଲା। ରଣଜୀ ଟ୍ରଫି ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ୧୯୪୮-୪୯ରେ ମହାରାଷ୍ଟ୍ରର ବି ବି ନିମ୍ବଲକର ସୌରାଷ୍ଟ୍ର ବିପକ୍ଷରେ ୪୪୩ ରନ ସ୍କୋର କରିଥିଲେ। ୩୭୭ ରନର ସର୍ବୋଚ୍ଚ ସ୍କୋର ସହିତ ସଞ୍ଜୟ ମଞ୍ଜ୍ରେକର ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିଲେ। ଶ'ଙ୍କ ବ୍ୟତୀତ ଅଜିଙ୍କ୍ୟ ରାହାନେ ୧୯୧ ରନ୍ କରିବାରୁ ମୁମ୍ବାଇ ୬୭୮/୪ର ବିଶାଳ ସ୍କୋର ହାସଲ କରିଥିଲା। ରଣଜୀ ଟ୍ରଫିରେ ଏହା ରାହାନେଙ୍କ ୩୯ତମ ଶତକୀୟ ଇନିଂସ।

**୩୮ ରନ ପଛରେ ଓଡ଼ିଶା**

# ସୁନୀଲଙ୍କୁ ୬ ଉଇକେଟ

**ଭୁବନେଶ୍ୱର, ୧୧।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ହିମାଚଳ ପ୍ରଦେଶର ଅଟଳ ବିହାରୀ ବାଜପେୟୀ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ୍‌ରେ ଓଡ଼ିଶାର ସୁନୀଲ ରାଉଳଙ୍କୁ ୬ ଉଇକେଟ ମିଳିଛି। ଖରାପ ଆଲୋକ କାରଣରୁ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଓଡ଼ିଶା ୩୮ ରନ ପଛରେ ରହିଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୧୯୧ ରନ୍ ଜବାବରେ ହିମାଚଳ ପ୍ରଦେଶ ୨୫୮ ରନରେ ଅଲଆଉଟ ହୋଇଥିଲା। ଓପନର ପ୍ରଶାନ୍ତ ଚୋପ୍ରା ୧୩୮ ରନ କରିଥିବା ବେଳେ ରାଉଳ ନିଜର କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୬୭ ରନ୍ ପଛୁଆ ରହିଥିବା ଓଡ଼ିଶା ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ବିନା କ୍ଷତିରେ ୨୯ ରନ୍ କରିଛି।

ପ୍ରଥମ ଦିନର ଅସମାପ୍ତ ସ୍କୋର ୯୧/୨ରୁ ଖେଳ ଆରମ୍ଭ କରି ହିମାଚଳ ଦଳ ୨୫୮ ରନରେ ଅଲଆଉଟ ହୋଇଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଚୋପ୍ରା ଓ ଅମିତ କୁମାର(୪୬) ଦୃଢ ବ୍ୟାଟିଂ କରିଥିଲେ। ଉଭୟ ଦଳୀୟ ସ୍କୋର ୧୯୫ରେ ପହଞ୍ଚାଇ ଥିଲେ। ଦଳ ଏକ ବୃହତର ଅଗ୍ରଣୀ ଆଡକୁ ଯାଉଥିବା ବେଳେ ୪ର୍ଥ ମ୍ୟାଚ ଖେଳୁଥିବା ସୁନୀଲଙ୍କ ଯାଦୁକରୀ ସ୍ପେଲ କାରଣରୁ ହିମାଚଳ ୨୫୮ରେ ସୀମିତ ରହିଥିଲେ। ରାଉଳଙ୍କ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ କାରଣରୁ ହିମାଚଳ ୬୩ ରନରେ ଅନ୍ତିମ ୮ ଉଇକେଟ ହରାଇଥିଲା। ପ୍ରଶାନ୍ତ ଚୋପ୍ରା ୧୯୮ ବଲ୍ ଖେଳି ୧୮ ଚୌକା ଓ ୧ ଛକା ମାରିଥିଲେ। ଚଳିତ ସିଜନରେ ସପ୍ତମ ଇନିଂସରୁ ଚୋପ୍ରାଙ୍କର ଏହ ଚତୁର୍ଥ ଶତକ। ଏହା ସହିତ ସେ ୪ର୍ଥ ବ୍ୟାଟର ଭାବରେ ଚଳିତ ସିଜନରେ ୬୦୦ ରନ୍ ପାର କରିଛନ୍ତି। ଦଳର ୬ ଜଣ ବ୍ୟାଟର ଦୁଇ ଅଙ୍କ ସ୍କୋର ଛୁଇଁପାରି ନ ଥିଲେ। ସୁନୀଲ କ୍ୟାରିୟରର ଶ୍ରେଷ୍ଠ ବୋଲିଂ ସହିତ ୬ ଉଇକେଟ ନେଇଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନ ୨, ବସନ୍ତ ମହାନ୍ତି ଓ ପ୍ରୟାସ ସିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୬୭ ରନ ପଛରେ ଥିବା ଓଡ଼ିଶା ଇନିଂସ ଆରମ୍ଭ କରିଥିଲା। ୧୩ ଓଭର ପରେ ଖରାପ ଆଲୋକ କାରଣରୁ ମ୍ୟାଚ ବନ୍ଦ କରାଯାଇଥିବା ବେଳେ ଓଡ଼ିଶା ଓପନର ବିନା ଉଇକେଟରେ ୨୯ ରନ୍ ସଂଗ୍ରହ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ- ୫୦ ଓଭରରେ ୧୯୧/୧୦ (ଶାନ୍ତନୁ ମିଶ୍ର-୫୨, ପ୍ରୟାସ ସିଂ-୩୯, କାର୍ତ୍ତିକ ବିଶ୍ୱାଳ-୨୨, ବୈଭବ ଅରୋରା-୫/୫୧, ରିଷି ଧାୱନ-୨/୪୪, କଣ୍ଠୀର ଅଭିନୟ-୨/୩୯)।

ହିମାଚଳ ପ୍ରଦେଶ ପ୍ରଥମ ଇନିଂସ- ୭୬.୫ ଓଭରରେ ୨୫୮/୧୦ (ପ୍ରଶାନ୍ତ ଚୋପ୍ରା-୧୩୮, ଅମିତ କୁମାର-୪୬, ରାଘବ ଧାୱନ-୨୭, ସୁନୀଲ ରାଉଳ-୬/୬୦, ବସନ୍ତ ମହାନ୍ତି-୧/୫୦, ସୂର୍ଯ୍ୟକାନ୍ତ ପ୍ରଧାନ-୨/୭୩)।

ଓଡ଼ିଶା ଦ୍ୱିତୀୟ ଇନିଂସ- ୧୩ ଓଭରରେ୨୯/୦(ଶାନ୍ତନୁ ମିଶ୍ର-୧୫*, ଅନୁରାଗ ଷଡଙ୍ଗୀ-୧୪*)।





ଯମୁନା ରାଣୀ ଟୁଡୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

## ଓଡ଼ିଶା ସେମିଫାଇନାଲରେ

**ଭୁବନେଶ୍ୱର, ୧୧।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ବେଙ୍ଗାଲୁରୁଠାରେ ଚାଲିଥିବା ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଏହାର ଅନ୍ତିମ ଲିଗ୍ ମ୍ୟାଚରେ ରାଜସ୍ଥାନକୁ ୧୨୨ ରନରେ ପରାସ୍ତ କରିବା ସହ

**ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ**

ସେମିଫାଇନାଲରେ ପ୍ରବେଶ କରିଛି। ଲିଗ୍ ପର୍ଯ୍ୟାୟରେ ଦଳର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ। ବୁଧବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ ପାଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୨୦୨ ରନ କରିଥିଲା। ଦଳପକ୍ଷରୁ ବାସନ୍ତୀ ହାଁସ୍‌ଦା ୫୩, ଝିଲି ବିରୁଆ ୩୫ ଏବଂ ଫୁଲ ଓ ଯମୁନାରାଣୀ ଟୁଡୁ ଯଥାକ୍ରମେ ୪୩ ଓ ୩୦ ରନ କରି ଅପରାଜିତ ରହିଥିଲେ। ଜବାବରେ ରାଜସ୍ଥାନ ଦଳ ୧୭.୩ ଓଭରରେ ୮୦ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ୫ ଜଣ ବ୍ୟାଟର ରନଆଉଟ ହୋଇଯାଇଥିଲେ। ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ ପାଇଁ ଯମୁନା ରାଣୀ ଟୁଡୁ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ଦିଲ୍ଲୀକୁ ଭେଟିବାକୁ ଥିବାବେଳେ ଦ୍ୱିତୀୟ ସେମିଫାଇନାଲ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଖେଳାଯିବ।





# ଭାରତ ଟେଷ୍ଟ ଟୁର୍ ପାଇଁ ଅଷ୍ଟ୍ରେଲିଆ ଦଳ

**ମେଲବୋର୍ନ, ୧୧।୧ (ପି.ଟି.)**

ଭାରତ ଟେଷ୍ଟ ଟୁର୍ ପାଇଁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ଘୋଷଣା କରାଯାଇଛି। ଅଫ୍ ସ୍ପିନର ଟଡ୍ ମର୍ଫିଙ୍କୁ ପ୍ରଥମ ଥର ଜାତୀୟ ଦଳରେ ନିଆଯାଇଛି। ଅଷ୍ଟ୍ରେଲିଆ ଘରୋଇ କ୍ରିକେଟରେ ମର୍ଫିଙ୍କ ରେକର୍ଡ ଖୁବ୍ ଭଲ ରହିଛି। ସେ ୭ଟି ପ୍ରଥମଶ୍ରେଣୀ ଗେମ୍‌ରେ ୨୯ ଉଇକେଟ ଅକ୍ତିଆର କରିଛନ୍ତି। ସେ ଆହୁରି ମଧ୍ୟ ୧୪ ଲିଷ୍ଟ ଏ' ଗେମ୍ ଏବଂ ୮ ଟି୨୦ ଗେମ୍ ଖେଳିଛନ୍ତି। ଭାରତ ବିପକ୍ଷ ଆଗାମୀ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଫେବୃୟାରୀ ୯ରୁ ଆରମ୍ଭ ହେବ। ୨୦୦୪ ପରେ ଭାରତରେ ପ୍ରଥମଥର ଟେଷ୍ଟ ସିରିଜ ବିଜୟ ଲକ୍ଷ୍ୟରେ ରହିଥିବା ଅଷ୍ଟ୍ରେଲିଆ ମ୍ୟାଚଗୁଡ଼ିକ ନାଗପୁର (ଫେବୃୟାରୀ ୯ରୁ ୧୩), ନୂଆଦିଲ୍ଲୀ (ଫେବୃୟାରୀ ୧୭ରୁ ୨୧), ଧର୍ମଶାଳା (ମାର୍ଚ୍ଚ ୧ରୁ ୫) ଏବଂ ଅହମଦାବାଦ (ମାର୍ଚ୍ଚ୯ରୁ ୧୩)ରେ ଖେଳିବ। ଭିକ୍ଟୋରିଆର ଏହି ୨୨ ବର୍ଷୀୟ ସ୍ପିନରଙ୍କ ବ୍ୟତୀତ ଆଷ୍ଟନ ଅଗର, ମିଚେଲ ସ୍ୱିପସନ ଓ ନାଥାନ ଲିଅନଙ୍କୁ ୧୮ ଜଣିଆ ଦଳରେ

**ଟଡ୍ ମର୍ଫି ନୂଆ ମୁହଁ**

ନିଆଯାଇଛି। ଏଥିରେ ପିଟର ହ୍ୟାଣ୍ଡସ୍କମ୍ବ ଓ ମାଥ୍ୟୁ ରେନ୍‌ଶ ବ୍ୟାଟିଂ ବ୍ୟାକ୍‌ଅପ୍ ଭାବେ ସ୍ଥାନ ପାଇଛନ୍ତି। ଆଙ୍ଗୁଠିରେ ଇଞ୍ଜୁରି ଯୋଗୁ ମିଚେଲ ଷ୍ଟାର୍କ ନାଗପୁରରେ ଫେବୃୟାରୀ ୯ରୁ ହେବାକୁଥିବା ପ୍ରଥମ ଟେଷ୍ଟରେ ଖେଳିବେ ନାହିଁ। ତେବେ ପରେ ସିରିଜର ଅବଶିଷ୍ଟ ମ୍ୟାଚଗୁଡ଼ିକ ଲାଗି ସେ ତାଙ୍କ ପେସ୍ ସାଥୀ ଖେଳାଳି ଅଧିନାୟକ ପ୍ୟାଟ୍ କମିନ୍ସ, ଜୋସ୍ ହାଜେଲ୍‌ଉଡ୍, ସ୍କଟ ବୋଲାଣ୍ଡ ଓ ଲାନ୍ସ ମୋରିସଙ୍କ ସହ ଯୋଗଦେବେ। ଆଙ୍ଗୁଠି ଇଞ୍ଜୁରିରୁ ମୁକ୍ତ ପାଇବା ପରେ ଅଲରାଉଣ୍ଡର କାମେରନ ଗ୍ରୀନ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି।

**ଅଷ୍ଟ୍ରେଲିଆ ଟେଷ୍ଟ ଦଳ:** ପ୍ୟାଟ୍ କମିନ୍ସ (ଅଧିନାୟକ), ଆଷ୍ଟନ ଅଗର, ସ୍କଟ ବୋଲାଣ୍ଡ, ଆଲେକ୍ସ କାରେ, କାମେରନ ଗ୍ରୀନ୍, ଜୋସ୍ ହାଜେଲ୍‌ଉଡ୍, ପିଟର ହ୍ୟାଣ୍ଡସ୍କମ୍ବ, ଟ୍ରାଭିସ ହେଡ୍, ଉସ୍‌ମାନ ଖ୍ୱାଜା, ମାର୍ନସ ଲାବୁସେନ୍, ନାଥାନ ଲିଅନ୍, ଲାନ୍ସ ମୋରିସ, ଟଡ୍ ମର୍ଫି, ମାଥ୍ୟୁ ରେନ୍‌ଶ, ଷ୍ଟିଭ ସ୍ମିଥ୍, ମିଚେଲ ଷ୍ଟାର୍କ, ମିଚେଲ ସ୍ୱେପ୍‌ସନ ଓ ଡେଭିଡ ୱାର୍ନର।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ